# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ମେ ୨୧/୨୦୧୯ (୧୬ ପୃଷ୍ଠା) Sambalpur, Tuesday, May 21/ 2019 ★★

୧୫୪ ଭାଗ ୧୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି!
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ମେ ୨୧/୨୦୧୯ Sambalpur, Tuesday, May 21/ 2019 ପୃଷ୍ଠା-୧



## କାନ୍ସ ରେଡ୍ କାର୍ପେଟରେ ଐଶ୍ୱର୍ଯ୍ୟା

ପୂର୍ବତନ ବିଶ୍ୱ ସୁନ୍ଦରୀ ତଥା ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେଇ ରେଡ୍ କାର୍ପେଟରେ ଚାଲିଛନ୍ତି।

୦୯

୧୩

## ସାଇନାଙ୍କୁ ଟାଇଟଲ

ବାଲେଶ୍ୱରରେ ଅନୁଷ୍ଠିତ ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ର ବାଳିକା ବିଭାଗ ଟାଇଟଲ ହାସଲ କରିଛନ୍ତି ମହିଳା ଫିଡେ ମାଷ୍ଟର ସାଇନା ସାଲୋନିକା।



## ପରଲୋକରେ ଅର୍ଥନୀତିଜ୍ଞ ବାସୁଦେବ ସାହୁ



ଭୁବନେଶ୍ୱର,୨୦।୫(ବ୍ୟୁରୋ)

ବରିଷ୍ଠ ଅର୍ଥନୀତିଜ୍ଞ, ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅର୍ଥନୀତି ପ୍ରଫେସର ବାସୁଦେବ ସାହୁଙ୍କ ପରଲୋକ ଘଟିଛି। ଭୁବନେଶ୍ୱରସ୍ଥିତ ବାସଭବନରେ ସେ ରବିବାର ରାତିରେ ଇହଧାମ ତ୍ୟାଗ କରିଛନ୍ତି। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା।

୧୯୩୪ ମସିହାରେ ଭଦ୍ରକ ଜିଲା ସାହାସପୁର ଗାଁରେ ଜନ୍ମଗ୍ରହଣ କରିଥିବା ବାସୁଦେବ ଭଦ୍ରକ କଲେଜରୁ ଅଧ୍ୟାପକ ଭାବେ ନିଜର ଶିକ୍ଷାବିତ୍ ଜୀବନ ଆରମ୍ଭ କରିଥିଲେ। ଏହାପରେ ସମ୍ବଲପୁର ଜିଏମ୍ କଲେଜରେ ଅଧ୍ୟାପନା କରି ଶେଷରେ କଟକ ରେଭେନ୍‌ଶା ମହାବିଦ୍ୟାଳୟରୁ ବରିଷ୍ଠ ଅର୍ଥନୀତି ପ୍ରଫେସର ଭାବେ ଅବସର ଗ୍ରହଣ କରିଥିଲେ। ଜଣେ ଲୋକପ୍ରିୟ ଶିକ୍ଷକ ଭାବେ ସେ ଯେତିକି ସୁନାମ ଅର୍ଜନ କରିଥିଲେ, ତା'ଠୁ ଅଧିକ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ☞ପୃଷ୍ଠା–୨

# ରାଜ୍ୟରେ ସ୍ୱପ୍ନ ଦେଖୁଛି ଭାଜପା

ଭୁବନେଶ୍ୱର,୨୦।୫(ବ୍ୟୁରୋ)

**ଏକ୍‌ଜିଟ୍ ପୋଲ୍ ରିପୋର୍ଟ**

୨୦୧୯ ସାଧାରଣ ନିର୍ବାଚନ ଶେଷ ହୋଇଛି। ଏବେ ନିର୍ବାଚନ ଫଳାଫଳକୁ ନେଇ ଚାଲିଛି ଅଙ୍କକଷା। ଫଳାଫଳ କ'ଣ ହେବ ସେକଥା ଚିନ୍ତା କରି ରାଜ୍ୟଠାରୁ ଆରମ୍ଭ କରି ଜାତୀୟସ୍ତର ନେତାଙ୍କ ନିଦ ହଜିଗଲାଣି। ବିଶେଷକରି ବିଭିନ୍ନ ଜାତୀୟ ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ବୁଥ୍ ଫେରନ୍ତା ମତ(ଏକ୍‌ଜିଟ୍ ପୋଲ୍) ରିପୋର୍ଟ ଆସିବା ପରେ ଭାଜପା ଶିବିର ଚଳଚଞ୍ଚଳ ହୋଇଉଠିଛି। ଏକାଧିକ ଜାତୀୟ ଗଣମାଧ୍ୟମ ଆକଳନ ଅନୁଯାୟୀ ଏଥର ଦେଶରେ ପୁଣି ନରେନ୍ଦ୍ର ମୋଦିଙ୍କ ସରକାର ଆସିବ। ପୂର୍ଣ୍ଣ ବହୁମତ ସହକାରେ ଭାଜପା କେନ୍ଦ୍ରରେ ସରକାର କରିବାରେ ସକ୍ଷମ ହେବ। ସେହିପରି ଉତ୍ତରପ୍ରଦେଶରୁ ଭାଜପା ଯେତିକି ଆସନ ହରାଇବ ତା'ର ପାଖାପାଖି ସଂଖ୍ୟା ଓଡିଶା ଓ ପଶ୍ଚିମବଙ୍ଗରୁ ଦଳକୁ ମିଳିଯିବ ବୋଲି ମଧ୍ୟ ରିପୋର୍ଟରେ ଦର୍ଶାଯାଉଛି। ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଅନୁଯାୟୀ ରାଜ୍ୟର ଶାସକ ଦଳ ବିଜେଡି(ବିଜୁ ଜନତା ଦଳ) ଠାରୁ ମଧ୍ୟ ଅଧିକ ଲୋକ ସଭା ଆସନ ଏଥର ଭାଜପା ଖାତାକୁ ଯିବ। ଏହି ଆଧାରରେ ରାଜ୍ୟରେ ଅଧିକରୁ ଅଧିକ ବିଧାନସଭା ଆସନ ଦଖଲ କରି ସରକାର ଗଢ଼ିବାର ସ୍ୱପ୍ନ ଭାଜପା ଦେଖିଲାଣି। ତେବେ ବିରୋଧୀ କିନ୍ତୁ ଏକ୍‌ଜିଟ ପୋଲ୍ ରିପୋର୍ଟ ଠିକ୍ ହେବ ନାହିଁ ବୋଲି ଯୁକ୍ତି ବାଢ଼ିବା ଆରମ୍ଭ କରିଛନ୍ତି। ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଲୋକ ସଭା ଆସନର ଗଣିତକୁ ନେଇ ହିସାବ କରାଯାଇଛି। ବିଧାନସଭାକୁ ନେଇ ସେପରି କୌଣସି ହିସାବ ରଖାଯାଇ ନାହିଁ। ଏହାସତ୍ତ୍ୱେ ଏଥର ଓଡ଼ିଶାରେ ଭାଜପା ସରକାର କରିବା ନିଶ୍ଚିତ ବୋଲି ଦଳର ବରିଷ୍ଠ ନେତା ତଥା କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମତ ରଖିଛନ୍ତି। କେବଳ ଜୁଏଲ ନୁହନ୍ତି, ଅନ୍ୟ କେତେଜଣ ନେତା ମଧ୍ୟ ସମାନ କଥା ଦୋହରାଇଛନ୍ତି। ହେଲେ ବିଜେଡି ଓ କଂଗ୍ରେସ ଏହାକୁ ଗ୍ରହଣ କରିନାହାନ୍ତି।

୨୦୧୯ ନିର୍ବାଚନର ଜନାଦେଶ ଭାଜପା ସପକ୍ଷରେ ଯିବା ନେଇ ଚାରିଆଡେ ଚର୍ଚ୍ଚା ଜୋର୍ ଧରିଛି। ଭାଜପା ରାଜ୍ୟ ନେତୃବୃନ୍ଦମାନେ ମଧ୍ୟ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ନିର୍ବାଚନ ପୂର୍ବରୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଓଡ଼ିଶାରେ ଦଳ ୧୨୦ପ୍ଲସ ଆସନ ପାଇବ ବୋଲି ଯେଉଁ ହିସାବ ଦେଇଥିଲେ ତାହା ଠିକ୍ ନ ହେଲେ ମଧ୍ୟ ସରକାର କରିବୁ ବୋଲି ଭାଜପା ନେତା ଦମ୍ଭୋକ୍ତି ଦେଖାଉଛନ୍ତି। ତେବେ ଏହା କେତେ ମାତ୍ରାରେ ଠିକ୍ ହେବ ତାହା ଆସନ୍ତା ୨୩ରେ ଫଳାଫଳ ବାହାରିବା ପରେ ସ୍ପଷ୍ଟ ହୋଇଯିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ରଖିଛନ୍ତି। ଚଳିତ ନିର୍ବାଚନରେ ରାଜ୍ୟର ଭୋଟରମାନେ ଏତେ ମାତ୍ରାରେ ନୀରବ ଥିଲେ ଯେ, ଫଳାଫଳ କାହା ସପକ୍ଷରେ ଯିବ ସେକଥା ଆକଳନ କରିବା ବଡ଼ ମୁସ୍କିଲ ହୋଇଯାଇଛି। ☞ପୃଷ୍ଠା–୨

## ପୁଣି କ୍ଷମତାକୁ ଫେରିବୁ: ବିଜେଡି

ଭୁବନେଶ୍ୱର,୨୦।୫(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନେତାମାନଙ୍କ ମନରେ ହାରିବା କିମ୍ବା ଜିତିବା ନେଇ ଝନକା ପଶିଯାଇଛି। କ'ଣ ହେବ ନିଜର ରାଜନୈତିକ ଭାଗ୍ୟ, ଏନେଇ ଛାତି ଧଡ଼ ଧଡ଼। ଜନମତ ସପକ୍ଷରେ ଯିବ ନା ବିପକ୍ଷରେ ଯିବ। ଏମିତି ଅନେକ ପ୍ରଶ୍ନ ପ୍ରାର୍ଥୀମାନଙ୍କ ମନକୁ ଆନ୍ଦୋଳିତ କରୁଛି। ରବିବାର ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ଏକଜିଟ୍ ପୋଲ(ବୁଥଫେରନ୍ତା ମତ) ପ୍ରକାଶ ପାଇବା ପରେ ପ୍ରାର୍ଥୀମାନଙ୍କର ରକ୍ତଚାପ ବଢ଼ିଯାଇଛି। କେବଳ ଦେଶରେ ନୁହେଁ ରାଜ୍ୟରେ ମଧ୍ୟ ଏହି ସର୍ଭେର ଫଳାଫଳ ରାଜନୈତିକ ପାଣିପାଗକୁ ଉଷ୍ମ କରିଛି। ଏକଜିଟ ପୋଲ ସର୍ଭେ ଅନୁଯାୟୀ ରାଜ୍ୟରେ ବିଜେଡି ପଞ୍ଚମ ଥର ଲାଗି କ୍ଷମତାକୁ ଫେରିବାକୁ ଥିବାବେଳେ କେନ୍ଦ୍ରରେ ଭାଜପା ପରିଚାଳିତ ଏନ୍‌ଡିଏ ମଧ୍ୟ ଦ୍ୱିତୀୟ ଥର ପାଇଁ କ୍ଷମତାସୀନ ହେବ। ତେବେ ୨୦୧୪ ନିର୍ବାଚନ ତୁଳନାରେ ବିଜେଡି ଉଭୟ ବିଧାନସଭା ଓ ଲୋକ ସଭାର ଅନେକ ଆସନ ହରାଇବ ବୋଲି ଅନୁମାନ କରାଯାଇଛି। ତେବେ ଏହି ଅନୁମାନକୁ ବିଜେଡି ନେତାମାନେ ବିଶ୍ୱାସ କରୁନାହାନ୍ତି।

ବିଜେଡିର ବରିଷ୍ଠ ନେତା ତଥା ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ, ଏକ୍‌ଜିଟ୍ ପୋଲ ସର୍ଭେ, ପ୍ରକୃତ ସର୍ଭେ ନୁହେଁ। କିଛି ସାମ୍ପୁଲକୁ ଆଧାର କରି ଫଳାଫଳ ପ୍ରକାଶ କରାଯାଇଛି। ବିଜେଡି ଏଥର ଭଲ ଫଳାଫଳ କରିବ। ବିଧାନସଭାରେ ୧୨୩ ଆସନ ଏବଂ ୧୭ରୁ ୧୮ଟି ଲୋକ ସଭା ଆସନ ହାସଲ କରିବ ବୋଲି ସୂର୍ଯ୍ୟ ଦୃଢୋକ୍ତି କରିଛନ୍ତି। ସେ କହିଛନ୍ତି, ରାଜ୍ୟରେ ପ୍ରଥମ ଥର ପାଇଁ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେଲା। ପ୍ରଧାନମନ୍ତ୍ରୀ ମୋଦି ୧୦ ଥର, ଅମିତ ଶାହ ୨୦ଥର ଏବଂ ୫୦ ଜଣ କେନ୍ଦ୍ରମନ୍ତ୍ରୀ ଆସି ପ୍ରଚାର କରିବାରୁ ଲୋକ ସଭା ଆସନରେ କିଛିଟା ପ୍ରଭାବ ପଡ଼ିପାରେ। ଓଡ଼ିଶାରେ ନବୀନ ହାୱା ଛଡ଼ା ଅନ୍ୟ କୌଣସି ହାୱା କାମ କରିବ ନାହିଁ। ବିଜେଡି ଭଲ କରିବ ବୋଲି ସେ କହିଛନ୍ତି। ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି, ଏକ୍‌ଜିଟ ପୋଲ ଠିକ୍ ନୁହେଁ। ସେଥିରେ ୫୦ ପ୍ରତିଶତ ମହିଳା, ଦଳିତ, ଆଦିବାସୀ, ବୟସ୍କ ବ୍ୟକ୍ତିଙ୍କ ମତ ପ୍ରାୟତଃ ନିଆଯାଇ ନ ଥାଏ। ଅନେକ ସମୟରେ ଏକଜିଟ୍ ପୋଲ ଭୁଲ ପ୍ରମାଣିତ ହୋଇଛି। ବିଜେଡିର ବିଧାନସଭା ☞ପୃଷ୍ଠା–୨

# ଉଛୁଳିଲା ବଜାର

## ୧୪୨୨ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

ମୁମ୍ବାଇ,୨୦।୫

ଦେଶର ସାଧାରଣ ନିର୍ବାଚନ ଫଳାଫଳ ୨୩ରେ ଆସିବାକୁ ଥିବା ବେଳେ କେନ୍ଦ୍ରରେ ପୁଣି ଥରେ ଏନ୍‌ଡିଏ ସରକାର ଶାସନ କ୍ଷମତାକୁ ଫେରିବା ନେଇ ଏକ୍‌ଜିଟ ପୋଲ୍ କହିସାରିଛି। ଏପରିସ୍ଥିତିରେ ସୋମବାର ଏହାର ପ୍ରଭାବ ଶେୟାର ବଜାର ଉପରେ ପରିଲକ୍ଷିତ ହୋଇଛି। ନିବେଶକଙ୍କ ମଧ୍ୟରେ ଉତ୍ସାହ ଯୋଗୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ସୂଚକାଙ୍କ ୧୪୨୧.୯୦ ପଏଣ୍ଟ (୩.୭୫%) ବୃଦ୍ଧି ଘଟିଛି, ଯାହା କି ରେକର୍ଡ ଭାଙ୍ଗିଛି। ବିଏସ୍‌ଇ ସେନ୍‌ସେକ୍ସ ୩୯,୩୫୨.୬୭ ପଏଣ୍ଟ ସ୍ତର ଛୁଇଁଥିବା ବେଳେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟି ୪୨୧.୧୦ ପଏଣ୍ଟ(୩.୬୯%) ବୃଦ୍ଧି ଘଟି ୧୧,୮୨୮.୨୫ ସ୍ତରରେ ବନ୍ଦ ହୋଇଛି। ୩୦ ସୂଚକାଙ୍କ ବିଶିଷ୍ଟ ବିଏସ୍‌ଇରେ ସୋମବାର ଦୈନିକ କାରବାର ଗତ ୬ ବର୍ଷର ସର୍ବୋଚ୍ଚ ସ୍ତରରେ ରହିବା ସହ ଇଣ୍ଟ୍ରାଡେ ରେକର୍ଡ ୩୯,୪୧୨.୫୬ ପଏଣ୍ଟ ସ୍ତର ଛୁଇଁବାକୁ ସକ୍ଷମ ହୋଇଥିଲା। ସେହିଭଳି ନିଫ୍ଟି ଏହାର ଦୈନିକ କାରବାରରେ ୧୦ ବର୍ଷର ରେକର୍ଡକୁ ଭାଙ୍ଗିଥିବା ଜଣାପଡିଛି। ଏହି ସମୟରେ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣରେ ୫.୩୩ ଲକ୍ଷ କୋଟି ବୃଦ୍ଧି ଘଟିଥିବା ବେଳେ ନିବେଶକଙ୍କୁ ୫.୩୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଥିବା ଷ୍ଟକ ବଜାର ସୂତ୍ରରୁ ଜଣାଯାଇଛି।



- ନିଫ୍ଟିରେ ୪୨୧.୧୦ ପଏଣ୍ଟ ବୃଦ୍ଧି
- କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣରେ ଉନ୍ନତି
- ନିବେଶକଙ୍କୁ ଲାଭ ୫.୩୩ ଲକ୍ଷ କୋଟି
- ଟଙ୍କା ମୂଲ୍ୟରେ ୪୯ ପଇସା ବୃଦ୍ଧି

ବିଏସ୍‌ଇରେ ଏସ୍‌ବିଆଇ, ଇଣ୍ଡସଇଣ୍ଡ ବ୍ୟାଙ୍କ, ଟାଟା ମୋଟର୍ସ, ଏଲ ଆଣ୍ଡ ଟି, ୟେସ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ମାରୁତି, ଓଏନ୍‌ଜିସି, ରିଲାଏନ୍ସ, ଆଇସିଆଇସିଆଇ ବ୍ୟାଙ୍କ ଏବଂ ଆକ୍ସିସ ବ୍ୟାଙ୍କ ଭଳି କମ୍ପାନୀଗୁଡିକର ଷ୍ଟକ କାରବାର ଉନ୍ନତ ରହିଛି। ଉକ୍ତ କମ୍ପାନୀଗୁଡିକର ଷ୍ଟକରେ ପ୍ରାୟ ୮.୫୧% ବୃଦ୍ଧି ଘଟିଛି। ଏହି ସମୟରେ ବଜାଜ ଅଟୋ ଏବଂ ଇନଫୋସିସର କାରବାର ୧.୦୪% ହ୍ରାସ ଘଟିଛି। ବିଏସ୍‌ଇର ମିଡ୍ କ୍ୟାପ ଏବଂ ସ୍ମଲ ☞ପୃଷ୍ଠା–୨

# ୬ ଡବା ଛାଡ଼ି ପଳାଇଲା ମାଲ୍ ଗାଡ଼ି

ବାମରା,୨୦।୫ (ସ୍ୱ.ପ୍ର.)

ସମ୍ବଲପୁର ଜିଲା ବାମରା ରେଳ ଷ୍ଟେଶନଠାରୁ ପ୍ରାୟ ୩୫ କି.ମି. ଦୂର ହରିପଡା ରେଳ ଫାଟକ ନିକଟ ଡାଉନ ଲାଇନରେ ସୋମବାର ଏକ କୋଇଲା ବୋଝେଇ ରେଳଗାଡି ୬ଟି ଡବାକୁ ଛାଡି ପ୍ରାୟ ଅଧ କି.ମି ପଳାଇ ଯାଇଥିଲା। ଅପରାହ୍ନ ପ୍ରାୟ ୧୨ଟା ୪୫ରେ ଏହି ଘଟଣା ଘଟିଥିଲା। ପଛରେ ଥିବା ଗାର୍ଡ ଏହା ଜାଣିବା ପରେ ତୁରନ୍ତ ୱାକିଟକିରେ ଡ୍ରାଇଭରଙ୍କୁ ଜଣାଇଥିଲେ। ଏହାର ଅଧ ଘଣ୍ଟା ପରେ ସେହି ଲାଇନରେ ଇଞ୍ଜିନ ସମେତ ପ୍ରାୟ ୫୦ଟି କୋଇଲା ବୋଝେଇ ଡବା ପଛୁଆ ଆସି ପହଞ୍ଚିଥିଲା। ଡ୍ରାଇଭର ଅରୁଣ କୁମାର, ସହକାରୀ ଡ୍ରାଇଭର ଦିନେଶ କୁମାର ଓ ଗାର୍ଡ ରାଜନ କୁମାର ଖୋଲି ଯାଇଥିବା ୬ଟି ଡବାକୁ ଯୋଡିବା ପରେ ଗାଡି ଆଗକୁ ଗଡିଥିଲା। ଡବାର ଲକ୍ (କପଲ୍) ଉପର ପଟୁ ଖୋଲି ଯିବାରୁ ଏଭଳି ଘଟିଥିଲା ବୋଲି ରେଳ କର୍ମଚାରୀମାନେ କହିଛନ୍ତି। ଏ ନେଇ ବାମରା ଷ୍ଟେଶନ ମ୍ୟାନେଜର ଟି. ନାଏକଙ୍କୁ ପଚାରିବାରୁ ଘଟଣା ବିଷୟରେ ତାଙ୍କ ପାଖରେ କୌଣସି ଲିଖିତ ସୂଚନା ଦିଆଯାଇ ନାହିଁ । ଏଭଳି ଘଟଣାକୁ ନେଇ ଡିଟିଆଇ (ଡିଭିଜନାଲ ଟ୍ରାଫିକ୍ ଇନ୍ସପେକ୍ଟର ଅଫ୍ ରେଲୱେ) ନୀଳମାଧବ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି , ପୁରୁଣା ମାଲ୍‌ଗାଡିଗୁଡିକର ଲୁଜ ଲକ୍ ସିଷ୍ଟମ ଓ ଜର୍କ ହେବା ଫଳରେ ପ୍ରାୟ ଏହିଭଳି ପରିସ୍ଥିତି ଦେଖା ଯାଇଥାଏ। ହେଲେ ଏହି ଘଟଣାରେ ତାଙ୍କ ପାଖରେ ମଧ୍ୟ ସୂଚନା ନାହିଁ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ, ଉକ୍ତ ମାଲଗାଡିଟି ବ୍ରଜରାଜନଗର ଅଞ୍ଚଳରୁ କୋଇଲା ବୋଝେଇ କରି ପଶ୍ଚିମବଙ୍ଗ ଯାଉଥିଲା।



# ଆଜି ମାଟ୍ରିକ ପରୀକ୍ଷାଫଳ

କଟକ ଅଫିସ, ୨୦।୫

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇବ। ପୂର୍ବାହ୍ନ ୯ଟାରେ କଟକ ବକ୍ସିବାଜାର ରୋଡସ୍ଥିତ ବୋର୍ଡ କାର୍ଯ୍ୟାଳୟ ପରିସରରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଏବଂ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଫଳ ଘୋଷଣା କରାଯିବ ବୋଲି ବୋର୍ଡ ସଭାପତି ଡ. ଜହାଁଆରା ବେଗମ ସୋମବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ମାଟ୍ରିକ ପରୀକ୍ଷା ସହ ମଧ୍ୟମା ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଫଳ ଏକସଙ୍ଗରେ ପ୍ରକାଶ ପାଇବ। ପୂର୍ବାହ୍ନ ୧୧ଟାରେ ଫଳାଫଳ ୱେବ୍‌ସାଇଟରେ ଉପଲବ୍ଧ ହେବ। ବୋର୍ଡର ନିଜସ୍ୱ ୱେବସାଇଟ୍ www.bseodisha.ac.in ଏବଂ www.bseodisha.nic.inରେ ଲଗ୍‌ଇନ୍ କରି ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା ଫଳ ପାଇପାରିବେ। ଏହାଛଡ଼ା ପରୀକ୍ଷାର୍ଥୀଙ୍କ ଓଏମ୍‌ଆର୍ ସିଟ ମଧ୍ୟ ୱେବ୍‌ସାଇଟରେ ଉପଲବ୍ଧ ରହିବ। ଏବେ ଓଏମ୍‌ଆର୍ ସିଟ୍ ଅପଲୋଡ ଚାଲିଛି, ମଙ୍ଗଳବାର ସୁଦ୍ଧା ଏହି କାର୍ଯ୍ୟ ସମ୍ପନ୍ନ ହୋଇଯାଇଥିବ ବୋଲି ସଭାପତି ଡ. ବେଗମ କହିଛନ୍ତି। ଯେଉଁ ଅଞ୍ଚଳରେ ଇଣ୍ଟରନେଟର ସୁବିଧା ନାହିଁ, ସେଠାକାର ପରୀକ୍ଷାର୍ଥୀ ଏସ୍‌ଏମଏସ୍ ଜରିଆରେ ନିଜ ପରୀକ୍ଷା ଫଳ ଜାଣି ପାରିବେ। ଓଆର୧୦ ଲେଖିବା ପରେ ସ୍ପେଶ ଦେଇ ନିଜ ☞ପୃଷ୍ଠା–୨

**ପୂର୍ବାହ୍ନ ୧୧ଟାରୁ ୱେବସାଇଟ୍‌ରେ ଉପଲବ୍ଧ**

**ପରୀକ୍ଷାର୍ଥୀଙ୍କ ପାଇଁ ସୂଚନା**

ମୋବାଇଲରେ ରେଜଲ୍ଟ ପାଇବା ପାଇଁ ମେସେଜ୍ ବକ୍ସରେ OR୧୦ ଟାଇପ୍ କରି ସ୍ପେସ୍ ଦେଇ ନିଜ ରୋଲ୍ ନମ୍ବର ଲେଖିବା ପରେ ୫୬୭୬୭୫୦କୁ ପଠାନ୍ତୁ।

ଦୁଇଟି ୱେବ୍‌ସାଇଟ୍‌ରେ ପରୀକ୍ଷା ଫଳ ଉପଲବ୍ଧ ହେବ- www.bseodisha.ac.in ଏବଂ www.bseodisha.nic.in

**ଆଜିର ସମ୍ପାଦକୀୟ**

**ଦୁଃଖଭୋଗ**

**ଆଜିର ମନ୍ତବ୍ୟ**

"୫ ମାସ ମଧ୍ୟରେ ଆମେ ୪ ଥର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇସାରିଛୁ। ଏବେ ବି ଆମେ ଏଥିଲାଗି ପୂର୍ଣ୍ଣ ପ୍ରସ୍ତୁତ।

–କମଲନାଥ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ

AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR
For Admission please Contact:
7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com

NECC NATIONAL EGG CO-ORDINATION COMMITTEE 20.05.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 92 | 148 | 158 |
| CTC | 92 | 148 | 158 |
| DKL | 92 | 148 | 158 |
| BDK | 91 | 146 | 156 |
| BLS | 92 | 148 | 158 |
| ANG | 92 | 148 | 158 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers

## ପଶ୍ଚିମ ଓଡ଼ିଶାରେ ତାତି, ଉପକୂଳରେ ଗୁଳୁଗୁଳି

# ୩୧ ଯାଏ ସିଝେଇବ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

- ଟିଟିଲାଗଡ଼ରେ ପାରଦ ୪୫.୫ ଡିଗ୍ରୀ
- ୪୦ ଡିଗ୍ରୀ ଉପରେ ୯ ସହର
- ଗ୍ରୀଷ୍ମ ପ୍ରବାହ ନେଇ ସତର୍କ ସୂଚନା
- ମୁକାବିଲା ନେଇ ଜିଲାପାଳଙ୍କୁ ନିର୍ଦ୍ଦେଶ

ବାତ୍ୟା 'ଫନୀ' ଚୋଟରେ କ୍ଷତାକ୍ତ ଓଡ଼ିଶାବାସୀ ଅଣ୍ଟା ସଳଖି ନ ଥିବା ବେଳେ ସୂର୍ଯ୍ୟଦେବଙ୍କ କୋପ ଜନଜୀବନକୁ ହନ୍ତସନ୍ତ କରିଛି। ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ତାତିରେ ଲୋକମାନେ ଆଉଟ ପାଉଟ ହେଉଥିବା ବେଳେ ଉପକୂଳବର୍ତ୍ତୀ ଜିଲାଗୁଡିକରେ ପ୍ରବଳ ଗୁଳୁଗୁଳି ଅଣନିଃଶ୍ୱାସୀ କରିଛି। ଗତ ଦୁଇ ସପ୍ତାହ ଧରି ରାଜ୍ୟରେ ଏଭଳି ପ୍ରତିକୂଳ ପାଗ ମନୁଷ୍ୟଠାରୁ ଆରମ୍ଭକରି ପଶୁପକ୍ଷୀଙ୍କୁ ବ୍ୟତିବ୍ୟସ୍ତ କରିଛି। ଦିନରେ ଆକାଶରୁ ଅଗ୍ନି ବର୍ଷୁଛି। ରାତିରେ ମଧ୍ୟ ତ୍ରାହି ମିଳୁ ନାହିଁ। ସକାଳ ୭ଟାରୁ ଆରମ୍ଭ ହୋଇଯାଉଛି ଭୟଙ୍କର ତାତି। ଗରମ ଓ ଗୁଳୁଗୁଳି ଜୀବନକୁ ଦୁର୍ବିଷହ କରିପକାଇଛି। ଟାଇଁ ଟାଇଁ ଖରା ଦେହ ମୁହଁକୁ ଜାଳିପୋଡି ଦେଉଛି। ଅପରାହ୍ନ ୫ଟା ଯାଏ ଖରାରୁ ନିସ୍ତାର ନାହିଁ।

ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି । ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ତତଲା ହାୱା ପରିବେଶକୁ ଉତ୍ତପ୍ତ କରିଦେଉଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଟିଟିଲାଗଡରେ ରାଜ୍ୟରେ ସର୍ବାଧିକ ୪୫.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୪, ସୋନପୁର ୪୩, ସମ୍ବଲପୁର ୪୨.୭, ଝାରସୁଗୁଡା ୪୨.୬, ହୀରାକୁଦ ୪୧.୪, ଅନୁଗୋଳ ୩୯.୧, ସୁନ୍ଦରଗଡ ୪୩, ମାଲକାନଗିରି ୪୩.୪, କେନ୍ଦୁଝର ୩୯.୮ ଏବଂ ଚାନ୍ଦବାଲିରେ ସର୍ବୋଚ୍ଚ ତାପମାତ୍ରା ୩୮.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳ ଓଡ଼ିଶାରେ ଖରା ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ପରିବେଶ ସୃଷ୍ଟି କରିଛି। ତାତି ଅଧିକ ନ ଥିଲେ ମଧ୍ୟ ଦିନରେ ବାୟୁ ପ୍ରବାହ ମାନ୍ଦା ହେଉଥିବା ବେଳେ ଆର୍ଦ୍ରତା ୮୫ ପ୍ରତିଶତ ଉପରକୁ ଉଠିଯାଉଛି । ଫଳରେ ଦେହ ମୁଣ୍ଡରୁ ଗମ୍ ଗମ୍ ଝାଳ ବୋହି ଅଶ୍ୱସ୍ତିକର ପରିବେଶ ସୃଷ୍ଟି ହେଉଛି। ଆସନ୍ତା ୩୧ ତାରିଖ ଯାଏ ତାତି ଓ ଗୁଳୁଗୁଳିରୁ ନିସ୍ତାର ମିଳିବା ସମ୍ଭାବନା ନାହିଁ। ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା ସହ ଅଧିକାଂଶ ସ୍ଥାନରେ ପାରଦ ୪୫ ଡିଗ୍ରୀ ଉପରେ ରହିବ। ତେବେ ଆସନ୍ତା ୨୩ ତାରିଖରୁ ଉପକୂଳ ଓଡ଼ିଶାରେ ଗରମ ଓ ଗୁଳୁଗୁଳି ଆହୁରି ବଢ଼ିଯିବ। କେତେକ ସ୍ଥାନରେ ପାରଦ ୪୦ରୁ ୪୫ ଡିଗ୍ରୀ ଟପିଯିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର, ସୋନପୁର, ନବରଙ୍ଗପୁର, ନୂଆପଡା, ବରଗଡ, ସମ୍ବଲପୁର, ଦେବଗଡ, ବୌଦ୍ଧ, କଳାହାଣ୍ଡି, ଝାରସୁଗୁଡା ଜିଲାର କେତେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ମୟୂରଭଞ୍ଜ, ବାଲେଶ୍ୱର, କଟକ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, କେନ୍ଦୁଝର ଏବଂ ଯାଜପୁର ଜିଲାର କେତେକ ସ୍ଥାନରେ କାଳବୈଶାଖୀ ଜନିତ ଝଡବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ☞ପୃଷ୍ଠା–୨

## ଏନ୍‌ଆଇଟି ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ



ସୟଦ ମୁନୀବ ଅହମ୍ମଦ(ଫାଇଲ ଫଟୋ)

ରାଉରକେଲା ଅଫିସ,୨୦।୫

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇଟି)ର ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ଏମ୍‌ଏସ୍‌ସି ଦ୍ୱିତୀୟ ବର୍ଷର ସୟଦ ମୁନୀବ ଅହମ୍ମଦ (୨୧)। ତାଙ୍କ ଘର ଭୁବନେଶ୍ୱର। ସୟଦଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ସୂଚନାନୁସାରେ ସୟଦ ସୋମବାର ସକାଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ରହୁଥିବା ସ୍ୱାମୀନାଥନ ହଲ୍ ବାରଣ୍ଡାରେ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ସିଡବ୍ଲୁଏସ୍ ହସ୍ପିଟାଲ ନିଆଯାଇଥିଲା। ଏ ନେଇ ତୁରନ୍ତ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୟଦଙ୍କ ମୃତ୍ୟୁ ନେଇ ପୋଲିସ ତଦନ୍ତ ଜାରି ରଖିଛି।

# ଅଡୁଆରେ କମଳନାଥ ସରକାର

ନୂଆଦିଲ୍ଲୀ,୨୦।୫

ମଧ୍ୟପ୍ରଦେଶରେ କମଳନାଥ ସରକାର ସଂଖ୍ୟାଲଘୁ ପାଲଟିଛି। ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ ବୋଲି ଭାଜପା ପକ୍ଷରୁ ସୋମବାର ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍‌ଙ୍କ ନିକଟରେ ଦାବି କରାଯାଇଛି।

ରାଜ୍ୟର ବିରୋଧୀ ଦଳ ନେତା ଗୋପାଳ ଭାର୍ଗବ କହିଛନ୍ତି ଯେ, କୃଷିଋଣ ଛାଡ଼ ଭଳି ରାଜ୍ୟର ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଆଲୋଚନା କରିବା ଓ ଆସ୍ଥାଭୋଟ ଲୋଡ଼ିବା ଲାଗି ରାଜ୍ୟପାଳ ତୁରନ୍ତ ସ୍ୱତନ୍ତ୍ର ଅଧିବେଶନ ଡାକିବା ଜରୁରୀ। ପ୍ରକାଶଥାଉ କି, ଏକ୍‌ଜିଟ୍ ପୋଲ୍ ରିପୋର୍ଟ ଭାଜପାକୁ ଉତ୍ସାହ ଆଣି ଦେଇଥିବାବେଳେ କଂଗ୍ରେସ–ବିଏସ୍‌ପି କନ୍ଦଳ ତୀବ୍ର ହେବାରେ ଲାଗିଛି। ବିଶେଷକରି ଗତ ମାସରେ ବିଏସ୍‌ପି ପ୍ରାର୍ଥୀ ଲୋକେନ୍ଦ୍ର ସିଂ ରାଜପୁତ୍ ଦଳ ଛାଡ଼ି କଂଗ୍ରେସରେ ଯୋଗଦେବା ପରେ ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଥିଲା। ବିଏସ୍‌ପି ସୁପ୍ରିମୋ ମାୟାବତୀ କମଳନାଥ ସରକାରକୁ ସମର୍ଥନ ଦେବା ନେଇ ସମୀକ୍ଷା କରିବେ ବୋଲି କହିଥିଲେ।



- ସ୍ୱତନ୍ତ୍ର ଅଧିବେଶନ ଲାଗି ରାଜ୍ୟପାଳଙ୍କୁ ଭାଜପାର ଚିଠି
- ମଧ୍ୟପ୍ରଦେଶ ସରକାର ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଉ

ଗତବର୍ଷ ବିଧାନସଭା ନିର୍ବାଚନରେ ଭାଜପାକୁ ପରାସ୍ତକରି କଂଗ୍ରେସ ମଧ୍ୟପ୍ରଦେଶରେ ସହଯୋଗୀ ଦଳଗୁଡ଼ିକୁ ନେଇ ସରକାର ଗଠନ କରିଥିଲା। କୌଣସି ଦଳ ମ୍ୟାଜିକ୍ ନମ୍ବର (୧୧୬) ଛୁଇଁପାରି ନ ଥିବାବେଳେ ବିଏସ୍‌ପିର ୨ ଓ ଏସ୍‌ପିର ଜଣେ ବିଧାୟକଙ୍କ ସମର୍ଥନ କ୍ରମେ ସାମାନ୍ୟ ସଂଖ୍ୟାଗରିଷ୍ଠତା ସହ କଂଗ୍ରେସ (୧୧୪) ☞ପୃଷ୍ଠା–୨



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇପାରେ।
- ବ୍ୟାସକବି ଫକୀରମୋହନ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ବିବାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

## ରାଜ୍ୟରେ...

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏକ୍‌ଜିଟ୍ ପୋଲ୍ ରିପୋର୍ଟକୁ ନେଇ କହିଛନ୍ତି ଯେ, ଏଥର କେନ୍ଦ୍ରରେ ଆମକୁ ୩ଶହ ଆସନ ମିଳିବ। ଓଡିଶା ବିଧାନସଭାରେ ମଧ ଭଲ ପ୍ରଦର୍ଶନ କରିବୁ। ରାଜ୍ୟରେ ଭାଜପା ବେଧଡକଭାବେ ସରକାର କରିବାକୁ ଯାଉଛି। ରାଜ୍ୟରେ ମୋଦି ମ୍ୟାଜିକ୍ କାମ ଦେଇଛି। ରାଜ୍ୟରେ ୭୦ ବିଧାନସଭା ଆସନରେ ଆମେ ଜିତି ସରକାର ଗଢ଼ିବୁ ବୋଲି ଜୁଏଲ କହିଛନ୍ତି। ସେହିପରି ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ଭାଜପା ବଢୁଛି। ଦେଶରେ କଂଗ୍ରେସ ଛିଡୁଛି ଓ ବିଜେଡି ମଧ ରାଜ୍ୟରେ ତଳକୁ ଖସିବାରେ ଲାଗିଛି। ଏଥର ରାଜ୍ୟରେ ଭାଜପା ସରକାର କରିବାକୁ ଯାଉଛି ବୋଲି ବସନ୍ତ କହିଛନ୍ତି। କିନ୍ତୁ ବରିଷ୍ଠ ନେତା ଦାମୋଦର ରାଉତ କହିଛନ୍ତି ଯେ, ଏଥର ରାଜ୍ୟରେ ଝୁଲା ବିଧାନସଭା ହେବାର ସମ୍ଭାବନା ରହିଛି। ବିଜେଡି ମ୍ୟାଜିକ୍ ନମ୍ବର ଛୁଇଁପାରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଭାଜପା ବିଜେଡି ପାଖାପାଖି ଆସନ ପାଇଲେ ବିଜେଡି ରାଜ୍ୟରେ କଂଗ୍ରେସ ସହ ମେଣ୍ଟ କରିପାରେ ବୋଲି ଦାମ ଆକଳନ କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏକ୍‌ଜିଟ୍ ପୋଲ୍ ଆକଳନ ବିଶ୍ୱାସଯୋଗ୍ୟ ବୋଲି କହିହେବ ନାହିଁ। ରାଜ୍ୟରେ ୨୦ରୁ ୩୦ ଆସନ ପାଇବୁ ବୋଲି ଆକଳନ କରିଥିଲୁ। ରାଜ୍ୟରେ କିନ୍ତୁ ଭାଜପା କ୍ଷମତାକୁ ଆସିପାରିବ ନାହିଁ। ଦଳର ବରିଷ୍ଠ ନେତା ସୁର ରାଉତରାୟଙ୍କ କହିବାନୁଯାୟୀ, ଏକ୍‌ଜିଟ୍ ପୋଲ୍ ଆକଳନ ସମ୍ପୂର୍ଣ୍ଣ ଠିକ୍ ହେବ ବୋଲି କହିହେବ ନାହିଁ। କେନ୍ଦ୍ରରେ ଏନ୍‌ଡିଏ ସଂଖ୍ୟା କମିବ ଏବଂ ରାଜ୍ୟରେ କଡା ପ୍ରତିଯୋଗିତା ହେବ। ଉପା ଅଧକ୍ଷା ସୋନିଆ ଗାନ୍ଧୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୨୩ତାରିଖ ମେଣ୍ଟ ବୈଠକରେ ଯୋଗଦେବା ପାଇଁ ଚିଠି ଦେଇଛନ୍ତି। ଯଦି ମେଣ୍ଟ ହୁଏ ତେବେ ଓଡିଶାରେ କଂଗ୍ରେସ ମୁଖ୍ୟ ଭୂମିକା ତୁଲାଇବ ବୋଲି ସୁର କହିଛନ୍ତି। ଏହିସବୁ ଆକଳନ ଚାଲିଥିବା ବେଳେ ରାଜ୍ୟର ବହୁ ହେଭିୱେଟ୍ ନେତା ଏଥର ଚିତ୍‌ପଟାଙ୍ଗ ମାରିପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟର ଏକାଧିକ ଲୋକ ସଭା ଏବଂ ବିଧାନସଭା ଆସନରୁ ଲଢୁଥିବା ଟାଣୁଆ ନେତାଙ୍କ ନାମ ଏହି ତାଲିକାରେ ରହିଛି। ଏକ୍‌ଜିଟ ପୋଲ୍ ରିପୋର୍ଟ ଅନୁସାରେ ଭାଜପା ଯଦି ବିଜେଡି ପାଖାପାଖି ବିଧାନସଭା ଆସନ ପାଇବ ତେବେ କ'ଣ ରହିବ ନବୀନ ପଟ୍ଟନାୟକଙ୍କ ଆଭିମୁଖ୍ୟ ସେ ନେଇ ରାଜନୈତିକ ପର୍ଯ୍ୟବେକ୍ଷକମାନେ ଅନୁମାନ ଲଗାଇ ପାରୁ ନାହାନ୍ତି।

### ଓଡ଼ିଶାର ଲୋକ ସଭା ଆସନ

### ଆଜ୍‌ତକ ଓ ଆକ୍ସିସ ମାଇଁ ଇଣ୍ଡିଆର ଏକ୍‌ଜିଟ୍ ପୋଲ୍

| | ଆସନ | ଦଳ |
|---|---|---|
| ୧ | ବରଗଡ଼ | ଭାଜପା |
| ୨ | ସୁନ୍ଦରଗଡ଼ | ଭାଜପା |
| ୩ | ସମ୍ବଲପୁର | ଭାଜପା |
| ୪ | କେନ୍ଦୁଝର | ଭାଜପା |
| ୫ | ମୟୂରଭଞ୍ଜ | ଭାଜପା |
| ୬ | ବାଲେଶ୍ୱର | ଭାଜପା |
| ୭ | ଭଦ୍ରକ | କଡ଼ା ମୁକାବିଲା (ଭାଜପା-ବିଜେଡି) |
| ୮ | ଯାଜପୁର | ଭାଜପା |
| ୯ | ଢେଙ୍କାନାଳ | ଭାଜପା |
| ୧୦ | ବଲାଙ୍ଗୀର | ଭାଜପା |
| ୧୧ | କଳାହାଣ୍ଡି | ଭାଜପା |
| ୧୨ | ନବରଙ୍ଗପୁର | କଡ଼ା ମୁକାବିଲା (ଭାଜପା-ବିଜେଡି-କଂଗ୍ରେସ) |
| ୧୩ | କନ୍ଧମାଳ | ଭାଜପା |
| ୧୪ | କଟକ | ବିଜେଡି |
| ୧୫ | କେନ୍ଦ୍ରାପଡ଼ା | କଡ଼ା ମୁକାବିଲା (ଭାଜପା-ବିଜେଡି) |
| ୧୬ | ଜଗତ୍‌ସିଂହପୁର | ବିଜେଡି |
| ୧୭ | ପୁରୀ | ଭାଜପା |
| ୧୮ | ଭୁବନେଶ୍ୱର | ଭାଜପା |
| ୧୯ | ଆସ୍କା | ଭାଜପା |
| ୨୦ | ବ୍ରହ୍ମପୁର | ଭାଜପା |
| ୨୧ | କୋରାପୁଟ | କଡ଼ା ମୁକାବିଲା (ଭାଜପା-ବିଜେଡି-କଂଗ୍ରେସ) |

## ଅଢୁଆରେ...

ରାଜ୍ୟରେ ସରକାର ଗଠନ କରିଥିଲା। ଭାଜପାକୁ ମାତ୍ର ୧୦୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଏବେ ପରିବର୍ତ୍ତିତ ରାଜନୈତିକ ସ୍ଥିତିରୁ ଭାଜପା ଫାଇଦା ଉଠାଇବା ଲାଗି ଚେଷ୍ଟା କରୁଥିବାବେଳେ କମଲନାଥ ସରକାର ପାଖରେ ବହୁମତ ଥିବା କଂଗ୍ରେସ ଦର୍ଶାଇଛି। ଅନ୍ୟପକ୍ଷରେ ଦୁର୍ନୀତିପୂର୍ଣ୍ଣ ଉପାୟରେ ଭାଜପା ମଧ୍ୟପ୍ରଦେଶର କଂଗ୍ରେସ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଉଦ୍ୟମ କରୁଛି ବୋଲି ରାଜ୍ୟ ଦାୟିତ୍ୱରେ ଥିବା ଦଳର ସାଧାରଣ ସମ୍ପାଦକ ଦୀପକ ବାବାରିୟା କହିଛନ୍ତି। ବିଧାନସଭା ନିର୍ବାଚନରେ ଜନମତ କଂଗ୍ରେସ ସପକ୍ଷରେ ଯାଇଛି। ଏହାକୁ ଭଣ୍ଡୁର କରିବା ଲାଗି ଭାଜପା କରୁଥିବା ଉଦ୍ୟମକୁ ଜନସାଧାରଣ କଦାପି କ୍ଷମା ଦେବେ ନାହିଁ ବୋଲି ସେ କହିଛନ୍ତି। ରାଜ୍ୟ ବିଧାନସଭାରେ ଲୋକ ସଭା ଫଳାଫଳକୁ ନେଇ ଆଲୋଚନା କରାଯିବା ପୂର୍ବରୁ କେବେ ହୋଇନାହିଁ ବୋଲି କଂଗ୍ରେସ ମୁଖପାତ୍ର ଭୂପେନ୍ଦ୍ର ଗୁପ୍ତା କହିଛନ୍ତି। ରାଜ୍ୟରେ ସେଭଳି କୌଣସି ସଙ୍କଟ ସୃଷ୍ଟି ହୋଇନାହିଁ ଯେଉଁଥିପାଇଁ ଜରୁରୀ ଆଲୋଚନା ହେବା ଆବଶ୍ୟକ। ବାଚସ୍ପତି ନିର୍ବାଚନ ବେଳେ କଂଗ୍ରେସ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେଇସାରିଥିବାରୁ ସରକାର ସଂଖ୍ୟାଲଘୁ ନୁହେଁ ବୋଲି ସେ ଦାବି କରିଛନ୍ତି। ଗତବର୍ଷ ଶେଷ ଭାଗରେ ହୋଇଥିବା ବିଧାନସଭା ନିର୍ବାଚନରେ ୩ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡରେ କ୍ଷମତାସୀନ ଦଳ ଭାଜପାକୁ ପରାସ୍ତ କରି କଂଗ୍ରେସ ସେଠାରେ ସରକାର ଗଠନ କରିଥିଲା। ମଧ୍ୟପ୍ରଦେଶରେ ଦଳ ଆବଶ୍ୟକଠାରୁ ସାମାନ୍ୟ କମ୍ ଆସନ ପାଇଥିଲେ ମଧ ବିଏସ୍‌ପି ଏବଂ ଏସ୍‌ପିର ବାହ୍ୟ ସମର୍ଥନରେ ସରକାର ଗଠନ କରିବାକୁ ସକ୍ଷମ ହୋଇଥିଲା।

## ପୁଣି କ୍ଷମତାକୁ...

ଆସନ ୧୦୦ ଟପିବ ଏବଂ ଲୋକ ସଭା ଆସନ ଗତ ନିର୍ବାଚନ ତୁଳନାରେ ୪ରୁ ୫ଟି କମିପାରେ । ଚଳିତ ନିର୍ବାଚନରେ ଭାଜପା ଓ ବିଜେଡି ମଧରେ କଡ୍ଡା ଟକ୍କର ହୋଇଛି। ମୋଦିଙ୍କ ଦେଶପ୍ରେମ ନାଟକର ପ୍ରଭାବ କିଛିଟା ରହିବାରୁ ଲୋକ ସଭାରେ ଭାଜପାକୁ ଏହାର ଫାଇଦା ମିଳିପାରେ ବୋଲି ସେ କହିଛନ୍ତି। ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି, ଏକଜିଟ୍ ପୋଲର ସତ୍ୟତା ନାହିଁ। ରାଜ୍ୟରେ ବିଜେଡି ୧୦୫ ଏବଂ ୧୪ଟି ଲୋକ ସଭା ଆସନରେ ବିଜୟୀ ହେବ। ରାଜ୍ୟରେ ଲୋକମାନେ ନବୀନ ବାବୁଙ୍କୁ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ କିଛି ପରିମାଣରେ ଲୋକ ସଭା ଭୋଟ ଭାଜପା ସପକ୍ଷରେ ଯାଇ ଥାଇପାରେ। ରାଜ୍ୟରେ ବିଜେଡି ପଞ୍ଚମ ଥର ପାଇଁ ଶାସନକୁ ଫେରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ବୋଲି ସେ କହିଛନ୍ତି।

## ପରଲୋକରେ...

ତାଙ୍କର ଅବଦାନ ରହିଥିଲା। କେବଳ ଅର୍ଥନୀତି ନୁହେଁ, ଭାଷା ଓ ସାହିତ୍ୟ କ୍ଷେତ୍ରରେ ମଧ ତାଙ୍କର ଉତ୍କର୍ଷ ପ୍ରତିଫଳିତ ହୋଇଥିଲା। ସେ ଏକାଧିକ କବିତା ଏବଂ ଭିନ୍ନସ୍ୱାଦର ପୁସ୍ତକ ରଚନା କରିଥିଲେ। ଅର୍ଥନୀତି ବିଷୟବସ୍ତୁ ଉପରେ ଆଧାରିତ ରିସର୍ଚ୍ଚ ଜର୍ନାଲ 'ଭିଜନ୍'ର ସମ୍ପାଦକ ଓ ପ୍ରକାଶକ ଭାବେ ଦାୟିତ୍ୱ ତୁଲାଉଥିଲେ ବାସୁଦେବ। ଏହି ଜର୍ନାଲ ରାଜ୍ୟ ଏବଂ ରାଜ୍ୟ ବାହାରର ଅର୍ଥନୀତି ଛାତ୍ରୀଛାତ୍ର ଓ ଗବେଷକମାନଙ୍କୁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ଯୋଗାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଅବସର ପରେ ସେ ସାମାଜିକ କ୍ଷେତ୍ରରେ ବେଶ୍ କ୍ରିୟାଶୀଳ ଥିଲେ।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୮ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୬ | ୨୬.୪ |
| ଚାନ୍ଦବାଲି | ୩୮.୨ | ୨୮.୬ |
| କଟକ | ୩୮.୦ | ୨୬.୫ |
| ପାରାଦ୍ୱୀପ | ୩୩.୨ | ୨୮.୪ |
| ଭୁବନେଶ୍ୱର | ୩୭.୭ | ୨୭.୮ |
| ଗୋପାଳପୁର | ୩୩.୦ | ୨୭.୩ |
| ପୁରୀ | ୩୩.୮ | ୨୮.୦ |
| ଅନୁଗୋଳ | ୩୯.୧ | ୨୦.୦ |
| ବାରିପଦା | ୩୮.୦ | ୨୮.୨ |
| ଝାରସୁଗୁଡ଼ା | ୪୨.୬ | ୨୯.୨ |
| କେନ୍ଦୁଝର | ୩୯.୮ | ୨୬.୭ |
| ସମ୍ବଲପୁର | ୪୨.୭ | ୨୯.୦ |
| ସୁନ୍ଦରଗଡ଼ | ୪୩.୦ | ୨୬.୦ |
| ହୀରାକୁଦ | ୪୧.୪ | ୨୯.୫ |
| ତାଳଚେର | --- | ୨୮.୦ |
| ଭବାନୀପାଟଣା | ୪୩.୦ | ୩୦.୦ |
| ବଲାଙ୍ଗୀର | ୪୪.୦ | ୨୫.୫ |
| କୋରାପୁଟ | ୩୬.୬ | ୨୩.୦ |
| ଫୁଲବାଣୀ | --- | ୨୬.୦ |
| ଟିଟିଲାଗଡ଼ | ୪୫.୫ | ୨୭.୫ |
| ମାଲକାନଗିରି | ୪୩.୪ | ୨୪.୮ |
| ସୋନପୁର | ୪୩.୦ | ୨୭.୪ |
| ଦାରିଙ୍ଗିବାଡ଼ି | ୩୬.୨ | ୨୩.୫ |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ଉଛୁଳିଲା...

କ୍ୟାପ ସୂଚକାଙ୍କରେ କାରବାର ପ୍ରାୟ ୩.୫୭% ବଢିଛି। ଏହାବାଦ ନିଫ୍ଟିରେ ପିଏସ୍‌ୟୁ ବ୍ୟାଙ୍କ, ରିୟଲିଟି, ଫାଇନାନ୍ସିଆଲ ସର୍ଭିସ, ବ୍ୟାଙ୍କିଙ୍ଗ ଷ୍ଟକ ଭଲ ପ୍ରଦର୍ଶନ କରିବା ସହ ୭.୮% ଉଚ୍ଚ ସ୍ତରରେ ରହିଛି। ରବିବାର ପ୍ରକାଶିତ ଏକ୍‌ଜିଟ ପୋଲ ଫଳାଫଳରେ କେନ୍ଦ୍ରର ଶାସନାଧୀନ ଏନ୍‌ଡିଏକୁ ୩୦୦ରୁ ଅଧିକ ଆସନ ମିଳିବ ବୋଲି କୁହାଯାଇଛି। ଲୋକସଭାରେ ସଂଖ୍ୟା ଗରିଷ୍ଠତା କୁହାଯାଉଥିବା ୨୭୨ ଆସନ ଠାରୁ ଏନ୍‌ଡିଏ ଅଧିକ ଆସନ ଲାଭ କରିବାକୁ ସକ୍ଷମ ହେବ ଆକଳନ କରାଯାଇଛି। ଏନ୍‌ଡିଏ ସରକାର ପୁଣି କ୍ଷମତାକୁ ଆସିଲେ ସଂସ୍କାର ଧାରା ଜାରି ରଖିବେ ବୋଲି ବଜାର ବିଶେଷଜ୍ଞ ମାନେ କହିଛନ୍ତି। ଏନ୍‌ଡିଏକୁ ସଂଖ୍ୟା ଗରିଷ୍ଠତା ମିଳିବା ନେଇ ଆକଳନ ହୋଇଥିବାରୁ ଏହାର ପ୍ରଭାବ ପୁଞ୍ଜି ବଜାର ଉପରେ ପଡିଥିବା ଏମ୍‌କେ ୱେଲଥ ମ୍ୟାନେଜମେଣ୍ଟ ରିସର୍ଚ୍ଚର ମୁଖ୍ୟ ଯୋଶେପ ଥୋମାସ କହିଛନ୍ତି। ସେହିଭଳି ଦିନ ମଧରେ ଡଲାର ତୁଳନାରେ ଟଙ୍କାର ମୂଲ୍ୟରେ ୪୯ ପଇସା ବୃଦ୍ଧି ଘଟିଛି। ଏହା ବାଦ ବ୍ରେଣ୍ଟ କ୍ରୁଡ ମୂଲ୍ୟ ମଧ ବ୍ୟାରେଲ ପିଛା ୭୨.୬୧ ଡଲାର ରହିଛି। ଏଥିରେ ୧.୪୦% ବୃଦ୍ଧି ଘଟିଥିବା ବଜାର ସୂତ୍ରରୁ ପ୍ରକାଶ ପାଇଛି।

## ଆଜି ମାଟ୍ରିକ...

ରୋଲ ନମ୍ବର ଲେଖି ୫୬୭୬୭୫୦କୁ ଏସ୍‌ଏମ୍‌ଏସ୍ କଲେ ମୋବାଇଲରେ ପରୀକ୍ଷା ଫଳର ଏସ୍‌ଏମ୍‌ଏସ୍ ଆସିବ। କୌଣସି ସୂଚନା ପାଇବା ତଥା ଅଭିଯୋଗ ନିମନ୍ତେ ବୋର୍ଡର କଣ୍ଟ୍ରୋଲ ରୁମ୍ ନମ୍ବର ୦୬୭୧- ୨୪୧୨୦୫୯ କିମ୍ବା ୦୬୭୧-୨୪୧୨୦୬୦ ସହ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି, ସମ୍ପାଦକ ରାମାଶିଷ ହାଜରା ଉପସ୍ଥିତ ଥିଲେ।

## ୩୧ ଯାଏ...

ଜାରି କରାଯାଇଛି। ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଜିଲାଗୁଡିକରେ ପର୍ଯ୍ୟାପ୍ତ ଜଳଛତ୍ର, କାମ କରିବା ସମୟ ନିର୍ଘଣ୍ଟ କରିବା ଏବଂ ଜିଲା ହସ୍ପିଟାଲରେ ଅଂଶୁଘାତ ଚିକିତ୍ସା କୋଠରି ଓ ୨୪ ଘଣ୍ଟା ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରିବାକୁ । ରାଜ୍ୟରେ ଏ ପର୍ଯ୍ୟନ୍ତ କେହି ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିନାହିଁ ବୋଲି ସ୍ୱତନ୍ତ୍ର ରିଲିଫ କମିଶନ ବିଷ୍ଣୁପଦ ସେଠୀ କହିଛନ୍ତି।

### କିଛି ତଥ୍ୟ

୧୮୮୯ ପରଠାରୁ ୧୦୦ ଦେଶ ମାପ ଲାଗି ଇଣ୍ଟରନ୍ୟାଶନାଲ ସିଷ୍ଟମ ଅଫ୍ ୟୁନିଟ (ଏସ୍‌ଆଇ) ବ୍ୟବସ୍ଥା ଗ୍ରହଣ କରୁଛନ୍ତି।

–ଇଣ୍ଟରନ୍ୟାଶନାଲ ବ୍ୟୁରୋ ଅଫ୍ ୱେଟ୍ସ ଆଣ୍ଡ ମେଜର୍ସ

# ମାଟ୍ରିକ ଫଳ ପ୍ରକାଶ ପୂର୍ବରୁ ପରୀକ୍ଷାର୍ଥୀଙ୍କ ଆତ୍ମହତ୍ୟା

- ମେଧାବୀ ଛାତ୍ର ଥିଲେ ବିଭୂଦତ୍ତ
- କାରଣ ଅସ୍ପଷ୍ଟ, ପୋଲିସ ତଦନ୍ତ ଜାରି

ସୁନ୍ଦରଗଡ଼,୨୦ା୫ (ଡି.ଏନ୍.ଏ.)

ମଙ୍ଗଳବାର ପ୍ରକାଶ ପାଇବ ମାଟ୍ରିକ ପରୀକ୍ଷା ଫଳ । ହେଲେ ଏହା ପୂର୍ବରୁ ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଉଜ୍ଜଳପୁର ଗ୍ରାମର ଜଣେ ମାଟ୍ରିକ ପରୀକ୍ଷା ଦେଇଥିବା ଛାତ୍ରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସୋମବାର କୁଆଁରବଗା ନିକଟସ୍ଥ ଏକ କାଜୁ ବଗିଚାରୁ ସଦର ଥାନା ପୋଲିସ ଉଦ୍ଧାର କରିଛି। ମୃତ ଛାତ୍ରଙ୍କ ନାମ ବିଭୂଦତ୍ତ ସାହୁ(୧୫)। ବିଭୂଦତ୍ତ ନିଖୋଜ ଥିବା ନେଇ ପରିବାର ପକ୍ଷରୁ ଲେଫ୍ରିପଡା ଥାନାରେ ଏକ ଅଭିଯୋଗ ହୋଇଥିଲା। ସୋମବାର ସକାଳେ କାଜୁ ବଗିଚାରେ ବିଭୂଦତ୍ତ ବେକରେ ରଶି ଲଗାଇ ଓହଳି ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ ଡାକ୍ତରଖାନାକୁ ପଠାଇଥିଲା। ସେ ଜଣେ ମେଧାବୀ ଛାତ୍ର ଥିବା ବେଳେ କେଉଁ କାରଣରୁ ଆତ୍ମହତ୍ୟା କଲେ ସେନେଇ ପରିବାର ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏନେଇ ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ବିଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

ନାକଟିଦେଉଳ,୨୦ା୫(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମର ଜଣେ ମହିଳାଙ୍କ ମୃତଦେହ ଗ୍ରାମ ନିକଟ ବିଲରୁ ସୋମବାର ପୋଲିସ ଉଦ୍ଧାର କରିଛି। ସେ ହେଉଛନ୍ତି ଫଟାମୁଣ୍ଡା ଖ୍ରୀଷ୍ଟିୟାନ ପଡ଼ାର ପୁଷ୍ପା ଡାଙ୍ଗ (୨୩)। କିସିଣ୍ଡା ପୋଲିସ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହକୁ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ପାଇଁ ରେଢାଖୋଲ ପଠାଯାଇଛି । ପୁଷ୍ପା ସେହି ଗ୍ରାମର ଅନିଲ ଡାଙ୍ଗଙ୍କୁ ଗତ ୫ବର୍ଷ ପୂର୍ବେ ଭଲପାଇ ବିବାହ କରିଥିଲେ। ପୁଷ୍ପାଙ୍କ ଏକ ୪ବର୍ଷର ଏବଂ ଗୋଟିଏ ଦେଢବର୍ଷର ପୁଅ ଅଛନ୍ତି। ସ୍ୱାମୀ ଅନୀଲ ଦିଲୀରେ କାମ କରୁଛି । ପୁଷ୍ପା ଦୁଇ ପୁଅକୁ ଧରି ବାପ ଘରେ ରହୁଥିଲେ। ଗତ ୧୮ ତାରିଖ ପୁଷ୍ପା ପିଲାଙ୍କୁ ବାପ ଘରେ ଛାଡ଼ି ନିକଟରେ ଥିବା ଶ୍ୱଶୁର ଘରକୁ ଯାଇଥିଲେ। ଶ୍ୱଶୁର ଘରୁ କେଉଁଆଡ଼େ ଚାଲି ଯାଇ ସନ୍ଧ୍ୟା ସୁଦ୍ଧା ଫେରି ନ ଥିଲେ। ଏଣୁ ଉଭୟ ପରିବାରର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ହେଲେ ପାଇ ନ ଥିଲେ। ରବିବାର ସନ୍ଧ୍ୟାରେ ଗ୍ରାମର କିଛି ଲୋକ ଜଙ୍ଗଲରୁ ଛେଳି ଚରାଇ ଫେରୁଥିବା ବେଳେ ଗ୍ରାମଠାରୁ ପ୍ରାୟ ୧କି.ମି. ଦୂର ଏକ ବିଲ ମଝିରେ ପୁଷ୍ପାଙ୍କ ମୃତଦେହ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୁଷ୍ପାଙ୍କ ବାପା ଏ ନେଇ ପୋଲିସକୁ ସୂଚନା ଦେଇଥିଲେ। ସୋମବାର ସକାଳୁ କିସିଣ୍ଡା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ପାଖରେ ପଡ଼ିଥିବା ଏକ ବିଷ ବୋତଲକୁ ମଧ ପୋଲିସ ଜବତ କରିଛି। ତେବେ ଘରୋଇ କଳିକୁ ନେଇ ମହିଳା ଜଣଙ୍କ ବିଷ ପିଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି ବୋଲି କିସିଣ୍ଡା ଥାନାର ଏସଆଇ ନିକଞ୍ଜ ବିହାରୀ ପ୍ରଧାନ କହିଛନ୍ତି । ଅପରପକ୍ଷରେ ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇ ପାଖରେ ବିଷ ବୋତଲ ଥୋଇ ଆତ୍ମହତ୍ୟାର ରୂପ ଦିଆ ଯାଉଥିବା ମଧ ସନ୍ଦେହ ହେଉଛି। ତେବେ କେଉଁ ପରିସ୍ଥିତିରେ ଏବଂ କିପରି ମୃତ୍ୟୁ ଘଟିଲା ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡ଼ିବ ବୋଲି ରେଢାଖୋଲ ଏସ୍‌ଡିପିଓ ହାଡ଼ିବନ୍ଧୁ ସ୍ୱାଇଁ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ବାରାଧିପ ବୃହସ୍ପତି ମିତ୍ର ଚନ୍ଦ୍ରଙ୍କ କ୍ଷେତ୍ରରେ ଉନ୍ନତ ଚିନ୍ତା ଓ ନୂତନ ଯୋଜନାର ଶୁଭାରମ୍ଭ କରାଇବେ। କର୍ମକ୍ଷେତ୍ରରୁ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟ ଓ ସହଯୋଗର ଅବାରିତ ଧାରା ମନକୁ ପ୍ରଫୁଲ୍ଲିତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ ଲାଭ କିଛି ଊଣା ହେବନି।

**ବୃଷ** ମାନସିକ ଅସ୍ଥିରତାରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। କର୍ମକ୍ଷେତ୍ର ମନ୍ଦ ନ ହେଲେ ମଧ ଶାନ୍ତିପ୍ରଦ ହୋଇ ନ ପାରେ । ଆଜି ଅଫିସରେ ପରିସ୍ଥିତିକୁ ସ୍ୱାଭାବିକ କରିବା ମାନସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ । ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ଚୁକ୍ତିପତ୍ର ସମ୍ପାଦନ କ୍ଷେତ୍ରରେ ସୁଫଳ ପାଇବେ।

**ମିଥୁନ** ବିଶେଷ ଝଡ଼ଝଞ୍ଜା ନ ଥାଇ ଦିନଟି ଏକ ପ୍ରକାର ଭଲରେ ଭଲରେ ଅତିବାହିତ ହେବ। ହସଖୁସୀ ଓ ମଜାମଉଜର ପରିବେଶ ମଧ୍ୟରେ ନିଜର ସ୍ଥିତିକୁ ମଧ ପାସୋରି ଦେଇ ପାରନ୍ତି। ଶୁଭେଚ୍ଛୁମାନଙ୍କ ଦ୍ୱାରା ପ୍ରଶଂସା ପାଇବା ସମୟରେ ନିନ୍ଦୁକ ଗୋଷ୍ଠୀ କୁତ୍ସାରଟନା କରିପାରନ୍ତି। ବ୍ୟବସାୟ, ଫ୍ଲାଟ କାରବାର କ୍ଷେତ୍ରରେ ସଫଳତା ପାଇବେ ନାହିଁ ।

**କର୍କଟ** ଆଜିର ଚନ୍ଦ୍ର ରାହୁଙ୍କ ନକ୍ଷତ୍ରରେ ରହି କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସମସ୍ୟା ବହୁଳ କରିପାରନ୍ତି। ଅର୍ଥାଭାବ ନ ଥିଲେ ମଧ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଟଙ୍କା, ପଇସା ଅଭାବ ପରିଲକ୍ଷିତ ହେବ । ଶିଳ୍ପ,ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟା ସୁଧାରିନେବା ପାଇଁ ପ୍ରଯତ୍ନ କରିବେ ।

**ସିଂହ** ଧୈର୍ଯ୍ୟର ସହ ପ୍ରତ୍ୟେକ ପରିସ୍ଥିତିର ସଫଳ ମୁକାବିଲା କରିବାରେ ସମର୍ଥ ହେବେ। କିଛି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି। ଜମିଜମା, କଚେରି ମାମଲା, ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ଉପକୃତ ହେବେ। ମହିଳା ନିଜ ପସନ୍ଦର ଜିନିଷ ଆଣିବା ପାଇଁ ପରିବାରବର୍ଗଙ୍କୁ ଅନୁରୋଧ କରିପାରନ୍ତି।

**କନ୍ୟା** ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ ମାନସିକ ସୁସ୍ଥତା ରହି ନ ପାରେ । କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ । ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡ଼ି, ମୋଟର, ଯାନ୍ତ୍ରିକ ଜିନିଷ କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଶିଳ୍ପ,ବାଣିଜ୍ୟ, ବ୍ୟବସାୟ କିମ୍ବା ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

**ତୁଳା** ପାରିବାରିକ ପ୍ରତିରୋଧ କିମ୍ବା ବୃଦ୍ଧ ପିତାଙ୍କ ସ୍ୱାସ୍ଥ୍ୟହାନି ମାନସିକ ସ୍ଥିତିକୁ ଦୋହଲାଇଦେଇପାରେ। ଅତି ନିକଟରେ ରହି ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନମାନଙ୍କୁ ପ୍ରତାରିତକରି ଅନୁଶୋଚନା କରିବେ । ଅଫିସ୍‌ରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ।

**ବିଛା** ଯେତେ ପ୍ରକାର ଉପାୟ ଅବଲମ୍ବନକଲେ ମଧ ସମୟଚକ୍ର ଦୁଃଖସୀମାକୁ ଆଜି ଅତିକ୍ରମ କରିପାରିବେ ନାହିଁ। କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। ଦୀର୍ଘଦିନରୁ କ୍ଷୁଣ୍ଣ ହୋଇଥିବା ସମ୍ପର୍କ ପୁନଶ୍ଚ ଫେରିପାଇବେ। ବନ୍ଧୁଙ୍କ ଛୋଟ କଥାକୁ ବଡ଼ ଆକାରରେ ଚିନ୍ତା କରିବେ।

**ଧନୁ** ସକାଳୁସକାଳୁ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅଭାବ ନ ଥିଲେ ମଧ ମାନସିକ ସୁସ୍ଥତା ଅଭାବରୁ କୌଣସି ସୁଖଦ ପରିସ୍ଥିତି ମଧ ଉପଭୋଗ୍ୟ ହେବନାହିଁ। ପ୍ରକାଶନ, ପ୍ରଶାସନ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। ମହିଳାମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମକର** ପ୍ରତିରୋଧର ସାମ୍ନାକରି ନିଜର ଲକ୍ଷ୍ୟ ସାଧନ ଦିଗରେ ଅଗ୍ରସର ହେବେ। ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକମାନଙ୍କୁ ମୁଗ୍ଧ କରିବାରେ ଅଗ୍ରଣୀ ହେବେ। ଆର୍ଥିକ ସ୍ଥିତି ମଧ ମନ୍ଦ ହେବନି, କିନ୍ତୁ ଋଣ ଭାର କ୍ରମଶଃ ବୃଦ୍ଧିପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ଚିନ୍ତା କରିପାରନ୍ତି। ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚପ୍ରଶଂସା ପାଇବେ ।

**ମୀନ** କର୍ମକ୍ଷେତ୍ରରେ ସାମାନ୍ୟ ସୁଧାର ଆସିଲେ ମଧ ପାରିବାରିକ ସ୍ଥିତି ପୂର୍ବପରି ରହିବ। ଅଭାବ ନ ଥିଲେ ମଧ କ୍ରମଶଃ ଆବଶ୍ୟକତା ବୃଦ୍ଧି ପାଉଥିବାର ଅନୁଭବ କରିବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ। କର୍ମକ୍ଷେତ୍ରରେ ପକ୍ଷପାତିତାର ବିରୋଧକରି କଳହ ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ତୃତୀୟା ମଙ୍ଗଳବାର, ମେ ୨୧ ତାରିଖ, ଆତଙ୍କବାଦ ବିରୋଧୀ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ମକର ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ୮ ।୨୫ ଗତେ ଘ୧୦ ।୦୨ମି. ମଧ୍ୟେ ଅମୃତବେଳା, ଦିବା ଘ୧୦ ।୦୨ମି. ଗତେ ଘ୧୧ ।୩୮ମି. ମଧ୍ୟେ ମାହେନ୍ଦ୍ରବେଳା, ଦିବା ଘ୨ ।୫୮ମି. ଗତେ ଘ୪ ।୩୬ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302



**HIRE**

Volvo 210B Excavator available on rental basis for earth work. Contact: 9658683328. D-12552

ମାସିକିଆ ଭଡ଼ା ସୂତ୍ରରେ Auto ଏବଂ Tata Magic ଆବଶ୍ୟକ। Contact: 9078000108, 6361358814. D-12574



**SALE**

Sthitiban plot at Bhubaneswar near Pandra chhak, NH-203 to 50mtrs, Total area, 1600 sqft. and 1400 Rate per sqft @ 1750 with boundary wall. Contact No: 7008093886. D-64402

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

Bhubaneswar Patia New Railway Station ଠାରେ ସ୍ଥିତିବାନ demarcated plot sqft. 500/-, 700/- 9337505891, 7978286401. D-66375

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

Gharabari yellowzone plot at Khandagiri near Amri Hospital & Duplex/ Simplex at Atala near Hanspal square: 9438419823, 9337086655. D-66462

ନଖରା ତ୍ରିନାଥ ବଜାରଠାରେ SC ଘରବାରି plot 1200କୁ 3,80,000/-, ପ୍ରତାପନଗରୀ ଧାକୁଲେଇ ପୀଠଠାରେ 1200କୁ 3,00,000/- (outright) 9348817649, 8144706560. D-66377

ଭୁବନେଶ୍ୱର ପଟିଆ ବିଗ୍‌ବଜାରରୁ 3.5k.m ବାସୋପଯୋଗୀ plot 1200 sqft. 5,40,000/- immediate registration/possession. 9937032327, 9583328312. D-66376

ଭୁବନେଶ୍ୱର KEC, ଗୁଡିଆ ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12573

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

### ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



(Vivaan)
**Deb Nigyash Swain**

ଆଜି ତୋର ପ୍ରଥମ ଜନ୍ମବାର୍ଷିକ ଉତ୍ସବରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ସହାୟ ହୁଅନ୍ତୁ ଏବଂ ତୋର ଚଲାପଥ କୁସୁମିତ ହେଉ ଏହାହିଁ ଆମ୍ଭର ଭଗବାନଙ୍କ ନିକଟରେ ପ୍ରାର୍ଥନା।
**ଶୁଭେଚ୍ଛା ସହ: ପାପା, ମାମା, ଜେଜେ ବାପା, ଜେଜେମା, ଅଜା, ଆଈ, ମଉସା, ମାଉସୀ, ପିଉସା, ପିଉସୀ, ରିୟା, ପ୍ରିୟା, ଖୁସୀ, ଦିକ୍ଷସା, ବାବୁନା, ବନ୍ଧୁ ଓ ପରିବାରବର୍ଗ।**
ଧ-୧୨୫୦୪

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍




## ଆଜି କ'ଣ କେଉଁଠି

ସମ୍ବଲପୁର
- ଜିଲ୍ଲାସ୍ତରୀୟ ୧୬ ବର୍ଷରୁ କମ୍ କ୍ରିକେଟ ପ୍ରଶିକ୍ଷଣ ଶିବିର, ଭିଏସ୍‌ଏସ୍ ଷ୍ଟାଡିୟମ, ସକାଳ ସାଢ଼େ ୫ଟା।
- ଆଧୁନିକ ନୃତ୍ୟ ପ୍ରଶିକ୍ଷଣ ଶିବିର, ସହଯୋଗନଗର, ସକାଳ ୮ଟା।
- ଗ୍ରୀଷ୍ମକାଳୀନ ସୁନ୍ଦର ହସ୍ତାକ୍ଷର ଲିଖନ ଶିବିର, ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅପରାହ୍ନ ୪ଟା।
- ଗ୍ରୀଷ୍ମକାଳୀନ ଓଡିଶୀ ପ୍ରଶିକ୍ଷଣ ଶିବିର, ସମ୍ବଲପୁର ଫୋକ ଆଣ୍ଡ ଆର୍ଟ ସେଣ୍ଟର, ସନ୍ଧ୍ୟା ୫ଟା।

ପଦ୍ମପୁର
- ନାମଯଜ୍ଞର ଶୁଭାରମ୍ଭ, ଝାଙ୍କରପଡା, ପଦ୍ମପୁର, ପୂର୍ବାହ୍ନ ୧୦ଟା।

ଲୋଇସିଂହା
- ୫୬ ପ୍ରହର ନାମ ଯଜ୍ଞର ଦ୍ୱିତୀୟ ଦିବସ, ବୁର୍ଦ୍ଧା ତଲିପଡା, ଅହୋରାତ୍ର।

ମୁରିବାହାଲ
- ଷୋହଳ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ଗମ୍ଭାରୀଖୋଲା, ସମୟ ସକାଳ ୬ଟା।

ହରଭଙ୍ଗା
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି ଓ ସଙ୍କୀର୍ତ୍ତନ ବାଦ୍ୟ ପ୍ରତିଯୋଗିତା, ମୁଷାଡ, ସକାଳ ୧୦ଟା।

ଭବାନୀପାଟଣା
- ଅଙ୍ଗନୱାଡି କର୍ମୀଙ୍କ ତାଲିମ ଶିବିର, ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ମହୁଲପାଟଣା, ସକାଳ ୧୦ଟା ।

ରାଉରକେଲା
- ଜିଲା କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ, ଟ୍ରାଫିକ ଛକ, ସକାଳ ୯ଟା।

ବଲାଙ୍ଗୀର
- ଆଇନ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେମିନାର, ବଲାଙ୍ଗୀର, ସକାଳ ୮ଟା।

## ଆଜି ମାଟ୍ରିକ୍ ପରୀକ୍ଷା ଫଳ




■ ସରିଲା ନିଟ୍

# ବାହାରେ ରବର ବ୍ୟାଣ୍ଡ, କ୍ଲିପ୍ ରଖିଲେ ଛାତ୍ରୀ

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରାଜ୍ୟ ତଥା ଦେଶର ପ୍ରମୁଖ ମେଡିକାଲ କଲେଜରେ ଏମ୍‌ବିବିଏସ୍ ଓ ବିଡିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ନିଟ୍) ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଜ ହୋଇଥିଲା। ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ରାଉରକେଲା ଓ ସମ୍ବଲପୁର ସହରର ପରୀକ୍ଷା କେନ୍ଦ୍ରରେ ପ୍ରାୟ ୪୨ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏଥର ମଧ୍ୟ ପରୀକ୍ଷାର୍ଥୀଙ୍କ ପାଇଁ କଡ଼ା ନିୟମ କରାଯାଇଥିଲା। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ସମୟରେ ପରୀକ୍ଷାର୍ଥୀ ସାଙ୍ଗରେ ପେନ୍‌ସିଲ୍ ବକ୍ସ, ପ୍ଲାଷ୍ଟିକ୍ ପାଉଚ୍, କାଲ୍‌କୁଲେଟର, ପେନ୍, ସ୍କେଲ୍, ପେନ୍ ଡ୍ରାଇଭ୍, ରବର, ଇଲେକ୍ଟ୍ରୋନିକ୍ ପେନ୍, ମୋବାଇଲ୍ ଫୋନ୍, ବ୍ଲୁଟୁଥ୍, ଇୟରଫୋନ୍, ମାଇକ୍ରୋଫୋନ୍, ହେଲଥ୍ ବ୍ୟାଣ୍ଡ, ହ୍ୟାଣ୍ଡବ୍ୟାଗ୍, ୱାଲେଟ୍, କ୍ୟାପ୍, ହାତଘଣ୍ଟା, ବ୍ରେସ୍‌ଲେଟ୍, କ୍ୟାମେରା, ଅଳଙ୍କାର, ଖାଦ୍ୟ ସାମଗ୍ରୀ, ପାଣି ବୋତଲ ଆଦି ନେଇପାରିବେ ନାହିଁ ବୋଲି ନିୟମ ରହିଥିଲା। ସୋମବାର ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ର ସକାଳ ସାଢ଼େ ୯ଟାରେ ପ୍ରବେଶ କରିଥିଲେ। ପ୍ରବେଶ ସମୟରେ ଛାତ୍ରୀମାନେ ମୁଣ୍ଡରେ ବାନ୍ଧିଥିବା ରବର ବ୍ୟାଣ୍ଡକୁ ଓହ୍ଲାଇ ଯାଇଥିଲେ। ଏପରି କି, ଲଗାଇଥିବା କ୍ଲିପ୍ ମଧ୍ୟ ବାହାରେ ରଖି ଯାଇଥିଲେ।



ପରୀକ୍ଷା ସରିବା ପରେ ପିଲାମାନେ ନିଜନିଜ କ୍ଲିପ୍ ଓ ରବରବ୍ୟାଣ୍ଡ ନେଉଛନ୍ତି।

# ଦନ୍ତା ନେଲା ୨ ଜୀବନ

ଢେଙ୍କାନାଳ ଅଫିସ/ଛେଣ୍ଡିପଦା,୨୦।୫

ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ସୋମବାର ହାତୀ ଆକ୍ରମଣରେ ୨ଜଣଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଧୀନ ହିନ୍ଦୋଳରୋଡ ଫାଣ୍ଡିର ଗୁଣ୍ଡୁଦେଇ ଗ୍ରାମରେ ଦନ୍ତା ହାତୀ ଜଣେ ବୃଦ୍ଧଙ୍କୁ ଦଳି ଦେଇଥିବା ବେଳେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କଣଲୋଇରେ ଜନୈକା ବୃଦ୍ଧାଙ୍କ ଜୀବନ ନେଇଛି ଆଉ ଏକ ଦନ୍ତାହାତୀ।

ବନ ବିଭାଗର ସୂଚନା ଅନୁଯାୟୀ, ମୋଟଙ୍ଗା ଥାନା ଗୁଣ୍ଡୁଦେଇ ଗ୍ରାମର ମଙ୍ଗରାଜ ପାତ୍ର(୬୫) ସକାଳ ସାଢେ ୬ଟାରେ ଆମ୍ବ ଗୋଟାଇବା ପାଇଁ ତୋଟାକୁ ଯାଇଥିବା ବେଳେ ସେଠାରେ ଥିବା ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଜଣାପଡ଼ିବା ପରେ ଅଞ୍ଚଳବାସୀ ଗୁଣ୍ଡୁଦେଇ ଛକଠାରେ ମୃତଦେହ ରଖି ୫୫ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ଓଡାପଡା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ମୋଟଙ୍ଗା ଥାନା ଅଧିକାରୀ ନମିତା ନାୟକ, ସଦର ରେଞ୍ଜର ମନୱର ଖାଁ, ଫାଣ୍ଡି ଅଧିକାରୀ ଅକ୍ଷୟ କୁମାର ଦାସ ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ପ୍ରଦାନ କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ନଂ. ୨୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ସେହିପରି ଛେଣ୍ଡିପଦା ବନାଞ୍ଚଳ କଣଲୋଇ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ତାଳତଇଲାରେ କଣଲୋଇ ଗ୍ରାମର ଦୁର୍ଯ୍ୟୋଧନ ମାଝିଙ୍କ ସ୍ତ୍ରୀ ଖେଡି ମାଝି (୬୮) ବୋହୂଙ୍କ ସହ କାଜୁ ତୋଳିବା ପାଇଁ ଯାଇଥିବା ବେଳେ ଏକ ଦନ୍ତା ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଘଟଣାସ୍ଥଳରେ ହିଁ ଖେଡ଼ିଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଛେଣ୍ଡିପଦା ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଓ ବନବିଭାଗ କର୍ମଚାରୀମାନେ ପହଞ୍ଚି ବୁଝାଶୁଝା କରିବା ସହିତ ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରତିଶ୍ରୁତି ଦେବାପରେ ଲୋକେ ଶାନ୍ତ ପଡ଼ିଥିଲେ।

## ମୋଟଙ୍ଗାରେ ବୃଦ୍ଧ, ଛେଣ୍ଡିପଦାରେ ବୃଦ୍ଧାଙ୍କୁ ମାରିଲା



ଅନୁଗୋଳ-ଛେଣ୍ଡିପଦା ରାଜ୍ୟ ରାଜପଥର ଗୋଡ଼ିମରାଠାରେ ଦନ୍ତାହାତୀ ରାସ୍ତା ଅତିକ୍ରମ କରୁଛି।

ଭାଜପାର ରାଜ୍ୟସ୍ତରୀୟ କର୍ମଶାଳା

# ଭୋଟ ଗଣତି, ଫଳାଫଳ ନେଇ ଆଲୋଚନା

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ରାଜ୍ୟର ସମସ୍ତ ଲୋକ ସଭା ଏବଂ ବିଧାନସଭା ଭାଜପା ପ୍ରାର୍ଥୀମାନଙ୍କୁ ନେଇ ସ୍ଥାନୀୟ ଏକ ହୋଟେଲ୍‌ରେ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ ହୋଇଛି । ଏହି କର୍ମଶାଳାରେ ନିର୍ବାଚନ ଗଣତି ପଦ୍ଧତିର ବୈଷୟିକ ଦିଗ ଏବଂ ପ୍ରମୁଖ ବିନ୍ଦୁ ଉପରେ ଆଲୋଚନା ହୋଇଛି। ଦୁଇ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ସବୁ ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀମାନେ ଏଥିରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ ନିର୍ବାଚନ ପ୍ରକୋଷ୍ଠ ଆବାହକ ସୁଦର୍ଶନ ନାୟକ ଏହି ଅବସରରେ ଭୋଟ ଗଣତିର ବିଭିନ୍ନ ନିୟମ ସମ୍ବନ୍ଧରେ ସୂଚନା ଦେଇଥିଲେ । ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ନିର୍ବାଚନ ପରିଚାଳନାର ଆର୍ଥିକ ଦିଗ ଏବଂ ଗଣତିରେ ବୁଥ୍ ଏଜେଣ୍ଟ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ । ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ଭାଜପା ଭୋଟ ଗଣତି ପ୍ରକ୍ରିୟା ଏବଂ ଫଳାଫଳର ବିଭିନ୍ନ ଦିଗକୁ ନେଇ ଆଲୋଚନା ହୋଇଛି। ଭୋଟ ଗଣନା ପ୍ରକ୍ରିୟାରେ ଦଳର କାର୍ଯ୍ୟକର୍ତ୍ତାମାନଙ୍କ କ'ଣ ଭୂମିକା ରହିଛି ଏବଂ ପ୍ରକୃତ ଖର୍ଚ୍ଚ ହିସାବ ବିଷୟରେ ଆଲୋଚନା ସହ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶିକ୍ଷିତ କରାଯାଇଛି।

ଏହି ଅବସରରେ ବସନ୍ତ ପଣ୍ଡା କହିଛନ୍ତି, ସମସ୍ତ ଏକ୍‌ଜିଟ୍ ପୋଲ ଅନୁସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ଆଗାମୀ ଦିନରେ ସରକାର ଗଢ଼ିବ। ଇଣ୍ଡିଆ ଟୁଡେ ଏବଂ ଟୁଡେ ଚାଣକ୍ୟ ଅନୁମାନ ଯଦି ସତ ହୁଏ ତେବେ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ସରକାର ଗଠନ ହେବ । ଆସନ୍ତା ୨୩ରେ 'ଫିର୍ ଏକବାର ମୋଦି ସରକାର' ନାରା ସଫଳ ହେବାକୁ ଯାଉଛି। ଓଡିଶାର ସ୍ଥାଣୁ ଅପାରଗ ସରକାର ବଦଳିବାର ଅନୁଭବ କରାଯାଉଛି। ଓଡିଶାରେ ଭାଜପା ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରିବ। 'ଭାଜପା ବଢୁଛି, କଂଗ୍ରେସ ଓ ବିଜେଡି ଛିଡୁଛି' । ଏହାସହ ଓଡ଼ିଶାରେ ଧୀରେ ଧୀରେ କଂଗ୍ରେସ ଏବଂ ବିଜେଡି ସୀମିତ ଏବଂ ଅବକ୍ଷୟ ହେବାକୁ ଯାଉଛନ୍ତି। ଆଗାମୀ ଦିନରେ ଭାଜପା ଓଡିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବ ବୋଲି ବସନ୍ତ କହିଛନ୍ତି ।



କର୍ମଶାଳାରେ ଯୋଗଦେଇଥିବା ଭାଜପା ନେତାମାନେ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରୀ ମୃତ

ଗଣ୍ଡତୁରମ, ୨୦।୫ (ଡି.ଏନ୍.ଏ.)

ବରଗଡ ଜିଲା ଭେଡେନ ଥାନା ତଥା ରକ୍ଷୁଡ଼ା ଫାଣ୍ଡି ଅନ୍ତର୍ଗତ ଟିହିକିପାଲି ଗ୍ରାମର ପ୍ରଦୀପ କୁମ୍ଭାରଙ୍କ ଝିଅ ଦୀପା(୧୩)ଙ୍କ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି । ସକାଳେ ସେ ନିଜ ବାଡି ପଟକୁ ଯାଉଥିବାବେଳେ ଏକ ଘରୋଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅଚେତ ହୋଇ ପଡିଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।

## ଜଳିଲା ନଡ଼ିଆ ଗଛ

ସୋମବାର ଅପରାହ୍ନ ୩ଟାରେ ନୟାଗଡ ଜିଲା ଓଡଗାଁ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଫଳରେ ସ୍ଥାନୀୟ ସିନେମା ହଲ୍ ଛକରେ ଥିବା ଏକ କୋଠାଘରକୁ ଲାଗି ଗୋଟିଏ ନଡ଼ିଆ ଗଛ ହୁତୁହୁତୁ ହୋଇ ଜଳିଯାଇଥିଲା। ଏନେଇ ସ୍ଥାନୀୟ ଲୋକମାନେ କିଛି ସମୟ ପାଇଁ ଆତଙ୍କିତ ହୋଇଯାଇଥିଲେ।






# ଚାଟ୍ ଖାଇ ୧୧ ଅସୁସ୍ଥ, ଜଣେ ଗୁରୁତର

ଆନନ୍ଦପୁର,୨୦।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ଥାନା ନିକଟ ଏକ ଦୋକାନରୁ ଚାଟ୍ ଖାଇବା ପରେ ୧୧ଜଣ ଅସୁସ୍ଥ ହୋଇପଡିଥିବା ଅଭିଯୋଗ ହୋଇଛି । ସମସ୍ତ ଅସୁସ୍ଥଙ୍କୁ ଆନନ୍ଦପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣେ ଯୁବତୀଙ୍କ ଅବସ୍ଥା ଗୁରୁତର ରହିଛି । ଅନ୍ୟମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ରବିବାର ସନ୍ଧ୍ୟାରେ କେତେକ ଯୁବତୀ ଯୁବକ ଉପରୋକ୍ତ ଦୋକାନରୁ ଚାଟ୍ ଖାଇଥିଲେ । ବିଳମ୍ବିତ ରାତିରେ ସେମାନେ ଅସୁସ୍ଥତା ଅନୁଭବ କରିଥିଲେ। ସୋମବାର ସକାଳୁ ସେମାନଙ୍କ ପେଟରେ ଯନ୍ତ୍ରଣା ହେବା ସହିତ ଝାଡା ହୋଇଥିଲା । ଦେହ ଝିମ୍‌ଝିମ୍ ହେବାରୁ ସମସ୍ତଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅସୁସ୍ଥମାନେ ହେଲେ ଘସିପୁରା ଥାନା ପଞ୍ଚୁପଲୀ ଗ୍ରାମର ବବୁଲ ସା, ଦୀପକ ନାଇକ, କୃପାସିନ୍ଧୁ ରାଉତ, ରଶ୍ମୀରଞ୍ଜନ ମହାପାତ୍ର, ସୌମ୍ୟ ସା, ସୁବାସ ସନିବିଗ୍ରହ, ଲିପୁନ ସନିବିଗ୍ରହ, ଲୋକନାଥ ପାଢ଼ୀ । ଘସିପୁରାର ରଞ୍ଜିତା ମହାରଣାଙ୍କ ଅବସ୍ଥା ଗୁରୁତର ରହିଛି । ତାଙ୍କ ଭାଇ ଓ ଭାଉଜ ସାମାନ୍ୟ ଅସୁସ୍ଥ ଥିବା ଜଣାପଡିଛି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅସୁସ୍ଥମାନେ ଡାକ୍ତରଖାନାରେ ଅଛନ୍ତି । ବାସି ମସଲା ଓ ଆଳୁରେ ଚାଟ୍ ପ୍ରସ୍ତୁତ ହୋଇଥିବାରୁ ଏପରି ହୋଇଥିବା ସନ୍ଦେହ ପ୍ରକାଶ ପାଇଛି।






ଯାହାସବୁ ତୁମକୁ ଅଶୁଦ୍ଧତା, ଅପୂର୍ଣ୍ଣତା, ମାନସିକ ଉଦ୍‌ବେଗ, ହାର୍ଦ୍ଦିକ ଆସକ୍ତି, ପ୍ରାଣିକ କାମନା ଓ ପ୍ରବେଗ ତଥା ଶାରୀରିକ ରୋଗକୁ ଦୀର୍ଘସ୍ଥାୟୀ କରିବାକୁ ବା ଦୃଢ଼କରି ଧରି ରଖିବାକୁ ପରାମର୍ଶ ଦିଏ। ସେ ସବୁ ସମ୍ପର୍କରେ ତୁମେ ସାବଧାନ ରୁହ। ଏଇସବୁ ଜିନିଷକୁ ଚତୁରତାର ସହ ସମର୍ଥନ କରିବା ଓ ଆଢୁଆଳରେ ଡାକି ରଖିବା ବିରୋଧୀ ଶକ୍ତିର ସାଧାରଣ କୌଶଳ। -ଶ୍ରୀଅରବିନ୍ଦ



# ଦୁଃଖଭୋଗ

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁମାନ କରିଛି ଯେ, ଆସନ୍ତା ୩ ଦିନ ଧରି ଓଡ଼ିଶାରେ ପ୍ରବଳ ତାତି ଅନୁଭୂତ ହେବ। କେତେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଓ ଆଉ କିଛି ସ୍ଥାନରେ ୪୫ ଡିଗ୍ରୀ ଉପରକୁ ଚାଲିଯିବ। ଇତିମଧ୍ୟରେ ରାଜ୍ୟର ଉତ୍ତପ୍ତ ସହର ଟିଟିଲାଗଡ଼ରେ ଏକାଧିକ ଦିନ ୪୫ ଡିଗ୍ରୀ ସେଲ୍‌ସିୟସ ଅତିକ୍ରମ କରିସାରିଲାଣି। ୩ ମେ'ରେ ଓଡ଼ିଶା ଉପକୂଳକୁ ବାତ୍ୟା 'ଫନୀ' ଛୁଇଁବା ପରେ ପୁରୀ, ଖୋର୍ଦ୍ଧା ଏବଂ କଟକ ଜିଲାରେ ବ୍ୟାପକ କ୍ଷତି ଘଟିଛି। ବିଶେଷକରି ପୁରୀ, ଖୋର୍ଦ୍ଧା ଏବଂ ଭୁବନେଶ୍ୱରରେ ବହୁଳମାତ୍ରାରେ ଗଛ ଉପୁଡ଼ି ବା ଭାଙ୍ଗିଯିବା ପରେ ଚାରିଆଡ଼େ ଖାଁଖାଁ ପରିସ୍ଥିତି ସୃଷ୍ଟି ହୋଇଛି। ସବୁଜ ସୁନ୍ଦର ଭୁବନେଶ୍ୱରର ଗୋଟିଏ ସ୍ଥାନରେ ଛିଡ଼ା ହୋଇ ୧୦୦ କିମ୍ବା ୨୦୦ ମିଟର ଦୂରତାକୁ ଦେଖିବା ସହଜ ହେଉ ନ ଥିଲା। ଗଛସଂଖ୍ୟା କମିଯିବା ପରେ ଏବେ ମଣିଷ ଖାଲି ଆଖିରେ ବହୁଦୂରକୁ ଅନାୟାସରେ ଦେଖିପାରୁଛି। ଏଣେ ସୂର୍ଯ୍ୟଙ୍କ ତାତି ସହି ହେଉ ନାହିଁ। ଏଥିସହିତ ବାରମ୍ବାର ବିଦ୍ୟୁତ୍ ସେବା ବ୍ୟାହତ ହେବା ଦ୍ୱାରା ଲୋକଙ୍କ ଦୁଃଖ ବହୁଗୁଣିତ ହୋଇଯାଉଛି। ଆସନ୍ତା ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ରହିବ ବୋଲି ପାଣିପାଗ ସଂସ୍ଥାଗୁଡ଼ିକ ଯେଉଁ ଅନ୍ଦାଜ ଲଗାଇଛନ୍ତି, ତାହା ସତ ପାଲଟିଲେ କୃଷି କ୍ଷେତ୍ର ଘୋର ପ୍ରଭାବିତ ହେବ। ଫଳରେ ଖାଦ୍ୟଶସ୍ୟର ମୂଲ୍ୟ ଢେର ବଢ଼ିଯିବ ବୋଲି ବିଶେଷଜ୍ଞମାନେ ମତ ରଖିଲେଣି।

ଲକ୍ଷାଧିକ ସଂଖ୍ୟାର ଗଛ ନଷ୍ଟ ହେବା ପରେ ରାଜ୍ୟ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ୧୮୮ କୋଟି ଟଙ୍କାର ବୃକ୍ଷରୋପଣ କରିବେ ବୋଲି ନିକଟରେ ଘୋଷଣା କରିଛନ୍ତି। ୨୦୧୯-୨୦ରେ ୧୩୦ ଲକ୍ଷ ୫୦ ହଜାର ଚାରା ରୋପଣ କରାଯିବ ବୋଲି ସରକାରୀ ଭାବେ କୁହାଯାଇଛି। ଏହିସବୁ ଚାରା ଗଛ ହୋଇ ପରିବେଶକୁ ସୁରକ୍ଷା ଦେବା ଲାଗି ଅନେକ ବର୍ଷ ଲାଗିବା ସ୍ୱାଭାବିକ। ଏକ ରିପୋର୍ଟ ଅନୁଯାୟୀ, ୧୯୭୦ରେ ବାତ୍ୟା ପ୍ରତିରୋଧ କରିବା ସକାଶେ ଓଡ଼ିଶା ସରକାର ଅସଂଖ୍ୟ ଝାଉଁବଣ ସୃଷ୍ଟି କରିଥିଲେ। ହେଲେ ୧୯୯୯ ମହାବାତ୍ୟା ଓ ୨୦୧୯ର ଫନୀ ବ୍ୟାପକ ଗଛ ନଷ୍ଟ କରି ମଣିଷ ପାଇଁ ବିପଦ ସୃଷ୍ଟି କରିଛି। କେବଳ ସରକାରୀ ଭାବେ ଏ ଦିଗରେ ପ୍ରଚେଷ୍ଟା କରାଗଲେ ତାହା ଯଥେଷ୍ଟ ହେବ ନାହିଁ। ଏଥିପାଇଁ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ନିଜ ପିଲାକୁ ଯତ୍ନ ନେବା ଭଳି ସମସ୍ତେ ଗଛ ଲଗାଇ ତା'ର ରକ୍ଷଣାବେକ୍ଷଣ କଲେ ହୁଏତ ପରିବେଶକୁ ଗରମ ଦାଉରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

ଅନ୍ତର୍ଜାତୀୟ ପତ୍ରିକା 'କ୍ଲାଇମେଟ୍ ଡାଇନାମିକ୍ସ'ରେ ଏକ ରିପୋର୍ଟ ପ୍ରକାଶ ପାଇଛି ଯେ, ଭାରତରେ ୨୦୨୦ରୁ ୨୦୬୪ ଦୀର୍ଘ ୪୪ ବର୍ଷ ଧରି ଏଲ୍ ନିନ୍ୟୋ ପ୍ରଭାବ ରହିବ। ଫଳରେ ଗ୍ରୀଷ୍ମ ପ୍ରବାହ ବଢ଼ିବା ସହିତ ବର୍ଷାରେ ଅନିୟମିତତା ଦେଖାଯିବ, ଯାହାକି ଚାଷ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ଏହା ଦ୍ୱାରା ଖାଦ୍ୟଶସ୍ୟର ଅଭାବ ଦେଖାଦେଇପାରେ। ଏହି ସମୟରେ ଦକ୍ଷିଣ ଭାରତ ବିଶେଷକରି ଉପକୂଳ ଅଞ୍ଚଳ ଅଧିକ ପ୍ରଭାବିତ ହେବ। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ଏଭଳି ରିପୋର୍ଟ ଶୁଣିବା ପରେ ଯେକେହି ଚିନ୍ତିତ ରହିବା ସୁନିଶ୍ଚିତ। ହେଲେ ଏହି ଚିନ୍ତା ଲୋକଙ୍କ ମନରେ କିଛି ସମୟ ରହିଲା ପରେ ଆପେ ଆପେ ମିଳାଇ ଯାଉଥିବା ଲକ୍ଷ୍ୟ କରାଯାଉଛି। ବାରମ୍ବାର ଦେଖାଗଲାଣି ଯେ ବିପର୍ଯ୍ୟୟ ପରେ ଜନସାଧାରଣ କିଛି ଦିନ 'ଆହା, ଚୁଚୁ' କରିବା ପରେ ପୁରୁଣା ଖୋଇ ଦେଖାଇଥାଆନ୍ତି। ଉଦାହରଣ ସ୍ୱରୂପ ଫନୀ ପରେ ପୁରୀ, ଭୁବନେଶ୍ୱର ଓ କଟକ ଅଞ୍ଚଳରେ ଦୀର୍ଘଦିନ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିଲା। ଅଦ୍ୟାବଧି ଅନେକ ଅଞ୍ଚଳକୁ ଏହି ସୁବିଧା ମିଳିପାରି ନାହିଁ। ତେବେ ଯେଉଁ ଜାଗାକୁ ପ୍ରଥମେ ବିଜୁଳି ମିଳିଲା ଓ ଯାହାଙ୍କ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବା ଏୟାର କଣ୍ଡିସନ୍‌ର ରହିଛି, ସେମାନେ କାଳ ବିଳମ୍ବ ନ କରି ତାହାକୁ ଚାଲୁ କରିଦେଲେ। ଅସହ୍ୟ ଗରମ ଗୁଳୁଗୁଳିରେ ଜୀବନ ବିତାଉଥିବା ବେଳେ କେମିତି ଟିକେ ପଙ୍ଖା ଘୂରିବ ସେହି କଥା ଯିଏ ଭାବୁଥିଲେ ସଙ୍ଗେ ସଙ୍ଗେ ଆରାମ ଖୋଜିଲେ। ଏଭଳି ମାନସିକତା ପୋଷଣ କରୁଥିବା ବ୍ୟକ୍ତିଙ୍କଠାରୁ ପରିବେଶ ସୁରକ୍ଷା ଚିନ୍ତା କରିବା ବୃଥା।

ଆଜିର ମଣିଷ ସୁବିଧା ପାଇବା ମାତ୍ରେ ସବୁ କିଛି ରାମ୍ପି ନେଇ ନିଜେ ବଞ୍ଚିବା ପାଇଁ ଚେଷ୍ଟା କରୁଛି। ଏଭଳି ଅତ୍ୟଧିକ ଲୋଭ ଏବଂ ସ୍ୱାର୍ଥପର ଚରିତ୍ର ପ୍ରକୃତିକୁ ବିଗାଡ଼ି ଦେଉଛି। ଦୁନିଆରେ ତାପମାତ୍ରା ଯେଭଳି ବଢ଼ି ଚାଲିଲାଣି ସମୟ ଆସିବ ଏୟାର କଣ୍ଡିସନ୍‌ର ଅକାମୀ ହୋଇଯିବ। ଏଭଳି ସ୍ଥଳେ ସୂର୍ଯ୍ୟଙ୍କ କିରଣରେ ହନ୍ତସନ୍ତ ହେବା ଥୟ। ତେଣୁ ସମସ୍ତେ ଏବେଠାରୁ ସଜାଗ ହେବା ଦରକାର। ପ୍ରକୃତିର ନିୟମକୁ ମାନିବା ଲାଗି ଯେତେ ସମ୍ଭବ ଉଦ୍ୟମ କରାଯାଇପାରେ, ତାହା କରଣୀୟ ହେବା ଆବଶ୍ୟକ। ମଣିଷ ଅଧିକ ଚାଲାକ ହୋଇ ଚାହିଦାଠାରୁ ଅଧିକ ବ୍ୟବହାର କରିବାର ମାନସିକତା ରଖିଲେ, ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟ କାହାରିକୁ ଛାଡ଼ିବ ନାହିଁ। ଓଡ଼ିଆରେ କଥା ଅଛି, 'ଠିକିଲେ ଶିଖିବା'। କିନ୍ତୁ ଅନେକେ ଭୁଲ୍‌ରୁ ଶିଖୁ ନ ଥିବାରୁ ଦୁଃଖଭୋଗ ବଢ଼ୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ମେ ୧୯୯୪

- ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ପରିହାର ଦ୍ୱାରା ବିଶ୍ୱବ୍ୟାପୀ ନିରସ୍ତ୍ରୀକରଣ ନିଶ୍ଚିତ ସମ୍ଭବ ହେବ ବୋଲି ଭାରତର ଦୃଷ୍ଟିକୋଣ ତଥା ମତକୁ ପ୍ରଥମଥର ପାଇଁ ଆମେରିକା ଗ୍ରହଣ କରିଛି।
- ଆସାମରେ ଉଗ୍ରପନ୍ଥୀଙ୍କ ହିଂସାକାଣ୍ଡରେ ୧୪ଜଣ ନିହତ।
- ଯୁକ୍ତରାଷ୍ଟ୍ର ଆମେରିକାର ସ୍ୱର୍ଗତ ରାଷ୍ଟ୍ରପତି ଜନ୍. ଏଫ୍. କେନେଡିଙ୍କ ସ୍ତ୍ରୀ ଜାକ୍ୟୁଲିନ୍ କେନେଡିଙ୍କ ପରଲୋକ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 2 | | 1 | | | 3 | | | | 0 | 9 |
| | | 8 | | | | | | | 2 | | C | | | |
| | 1 | | | | | D | 6 | 7 | | 5 | | | | 3 |
| 9 | | | | | | A | 3 | E | 4 | | 8 | | | |
| | 6 | | 8 | | E | | 2 | | 9 | A | | | | |
| 6 | 7 | | A | 1 | | | D | B | | | | | | |
| | | 2 | 7 | D | | | | | 6 | | | | C | |
| | | | 3 | 0 | | | A | | 5 | | 2 | | 1 | |
| | 9 | | | | | 3 | | | | | A | | | 0 |
| | | | | | | | | 2 | | C | E | 5 | 6 | 8 |
| 3 | | | | | 9 | | | 5 | | | D | | | C |
| | | 0 | | | | | | | C | | 3 | 2 | E | 7 |
| | 2 | 1 | B | | | | 7 | | 8 | | | | 9 | |
| | A | | | 8 | 1 | | 0 | | | | | B | 4 | 5 |
| 4 | B | | 5 | 3 | | | | | | | | | A | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 0 | D | 4 | 6 | C | 2 | B | E | 7 | 9 | 3 | 8 | A | 5 |
| 8 | 3 | 9 | 0 | 1 | 2 | C | 4 | 7 | 5 | E | A | 6 | B | D |
| B | 4 | 5 | 9 | A | E | 0 | 3 | 6 | 2 | D | 8 | C | 7 | 1 |
| 2 | C | 7 | D | 5 | 8 | 1 | A | 9 | B | 6 | 4 | E | 0 | 3 |
| E | A | 6 | 3 | B | 7 | 5 | D | 8 | 1 | 0 | C | 2 | 4 | 9 |
| 5 | 6 | 0 | A | D | 1 | B | C | 2 | 3 | 8 | 7 | 4 | 9 | E |
| 4 | E | C | B | 8 | 9 | 6 | 7 | 3 | A | 5 | 1 | 0 | D | 2 |
| 3 | D | 1 | 7 | 0 | 6 | 9 | 8 | A | E | 4 | 2 | B | 5 | C |
| 9 | B | A | 2 | E | 3 | 4 | 0 | 5 | 6 | C | D | 1 | 8 | 7 |
| 7 | 8 | 2 | 5 | C | 4 | E | 1 | D | 9 | B | 0 | 3 | 6 | A |
| C | 1 | E | 8 | 2 | D | A | 6 | 4 | 0 | 7 | 5 | 9 | 3 | B |
| A | 7 | 4 | 6 | 9 | B | D | 2 | 0 | C | 3 | E | 5 | 1 | 8 |
| D | 5 | B | E | 3 | 0 | 7 | 9 | C | 8 | 1 | 6 | A | 2 | 4 |
| 0 | 9 | 3 | C | 7 | A | 8 | 5 | 1 | 4 | 2 | B | D | E | 6 |
| 6 | 2 | 8 | 1 | 4 | 5 | 3 | E | B | D | A | 9 | 7 | C | 0 |

ଗତକାଲିର ଉତ୍ତର

# ଆପଣା ହସ୍ତେ ଜିହ୍ୱା ଛେଦି



ବୈକୁଣ୍ଠନାଥ ମିଶ୍ର

ଭାରତ ଏକ ଗ୍ରାମବହୁଳ ଦେଶ। ସମୁଦାୟ ଜନସଂଖ୍ୟାର ପ୍ରାୟ ୮୬ ପ୍ରତିଶତ ଗ୍ରାମଗୁଡ଼ିକରେ ବାସ କରନ୍ତି। କୃଷି ଗ୍ରାମାଞ୍ଚଳର ମୁଖ୍ୟ ଜୀବିକା। ବହୁ ଲୋକଙ୍କର ଜୀବିକା ସାଜିଥିବା କୃଷିର ଯୋଗଦାନ ଦେଶର ଜିଡିପିରେ ଉଲ୍ଲେଖନୀୟ। କିନ୍ତୁ କୃଷିକ୍ଷେତ୍ର କ୍ରମାଗତ ଭାବେ ପ୍ରଚଣ୍ଡ ଅବହେଳାର ଶିକାର ହୋଇଚାଲିଛି। କୃଷକ ପାରମ୍ପରିକ କୃଷି ପଦ୍ଧତିରୁ ଓହରିଯାଇ ସମ୍ପୂର୍ଣ୍ଣ ଅଣପାରମ୍ପରିକ ପଦ୍ଧତିକୁ ଆପଣେଇ ନେଇଛି। କୃଷିଜାତ ଦ୍ରବ୍ୟ ବିଶେଷକରି ଆମ ରାଜ୍ୟରେ ଧାନର ସହାୟକ ମୂଲ୍ୟ ଯେତେ ବୃଦ୍ଧି ହେଲେ ମଧ୍ୟ ଖର୍ଚ୍ଚ ତୁଳନାରେ କୃଷିରୁ ଆୟ କ୍ରମେ ହ୍ରାସ ପାଇଚାଲିଛି। କୃଷିରେ ଯାନ୍ତ୍ରିକ ନିର୍ଭରଶୀଳତା ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ହଳ, ଲଙ୍ଗଳ ଓ ବଳଦ ଆଉ ଦୃଶ୍ୟ ହେଉନାହିଁ। ଜମି ଚାଷ, ଫସଲକଟା ଓ ଅମଳ ସବୁ କାର୍ଯ୍ୟ ଯନ୍ତ୍ର ସାହାଯ୍ୟରେ ହେବା ଦ୍ୱାରା ମଣିଷ ଯନ୍ତ୍ରମୁଖାପେକ୍ଷୀ ହୋଇଯାଉଛି। ତେଣୁ ତା' ମଧ୍ୟରେ କର୍ମବିମୁଖତା ଦେଖାଦେଇଛି। କୃଷିରେ ଖର୍ଚ୍ଚ ଆଶାତୀତ ବୃଦ୍ଧି ପାଇଛି। ଅବଶ୍ୟ ଏକଥା ସତ୍ୟ ଯେ କୃଷିଜାତ ଦ୍ରବ୍ୟର ମୂଲ୍ୟ ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ହେଲେ କୃଷିରୁ ଆୟ ଓ କୃଷକର ବ୍ୟୟ ମଧ୍ୟରେ ସନ୍ତୁଳନ ରକ୍ଷା ହୋଇପାରୁ ନାହିଁ। କର୍ମବିମୁଖତା କୃଷିକର୍ମ ପାଇଁ ମଜୁରି ସଙ୍କଟ ସୃଷ୍ଟି କରିଛି। ଏକଟଙ୍କା ବିନିମୟରେ ସହଜ ସୁଲଭ ଚାଉଳ ଉପଲବ୍ଧ ହେଉଥିବା ଯୋଗୁ ମୂଲ ଲାଗିବାକୁ ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି। ବିଲରେ କାଦୁଅପାଣି କାମ ପାଇଁ ସେମାନଙ୍କର ଘୋର ଅନିଚ୍ଛା। ଗତ କିଛିବର୍ଷ ତଳର କୃଷି ଓ ଆଜିର କୃଷିକୁ ତୁଳନା କଲେ ଭବିଷ୍ୟତ ପାଇଁ ଏକ ଭୟଙ୍କର ପରିସ୍ଥିତିର ସୂଚନା ମିଳେ।

କୃଷିକ୍ଷେତ୍ରରେ ବିଗତ କିଛିବର୍ଷ ହେଲା ଏକ ବିଷମ ପରିସ୍ଥିତି ଦେଖାଦେଇଛି। ଅନେକ କାରଣରୁ ଜମିମାଲିକ ନିଜେ ଚାଷ ନ କରି ଜମିକୁ ଭାଗ କିମ୍ବା ଲିଜ୍ ସୂତ୍ରରେ ଅନ୍ୟକୁ ଦେଉଛି। ଯେଉଁମାନେ ସହରକୁ କର୍ମଭୂମି ଭାବେ ବାଛିନେଇ ସେଠାରେ ସ୍ଥାୟୀ ବାସିନ୍ଦା ହୋଇଛନ୍ତି, ସେମାନେ ତ ପର ହାତରେ ଜମିକୁ ଟେକିଦେଇ ସାମାନ୍ୟ କିଛି ପ୍ରାପ୍ୟରେ ସନ୍ତୁଷ୍ଟ ହେଉଛନ୍ତି। ଅପରନ୍ତୁ ଯେଉଁ ବାବୁମାନେ ଗ୍ରାମାଞ୍ଚଳରେ ରହି ମଧ୍ୟ ସରକାରୀ ଚାକିରିରେ ନିଯୁକ୍ତ, ସେମାନେ ମଧ୍ୟ ପିତୃଅର୍ଜିତ ସମ୍ପତ୍ତିକୁ ପରହାତକୁ ଟେକିଦେଉଛନ୍ତି। ଫଳତଃ ଜମିମାଲିକ ପ୍ରକୃତ ଚାଷୀ ନୁହେଁ, କିମ୍ବା ପ୍ରକୃତ ଚାଷୀ ଜମିର ସ୍ଥାୟୀ ମାଲିକ ନୁହେଁ। ଦିନେ ଯିଏ ଶ୍ରମ କରି ମାଲିକ ଜମିରେ ସୁନା ଫଳାଉଥିଲା, ଆଜି ସେ ଜମିର ପରୋକ୍ଷ ମାଲିକ। ଏହି ଦ୍ୱୈତମାଲିକାନାରେ ଜମି ସର୍ବାଧିକ କ୍ଷତିଗ୍ରସ୍ତ। ଚାଷ କରୁଥିବା ବ୍ୟକ୍ତି ଅସ୍ଥାୟୀ ମାଲିକ ହୋଇଥିବାରୁ ଜମିର ଆବଶ୍ୟକ ଯତ୍ନ ନେଉନାହିଁ। ତା'ର ଏକମାତ୍ର ଉଦ୍ଦେଶ୍ୟ ଜମିରୁ ସର୍ବାଧିକ ପରିମାଣର ଫସଲ ଅମଳ କରିବା। ତେଣୁ ସେ ଅଧିକରୁ ଅଧିକ ରାସାୟନିକ ସାର ପ୍ରୟୋଗ କରି ଚାଲିଛି। ଦୁଇ/ତିନି ବର୍ଷ ତଳେ ୫ କି.ଗ୍ରା. ସାର ପ୍ରୟୋଗ କରି ଗୁଣ୍ଠ ପ୍ରତି ପ୍ରାୟ ଏକ କୁଇଣ୍ଟାଲ ଧାନ ଅମଳ କରୁଥିବା ବେଳେ ବର୍ତ୍ତମାନ ତାକୁ ସେତିକି ଅମଳ ପାଇଁ ୭/୮ କି.ଗ୍ରା. ସାର ଓ ତଦନୁଯାୟୀ କୀଟନାଶକ ପ୍ରୟୋଗ କରିବାକୁ ହେଉଛି। ଦ୍ୱିତୀୟତଃ ଜମିର ସ୍ଥାୟୀ କିମ୍ବା ଅସ୍ଥାୟୀ ମାଲିକ ଜମିର ଉନ୍ନତି କଳ୍ପେ କୌଣସି ଯୋଜନା ହାତକୁ ନେଉନାହାନ୍ତି। ଜମି ଆବଶ୍ୟକ କରୁଥିବା ମାଟିକାମ, ବନ୍ଧବାଡ଼ ମରାମତି, ଜଳ ନିଷ୍କାସନ ଓ ଜଳ ସଂରକ୍ଷଣ ଆଦି କାର୍ଯ୍ୟ ଠିକ୍ ଭାବେ କରାଯାଉନାହିଁ। ଫଳରେ ଜମିଗୁଡ଼ିକ ଭୀଷଣ ଅଯତ୍ନର ଶିକାର ହେଉଛନ୍ତି। ଆଧୁନିକ ହାର୍ଭେଷ୍ଟର ଦ୍ୱାରା ଧାନ ଅମଳ କରି ତା' ନଡ଼ାଗୁଡ଼ିକୁ ଖେତରେ ପୋଡିଦେବା ଦ୍ୱାରା ଯେଉଁ ଧୂଆଁ ସୃଷ୍ଟି ହେଉଛି ତାହା ବାୟୁପ୍ରଦୂଷଣ ଓ ଉତ୍ତାପ ବୃଦ୍ଧିର କାରଣ ହେବା ସହ କୃଷିର ଅନେକ ଉପକାରୀ କୀଟଙ୍କୁ ବ୍ୟାପକ କ୍ଷତି ପହଞ୍ଚାଉଛି। ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏହା କୁପ୍ରଭାବ ପକାଉଥିବା ବେଳେ ମାଟିର ଜୈବ ଅଂଶ ନଷ୍ଟ ହୋଇ ମାଟିକୁ ଅନୁର୍ବର କରି ଖପରାରେ ପରିଣତ କରିଦେଉଛି। ପଞ୍ଜାବ ଓ ହରିୟାଣାରେ ଖେତରେ ପୋଡିଦିଆଯାଉଥିବା ନଡ଼ାର ଧୂଆଁ ଦିଲ୍ଲୀ ସହରର ପ୍ରଦୂଷଣର ପ୍ରମୁଖ କାରଣ।

ତୃତୀୟତଃ ଆଧୁନିକ କୃଷି ଯନ୍ତ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଭୂଗର୍ଭରୁ ଉତ୍ତୋଳିତ ତୈଳ ଯୋଗାଣ ବ୍ୟାହତ ହେଲେ କୃଷିକାର୍ଯ୍ୟ ଉଜୁଡ଼ିଯିବ। କାରଣ ପ୍ରାଚୀନ କାଳରୁ ଅନୁସୃତ ହଳବଳଦ ଦ୍ୱାରା ଚାଷ ଆଉ ପ୍ରାୟ ନାହିଁ। ଚାଷୀ ମଧ୍ୟ ଲଙ୍ଗଳ ଦ୍ୱାରା ହଳ କରିବା କ୍ରମଶଃ ଭୁଲିଗଲାଣି। ଆଗାମୀ ତିରିଶ ବର୍ଷ ମଧ୍ୟରେ ଯଦି ତୈଳର ଉପଯୁକ୍ତ ବିକଳ୍ପ ସନ୍ଧାନ କରା ନ ଯାଏ, ତେବେ କୃଷିକର୍ମ ବନ୍ଦ ହେବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ। କୃଷି ପାଇଁ ଆଉ ଏକ ବିପଦ ହେଲା ଜଙ୍ଗଲ ଧ୍ୱଂସ। ଭାରତରେ ଦୈନିକ ପ୍ରାୟ ଏକ ଏକର ଜଙ୍ଗଲ ଧ୍ୱଂସ ହେଉଛି। ନଦୀଗୁଡ଼ିକର ଉପରମୁଣ୍ଡ ପାର୍ବତ୍ୟଶଯ୍ୟା (କ୍ୟାଚ୍‌ମେଣ୍ଟ ଏରିଆ)ରେ ଘଞ୍ଚ ଜଙ୍ଗଲ ନ ଥିବାରୁ ବୃଷ୍ଟିଜଳ ଭୂ-ଅଭ୍ୟନ୍ତରକୁ ପ୍ରବେଶ କରିବାର ସୁଯୋଗ ନ ପାଇ ତତକ୍ଷଣାତ୍ ନଦୀମାନଙ୍କରେ ପ୍ରବାହିତ ହେବା ଫଳରେ ତ୍ରିକୋଣଭୂମି ଓ ସଂଲଗ୍ନ ସମତଳ ଅଞ୍ଚଳରେ ବନ୍ୟା ବିଭୀଷିକା ସୃଷ୍ଟି କରୁଛି। ଅତି ବୃଷ୍ଟି ଓ ଅନାବୃଷ୍ଟି ଭାରତୀୟ କୃଷି ଓ କୃଷକ ପାଇଁ ଘାତକ ସାଜିଲାଣି। ଜଙ୍ଗଲ ଧ୍ୱଂସ ଯୋଗୁ ଜଙ୍ଗଲୀ ଜୀବ ବିଶେଷକରି ହାତୀପଲ କୃଷିକ୍ଷେତ୍ରରେ ପ୍ରବେଶ କରି ଧାନଫସଲ ଉଜାଡି ଦେଉଛନ୍ତି। ସେମାନେ ଖାଉଛନ୍ତି ଯେତିକି ତା'ଠାରୁ କାହିଁ କେତେଗୁଣ ଫସଲ ନଷ୍ଟ କରୁଛନ୍ତି। ମାଙ୍କଡ଼ଙ୍କର ବଂଶବୃଦ୍ଧି ଓ ସମତାଳରେ ତାଙ୍କ ପ୍ରାକୃତିକ ବାସସ୍ଥଳୀ ଲୁପ୍ତ ହେବା ଯୋଗୁ ସେମାନେ ଉଦ୍ୟାନକୃଷି ଯଥା ଫୁଲଫଳ ଓ ପନିପରିବା ସହ ମୁଗବିରି ଭଳି ରବି ଫସଲକୁ ଖାଇ ନଷ୍ଟ କରୁଛନ୍ତି। ବଳଦର ଆବଶ୍ୟକତା ନ ଥିବାରୁ କୃଷକ ଗାଈର ଅଣ୍ଡିରା ବାଛୁରିଙ୍କୁ ଷଣ୍ଢ କରିଦେଉଛନ୍ତି। ଫଳସ୍ୱରୂପ ସେମାନେ ଖେତର ଫସଲ ଓ ବାଡ଼ିବଗିଚାକୁ ଉଜାଡି ଦେଉଛନ୍ତି। ସମୟ ବଦଳିଛି। କୃଷକ ପତ୍ନୀ ଗାଈର ଝିଅ ଓ ବୋହୂର ପୁଅ ମନାସି କେତେ ଦିଅଁ ଦେବତାଙ୍କୁ ପୂଜା କରୁଛି। କିନ୍ତୁ ବିପରୀତ ହେଲେ ଅର୍ଥାତ୍ ଗାଈର ପୁଅ ଓ ବୋହୂର ଝିଅ ହେଲେ ସତେ ଯେପରି ଏହା ଦୈବୀ ଅଭିଶାପ ବୋଲି ନିଜକୁ ଧିକ୍କାର କରୁଛି। ଏତଦ୍‌ବ୍ୟତୀତ ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା, ମରୁଡ଼ି ଓ ବାତ୍ୟା ଭାରତୀୟ କୃଷକର ଶତ୍ରୁ ରୂପେ ପ୍ରାୟତଃ ଦଣ୍ଡାୟମାନ।

ଗୋସମ୍ପଦରୁ ପ୍ରାପ୍ତ ଗୋବର କୃଷି ପାଇଁ ଏକ ଅମୂଲ୍ୟ ସମ୍ପଦ। ଆମ ଦେଶରେ ଉପଲବ୍ଧ ଗୋବରର ୯୦ ଭାଗ ଘଷି ଆକାରରେ ଗ୍ରାମାଞ୍ଚଳରେ ଜାଳେଣି ରୂପେ ବ୍ୟବହୃତ ହୋଇଥାଏ। ବୈଜ୍ଞାନିକ ସର୍ବେକ୍ଷଣ ଅନୁସାରେ ଆମ ଦେଶରେ ଉପଲବ୍ଧ ସମସ୍ତ ଗୋବରକୁ ଯଦି ଖତସାର ରୂପେ ଜମିରେ ବ୍ୟବହାର କରାଯାନ୍ତା ତେବେ ତାହା ୨୨୫ ମିଲିୟନ ଏକର ଜମିକୁ ଉର୍ବର କରିପାରନ୍ତା ଓ ସେଥିରୁ ପ୍ରାୟ ୨୫ ମିଲିୟନ ଟନ ଅଧିକ ଖାଦ୍ୟଶସ୍ୟ ଉତ୍ପନ୍ନ ହୁଅନ୍ତା। ବାୟୋଗ୍ୟାସ୍ ପ୍ଲାଣ୍ଟ ସ୍ଥାପନ କରି ଗୋବରରୁ ଗ୍ୟାସ୍ ଉତ୍ପାଦନ କରାଯାଇ ଘରେ ଘରେ ରନ୍ଧନ କାର୍ଯ୍ୟରେ ବ୍ୟବହୃତ ହୋଇପାରନ୍ତା। ଗ୍ୟାସ୍ ଉତ୍ପାଦନ ପରେ ମଧ୍ୟ ଗୋବରକୁ ଖତରୂପେ ବ୍ୟବହାର କରାଯାଇପାରନ୍ତା। ଗୋବର ରାସାୟନିକ ସାରର ଏକ ଉତ୍କୃଷ୍ଟ ବିକଳ୍ପ। ଗ୍ରାମାଞ୍ଚଳରେ ବହୁ ପ୍ରାଚୀନ କାଳରୁ ଥିବା ପୁଷ୍କରିଣୀ ଓ ବୃହତ୍ ଜଳାଶୟଗୁଡ଼ିକ ଜଳଶୂନ୍ୟତାର ଶିକାର ହୋଇଛନ୍ତି। ପୂର୍ବେ ଉପଲବ୍ଧ ବିଭିନ୍ନ ପ୍ରଜାତିର ଦେଶୀ ମାଛ ଏବେ ସାତ ସପନ। ପୁଷ୍କରିଣୀଗୁଡ଼ିକ ଅଯତ୍ନର ଶିକାର ହୋଇ କ୍ରମେ ଜଳଧାରଣ କ୍ଷମତା ହରାଇ ବସିଛନ୍ତି। ସେଗୁଡ଼ିକରେ ଦଳ ଭର୍ତ୍ତି ହୋଇ ମଶାବଂଶ ବୃଦ୍ଧିରେ ସହାୟକ ହେଉଛି। ନିକଟରେ ଘଟିଥିବା ଅଦିନିଆ ବାତ୍ୟା ସହରୀ ଓ ଗ୍ରାମୀଣ ଲୋକମାନଙ୍କୁ ଜଳାଶୟ ସ୍ନାନର ଅନୁଭୂତିକୁ ଉଜ୍ଜୀବିତ କରିଛି। ପୁଷ୍କରିଣୀ ଓ ନଦୀ ସ୍ନାନରେ ଅନଭ୍ୟସ୍ତ ଆଜିର ଯୁବଗୋଷ୍ଠୀ ପର୍ଯ୍ୟଟନ ଓ ବଣଭୋଜି ସମୟରେ ସନ୍ତରଣ ଅନଭିଜ୍ଞତା ଯୋଗୁ ସଲିଳସମାଧି ବରଣ କରିବାର ଦୁଃସମ୍ବାଦ ବିଭିନ୍ନ ଗଣମାଧ୍ୟମରୁ ପ୍ରାପ୍ତ ହେଉଛି।

ଉଠା ଜଳସେଚନ ଓ ନଳକୂପରୁ ପର୍ଯ୍ୟାପ୍ତ ଜଳ ଉତ୍ତୋଳନ ଫଳରେ ଭୂନିମ୍ନସ୍ଥ ଜଳ ସ୍ତର ହ୍ରାସ ପାଉଛି। ଗ୍ରୀଷ୍ମର ଯଥେଷ୍ଟ ପୂର୍ବରୁ ବିଭିନ୍ନ ଅଞ୍ଚଳରେ ଜଳକଷ୍ଟ ଦେଖାଦେଉଛି। ପାର୍ବତ୍ୟାଞ୍ଚଳ ଶିଳାଶୂନ୍ୟ ହୋଇ ସମତଳ ଅଞ୍ଚଳରେ କଂକ୍ରିଟସ୍ତୂପ ଗଢିଉଠିଲାଣି। ତାପମାତ୍ରାର ଅସ୍ୱାଭାବିକ ବୃଦ୍ଧି ଓ ଅନିୟମିତ ବୃଷ୍ଟିପାତ ସହ ନାନା ପ୍ରାକୃତିକ ବିପତ୍ତି ମଣିଷର ସ୍ଥିତି ପ୍ରତି ଆହ୍ୱାନ ସୃଷ୍ଟି କଲାଣି। କୋଟି କୋଟି ବର୍ଷରୁ ସଞ୍ଚିତ ଖଣିଜ ପଦାର୍ଥ ଓ ଖଣିଜ ତୈଳ ଉତ୍ତୋଳିତ ହୋଇ ଭୂ-ଅଭ୍ୟନ୍ତର ଶୂନ୍ୟ ହେବାକୁ ବସିଲାଣି। ଭବିଷ୍ୟତରେ କେତେ ଯେ ବିପତ୍ତି ଘଟିବ ତାହା ଆକଳନ କରିବା କଷ୍ଟକର। ପ୍ରାକୃତିକ ସମ୍ପଦରେ ମିତବ୍ୟୟିତା ରକ୍ଷା ନ କଲେ ଆମ ବିକାଶ ବିନାଶରେ ରୂପାନ୍ତରିତ ହେବାକୁ ବେଶି ଡେରି ନାହିଁ। ମଣିଷ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରୁଛି। ଆପଣା ହସ୍ତେ ଜିହ୍ୱା ଛେଦି, କେ ଅଛି ତା'ର ପ୍ରତିବାଦୀ।

ସିଦ୍ଧଳ, ଜଗତ୍‌ସିଂହପୁର,
ମୋ-୯୯୩୭୪୫୦୫୪୦

# କୁନି ବାହାଘର ହବ ତ



ସୁଧାକର ଦାସ

ନିର୍ବାଚନ ଫଳାଫଳ ବାହାରିବ ୨୩ ତାରିଖରେ। ସ୍ପଷ୍ଟ ହେଇଯିବ କିଏ ଜିତିଲା, କିଏ ହାରିଲା। ନିଷ୍ପତ୍ତି ହେଇଯିବ କାହା ହାତକୁ ଯିବ କ୍ଷମତା ଆଉ କିଏ ବସିବେ ବିରୋଧୀ ଆସନରେ। ପରିଷ୍କାର ହେଇଯିବ ଲୋକମତ କାହା ସପକ୍ଷରେ ଆଉ କାହା ବିପକ୍ଷରେ...।

ହେଲେ ଗୋଟିଏ କଥା କେବେ ସ୍ପଷ୍ଟ ଆଉ ପରିଷ୍କାର ହେବ, ତା'କୁ ମତେ ପ୍ରତୀକ୍ଷା କରିବାକୁ ପଡିବ। କଥାଟି ହେଲା...

ଆମ ଗାଁର ଦୀନବନ୍ଧୁ ଓ କୃପାସିନ୍ଧୁ ଦୁଇ ଭାଇ। କୃପାସିନ୍ଧୁର ପିଲାପିଲି କିଛି ନାହିଁ। ଦୀନବନ୍ଧୁର ତିନିବର୍ଷ ଭିତରେ ଲାଗ ଲାଗ ଦୁଇଟି ଝିଅ ଜନ୍ମ ହେଲେ। ପୁଣି ବର୍ଷ ତିନିଟା ପରେ ଦୀନବନ୍ଧୁର ସ୍ତ୍ରୀ ଗର୍ଭବତୀ ହେଲା। ଦୀନବନ୍ଧୁ ଯେତେବେଳେ ସ୍ତ୍ରୀକୁ ନେଇ ତା' ପେଟ ୱାଶ୍ କରିବାକୁ ବାହାରିଲା କୃପାସିନ୍ଧୁ ଆଉ ତା' ସ୍ତ୍ରୀ ବାଟ ଓଗାଳିଲେ। କହିଲେ- ପୁଅ ହଉ କି ଝିଅ, ଯାହା ହବ ଆମ କୋଳକୁ ଟେକିଦେବୁ। ଭାଇଭାଉଜଙ୍କ ଦମ୍ଭରେ ଦୀନବନ୍ଧୁ ସମ୍ଭାଳିଗଲା ଆଉ ୭ ମାସ ପରେ ତା'ର ଝିଅଟିଏ ହେଲା। ତା' ନାଁ ରଖାଗଲା କୁନି। ଇଏ ଆଜକୁ ପ୍ରାୟ ୧୯-୨୦ ବର୍ଷ ତଳର କଥା। ସେତେବେଳେ ଅବଶ୍ୟ ଦୀନବନ୍ଧୁ ଓ କୃପାସିନ୍ଧୁ ଗୋଟିଏ ଓଳି ତଳେ ରହୁଥିଲେ। ଅପେକ୍ଷା କରାଗଲା, କୁନି କ୍ଷୀର ଛାଡିବା ପରେ କୃପାସିନ୍ଧୁ ପାଖକୁ ଚାଲି ଆସିବ। ତା' ତ ହେଲାନି ବରଂ ବର୍ଷ ପାଞ୍ଚଟା ଭିତରେ ଦୁଇଭାଇ ଅଲଗା ହେଇଗଲେ। ଭିନ୍ନେ ହବା ଦିନ କୃପାସିନ୍ଧୁ କିନ୍ତୁ ଜୋର୍ ଦେଇ କହିଥିଲା- କୁନି ତୋ ପାଖରେ ରହୁ କି ମୋ ପାଖରେ...ତା' ବାହାଘର ମୁଁ କରିବି, ଯାବତୀୟ ଖର୍ଚ୍ଚ ମୋର। ଯା ଭିତରେ ଦୀନବନ୍ଧୁର ବଡ଼ ଦୁଇ ଝିଅ ରମା ଓ ଭବାନୀଙ୍କର ବାହାଘର ସରିଛି। ଝିଅଦୁହିଁଙ୍କୁ ବାହା ଦବା ପାଇଁ ଦୀନବନ୍ଧୁ ନିଜ ଭାଗର ପୈତୃକ ସମ୍ପତ୍ତି ସବୁ ବିକିଭାଙ୍ଗି ଦେଇଛି। ଏବେ ତା' ପାଖରେ ସମ୍ବଳ କେବଳ ଘରଡିହ ଖଣ୍ଡକ। ଚାରିମାସ ତଳେ କୁନି ପାଇଁ ଆସିଥିଲା ଗୋଟେ ବାହାଘର ପ୍ରସ୍ତାବ। ଦୁଇପକ୍ଷ ରାଜି ହେଲେ। ଯୌତୁକ ବାବଦକୁ ବରପକ୍ଷକୁ କେତେ ଟଙ୍କା ଦିଆଯିବ, ତା' ବି ସ୍ଥିର ହେଲା। ଏ ସବୁ କାମରେ କୃପାସିନ୍ଧୁର ସହଯୋଗ ଦୀନବନ୍ଧୁର ମନୋବଳ ବଢ଼ଉଥିଲା। ଆଉ ଦୀନବନ୍ଧୁ ନିଶ୍ଚିନ୍ତ ଥିଲା ଯେ, ତା' ଜବାବ ମୁତାବକ କୃପାସିନ୍ଧୁ କୁନି ବାହାଘରର ସକଳ ଭାର ବହନ କରିବ। ଆଉ ସେଦିନ ଦୀନବନ୍ଧୁ ପୂରା ଆଶ୍ୱସ୍ତ ହେଇଗଲା, ଯୋଉଦିନ କୃପାସିନ୍ଧୁ ଗାଁ ଲୋକଙ୍କ ସାଙ୍ଗରେ ତା' ଭାଗର ଦୁଇମାଣ ଜମି ବିକିବା ପାଇଁ ମୂଲଚାଲ ଆରମ୍ଭ କଲା। ଜମି ବିକ୍ରିରୁ ଯାହା ପଇସା ମିଳିବ, ସେ ସବୁକିଛି କୁନି ବାହାଘରରେ ଖର୍ଚ୍ଚ ହବ ବୋଲି କୃପାସିନ୍ଧୁ ତା' ବନ୍ଧୁବାନ୍ଧବଙ୍କ ଆଗରେ ବି କହୁଥିଲା।

ଏତିକିବେଳେ ଆସିଲା ନିର୍ବାଚନ। କୃପାସିନ୍ଧୁ ଚାଳରେ ଉଡିଲା ଗୋଟିଏ ଦଳର ପତାକା ତ ଦୀନବନ୍ଧୁ ଚାଳରେ ଆଉ ଗୋଟିଏ ଦଳର। ଦୀନବନ୍ଧୁର କାନ୍ଥରେ ଗୋଟିଏ ଦଳର ପୋଷ୍ଟର ତ କୃପାସିନ୍ଧୁର କାନ୍ଥରେ ଆଉ ଗୋଟିଏ ଦଳର। ସାରା ଗାଁ ଭିତରେ ଦୁଇଟା ଦଳ। ଗୋଟିଏ ପଟରେ କୃପାସିନ୍ଧୁ ଅନ୍ୟ ପଟରେ ଦୀନବନ୍ଧୁ। ଦୁଇ ଦଳଙ୍କ ଭିତରେ ଛକାପଞ୍ଝା, କଥା କଟାକଟି...।

ଠିକ୍ ଭୋଟ ପୂର୍ବଦିନ ଗାଁରେ ଟଙ୍କାବଣ୍ଟା ଘଟଣାକୁ ନେଇ ପ୍ରକାଶ ପାଇଲା ଉତ୍ତେଜନା। ରାତି ଅନ୍ଧାରରେ ଘୋ-ଘା, ଚିତ୍କାର, ମରଣାନ୍ତକ ଆକ୍ରମଣ, ଗାଁ ଭିତରେ ଦୌଡିଲା ଆମ୍ବୁଲାନ୍ସ। ପରଦିନ ସକାଳୁ ଜଣାପଡିଲା ସେଇ ଅନ୍ଧାର ଭିତରେ ଦୀନବନ୍ଧୁର ଟାଙ୍ଗିଆ ମାଡ଼ରେ ଗୁରୁତର ଅସୁସ୍ଥ ହେଇ କୃପାସିନ୍ଧୁ ପଡିଛି ବଡ଼ମେଡିକାଲରେ।

ଯା ଭିତରେ ନିର୍ବାଚନ ସରିଯାଇଛି। ଖାଲି ଯାହା ଫଳାଫଳ ଘୋଷଣାକୁ ଅପେକ୍ଷା। ଆଉ କେଇଟା ଦିନ ପରେ କୃପାସିନ୍ଧୁ ଓ ଦୀନବନ୍ଧୁଙ୍କ ଚାଳରୁ ପବନରେ ଉଡିଯିବ ଦଳୀୟ ପତାକା, କାନ୍ଥରୁ କବାଟରୁ ଚିରିଯିବ ପୋଷ୍ଟର। ହେଲେ କ'ଣ ହବ କୁନିର? କ'ଣ ହବ କୃପାସିନ୍ଧୁ ଦୀନବନ୍ଧୁକୁ ଦେଇଥିବା ଭରସାର? ସତରେ, ଭୋଟ ଗଣତି ଦିନ ଏସବୁ କଥା ସ୍ପଷ୍ଟ ହେଇଯା'ନ୍ତା କି! ଜଣା ପଡିଯା'ନ୍ତା କି କୃପାସିନ୍ଧୁ ଏବେ ବି ନିଜର ଜବାବ ରଖିବାକୁ ପ୍ରସ୍ତୁତ କି ନା...!!

ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ପ୍ରକ୍ରିୟା ହେଉଛି ନିର୍ବାଚନ। ନିର୍ବାଚନ ଆୟୋଗ ଏଥରର ନିର୍ବାଚନକୁ ଘୋଷଣା କଲେ ଗଣତନ୍ତ୍ରର ମହାପର୍ବ। ଏଇ କ'ଣ ମହାପର୍ବର ସୂଚନା ଯାହା ବିଭେଦ, ଅସୂୟା, ହିଂସା ସୃଷ୍ଟି କରି ମାନବିକତା, ସୌହାର୍ଦ୍ଦ୍ୟ ଆଉ ଭ୍ରାତୃତ୍ୱକୁ ପରାହତ କରେ?

କେଜାଣି, ହୁଏତ କୁନି ପାଖରେ ଏହାର ଉତ୍ତର ଥାଇପାରେ!! କାରଣ, ଏଥର କୁନି ଥିଲା ଫାଷ୍ଟ ଟାଇମ୍ ଭୋଟର୍।

ମୋ-୯୪୩୭୨୭୪୮୫୭

## ଏଇ ଭାରତରେ

ପାଣି ନଷ୍ଟ କଲେ ଦେବାକୁ ପଡିବ ଜରିମାନା। ଗୁଜରାଟର ଗାନ୍ଧୀନଗର ନିକଟବର୍ତ୍ତୀ ଦାହୋଦରେ ଏବେ ପାଣି ନଷ୍ଟ କଲେ ଦେବାକୁ ପଡିବ ୨୫୦ରୁ ୫୦୦ ଟଙ୍କା ଜରିମାନା। ଏଠାରେ ଅନେକ ସ୍ଥାନରେ ଜଳାଭାବ ଦେଖା ଦେଇଥିବାରୁ ଏମିତି କଡ଼ାକଡ଼ି ନିୟମ ଲାଗୁ କରାଯାଇଛି। କେବଳ ସେତିକି ନୁହେଁ କୌଣସି ବ୍ୟକ୍ତି ୩ ଥର ପାଣି ନଷ୍ଟ କଲେ ତାଙ୍କର ପାଣି କନେକସନ୍ କାଟି ଦିଆଯିବ ବୋଲି ଜଳଯୋଗାଣ ସମିତିର ମୁଖ୍ୟ ଲଖନ ରାଜଗୋର ସୂଚନା ଦେଇଛନ୍ତି। ଦାହୋଦରେ ପାଣିର ଅଭାବ ଦେଖାଦେଇଛି। ଏଠାରେ ଜଳାଭାବ ଦୂର କରୁଥିବା କାଡାଣା ବନ୍ଧ ଓ ପାଟା ଡୁଙ୍ଗରି ନଗରର ଜଳସ୍ତର ବହୁ ନିମ୍ନକୁ ଚାଲିଯାଇଛି। ତେଣୁ ଏଠାରେ ଦିନେ ଛାଡି ଦିନେ ଲୋକଙ୍କୁ ଜଳ ଯୋଗାଣ କରାଯାଉଛି। ସେଥିପାଇଁ ପାଣି ବଞ୍ଚାଇବାକୁ ଯାଇ ଏଭଳି ନିୟମ କରାଯାଇଛି। ଏହି ଚେତାବନୀ ପରେ କୌଣସି ଉପଭୋକ୍ତା ପାଣି ନଷ୍ଟ କରୁଥିବାର ୨-୩ ଥର ଧରାପଡ଼ିଲେ ଜରିମାନା ସହ ବିନା ନୋଟିସରେ ତାଙ୍କ ପାଣି ସଂଯୋଗ କାଟି ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ଚିରନ୍ତନୀ

ପ୍ରଦୋଷ ଉଷାର ରଙ୍ଗମହଲ କୋଳେ
ରୂପାୟିତ ହୋଇ କେତେ ଋତୁ ମାସ ତଳେ
ସପତ ରଙ୍ଗେ ରଞ୍ଜିତ କରି ଧରା
ସପତ ସ୍ୱରରେ ସଙ୍ଗୀତ ହେଉ ଭରା
କୁସୁମ କୋରକ କହି ଉଠୁ ସେହି କଥା
ଫଗୁଣ ସମୀରେ ବାଜୁ ଦୁଇ ଗୁଣ ବ୍ୟଥା
କୋଟିଏ ବିଶ୍ୱ ଗୋଟିଏ କଥାରେ ଟାଣି
ସତ୍ୟ ହେଉ ଏ ସଚେତନ ରୂପବାଣୀ।
(ରୂପ ଓ ବାଣୀ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜୀବ ସୁରକ୍ଷା ପୃଥିବୀ ରକ୍ଷା

ମହାଶୟ,

ସାଧାରଣତଃ ପ୍ରାକୃତିକ ଉପାୟରେ ଜଳବାୟୁ ପରିବର୍ତ୍ତନ ଘଟିଥାଏ। ମାତ୍ର ବର୍ତ୍ତମାନ ପରିପ୍ରେକ୍ଷୀରେ ମାନବ ହିଁ ପ୍ରକୃତି ବିରୋଧରେ ଗତି କରୁଛି। ଫଳରେ ପୃଥିବୀର ସନ୍ତୁଳନ ନଷ୍ଟ ହେବା ସହ ପରିବେଶର ସ୍ୱଚ୍ଛତା ନଷ୍ଟ ହେବାରେ ଲାଗିଛି। ଶାଗୁଣା, ଚିଲ, ଘରଚଟିଆ ଓ ହଳଦୀବସନ୍ତ ପ୍ରଭୃତି ଜୀବ ଅଦୃଶ୍ୟ ହୋଇଗଲେଣି। ଏହା ବ୍ୟତୀତ ବହୁ ଛୋଟବଡ ପଶୁ ଧୀରେ ଧୀରେ ଲୋପ ହୋଇଗଲେଣି। ଯେହେତୁ ମଣିଷ ସୃଷ୍ଟିର ଶ୍ରେଷ୍ଠ ଜୀବ, ଏ ସୃଷ୍ଟିର ସନ୍ତୁଳନ ରକ୍ଷା ନିମନ୍ତେ ସେ ବିଶେଷ ଭାବେ ଚିନ୍ତା କରିବା ଉଚିତ। ନଚେତ୍ ନେଡିଗୁଡ କହୁଣିକୁ ବୋହିଯିବ। ପରିଣାମସ୍ୱରୂପ ପୂର୍ବରୁ ବିଲୁପ୍ତ ହୋଇଯାଇଥିବା ପ୍ରାଣୀମାନଙ୍କ ଭଳି ମଣିଷ ବି ଦିନେ ନିଶ୍ଚିହ୍ନ ହୋଇଯିବ। ବେଳହୁଁ ମାନବ ସମାଜ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ଧରିତ୍ରୀ(୨୨।୪)ରେ ପ୍ରକାଶିତ ଡ. ଦେବାନନ୍ଦ ବେଉରାଙ୍କ 'ଜୀବ ସୁରକ୍ଷା ପୃଥିବୀ ରକ୍ଷା' ଲେଖାଟି ବିଶେଷ ଉପାଦେୟ ମନେହୁଏ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଆତ୍ମାର ମୃତ୍ୟୁ ନାହିଁ

ଧରିତ୍ରୀରେ ପ୍ରକାଶିତ ବୈକୁଣ୍ଠନାଥ ମିଶ୍ରଙ୍କ 'ମୃତ୍ୟୁ ପରେ ଜୀବନ' ନିବନ୍ଧଟିର ବିଷୟବସ୍ତୁ ବହୁବର୍ଷ ଧରି ଚର୍ଚ୍ଚିତ ପ୍ରସଙ୍ଗ ହୋଇଆସିଛି। ଲେଖକ ତାଙ୍କ ଗ୍ରାମର ଜଣେ ମୃତ ବ୍ୟକ୍ତିକୁ ଶ୍ମଶାନକୁ ସଂସ୍କାର ପାଇଁ ନେବାବେଳେ ସେ ସେଠାରେ ଉଠି ବସି ପୁନର୍ଜୀବନ ଲାଭ କରି ପୁଣି ଆହୁରି ୪୦ ବର୍ଷ ବଞ୍ଚିବା ବିଷୟ ଉଲ୍ଲେଖ କରିଛନ୍ତି। କେତେକ ସ୍ଥଳରେ ଶିଶୁ ବାଲ୍ୟାବସ୍ଥାରେ ପୂର୍ବଜନ୍ମରେ କେଉଁଠି ବାସ କରୁଥିଲା ଓ ପିତାମାତା ସମେତ ପରିବାରବର୍ଗଙ୍କ ନାମ କହିବାରେ ସେଠାକୁ ଯାଇ ତା'ର ଉକ୍ତିର ସତ୍ୟତା ଥିବା ଜଣା ପଡ଼େ। ଧର୍ମଶାସ୍ତ୍ରରେ ବହୁ କ୍ଷେତ୍ରରେ ପୂର୍ବଜନ୍ମର କର୍ମଫଳ ଏବେ ଫଳିଲା ବୋଲି କୁହାଯାଇଛି। ତେବେ କୁପ୍ରବୃତ୍ତିରେ ମଜିଥିବା ବ୍ୟକ୍ତି ଯଦି ଜୀବନକାଳରେ ଦୁଃଖକଷ୍ଟ ଭୋଗ ନ କରେ ତେବେ ପୁନର୍ଜନ୍ମ ପାଇ ଏସବୁ ଭୋଗ କରିବାକୁ ପଡ଼େ। ଆତ୍ମା ତ ଅମର, ତା'ର ମୃତ୍ୟୁ ନାହିଁ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ଦୁର୍ନୀତି ଓ ଭ୍ରଷ୍ଟାଚାର ବଢ଼ୁଛି

ଭଣ୍ଡାମି, ଲାଞ୍ଚ, ମିଛ, ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପିବାରେ ଲାଗିଛି। ପ୍ରଶାସନ ଏ ସବୁକୁ ଦମନ କରିବାରେ ସମର୍ଥ ହେଉନାହିଁ। ଅର୍ଥବଳ, ବାହୁବଳ ଓ ଆପରାଧିକ ତତ୍ତ୍ୱଗୁଡ଼ିକ ଦ୍ୱାରା ରାଜନୀତି ସମ୍ପୂର୍ଣ୍ଣ କଳୁଷିତ ହୋଇଯାଇଛି। ନିର୍ବାଚିତ ଲୋକପ୍ରତିନିଧିମାନେ ସେବା ପରିବର୍ତ୍ତେ ସମ୍ପତ୍ତି ଆହରଣ କରିବାରେ ବ୍ୟସ୍ତ ରହୁଛନ୍ତି। ଚାରିଆଡ଼େ ଅବିଶ୍ୱାସର ବାତାବରଣ। ଅର୍ଥ, କ୍ଷମତା ଓ ପ୍ରଭାବ ବଳରେ ନାନା ପ୍ରକାର ଗଫଲତି କାମ କରାଯାଉଛି। ପ୍ରତିଭା ନ ଥାଇ ପ୍ରଭାବ ବଳରେ ଅଯୋଗ୍ୟମାନେ ଗୁରୁତ୍ୱପୂର୍ଣ୍ଣ ପଦପଦବୀ ମଣ୍ଡନ କରୁଛନ୍ତି। ନିର୍ବାଚନ ପୂର୍ବରୁ ମିଥ୍ୟା ଓ ଲୋଭନୀୟ ପ୍ରତିଶ୍ରୁତିମାନ ଦେଇ ଭୋଟରମାନଙ୍କୁ ବିଭ୍ରାନ୍ତ କରାଯାଉଛି। ଭୋଟ ସମୟରେ ମଦ, ଟଙ୍କା ଓ ଭୋଜିଭାତ ଦେଇ ଜନମତକୁ ବିଭ୍ରାନ୍ତ କରାଯାଉଛି। ଜାତି, ଧର୍ମ ଓ ସାମ୍ପ୍ରଦାୟିକ ଆଧାରରେ ହିଂସା ଏବଂ ଅସହିଷ୍ଣୁତାର ବାତାବରଣ ସୃଷ୍ଟି କରାଯାଉଛି। ରାଜନୈତିକ ହିଂସା ବଢୁଛି। ମାନବିକ ଅଧିକାରର ବ୍ୟାପକ ଉଲ୍ଲଂଘନ ହେଉଛି। ଗଣମାଧ୍ୟମ ଉପରେ ଆକ୍ରମଣ ହେଉଛି। ଏଭଳି ଏକ ଘଡ଼ିସନ୍ଧି ସମୟରେ ଲେଖକ ଓ ବୁଦ୍ଧିଜୀବୀମାନେ ନୀରବତା ଭଙ୍ଗ କରି ସ୍ୱର ଉତ୍ତୋଳନ କରିବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ

## ସେଲ୍ଫି କର୍ଣ୍ଣର



@ ଅମ୍ରେଶ



@ ମୁକେଶ



@ ଜିତେନ୍ଦ୍ର

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ଅନ୍ତର୍ଜାତୀୟ ବିମାନ ସେବା: ଓଡ଼ିଶା ସ୍ୱାର୍ଥକୁ ଅଣଦେଖା

# ଆଗ୍ରହୀ ସଂସ୍ଥାକୁ ମିଳୁନି ଅନୁମତି

- ପ୍ରତିବନ୍ଧକ ସାଜିଛି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ
- ଅଟକି ରହିଛି ସିଙ୍ଗାପୁର ଏୟାରଲାଇନ୍ସ, ଶ୍ରୀଲଙ୍କା ଏୟାରଲାଇନ୍ସର ପ୍ରସ୍ତାବ



ଭୁବନେଶ୍ୱର,୨୦।୫(ବ୍ୟୁରୋ)

ଭାରତକୁ ଶ୍ରୀଲଙ୍କା, ବାଂଲାଦେଶ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆ, ମାଲେସିଆ, ଜର୍ମାନୀ, ଫ୍ରାନ୍ସ ଭଳି ରାଷ୍ଟ୍ରରୁ ସର୍ବାଧିକ ବିଦେଶୀ ପର୍ଯ୍ୟଟକ ଆସିଥାନ୍ତି। ଏହି ରାଷ୍ଟ୍ର ଗୁଡ଼ିକରୁ ଆସୁଥିବା ପର୍ଯ୍ୟଟକମାନେ ସିଧା ବିମାନ ଯୋଗାଯୋଗ ଥିବା ରାଜ୍ୟଗୁଡ଼ିକୁ ଭ୍ରମଣ କରିବାକୁ ଅଧିକ ପସନ୍ଦ କରିଥାନ୍ତି। ଏ କ୍ଷେତ୍ରରେ ଓଡ଼ିଶା ବହୁ ପଛରେ ରହିଛି। ଓଡ଼ିଶାରେ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସେବା କିଭଳି ଅଧିକ ଉପଲବ୍ଧ ହେବ ସେନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତତ୍ପର ଥିବାଭଳି ମନେ ହେଉନାହିଁ। କାରଣ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରକୁ ବିଶ୍ୱସ୍ତରୀୟ ବିମାନସେବା ଯୋଗାଇଦେବାକୁ ସିଙ୍ଗାପୁର ଏୟାରଲାଇନ୍ସ ଓ ଶ୍ରୀଲଙ୍କା ଏୟାରଲାଇନ୍ସ ଆଗ୍ରହ ଦେଖାଇଛନ୍ତି। କିନ୍ତୁ ସେହି ପ୍ରସ୍ତାବ ମନ୍ତ୍ରଣାଳୟରେ ଅଟକି ରହିଛି। ୨ ଆଗ୍ରହୀ ସଂସ୍ଥାକୁ ଅନୁମତି ମିଳୁ ନ ଥିବାରୁ ଓଡ଼ିଶା ଏକ ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିବାକୁ ଯାଉଛି। ବିମାନ ବନ୍ଦର ତଥ୍ୟ ମୁତାବକ ନୂଆଦିଲ୍ଲୀ ସ୍ଥିତ ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ସର୍ବାଧିକ ୪୩.୧%, ମୁମ୍ବାଇ ଛତ୍ରପତି ଶିବାଜୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ୧୮.୫%, ଗୋଆ ୭.୯%, ଚେନ୍ନାଇ ୬.୮%, ବାଙ୍ଗାଲୋର ୬.୫%, କଲିକତା ୨.୭%, କୋଚିନ୍ ବିମାନ ବନ୍ଦର ୨.୪% ବିଦେଶୀ ପର୍ଯ୍ୟଟକ ଗ୍ରହଣ କରିଥାଏ। ହେଲେ ଓଡ଼ିଶାରେ ଏହା ଯଥେଷ୍ଟ କମ୍। ଭାରତକୁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ମଧ୍ୟରୁ ୧ ପ୍ରତିଶତ ବି ଓଡ଼ିଶାକୁ ଆସି ନ ଥାନ୍ତି, ଯାହାର ପ୍ରମୁଖ କାରଣ ବିଦେଶକୁ ସିଧା ବିମାନ ଚଳାଚଳର ସମସ୍ୟା। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ବର୍ତ୍ତମାନ କେବଳ ମାଲେସିଆର କୁଆଲାଲମ୍ପୁର ଏବଂ ଥାଇଲାଣ୍ଡର ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ଚଳାଚଳ କରୁଛି। ଅନ୍ୟପକ୍ଷରେ କେରଳ, ମହାରାଷ୍ଟ୍ର, ତାମିଲନାଡୁ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଭଳି ରାଜ୍ୟ ଏକ୍ଷେତ୍ରରେ ବେଶ୍ ଆଗରେ ରହିଛନ୍ତି। ଇଣ୍ଟରନ୍ୟାଶନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏଶନ(ଆଇଏଟିଏ) ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଭାରତରେ ବିମାନ ଚଳାଚଳ କରୁଥିବା ପଥ ଗତ କିଛିବର୍ଷ ମଧ୍ୟରେ ୨୦ ପ୍ରତିଶତ ବୃଦ୍ଧି ପାଇବା ଦ୍ୱାରା ଏହା ପର୍ଯ୍ୟଟନ ଓ ପର୍ଯ୍ୟଟକ ବୃଦ୍ଧିରେ ବିଶେଷ ସହାୟକ ହୋଇପାରିଛି। ହେଲେ ରାଜନୈତିକ ପ୍ରତିବନ୍ଧକ ଯୋଗୁ ଓଡ଼ିଶାକୁ ଏହାର ସୁଫଳ ମିଳିପାରିନାହିଁ। ଅଧିକରୁ ଅଧିକ ଅନ୍ତର୍ଜାତୀୟ ବିମାନ ସେବା ପାଇଁ ବାରମ୍ବାର ଓଡ଼ିଶା ଦାବି କରିଆସୁଥିଲେ ମଧ୍ୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏହାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ଏପରିକି ସିଙ୍ଗାପୁର ଓ ଶ୍ରୀଲଙ୍କା ଏୟାରଲାଇନ୍ସ ଭୁବନେଶ୍ୱରରେ ନିଜ ସେବା ଯୋଗାଇଦେବାକୁ ଆଗ୍ରହୀ ଥିଲେ ମଧ୍ୟ ମନ୍ତ୍ରଣାଳୟ ଏଠାରେ ବିମାନ ଅବତରଣ ପାଇଁ ଅନୁମତି ଦେଉ ନ ଥିବା ରାଜ୍ୟ ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ଜଣେ ବରିଷ୍ଠ ବ୍ୟକ୍ତି କହିଛନ୍ତି। ଅନ୍ୟପକ୍ଷରେ ଡୋମେଷ୍ଟିକ୍ ଫ୍ଲାଇଟ୍ କ୍ଷେତ୍ରରେ ମଧ୍ୟ ଓଡ଼ିଶା ବହୁପଛରେ ପଡ଼ିଛି। ବାରାଣସୀ, ବୋଧଗୟା, ପୁଣେ ଓ ଅହମ୍ମଦାବାଦକୁ ଏବେ ସିଧା ବିମାନ ଯୋଗାଯୋଗ ନ ଥିବାରୁ ଓଡ଼ିଶା ବହୁ ପର୍ଯ୍ୟଟକ ହରାଉଛି। ଏନେଇ ହୋଟେଲ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଏବଂ ଟୁର୍ ଅପରେଟର୍ସ ଆସୋସିଏଶନ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଛି। ଗୋଟିଏ ପଟେ ବାତ୍ୟା ଫନୀରେ ରାଜ୍ୟ ପର୍ଯ୍ୟଟନ ଶିଳ୍ପର ମେରୁଦଣ୍ଡ ଦୋହଲି ଯାଇଥିବା ବେଳେ କମ୍ ସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ହୋଟେଲିୟର ଏବଂ ଟୁର୍ ଅପରେଟର୍‌ଙ୍କୁ ନିରାଶ କରିଛି। ଏଭଳିସ୍ଥଳେ ନୂଆ ବିମାନ ସେବା ଆରମ୍ଭ ହେଲେ ସ୍ଥିତି ସୁଧୁରିବ ବୋଲି ଆଶା କରାଯାଉଛି।

# ଆଜି ଖୋଲିବ ନନ୍ଦନକାନନ, ବଟାନିକାଲ

ବାରଙ୍ଗ,୨୦।୫(ଡି.ଏନ୍.ଏ.)

ବାତ୍ୟା ପାଇଁ ୧୯ଦିନର ବନ୍ଦ ପରେ ମଙ୍ଗଳବାର ଖୋଲିବାକୁ ଯାଉଛି ନନ୍ଦନକାନନ। ବାତ୍ୟାର ଅବ୍ୟାହିତ ପୂର୍ବରୁ ନନ୍ଦନକାନନକୁ ୨ରୁ ୪ତାରିଖ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଥିଲା। ଫନୀ ପ୍ରଭାବରେ ନନ୍ଦନକାନନ ବ୍ୟାପକ କ୍ଷତି ଘଟି ସମ୍ପୂର୍ଣ୍ଣ ଚିତ୍ର ବଦଳିଯାଇଥିଲା। ବାତ୍ୟା ପୂର୍ବରୁ ନନ୍ଦନକାନନ କର୍ତ୍ତୃପକ୍ଷ ପଶୁପକ୍ଷୀମାନଙ୍କୁ ସୁରକ୍ଷିତ ରଖିପାରିଥିବାବେଳେ ପରିସରରେ ଥିବା ସବୁଜ ବନାନୀ ଧୂଳିସାତ ହୋଇଯାଇଥିଲା। ଏହାର ପୁନରୁଦ୍ଧାର ପାଇଁ ପ୍ରାଥମିକ ଭାବେ ନନ୍ଦନକାନନକୁ ୪ ଠାରୁ ୧୩ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିଲା। କିନ୍ତୁ ଏହି ସମୟସୀମା ମଧ୍ୟରେ ପୁନରୁଦ୍ଧାର କାର୍ଯ୍ୟ ସମ୍ପନ୍ନ ନ ହେବାରୁ ପୁଣି ୨୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

ସୋମବାର ସ୍ୱାସ୍ଥ୍ୟ କମିଟିର ସଦସ୍ୟ ପ୍ରଫେସର ହୁସେଣ ପଣ୍ଡା, ଶଲ୍ୟ ବିଭାଗର ପ୍ରଫେସର ଇନ୍ଦ୍ରମଣି ନାଥ, ପ୍ରଫେସର ନିରଞ୍ଜନ ସାହୁ ଏବଂ ବୈଷୟିକ କମିଟିର ସଭାଧ୍ୟକ୍ଷ ଜିଏନ ମହାନ୍ତି, ପ୍ରଫେସର ଏସ.କେ.ରାୟ, ସୁଧାକର ମହାପାତ୍ର, ଡ.ଲକ୍ଷ୍ମୀନାରାୟଣ ଆଚାର୍ଯ୍ୟଙ୍କୁ ମିଶାଇ ୭ଜଣିଆ ସଦସ୍ୟ ଥିବା ଏହି ଟିମ ନନ୍ଦନକାନନକୁ ଅନୁଧ୍ୟାନ କରିବା ପାଇଁ ଆସିଥିଲେ। ଏହି ସଦସ୍ୟମାନେ ପରିସରର ବିଭିନ୍ନ ଏନକ୍ଲୋଜରର ଡିସପ୍ଲେ ଓ ପଶୁପକ୍ଷୀମାନଙ୍କ ବିଶ୍ରାମସ୍ଥଳୀର ପୁନରୁଦ୍ଧାର କାର୍ଯ୍ୟ, ଏନକ୍ଲୋଜରଗୁଡ଼ିକରେ ରୋଗପ୍ରତିରୋଧ ପାଇଁ ବିଶୋଧନ ପ୍ରକ୍ରିୟା, ପଶୁପକ୍ଷୀଙ୍କ ପ୍ରତିଷେଧକ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟସେବା, ରାସ୍ତାଘାଟ ସଫା ଓ ପର୍ଯ୍ୟଟକମାନଙ୍କ ବୁଲିବା ବାଟ, ବିଦ୍ୟୁତ ସରବରାହ ଓ ପାନୀୟ ଜଳଯୋଗାଣର



ନନ୍ଦନକାନନ ଖୋଲିବା ପୂର୍ବରୁ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି।

### ବୈଷୟିକ, ସ୍ୱାସ୍ଥ୍ୟ କମିଟି ଦେଲା ସ୍ୱୀକୃତି

ସ୍ୱାଭାବିକ ସ୍ଥିତି ଆଦି ବିଷୟରେ ଅନୁଧ୍ୟାନ କରିଥିଲେ। ପ୍ରଥମେ ଭାଲୁ ଦେଖିସାରିବା ପରେ ଡାକ୍ତରଖାନାରେ ଚିକିତ୍ସାଧୀନ ଜୀବଜନ୍ତୁଙ୍କୁ ଦେଖିବାସହ ବରିଷ୍ଠ ଡା. ଆଲୋକ କୁମାର ଦାସଙ୍କ ସହ ଆଲୋଚନା କରିଥିଲେ। ବାଘ, ସିଂହ, ଜିରାଫ ସରୀସୃପ ଉଦ୍ୟାନ, ସିମ୍ପାଞ୍ଜି, ଓରାଙ୍ଗଓଟାନ, ହରିଣ ଜାତୀୟ ପ୍ରାଣୀ, ପକ୍ଷୀମାନଙ୍କୁ ମଧ୍ୟ ଦେଖିଥିଲେ। ଓରାଙ୍ଗଓଟାନର ସ୍ୱାସ୍ଥ୍ୟକଥା ପଚାରି ବୁଝିଥିଲେ। ଏହାପରେ ନନ୍ଦନକାନନର ଅନ୍ୟତମ ଆକର୍ଷକ ବାଘ, ସିଂହ, ଭାଲୁ, ତୃଣଭୋଜି ଆଦି ୪ସଫାରିର ପୁନରୁଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। କମିଟିଦ୍ୱୟ ନନ୍ଦନକାନନର ସ୍ଥିତି ପରଖିବାବେଳେ ସାଙ୍ଗରେ ନନ୍ଦନକାନନର ନିର୍ଦ୍ଦେଶକ ଶଶିପଲ, ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ, ଏସିଏଫ ଅଞ୍ଜନ ମହାନ୍ତି, ଅଶୋକ ଦାସ, ଶିକ୍ଷାଧିକାରୀ ମିଲନ ପଣ୍ଡା, ଗାର୍ଡ ରାମଚନ୍ଦ୍ର କାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ଜଳଚର ବିହଙ୍ଗସରଣୀ ଦେଖିବାବେଳେ ଏକ ଅନ୍ଧାରିବିଗର ଛୁଆ ଗଛରୁ ପଡି ମୃତ୍ୟୁ ହୋଇଥିବାର କମିଟି ଦେଖିବାକୁ ପାଇଥିଲେ। ପରେ ଗେଷ୍ଟହାଉସରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ ସମୀକ୍ଷା କରିବାପରେ ନନ୍ଦନକାନନ ପର୍ଯ୍ୟଟକଙ୍କ ପାଇଁ ଖୋଲାଯିବାର ସ୍ୱୀକୃତି ଦେଇଥିଲେ। ଏହାସହ ସଫାରି ଚାଲିବା ନେଇ ମଧ୍ୟ ସ୍ୱୀକୃତି ଦେଇଥିଲେ। ଏହି କମିଟିଦ୍ୱୟ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବା ବଟାନିକାଲ ଗାର୍ଡେନର ସ୍ଥିତି ପରଖିବାକୁ ଯାଇ ନ ଥିଲେ ମଧ୍ୟ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ କ୍ଷୟକ୍ଷତି ଓ ବଣଭୋଜିସ୍ଥଳୀ, ରାସ୍ତାଘାଟ ସହ ବିଭିନ୍ନ ପାର୍କର ପୁନରୁଦ୍ଧାର କାର୍ଯ୍ୟ ବିଷୟରେ ଆଲୋଚନା କରି ଏହି ଗାର୍ଡେନ ଖୋଲିବାକୁ କହିଥିଲେ। ଉଭୟ କମିଟିଦ୍ୱୟ ସମୀକ୍ଷା ପରେ ପୁନରୁଦ୍ଧାର କାର୍ଯ୍ୟରେ ସନ୍ତୁଷ୍ଟି ଅନୁଭବ କରିବା ସହ ବାତ୍ୟାରେ ପଶୁପକ୍ଷୀଙ୍କ ସୁରକ୍ଷା ନେଇ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ପ୍ରଂଶସା କରିଥିଲେ। ବର୍ଷାଦିନ ପୂର୍ବରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ମଙ୍ଗଳବାରରୁ ଦୁଇଟି ପାର୍କ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ପର୍ଯ୍ୟଟକଙ୍କ ପାଇଁ ଖୋଲିବା ସହ ସଫାରିର ମଜା ମଧ୍ୟ ପର୍ଯ୍ୟଟକ ଉଠାଇପାରିବେ ବୋଲି ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

## ସବ୍‌ଜୁନିୟର କରାଟେ ପାଇଁ ଭୁବନେଶ୍ୱର ଦଳ ଚୟନ

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି):** ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଚଳିତମାସ ୨୬ରେ ୩୧ତମ ରାଜ୍ୟ ସବ୍‌ଜୁନିୟର କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ସ୍କୁଲ ପରିସରରେ ଭୁବନେଶ୍ୱର ଦଳ ଚୟନ ହୋଇଯାଇଛି। ମନୋନୟନ ପ୍ରକ୍ରିୟାରେ ଭୁବନେଶ୍ୱରସ୍ଥିତ ସ୍ୱିକୃତିପ୍ରାପ୍ତ ବିଭିନ୍ନ କରାଟେ ସ୍କୁଲରୁ ପାଖାପାଖି ୧୨୦ କରାଟେକା ଅଂଶଗ୍ରହଣ କରିଥିଲେ। ଭୁବନେଶ୍ୱର କରାଟେ ଆସୋସିଏଶନ ଦ୍ୱାରା ଆୟୋଜିତ ମନୋନୟନ ପ୍ରକ୍ରିୟାରେ ବିଭିନ୍ନ ବୟସବର୍ଗର କରାଟେକାଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜାତୀୟ ସ୍ତରର ରେଫରି ରାଜୀବ କୁମାର ସିଂ, ଦୀପକ ସାମନ୍ତରାୟ, ସନ୍ଦୀପ ମହାନ୍ତି, ଖାରବେଳ ସ୍ୱାଇଁ, ଗୌରୀ ମହାନ୍ତି, ଦିଲୀପ ଜେନା, ଅନୁପମା ସ୍ୱାଇଁ, ଅନୁରାଧା ପାତ୍ର, ଅମୀୟ ସାହୁ, କୃଷ୍ଣଚନ୍ଦ୍ର ମହାରଣା, ରାଜେଶ ଦାସ, କ୍ରିଷ୍ଣା ଶିକାରୀ, ରଜନୀ ବିଶି, ସନ୍ଦୀପ ଦାସ, ସୁସ୍ମିନି ପାଲ୍‌ଟାସିଂ, ସିନ୍ଧୁତନୟା ଖୁଣ୍ଟିଆ, ପ୍ରିୟଦର୍ଶିନୀ ଘଘୁଆରୀ, ବାସୁଦେବ ସେଠୀ ପ୍ରମୁଖ ପରିଚାଳନା କରିଥିଲେ।


PARADIP PORT TRUST

E-TENDER CALL NOTICE

Name of the work **"Allotment of 04(Four) nos. of Mechanical Iron Ore / Iron Ore Pellet Plots at PPT"**. License Fees : **Rs.2,50,18,950/-**. Wharfage Fees : **Rs.14,31,340/-**. The last date & time of Submission of bid : **06.06.2019** upto **15:00 hrs**. Date and time of opening (technical bid) : **07.06.2019** upto **15:00 hrs**. Refer our website for details : **https://eprocure.gov.in/eprocure/app.** Traffic Manager

PPT/PR/70/19-20, Dt.20.05.2019



## ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

(ଭାରତ ସରକାରଙ୍କ ଏକ ଉପକ୍ରମ)

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ପ୍ଲଟ୍ ନଂ.: ୧୦୮-ବି, ୟୁନିଟ୍-୭, ପ୍ରଥମ ମହଲା, ସୂର୍ଯ୍ୟନଗର, ଗୋପବନ୍ଧୁ ଛକ, ଭୁବନେଶ୍ୱର, ଓଡ଼ିଶା-୭୫୧୦୦୩, ଇମେଲ୍ : recoverybhubro@centralbank.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

"ପରିଶିଷ୍ଟ-୪-ଏ" [ରୁଲ୍ ୮(୬) ଦ୍ରଷ୍ଟବ୍ୟ)] (ସ୍ଥାବର ସମ୍ପତ୍ତିଗୁଡ଼ିକ ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍।

ଏତଦ୍‌ଦ୍ୱାରା ବିଶେଷ ଭାବେ ଋଣଗ୍ରହୀତା (ମାନଙ୍କୁ) ଓ ଗ୍ୟାରେଣ୍ଟିଦାତା (ମାନଙ୍କୁ) ଏବଂ ସର୍ବସାଧାରଣଙ୍କୁ ସମୂହ ଭାବେ ଜଣାଇଦିଆଯାଉଛିକି ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି। ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଉକ୍ତ ସମ୍ପତ୍ତି ଭୌତିକ ଦଖଲ ନିଆଯାଇଛି, ଯାହାକୁ କି **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚନ୍ଦ୍ରଶେଖରପୁର ଶାଖା** (ସୁରକ୍ଷିତ ଋଣଦାତା)ଙ୍କର ବକେୟା ଋଣରାଶି: **ତା.୩୧.୦୫.୨୦୧୪ରିଖ ସୁଦ୍ଧା ଟ.୧୩,୦୦,୩୨,୪୦୩.୦୦** + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ **ମେସର୍ସ ସ୍ୱର୍ଣ୍ଣ ହସ୍ପିଟାଲ୍ ପ୍ରା. ଲିଃ. (ପରିଚାଳନା ନିର୍ଦ୍ଦେଶକ: ଡଃ. ଚିତ୍ତ ରଞ୍ଜନ ଦାସ, ନିର୍ଦ୍ଦେଶକମାନେ : ଶ୍ରୀମତୀ ସୁଚିତ୍ରା ଦାସ ଏବଂ କ୍ୟାପଟେନ୍ ରାଜକିରନ୍ ଜଗନ୍ନାଥ ସେଠୀ)**ଙ୍କ ଠାରୁ ଆଦାୟ କରିବା ପାଇଁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ **ତା.୧୨.୦୬.୨୦୧୯ରିଖରେ** ସମ୍ପତ୍ତି ବିକ୍ରି କରାଯିବ।

**ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ: ଟ.୨୨,୬୧,୦୦,୦୦୦.୦୦ (ବାଇଶି କୋଟି ଏକଷଠି ଲକ୍ଷ ଟଙ୍କା ମାତ୍ର) ଏବଂ ଅମାନତ ଜମା ରାଶି : ଟ.୨,୨୭,୦୦,୦୦୦.୦୦ (ଦୁଇ କୋଟି ସତେଇଶ ଲକ୍ଷ ଟଙ୍କା ମାତ୍ର)**

(ସମ୍ପତ୍ତିର ସଂକ୍ଷିପ୍ତ ବିବରଣୀ ସହିତ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍, ଯଦି ଥାଏ)

ପ୍ଲଟ୍ ନଂ.: ସି-୧, ଡ୍ରଇଂ ନଂ.: ବି-୧୧୯୫, ପରିମିତ କ୍ଷେତ୍ର: ୯୨'X୧୦୫', ଅନୁରୂପ ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨ (ଅଂଶ), ଖାତା ନଂ.: ୧୪୨୭, ମୌଜା: ଜୟଦେବ ବିହାର, ୟୁନିଟ୍ ନଂ.: ୧୬, ଥାନା: ନିଉ କ୍ୟାପିଟାଲ୍ ନଂ.: ୩୩, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚଉହଦ୍ଦୀରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୪, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ), ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ), ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୨୮୨(ଅଂଶ)।

**ସ୍ୱର୍ଣ୍ଣ ହସ୍ପିଟାଲର ବିଲ୍ଡିଂ ସହିତ ସେଠାରେ ସ୍ଥାପନ କରାଯାଇଥିବା / ରଖାଯାଇଥିବା ମେଡିକାଲ/ଇଲେକ୍ଟ୍ରିକାଲ୍ ସରଞ୍ଜାମ ଏବଂ ଆନୁସଙ୍ଗିକ ଉପକରଣ ଓ ଆସବାବ ପତ୍ର ଏବଂ ସଂଲଗ୍ନ ଉପକରଣ ଫର୍ଣ୍ଣିଚର ଏବଂ ଫିକଚର୍ସ ଇତ୍ୟାଦି ସହିତ ସେଠାରେ ଥିବା ସମସ୍ତ ଜିନିଷ।**

ସୁରକ୍ଷିତ ଋଣଦାତାଙ୍କୁ ଜ୍ଞାତ ଥିବା ଏନ୍‌କମ୍ବ୍ରାନ୍‌ସେସ୍ :

ସଫଳ ନିଲାମ କ୍ରେତାଙ୍କୁ ସମ୍ପତ୍ତି ହସ୍ତାନ୍ତରିତ ପୂର୍ବରୁ ଓଡ଼ିଶା ସରକାରଙ୍କ ଜି.ଏ. ଡିପାର୍ଟମେଣ୍ଟକୁ ୨୦୦% ଅନୁମତି ଫି ଅର୍ଥାତ୍ **ଟ.୬,୬୫,୨୮,୯୨୬.୦୦ (ଛଅ କୋଟି ପଞ୍ଚଷଠି ଲକ୍ଷ ଅଠେଇଶି ହଜାର ନଅ ଶହ ଛବିଶ ଟଙ୍କା ମାତ୍ର)****

ଉପରଦର୍ଶିତ ସମ୍ପତ୍ତି ଏବଂ ହସ୍ପିଟାଲ୍ ସରଞ୍ଜାମ ଇତ୍ୟାଦି ମଧ୍ୟ ପାରି-ପାଶୁ ଭିତ୍ତିରେ **ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ., ଅଶୋକ ନଗର ଶାଖା, ଭୁବନେଶ୍ୱର ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖା** କମ୍ପାନୀକୁ ସେମାନଙ୍କ ଦ୍ୱାରା ଦିଆଯାଇଥିବା ଋଣ ଅଗ୍ରୀମ ପାଇଁ ବନ୍ଧକ / ଚାର୍ଜରେ ରହିଛି। **ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିଃ.**କୁ ଦେବାକୁ ଥିବା ଦେୟ ପରିମାଣ **ତା.୩୧.୧୨.୨୦୧୪ରିଖ ସୁଦ୍ଧା ଟ.୩,୦୬,୨୯,୨୮୫.୦୦** ଏବଂ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ** ଦେବାକୁ ଥିବା ଦେୟ ପରିମାଣ **ତା.୧୨.୦୯.୨୦୧୪ରିଖ ସୁଦ୍ଧା ଟ.୮,୯୪,୪୪,୩୬୩.୦୦** ଯୁକ୍ତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । ବିଡ୍ ରାଶି / ବିକ୍ରୟ ମୂଲ୍ୟ ଏହି ତିନି ଗୋଟି ବ୍ୟାଙ୍କ ଦ୍ୱାରା ଆନୁପାତିକ ଭିତ୍ତିରେ ବଣ୍ଟନ କରାଯିବ।

**ଓଡିଶା ସରକାର ନିମ୍ନଲିଖିତ ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ଲିଜ୍ ହୋଲ୍ଡ ବନ୍ଧକ ସମ୍ପତ୍ତିକୁ ନିଲାମ ପାଇଁ ଅନୁମତି ଦେଇଛନ୍ତି:**

୧) ପଟ୍ଟାଦାତାଙ୍କ ପ୍ରତିନିଧି ଉପସ୍ଥିତିରେ ନିଲାମ କରାଯିବ ଏବଂ କଥିତ ସମ୍ପତ୍ତି ବିକ୍ରୟ ହୋଇଗଲେ କ୍ରେତା ଏକ ନୂତନ ରାଜିନାମାର ଦଲିଲ ପଟ୍ଟାଦାତା (ସରକାର)ଙ୍କ ସହିତ ସମ୍ପାଦନ କରିବେ, ଯେଉଁଥିରେ ମୂଳ ଲିଜ୍‌ରେ ଥିବା ନିୟମ ଏବଂ ସର୍ତ୍ତାବଳୀ ଲିଜର ଅବଶିଷ୍ଟ ସମୟ ଯାହା **ତା.୨୩.୧୧.୨୦୯୪ରିଖ** ପର୍ଯ୍ୟନ୍ତ ପାଳନ ହେବ ଏବଂ ପ୍ରଥମରୁ ଯେଉଁଥିପାଇଁ ଲିଜ୍ ମଞ୍ଜୁର କରାଯାଇଥିଲା ସେହି ଉଦ୍ଦେଶ୍ୟରେ ଏହା ବ୍ୟବହାର କରାଯିବ।

୨) ଉପରଦର୍ଶିତ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ସମ୍ପତ୍ତିର ନିଲାମ କରାଯିବ ଏବଂ ସଫଳ ନିଲାମଧାରୀ କ୍ରେତା ୨୦୦% ସହମତି ଫି ଯାହା **ଟ.୬,୬୫,୨୮,୯୨୬/-** ନିଲାମର **୧୫ ଦିନ** ମଧ୍ୟରେ ପଇଠ କରିବେ, ଯାହା ଦେୟ ଆଦାୟ ପାଇଁ ସର୍ବୋଚ୍ଚ ନିଲାମଧାରୀଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବା ପୂର୍ବରୁ ସରକାରଙ୍କୁ ପଇଠ କରାଯିବ।

୩) ଆର୍ଥିକ ସଂସ୍ଥାଗୁଡ଼ିକ ଦ୍ୱାରା ବକେୟା ଦେୟ ଆଦାୟ ପରେ ବଳକା ରାଶି ପଟ୍ଟାଧାରୀଙ୍କୁ ପଇଠ କରାଯିବ ।

୪) ସଂସ୍ଥା / ବ୍ୟକ୍ତିବିଶେଷ / କମ୍ପାନୀ ଯେଉଁମାନେ ରାଜଧାନୀ ଭୁବନେଶ୍ୱରରେ ଜମି ଲିଜ୍ ପାଇବା ପାଇଁ ଥିବା ସରକାରଙ୍କ ନୀତି ଅନୁଯାୟୀ ଯୋଗ୍ୟ ସେମାନେ କେବଳ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିପାରିବେ, ଯାହାକି ନିଲାମ ପୂର୍ବରୁ ପଟ୍ଟାଦାତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ସ୍ଥିର କରାଯିବ। ସେମାନଙ୍କୁ ଉପରୋକ୍ତ ବିଷୟ ଉପରେ ନିଜର /ସେମାନଙ୍କର ସନ୍ତୁଷ୍ଟି ମୁତାବକ ଆଫିଡେଭିଟ୍ ପ୍ରଦାନ କରିବାକୁ ହେବ ଏବଂ ଯଦି ପରବର୍ତ୍ତୀ ପର୍ଯ୍ୟାୟରେ ଦଲିଲ୍ ସମ୍ପାଦନ ପୂର୍ବରୁ କଥିତ ନିଲାମ କ୍ରେତା ନିଜର ଯୋଗ୍ୟତା ବିଷୟରେ କିଛି ତଥ୍ୟ ଗୋପନ ରଖିଥିବା କଥା ଜଣାପଡେ, ନିଲାମକୁ ବାତିଲ କରାଯିବ ଏବଂ ତଥା କଥିତ କ୍ରେତାଙ୍କର ଏହି ନିଲାମ ଉପରେ ଏବଂ ନିଲାମ ହୋଇଥିବା ସ୍ଥାବର ସମ୍ପତ୍ତି ଉପରେ କୌଣସି ଦାବୀ ରହିବ ନାହିଁ। ଏହି ପରିପ୍ରେକ୍ଷୀରେ ପୁନି ନିଲାମ କରାଯିବ।

୫) ପଟ୍ଟାଦାତା ରାଜ୍ୟ କଥିତ ସମ୍ପତ୍ତି ଉପରେ ଅଗ୍ରାଧିକାର ଅଧିକାରକୁ ସଂରକ୍ଷିତ ରଖିଛନ୍ତି।

୬) ମୂଳ ଲିଜ୍ ଦଲିଲ୍‌ରେ ଦର୍ଶାଯାଇଥିବା ନିୟମ ଓ ସର୍ତ୍ତାବଳୀ ସହିତ ନିଲାମର କ୍ରେତାଙ୍କ ସହିତ ଲିଜ୍ ଅବଧିର ଅବଶିଷ୍ଟ ସମୟ ଯାହା **ତା.୨୩.୧୧.୨୦୯୪ରିଖ** ପର୍ଯ୍ୟନ୍ତ ରହିବ।

୭) ଏହି ଅନୁମତି **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଦ୍ୱାରା ଇସ୍ୟୁ କରାଯାଇଥିବା ବ୍ୟାଙ୍କ ଗ୍ୟାରେଣ୍ଟିର ବୈଧତା **ତା.୨୧.୧୧.୨୦୧୯ରିଖ** ପର୍ଯ୍ୟନ୍ତ ବୈଧ ଅଟେ।

୮) ନିଲାମ ପରେ ନିଲାମଧାରୀ କ୍ରେତାଙ୍କୁ ନିଲାମର **୧ ମାସ** ମଧ୍ୟରେ **ତ୍ରିପକ୍ଷ** ଦଲିଲ୍ ସମ୍ପାଦନ କରିବାକୁ ପଡିବ।

** ମାନ୍ୟବର ହାଇକୋର୍ଟ ଓଡିଶା WP(C) No-17530 of 2017, ତାରିଖ: ୦୪.୦୯.୨୦୧୭ ଘଟଣାରେ ପ୍ରଦତ୍ତ ମଧ୍ୟବର୍ତ୍ତୀକାଳୀନ ଆଦେଶ ଅନୁସାରେ ସଫଳ ନିଲାମ କ୍ରେତା ନିଲାମ ତାରିଖ ଠାରୁ ୧୫ଦିନ ମଧ୍ୟରେ ୧୦୦% ଅନୁମତି ଫି ଅର୍ଥାତ୍ ଟ.୩,୩୨,୬୪,୪୬୩/- ପ୍ରଦାନ କରିବେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ସୁରକ୍ଷିତ ଋଣଦାତାଙ୍କ ୱେବ୍‌ସାଇଟ୍‌ରେ ପ୍ରଦତ୍ତ www.centralbankofindia.co.in ଲିଙ୍କ୍ ଦେଖନ୍ତୁ, ନିଲାମଧାରୀ https://centralbank.auctiontiger.net & https://ibapi.in ଦେଖିପାରିବେ।

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬)/ ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬)/ ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖରେ ଉକ୍ତ ସମ୍ପତ୍ତିକୁ ଇ-ନିଲାମ ବିକ୍ରୟ କରାଯିବ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୦.୦୫.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


ବାଇକ୍- ବୋଲେରୋ ଧକ୍କା

## ବାପ, ପୁଅ ମୃତ, ମା', ପୁଅ ଗୁରୁତର

ଦିଗପହଣ୍ଡି,୨୦।୫(ଡି.ଏନ.ଏ.)

ପାଟପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଛକ ନିକଟରେ ସୋମବାର ସକାଳ ପ୍ରାୟ ୯ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବାପ, ପୁଅଙ୍କର ମୃତ୍ୟୁ ଘଟିଥିବା ବେଳେ ମା' ଓ ପୁଅ ଗୁରୁତର ହୋଇଛନ୍ତି । ଦୁର୍ଘଟଣାସ୍ଥଳରେ ବାପାଙ୍କର ମୃତ୍ୟୁ ହୋଇଥିବା ବେଳେ ବ୍ରହ୍ମପୁର ବଡ଼ ମେଡିକାଲରେ ପୁଅଙ୍କର ମୃତ୍ୟୁ ଘଟିଛି। ଏଥିରେ ମା' ଓ ପୁଅ ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ ସନ୍ତୋଷ ପ୍ରଧାନ (୩୫) ଓ ପୁଅ ସୋମ୍ ପ୍ରଧାନ (୧୦) । ଗୁରୁତର ୨ ଜଣ ହେଲେ ସନ୍ତୋଷଙ୍କ ସ୍ତ୍ରୀ କ୍ଷେତ୍ରୀ ପ୍ରଧାନ (୨୭) ଓ ସାନପୁଅ ଓମ୍। ସାନଖେମୁଣ୍ଡି ପୋଲିସ ମୃତଦେହ ଦୁଇଟିକୁ ଜବତ କରି ନଂ. ୧୦୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରି ଘଟଣାର ଅନୁସନ୍ଧାନ ଚଳାଇଛି । ମିଳିଥିବା ସୂଚନାନୁସାରେ, ସୋମବାର ସକାଳେ ଏରେଣ୍ଡ୍ରା ଗ୍ରାମର ସନ୍ତୋଷ ସ୍ତ୍ରୀ ଓ ୨ ପୁଅଙ୍କୁ ସାଙ୍ଗରେ ଧରି ବାଇକ୍ (ନଂ ଓଆର୦୭ୱାଇ୬୦୮୯) ରେ କୌଣସି କାମରେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ । ସେଠାରୁ ଫେରୁଥିବା ବେଳେ ଢ଼େପାପେଣ୍ଠରୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ(ନଂ ଓଡି୦୭ଡି୭୭୫୫) ବାଇକ୍ ପଛପଟୁ ଧକ୍କା ଦେଇଥିଲା ।


## କର୍ପୋରେଶନ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଅଗ୍ରଣୀ ଉଦ୍ୟୋଗ)

ଆଞ୍ଚଳିକ କାର୍ଯ୍ୟାଳୟ, ବ୍ଲକ୍ ନଂ.: ୪, ୱିଙ୍ଗ-୩, ୧ମ ମହଲା, ବିଏମ୍‌ସି ଭବାନୀ ଏନ୍‌କ୍ଲେଭ୍, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭

**ବନ୍ଧକ ସୁନା ଅଳଙ୍କାର ନିଲାମ ନୋଟିସ୍**

ନିମ୍ନ ଦର୍ଶିତ ଋଣଗ୍ରହୀତାମାନେ ବ୍ୟାଙ୍କରେ ଅଳଙ୍କାର ବନ୍ଧକ ରଖି ନେଇଥିବା ଋଣ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ଏବଂ ସେମାନଙ୍କୁ ରେଜେଷ୍ଟ୍ରୀ ଡାକ ଯୋଗେ ପଠାଯାଇଥିବା ନୋଟିସ୍ ଗ୍ରହଣ କରିବା ପାଇଁ ମନା କରିଥିବା କିମ୍ବା ଦିଆଯାଇପାରିନଥିବା କାରଣରୁ ଫେରସ୍ତ ଆସିଅଛି । ଏହି ନୋଟିସ୍ ମାଧ୍ୟମରେ ସେମାନଙ୍କୁ ଜଣାଇ ଦିଆଯାଉଛିଯେ ଯେହେତୁ ସେମାନେ ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି ତେଣୁ ପୁନଶ୍ଚ କୌଣସି ନୋଟିସ୍ ଦିଆ ନ ଯାଇ ଆଗାମୀ **ତା.୨୮.୦୫.୨୦୧୯ରିଖ ପୂର୍ବାହ୍ନ ୧୧.୦୦ଘଟିକା ଠାରୁ ଅପରାହ୍ନ ୨.୩୦ଘଟିକା** ମଧ୍ୟରେ ବନ୍ଧକ ରଖାଯାଇଥିବା ଅଳଙ୍କାରଗୁଡ଼ିକୁ ବ୍ୟାଙ୍କର **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ । ଏହି ସମ୍ବନ୍ଧୀୟ ଅନ୍ୟାନ୍ୟ ଖର୍ଚ୍ଚ ଏବଂ ତତ୍‌ପରବର୍ତ୍ତୀ ସୁଧ ପାଇଁ ଋଣଗ୍ରହୀତାମାନେ ଦାୟୀ ରହିବେ ।

| ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. / ଋଣ ତାରିଖ | ମୋଟ ଓଜନ (ଗ୍ରାମରେ) | ତା.୧୭.୦୫.୨୦୧୯ରିଖ ପର୍ଯ୍ୟନ୍ତ ସୁଧ ସହିତ ବକେୟା ଋଣ (ଟଙ୍କାରେ) + ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ |
|---|---|---|
| **ତାଳଚେର ଶାଖା, ସା: ଶର୍ମା ଛକ, ତାଳଚେର, ହାଣ୍ଡିଧୁଆ ମେନ୍ ରୋଡ୍, ପୋ.: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା, ପିନ୍-୭୫୯୧୦୦, ଫୋନ୍ ନଂ.: ୦୬୭୬୦-୨୪୧୦୬୦, ମୋ.: ୭୦୪୪୧୪୭୭୦୨** | | |
| **ଶିଶିର କୁମାର ପାଣୀ,** ପିତା: ଚତୁର୍ଭୁଜ ପାଣୀ, ସା/ପୋ.: ଗୁରୁଜଙ୍ଗ, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୪୫୬୦୭୫୩ / ୦୨.୦୧.୨୦୧୮** | ୨୩.୫୩ | ଟ.୩୮,୭୩୪/- |
| **ଭଞ୍ଜନଗର ଶାଖା, ମେନ୍ ରୋଡ୍, ସା/ପୋ.: ଭଞ୍ଜନଗର, ଇଣ୍ଡେନ୍ ଗ୍ୟାସ୍ ସମ୍ମୁଖ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୨୬, ମୋ.: ୯୯୩୮୦୦୩୩୬୮** | | |
| **ସନ୍ତୋଷ ନାୟକ,** ସା: ସାନକୋଦଣ୍ଡା, ପୋ.: ମହାଗୁଡ, ଭଞ୍ଜନଗର-୭୬୧୧୩୨ / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୮୯୦୨୮୧ / ୨୭.୦୨.୨୦୧୭** | ୮.୧୫ | ଟ.୧୬,୦୯୨/- |
| **ସିମାଞ୍ଚଳ ପ୍ରଧାନ,** ପିତା: କୀର୍ତ୍ତନ ପ୍ରଧାନ, ସା/ପୋ.: କାଳିଆଗୁଡା, ଥାନା: ଗଙ୍ଗପୁର, ଜିଲ୍ଲା: ଗଞ୍ଜାମ / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୮୦୫୭୯୯ / ୨୭.୦୨.୨୦୧୭** | ୨୦.୩୪ | ଟ.୨୦,୯୧୮/- |
| **ଡିଙ୍ଗିର ନାୟକ,** ପିତା: ଚରଣ ନାୟକ, ସା/ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୮୦୫୮୪୫ / ୦୩.୦୩.୨୦୧୭** | ୨୪.୫୨ | ଟ.୪୪,୮୪୧/- |
| **ରାମ ଡାକୁଆ,** ପିତା: ହରି ଡାକୁଆ, ସା: ନୂଆସାହି, ଅଗଝୋଳ, ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୮୧୨୨୬୪ / ୨୭.୦୩.୨୦୧୭** | ୨୩.୬୬ | ଟ.୩୪,୩୪୯/- |
| **ଦେବଜୟ ପ୍ରଧାନ,** ପିତା: ଅର୍ଜୁନ ପ୍ରଧାନ, ସା/ପୋ.: ଜିଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୩୩/ **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୯୪୭୯୮୪/ ୦୬.୦୫.୨୦୧୭** | ୧୩.୦୦ | ଟ.୧୯,୯୩୮/- |
| **ସମୀର କୁମାର ବିଶୋଇ,** ପିତା: ସାଧୁ ଚରଣ ବିଶୋଇ, ସା: ଛେଦଭୂମି, ପୋ.: ଲାଇସିଂ, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୮୦୫୯୮୫ / ୨୨.୦୫.୨୦୧୭** | ୨୧.୪୪ | ଟ.୧୫,୮୭୭/- |
| **ସମୀର କୁମାର ବିଶୋଇ,** ପିତା: ସାଧୁ ଚରଣ ବିଶୋଇ, ସା: ଛେଦଭୂମି, ପୋ.: ଲାଇସିଂ, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୮୦୯୦୫ / ୨୨.୦୫.୨୦୧୭** | ୩୮.୦୦ | ଟ.୩୪,୦୧୦/- |
| **ଲିପି ପ୍ରଧାନ,** ସ୍ୱାମୀ: ବିଜନକାନ୍ତ ପ୍ରଧାନ, ସା: ଅଜଣାପ୍ରସାଦ, ପୋ.: ଜଗନ୍ନାଥପ୍ରସାଦ, ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ-୭୬୧୧୨୧ / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୯୦୪୯୨୪/ ୦୬.୦୬.୨୦୧୭** | ୨୫.୯୨ | ଟ.୪୯,୭୪୦/- |
| **କାର୍ତ୍ତିକେଶ୍ୱର ଗୌଡ,** ପିତା: ସହଦେବ ଗୌଡ, ସା: କଳିଙ୍ଗ ନଗର ୩ୟ ଲେନ୍, ବାଇଲୁଗୁଣ୍ଡା ରୋଡ୍, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୬ / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୮୯୮୮୩୫ / ୩୧.୦୭.୨୦୧୭** | ୩୯.୬୭ | ଟ.୭୧,୬୮୫/- |
| **ବସନ୍ତ ସ୍ୱାଇଁ,** ପିତା: କାଳୁ ସ୍ୱାଇଁ, ସା: ମୁଦୁଲିପାଲି, ପୋ.: ଗାମୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୮୭୨୮୭୯ / ୦୫.୦୮.୨୦୧୭** | ୧୫.୬୯ | ଟ.୨୯,୮୨୯/- |
| **ସୁଶାନ୍ତ କୁମାର ଜେନା,** ପିତା: ନିରଞ୍ଜନ ଜେନା, ସା: ଟୋକାଗଣ୍ଡ, ପୋ.: ବଡକୋଦଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା-୭୬୧୧୨୫ / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୮୧୦୦୮୩ / ୦୯.୦୮.୨୦୧୭** | ୨୭.୪୦ | ଟ.୪୧,୬୭୪/- |
| **ପ୍ରସାନ୍ତ କୁମାର ସାହୁ,** ପିତା: ଭଗବାନ ସାହୁ, ସା: ଅଗଝୋଳ, ପୋ.: ବାଉଁଶଲୁଣ୍ଡି, ଥାନା: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଆକାଉଣ୍ଟ ନଂ.: ଏସିଏଟିଏଲ୍/୫୬୦୯୫୧୦୦୨୮୦୬୦୯୪/୨୭.୦୭.୨୦୧୭** | ୩୧.୮୫ | ଟ.୫୩,୪୦୭/- |

ତାରିଖ: ୨୦.୦୫.୨୦୧୯ — କ୍ଷମତାପ୍ରାପ୍ତ ଅଧିକାରୀ



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ



ଗାଁକୁ ରାସ୍ତା ନାହିଁ

### ନାଳ ଭିତରେ ନିର୍ମାଣ ହେଲା ଅସ୍ଥାୟୀ ରାସ୍ତା

ପୁରୁଣାକଟକ,୨୦।୫( ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସଦର ମହକୁମା ଠାରୁ ମାତ୍ର ୫ କିମି ଦୂରତାରେ ଅଛି ଯାଜପୁର ଗ୍ରାମ । ଜାତୀୟ ରାଜପଥରୁ ଉକ୍ତ ଗ୍ରାମକୁ ଯିବାକୁ ହେଲେ ବାଟରେ ପଡିଥାଏ ଲକ୍ଷ୍ମୀନାଳ । ନାଳ ଯୋଗୁ ଗ୍ରାମବାସୀ ଯିବା ଆସିବାରେ ବହୁ ସମସ୍ୟା ଭୋଗୁଛନ୍ତି। ଏହି ଗ୍ରାମରେ ୧୪୦ଟି ପରିବାର ବସବାସ କରିଆସୁଛନ୍ତି । କିନ୍ତୁ ଗ୍ରାମକୁ ଭଲ ରାସ୍ତା ନାହିଁ । ବର୍ଷା ଦିନେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ଦିନ ହେଲା ସେମାନେ ଉକ୍ତ ନାଳ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ଦାବି କରିଆସୁଛନ୍ତି । କିନ୍ତୁ ପ୍ରଶାସନ କିଛି ପଦକ୍ଷେପ ନ ନେବାରୁ ସେମାନେ ଶ୍ରମଦାନ କରି ନାଳ ଭିତରେ ଅସ୍ଥାୟୀ ରାସ୍ତା ନିର୍ମାଣ କରୁଥିବା ଦେଖାଯାଇଛି । ତୁରନ୍ତ ଉକ୍ତ ନାଳ ଉପରେ ଏକ ପୋଲ ନିର୍ମାଣ କରିବାକୁ ଦାବି ହେଉଛି ।

ଭୋଟ ଗଣତି ପୂର୍ବରୁ ଏକଜିଟ୍ ପୋଲ୍

# ବାସ୍ତବତା ନାହିଁ, ଆସ୍ଥା ହରାଉଛି

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୦।୫

ସାତ ପର୍ଯ୍ୟାୟ ବିଶିଷ୍ଟ ସାଧାରଣ ନିର୍ବାଚନ ପାଇଁ ମତଦାନ ସରିଯାଇଛି । ଗୁରୁବାର ଭୋଟ୍ ଗଣତି ହେବା ପରେ ଫଳାଫଳ ସ୍ପଷ୍ଟ ହୋଇଯିବ। ମାତ୍ର ଏହାପୂର୍ବରୁ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ନିର୍ବାଚନକୁ ନେଇ ଏକ୍‌ଜିଟ୍ ପୋଲ୍ (ବୁଥ୍ ଫେରନ୍ତା ଜନମତ ସର୍ଭେ) ରିପୋର୍ଟ ପ୍ରକାଶ ପାଇଛି । ଏହି ରିପୋର୍ଟରେ କେନ୍ଦ୍ରରେ ପୁଣିଥରେ ଏନଡିଏ ଏବଂ ରାଜ୍ୟରେ ବିଜେଡ଼ି ସରକାର କ୍ଷମତାକୁ ଆସିବ ବୋଲି ଉଲ୍ଲେଖ ରହିଛି। ସେହିପରି ଶାସନ କ୍ଷମତା ନ ପାଇଲେ ମଧ୍ୟ ୨୦୧୪ ନିର୍ବାଚନ ତୁଳନାରେ ରାଜ୍ୟରେ ଭାଜପା ଏବଂ କେନ୍ଦ୍ରରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ସମ୍ପୃକ୍ତ ଗଣମାଧ୍ୟମର ଏକଜିଟ୍ ପୋଲ୍ କହୁଛି । ତେବେ ଭୋଟ୍ ଗଣତି ଏବଂ ଫଳାଫଳ ଘୋଷଣାକୁ ଆଉ ମାତ୍ର ଦୁଇଦିନ ରହିଥିବାବେଳେ ଏବେ ଏହି ଏକ୍‌ଜିଟ୍ ପୋଲ୍‌କୁ ନେଇ ଚା' ଖଟିରୁ ବସଷ୍ଟାଣ୍ଡ, ଗାଁଠୁ ସହର ସବୁଆଡ଼େ ଚର୍ଚ୍ଚା। ଏ ନେଇ ଆମେ କେତେକ ସଚେତନ ନାଗରିକଙ୍କୁ ଭେଟିଥିଲୁ। ଏକ୍‌ଜିଟ୍ ପୋଲ ଫଳାଫଳକୁ ସେମାନେ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରି ନ ଥିଲେ। ମାତ୍ର ଦିନକୁ ଦିନ ଏକଜିଟ୍ ପୋଲ ଲୋକଙ୍କ ବିଶ୍ୱସନୀୟତା ହରାଇ ବସୁଥିବା ସେମାନେ କହିଥିଲେ ।

**ଏମାନେ କୁହନ୍ତି...**



"କେତେକ ଗଣମାଧ୍ୟମ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପୃଷ୍ଠପୋଷକତାରେ ରହିଛି । ଫଳରେ ଗଣମାଧ୍ୟମର ନିରପେକ୍ଷତା ଉପରେ ଯେଉଁଳି ପ୍ରଶ୍ନବାଚୀ ସୃଷ୍ଟି ହେଉଛି, ଅନୁରୂପ ଭାବେ ସମ୍ପୃକ୍ତ ଗଣମାଧ୍ୟମର ଏକ୍‌ଜିଟ୍ ପୋଲ୍ ମଧ୍ୟ ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଫଳରେ ଆଗରୁ ଏକଜିଟ୍ ପୋଲ ପ୍ରତି ଲୋକଙ୍କ ଯେଉଁଳି ଭରସା ଥିଲା, ତାହା ଏବେ ଆଉ ଦେଖାଯାଉ ନାହିଁ ।

-କିରଣ କୁମାର ମିଶ୍ର



"ଏକ୍‌ଜିଟ୍ ପୋଲ ସବୁବେଳେ ଏକ୍‌ଜାକ୍ଟ(ସଠିକ୍) ନୁହେଁ । ଅତୀତରେ ଏହା ପ୍ରମାଣିତ ହୋଇ ସାରିଛି । ବିଗତ ଦିନରେ ବିହାର ନିର୍ବାଚନ ହେଉ କିମ୍ବା ନିକଟ ଅତୀତରେ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ବିଧାନସଭା ନିର୍ବାଚନରୁ ଏହା ସ୍ପଷ୍ଟ ହୋଇଯାଇଛି। ମାତ୍ର ମୋଟାମୋଟି ଭାବେ ଏହାକୁ ଅସ୍ୱୀକାର କରାଯାଇ ନ ପାରେ । ଗଣମାଧ୍ୟମ ଗୁଡ଼ିକର ନିରପେକ୍ଷତା ଉପରେ ତାହା ନିର୍ଭର କରୁଛି ।

-ଉମେଶ ଚନ୍ଦ୍ର ବିଶ୍ୱାଳ



"ଆଗରୁ ଯେଉଁଳି ପରିସଂଖ୍ୟାନ ଭିତ୍ତିକ ଏକଜିଟ୍ ପୋଲ୍ ହେଉଥିଲା, ଏବେ ତାହା ହେଉନାହିଁ । କିଛି ଗଣମାଧ୍ୟମ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ହୋଇ କେବଳ ସମ୍ପୃକ୍ତ ଦଳ ପ୍ରତି ଅଧିକ ଜନମତ ନିଜ ସର୍ଭେ ରିପୋର୍ଟ ଦର୍ଶାଉଛନ୍ତି । ଆଗଭଳି ଏକଜିଟ୍ ପୋଲରେ ବାସ୍ତବତା ନାହିଁ । ଫଳରେ ସେଥିପ୍ରତି ଲୋକେ ଆସ୍ଥା ହରାଇ ବସିଛନ୍ତି ଏବଂ ଭିନ୍ନ ଭିନ୍ନ ଗଣମାଧ୍ୟମର ଏକଜିଟ୍ ପୋଲରେ ମଧ୍ୟ ତାଳମେଳ ରହୁ ନାହିଁ ।

-ରାଜେନ୍ଦ୍ର ସିକନ୍ଦର



"କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ମତାମତକୁ ନେଇ ଏକଜିଟ୍ ପୋଲ କରାଯାଉଛି । ଆଉ ଏକଜିଟ୍ ପୋଲ ନେଇ ପୂର୍ବାପେକ୍ଷା ଲୋକେ ମଧ୍ୟ ଅଧିକ ସଚେତନ ହୋଇ ଗଲେଣି । ଫଳରେ କାହା ସପକ୍ଷରେ ଭୋଟ୍ ଦେଲେ, ଲୋକେ ସେ ନେଇ ମିଡ଼ିଆ ସମ୍ମୁଖରେ ମଧ୍ୟ ନିଜର ସଠିକ୍ ମତ ରଖୁ ନାହାନ୍ତି । ଅନ୍ୟପଟେ କିଛି ମିଡ଼ିଆ ମଧ୍ୟ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ହେଉଥିବା ଅନୁମାନ କରାଯାଉଛି ଏବଂ ପୂର୍ବଭଳି ଏକଜିଟ୍ ପୋଲ ପ୍ରତି ଆଉ ବିଶ୍ୱାସ ରହୁ ନାହିଁ ।

-ସରୋଜ ତ୍ରିପାଠୀ

## ବିପଦସଙ୍କୁଳ ଯାତ୍ରୀ ବିଶ୍ରାମାଗାର

ଜହ୍ନାପଙ୍କ, ୨୦।୫ (ଡି.ଏନ.ଏ)

ବୌଦ୍ଧ-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ଖୁଣ୍ଟବନ୍ଧ ଛକ ନିକଟରେ ଥିବା ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ ଅବସ୍ଥାରେ ରହିଛି । କାନ୍ଥ ଫାଟି ଆଁ କରିଥିଲେ ମଧ୍ୟ ଏହାର ମରାମତି କରାଯାଉନି । ଏଠାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସେବା ସମବାୟ ସମିତି ଓ ଆରଆଇ ଅଫିସ୍ ରହିଛି । ଏଠାରୁ ବୌଦ୍ଧ, ସୋନପୁର, ବଲାଙ୍ଗୀରକୁ ଯିବା ପାଇଁ ଶତାଧିକ ଯାତ୍ରୀ, ସ୍କୁଲ ଛାତ୍ରୀଛାତ୍ର ବସ୍‌କୁ ଅପେକ୍ଷା କରିଥାନ୍ତି । କିନ୍ତୁ ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ ଓ ପରିତ୍ୟକ୍ତ ଅବସ୍ଥାରେ ଥିବା ଯୋଗୁ ଲୋକେ ଗଛମୂଳରେ ବସି ସ୍କୁଲବସ୍‌କୁ ଅପେକ୍ଷା କରିଥାନ୍ତି । ବର୍ଷା ଦିନେ ସାମାନ୍ୟ ବର୍ଷା ହେଲେ ଯାତ୍ରୀମାନେ ଦୋକାନ ବାରଣ୍ଡାରେ ଛିଡା ହୁଅନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଯାତ୍ରୀ ବିଶ୍ରାମାଗାର ମରାମତି କରିବାକୁ ଦାବି ହେଉଛି।

■ ପେଟର ଲାଗି ନାଟ

# ୪୪ ଡିଗ୍ରୀ ଖରାରେ ସିଝୁଛେ ମୁନୁଷ୍

ଅତାବିରା, ୨୦।୫ (ଡି.ଏନ୍.ଏ):

ଦିନୁଦନ୍‌କେ ଖରା ତାତି ବଢ଼ତେଲ ଯାଉଛେ। ଲୋକ୍ ଖରା ଝାଉର ଲାଗି ଅଥାଥାଲି ହେଇଯାଉଛନ୍। ସଭେ ଛାଇତଲ ଖୁଜୁଛନ୍। ସକାଲର ୯ ବାଜଲେ ଲୋକ୍ ଘରୁ ଭଟାକେ ନାଇଁ ବାହାରବାର। ରାଏଜ ସରକାର ବି ଦିନର ୧୧ ବାଜଲେ ଗାଡ଼ିମଟର ସଂଗେ ଶ୍ରମିକମାନକର କାମକରାକେ ବାରନ୍ କରିଛନ୍। ହେଲେ ଏନ୍‌ତାଥି ବି ଆମର ସମାଜରେ ଅନେକ ଲୋକ୍ ଅଛନ୍ ଯେନ୍‌ମାନେ ପେଟକେ ଦାନା, ଦିହିକେ କପଡ଼ା, ପିଲାଛୁଆକର ପାଠ୍‌ପଢ଼ା ଚିନ୍‌ତାରେ ୪୪ ଡିଗ୍ରୀ ମୁଡ଼ଫଟା ଖରାରେ ନିଆଁସାଲେ ଖଟୁଛନ୍।

ସୂଚନା ଅନ୍‌ସାରେ ବରଗଡ଼ ଜିଲା ଅତାବିରା ବ୍ଲକ ଟାମ୍ପରସରା ପଁଚେତ ଛନ୍ଦପାଲିର ଗୁଟେ ଲୁହୁରା ପରିବାର ବହୁତ୍ ବଛର ହେଲା ପୋଡ଼ବାଡ଼ି ଛକରେ ଲୁହୁରାସାଲ କରି ନିଜର କୁଟୁମ ପୁଷୁଥିବାର ଦେଖିବାକେ ମିଲୁଛେ। ସ୍ୱର୍ଗତ ରସିଆ ଗୁରୁ ଆର ଭଗବତୀ ଗୁରୁଙ୍କର ୪ ପୁଓ ଅଶୋକ, ରାଘବ, ବଲ୍ଲଭ, ବିଜୟ ଆର ଗୁଟେ ଝିଁ ସୁମିତ୍ରା। ସଭେ ବିହାଚୁରା ହେଇ ସାଏଲେନ। ରସିଆ ଗୁରୁ ଆର ବଡ଼ପୁଓ ଅଶୋକ ଆରପାରକେ ଚାଲିଯାଇଛନ୍। ଭଗବତୀ ନିଜର ବାକି ୩ ପୁଓ, ଝିଁଜୁଏଁ ଆର ନାତି ନାତେନକର ସଂଗେ ଦିନ୍ ବିତଉଛନ୍। ଏହେଦେ ବାକି ୩ ପୁଓ ଆର ଜୁଏଁ ମିଶିଗୁଲି ଲୁହୁରାସାଲେ କାମ୍ କରୁଛନ୍ ଆର ନିଜର କୁଲବୁରତିକେ ବଁଚେଇ ରଖିଛନ୍। ହେଲେ ଆଘର ଲେଖେଁ ଭଲ ବେପାର ନାଇଁ ହେବାର। ଆଧୁନିକ ଯୁଗରେ ଆଧୁନିକ ଯନ୍ତ୍ରପାତି ଲାଗି ଲୁହୁରା ସମାଜ ନିଜର ଜୀବିକା ହରେଇ ବସଲେନ। ଆଗରୁ ଚାଷ୍‌ବାସ ସମିଆରେ ଲୁହୁରାସାଲୁ ଲାଖେରୁ ଦେଢ଼ଲାଖ୍ ଟଁକା ରୁଜଗାର ହେଉଥିଲା। ହେଲେ ଆଏଜ୍‌କାଲି ଆର ସେ କମାନି ନାଇଁ ହେବାର। ଆଗରୁ ଲୁହୁରାମାନେ ଦା, ଟଂଗିଆ, କୁଡ଼ି, ପନଖି, ଚଟୁ, ଶାବଲ ଲେଖେଁ ଲୁହା ସାମାନ ତିଆରି ହାଟ ହାଟ ବିକି ନେଉଥିଲେ। ସେଥିରୁ ସେମାନେ ବନେ ଦୁଇପଏସା ରୁଜଗାର ବି କରୁଥିଲେ। ହେଲେ ଆଏଜ୍ ଯୁଗ ବଦଲିବାର ସଂଗେ ଇ ସବୁ ବେପାର ବି ବୁଡ଼ିଗଲାନ। ରୁଜଗାର ବାବ୍‌ଦେ ବଲ୍ଲଭ ଗୁରୁଙ୍କୁଁ ପଚରାଲାରୁ ଚଲତି ଚାଷବାସ ସମିଆରେ ୪୦ରୁ ୫୦ ହଜାର ଟଁକା ଭିତରେ ରୁଜଗାର ହେବାର ଆଶ୍ କରୁଛୁଁ ବଲି ସେ କହିଥିଲେ। ଆଗରୁ ୧ ମିନିଟରେ ୧ ଟଁକା କମାନି ହେଉଥିଲା। ହେଲେ ଆଏଜକାଲି ଆଘର ଲେଖେଁ ବେପାର ନାଇଁ ଜମବାର। ଇ ମୁଡ଼ଫଟା ଖରା ଝାଉରେ ଲୋକ୍ ଘରେ ଅଚିନ୍ତା ଶୁଇଥିଲା ବେଲେ ଆଏଜ୍‌ବି ତିନ୍ ଭାଇ, ଜୁଏଁ ମିଶି ପେଟପାଟନାର ଉଧେ ୪୪ ଡିଗ୍ରୀ ଖରାରେ ଲୁହୁରାସାଲେ ନିଆଁରେ ତପୁଛନ୍।



ଲୁହୁରାସାଲେ କାମ୍‌ରେ ବାଇ ଅଛନ୍ ସ୍ୱର୍ଗତ ରସିଆ ଗୁରୁଙ୍କର ପୁଓମାନେ।

## ସାଇକେଲ-ବାଇକ୍ ଧକ୍କା, ଜଣେ ଗୁରୁତର

ଜହ୍ନାପଙ୍କ, ୨୦।୫ (ଡି.ଏନ.ଏ)

ବୌଦ୍ଧ ବଘିଆପଡା ରାସ୍ତାର ବଡିଗାଁ ଛକ ନିକଟରେ ସୋମବାର ପୂର୍ବାହ୍ନ ୧୦ଟା ୨୦ ମିନିଟରେ ଏକ ସାଇକେଲ ଓ ବାଇକ ଧକ୍କା ହେବାରୁ ସାଇକେଲ ଚାଳକ ସଦାନନ୍ଦ ଦେହୁରୀ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସଦାନନ୍ଦ ସାଇକେଲ ଯୋଗେ ବୌଦ୍ଧରୁ ଘରକୁ ଫେରୁଥିବା ବେଳେ ଏକ ବାଇକ୍ (ନଂ.ଓଆର୍‌୧୨/୨୫୧୫) ସହ ଧକ୍କା ହୋଇଥିଲା ।

## ସୋଲାର ଜଳ ପ୍ରକଳ୍ପ ମରାମତି ଦାବି

ଜହ୍ନାପଙ୍କ, ୨୦।୫ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଜହ୍ନାପଙ୍କ ଅଞ୍ଚଳରେ ଦିନକୁ ଦିନ ତାତି ବଢିବା ସହ ଭୂତଳ ଜଳସ୍ତର ହ୍ରାସ ଯୋଗୁ ବନ୍ଧ, ଗାଡିଆ ଆଦି ଶୁଖିଲା ପଡିଛି । ନଳକୂପ ଗୁଡିକ ଅଚଳ ହୋଇ ପଡିଥିବାରୁ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଖୁଣ୍ଟବନ୍ଧ ପଞ୍ଚାୟତର ବାଲିଦୋହଲି ଗାଁରେ ସ୍ଥାପିତ ସୋଲାର ପାନୀୟ ଜଳ ପ୍ରକଳ୍ପ ୨ମାସରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡିଥିବାରୁ ଗ୍ରାମବାସୀ ଜଳକଷ୍ଟ ଭୋଗୁଛନ୍ତି । ଉକ୍ତ ପ୍ରକଳ୍ପ ମରାମତି କରି ଗ୍ରାମବାସୀଙ୍କୁ ଜଳ ଯୋଗାଇ ଦେବାକୁ ଦାବି ହେଉଛି ।

## ବାତ୍ୟା ପ୍ରଭାବିତ ଅଞ୍ଚଳକୁ ରିଲିଫ ସାମଗ୍ରୀ ପଠାଗଲା



ସୋହେଲାରୁ ବାତ୍ୟା ପ୍ରଭାବିତ ପୁରୀ ଅଞ୍ଚଳକୁ ରିଲିଫ ସାମଗ୍ରୀ ପଠାଯାଉଛି ।

ସୋହେଲା,୨୦।୫(ଡି.ଏନ.ଏ)

ସୋହେଲାରୁ ଫନି ପ୍ରଭାବିତ ଅଞ୍ଚଳକୁ ସୋମବାର ରିଲିଫ ସାମଗ୍ରୀ ପଠାଯାଇଛି। ସ୍ଥାନୀୟ କିରାନା ବ୍ୟବସାୟୀ ସଂଘ ତରଫରୁ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପଠାଯାଇଛି। ଏଥିରେ ୫ଶହ କାର୍ଟୁନ ମିନେରାଲ ୱାଟର, ଚୂଡା, ଗୁଡ ଓ ବିସ୍କୁଟ ରହିଛି । ଏହି ରିଲିଫ ସାମଗ୍ରୀ ପୁରୀ ଜିଲାପାଳ ଅଫିସକୁ ଯିବ ବୋଲି ମନ୍ତ୍ରୀ ସିଂହ ସୂଚନା ଦେଇଛନ୍ତି । ଏହି ସମୟରେ କିରାନା ବ୍ୟବସାୟୀ ସଂଘ ସଭାପତି ରାମ ଗୁପ୍ତା, ସମ୍ପାଦକ ଚନ୍ଦ୍ର କୁମାର ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ପ୍ରବୀଣ କୁମାର ଅଗ୍ରୱାଲ, ସୁନୀଲ କୁମାର ଅଗ୍ରୱାଲ ଓ ଅଶୋକ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ ।

## ଲିଜ୍‌ରେ ଟ୍ରାକ୍ଟର ଦେଇ ଚାଷୀ ଠକେଇର ଶିକାର

ଅତାବିରା, ୨୦।୫ (ଡି.ଏନ.ଏ)

ଲୋନ କରି ଟ୍ରାକ୍ଟର ଆଣିବା ପରେ ଉକ୍ତ ଟ୍ରାକ୍ଟରକୁ ଲିଜ୍‌ରେ ଦେଇ ଜଣେ ଚାଷୀ ଠକେଇର ଶିକାର ହୋଇଛନ୍ତି । ଏ ନେଇ ଚାଷୀ ଜଣକ ଥାନାରେ ଏତଲା ଦେବା ପରେ ପୋଲିସ ଖୋଳତାଡ ଆରମ୍ଭ କରିଛି । ଏଭଳି ଏକ ଘଟଣା ଘଟିଛି ଅତାବିରା ଥାନା ଅଞ୍ଚଳରେ ।

ଅଭିଯୋଗ ଅନୁସାରେ, ଅତାବିରା ଥାନା ଅନ୍ତର୍ଗତ କୁଲୁଣ୍ଡା ଛକରେ ଭେଡେନ ଥାନା ଅଞ୍ଚଳର ଜଣେ ଚାଷୀ ଆନନ୍ଦ ସେଟ ବାସ କରୁଛନ୍ତି । ବାଞ୍ଜିପାଲି ଗ୍ରାମର ଜଣେ ବ୍ୟକ୍ତି ଆନନ୍ଦଙ୍କୁ କୃଷି ଋଣ କରାଇଦେବା ନାଁରେ ଆବଶ୍ୟକ କାଗଜପତ୍ର ସହ ଡାଉନ୍ ପେମେଣ୍ଟ ପାଇଁ ୬୦ ହଜାର ଟଙ୍କା ନେଇଥିଲେ । ପରେ ଉକ୍ତ ବ୍ୟକ୍ତି ଜଣକ କୃଷିଋଣ ହୋଇପାରିବନାହିଁ ଏବଂ ଏହା ବଦଳରେ ଟ୍ରାକ୍ଟର ଋଣ କରାଇ ଦେବାକୁ କହି ପୁଣି ଆନନ୍ଦଙ୍କଠାରୁ ୮୦ ହଜାର ଟଙ୍କା ନେଇଥିଲେ । ଏହାପରେ ବରଗଡ଼ ସ୍ଥିତ ମହିନ୍ଦ୍ରା କମ୍ପାନୀରୁ ଏକ ଟ୍ରାକ୍ଟର ଆସିବା ପରେ ପୁଣି ଉକ୍ତ ବ୍ୟକ୍ତି ଜଣକ ଆନନ୍ଦଙ୍କ ପାଖକୁ ଆସି ଟ୍ରାକ୍ଟର ଲିଜ୍‌ରେ ଦେଲେ ମୋଟା ଅଙ୍କରେ ମାସିକ ଟଙ୍କା ମିଳିବ କହି ଟ୍ରାକ୍ଟର ନେଇଯାଇଥିଲେ । ପରେ ମାସିକ ଟଙ୍କା ଓ ଉକ୍ତ ବ୍ୟକ୍ତିଙ୍କ ଦେଖାଦର୍ଶନ ନ ମିଳିବାରୁ ଆନନ୍ଦ ସନ୍ଦେହ କରି ଥାନାରେ ଲିଖିତ ଏତଲା ଦେଇଛନ୍ତି । ଏ ନେଇ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇଙ୍କୁ ପଚରାଯିବାରୁ ଘଟଣାର ତଦନ୍ତ ଚାଲିଥିବା କହିଥିଲେ ।

## ବିପନ୍ନ ହେଉଛି କମାରଙ୍କ କୌଳିକ ବୃତ୍ତି

ବରପାଲି, ୨୦।୫(ଡି.ଏନ.ଏ)

ସମୟର ପରିବର୍ତ୍ତନ ସହ ପାରମ୍ପରିକ କୌଳିକ ବୃତ୍ତି ଲୋପ ପାଇବାକୁ ବସିଲାଣି। ଚାଷ ସରଞ୍ଜାମ ତିଆରି କରାଯାଉଥିବା କମାରଶାଳ ନିଜର ସତ୍ତା ହରାଇ ବସିଛି। ଦିନ ଥିଲା ଚାଷୀଙ୍କ ବ୍ୟବହୃତ ଲୁହା ସାମଗ୍ରୀ କୋଡି, କୋଦାଳ, କଷନା ଓ ଧାନକଟା ଦା' ଆଦି ଶାଳରେ ତିଆରି ହେଉଥିଲା । ଆଉ କମାର ସମ୍ପ୍ରଦାୟର ଲୋକେ ଏହାକୁ ନିଜର କୌଳିକ ବୃତ୍ତି କରି ପରିବାର ପ୍ରତିପୋଷଣ କରିଥିଲେ । ମାତ୍ର ବର୍ତ୍ତମାନର ବ୍ୟସ୍ତବହୁଳ ଦୁନିଆରେ ସେସବୁ ଲୋପ ପାଇବାକୁ ବସିଲାଣି । ଅତ୍ୟାଧୁନିକ ଯୁଗରେ ମେସିନ ଦ୍ୱାରା ସବୁ କାମ ହେଉଥିବାରୁ ଲୋକେ ସହଜରେ ଆଦରି ନେଇଛନ୍ତି । ଏଭଳି ଏକ ପରିସ୍ଥିତିରେ କୌଳିକ ବୃତ୍ତିକୁ କେଉଁ ଆବହମାନ କାଳରୁ ବଞ୍ଚାଇ ରଖିଥିବା ବଡଗାଁର କେତେକ ଲୁହୁରା ତଥା ଲୁହା କାରିଗର ଆଜି ରାସ୍ତା କଡରେ ଜୀବିକା ନିର୍ବାହ କରୁଛନ୍ତି । ବରଗଡ ଜିଲା ବରପାଲି ଅନ୍ତର୍ଗତ ବଡଗାଁରେ ଲୁହୁରା ଜାତିର ୫ରୁ ୭ ପରିବାର ତାଙ୍କ ବାପ ଅଜା ଅମଳରୁ ବାସ କରି ଆସୁଛନ୍ତି । ସେମାନେ ନିଜର ଜିବିକା ପାଇଁ ଲୁହା କାମ କରିଥାନ୍ତି । ଚାଷୀମାନେ ବିଭିନ୍ନ ସମୟରେ ଏଠାକୁ ଆସି ଚାଷ ଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀ ଧାନକଟା ଦା' ଓ ପନିକି ତିଆରି କରିଥାନ୍ତି । ଲୁହାକୁ କୋଇଲା ଆଞ୍ଚରେ ତତାଇ ସେଗୁଡିକୁ ନରମ କରିବା ପରେ କାରିଗରମାନେ ବିଭିନ୍ନ ସାମଗ୍ରୀ ତିଆରି କରନ୍ତି । ଏଥିରେ ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ମିଳିଥାଏ ବୋଲି କାରିଗର ଅଶ୍ୱିନୀ ଗୁରୁ କୁହନ୍ତି । ଆଗଭଳି ଆଉ ବେପାର ନାହିଁ । ଏଣୁ ଏହି ବେଉସାକୁ ଭରସା କରି ଚଳିବା କଷ୍ଟକର । ଏହାକୁ ବଞ୍ଚାଇ ରଖିବାକୁ ସରକାରୀ ପ୍ରୋତ୍ସାହନ ଜରୁରୀ ବୋଲି ଚନ୍ଦ୍ରମଣି ଗୁରୁ ଓ ଇନ୍ଦ୍ରମଣି ଗୁରୁ ମତ ଦେଇଛନ୍ତି ।



ବରପାଲି କେନାଲ ରୋଡରେ ଜଣେ କାରିଗର ଲୁହା ସାମଗ୍ରୀ ତିଆରିରେ ବ୍ୟସ୍ତ।

ଦୂଷିତ ହେଉଛି ଦୋଷୀ କଟା ଜଳ

# ନାଲିଫିତା ତଳେ ପୁନରୁଦ୍ଧାର କାମ

■ ଦୂଷିତ ଜଳରେ ସ୍ନାନ ଯୋଗୁ ହେଉଛି ଚର୍ମରୋଗ

ବିଜେପୁର, ୨୦।୫(ଡି.ଏନ.ଏ)

ବରଗଡ ଜିଲା ବିଜେପୁର ବ୍ଲକ ଲାଉମୁଣ୍ଡାରେ ଥିବା ଏକମାତ୍ର ଜଳାଶୟ ଦୋଷୀ କଟାର ପୁନରୁଦ୍ଧାର କରାଯାଉ ନ ଥିବାରୁ ଏହା ଉପରେ ନିର୍ଭରଶୀଳ ଗ୍ରାମବାସୀ ନାନା ଅସୁବିଧା ଭୋଗୁଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ।

୧୨ ଏକର ପରିମିତ ଏହି କଟାର ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ଦଳ, ପଙ୍କରେ ଭର୍ତ୍ତି ହୋଇଛି । ତେଣୁ ଦିନକୁ ଦିନ ଏହାର ଜଳଧାରଣ କ୍ଷମତା ମଧ୍ୟ ହ୍ରାସ ପାଉଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଏବେ ଉକ୍ତ କଟାରେ ମାତ୍ର ତିରିଶ ପ୍ରତିଶତ ଜଳ ରହିଛି । ଦୀର୍ଘବର୍ଷ ଧରି ଏହାର ପୁନରୁଦ୍ଧାର କାର୍ଯ୍ୟ ହୋଇ ନ ଥିବାରୁ ଜଳ, ପଙ୍କରେ କଟାର ଜଳ ପ୍ରଦୂଷିତ ହୋଇଗଲାଣି । ଅନ୍ୟ ଉପାୟ ନ ଥିବାରୁ ଅଧିକାଂଶ ଲୋକ ଉକ୍ତ ପୋଖରୀରେ ସ୍ନାନ ଶୌଚ କରିବାକୁ ବାଧ ହେଉଛନ୍ତି। ପ୍ରଦୂଷିତ ଜଳରେ ସ୍ନାନ କରୁଥିବାରୁ ଲୋକମାନେ ବିଭିନ୍ନ ପ୍ରକାର ଚର୍ମରୋଗର ଶିକାର ହେଉଛନ୍ତି। ବିଗତ ବିଜେପୁର ଉପନିର୍ବାଚନ ପୂର୍ବରୁ ଲାଉମୁଣ୍ଡା ବିକାଶ ପରିଷଦ ପକ୍ଷରୁ କଟାର ପୁନରୁଦ୍ଧାର ସମେତ ୭ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ନିର୍ବାଚନ ପୂର୍ବରୁ ଏଠି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସ୍ଥାପିତ ହୋଇଥିଲା । ତେଣୁ ଗୋଟେ ଦାବି ପୂରଣ ହୋଇଥିବାରୁ ଅନ୍ୟ ପ୍ରସ୍ତାବ ଗୁଡିକ ମଧ୍ୟ ଫଳପ୍ରସୂ ହେବ ବୋଲି ଆଶା କରାଯାଉଥିଲା । ଉପନିର୍ବାଚନ ଯାଇ ସାଧାରଣ ନିର୍ବାଚନ ଶେଷ ହୋଇଥିଲେ ସୁଦ୍ଧା ଉକ୍ତ କଟାର ପୁନରୁଦ୍ଧାର ନିମିତ୍ତ ଟଙ୍କାଟିଏ ମଧ ଅନୁଦାନ ଘୋଷଣା ହେଲାନାହିଁ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଉମୁଣ୍ଡାରେ ବିକାଶ କିପରି ବାଟବଣା ହୋଇଛି ତାହା ସ୍ପଷ୍ଟ ଜଣାପଡୁଛି ବୋଲି ଗ୍ରାମର ଯୁବ ନାଗରିକ ହୃଷିକେଶ ମେହେର କହିଛନ୍ତି। ଏ ନେଇ ସରପଞ୍ଚ ସୁବର୍ଣ୍ଣ ମେହେରଙ୍କୁ ପଚରାଯିବାରୁ ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗକୁ ଉକ୍ତ କଟାଟିକୁ ହସ୍ତାନ୍ତର କରିବାକୁ ପ୍ରସ୍ତାବ ଦେଇଛୁ । ହେଲେ ଅଦ୍ୟାବଧି ଏହି କାର୍ଯ୍ୟ ଚୂଡାନ୍ତ ହୋଇ ପାରିନାହିଁ । ତେଣୁ ଏହାର ପୁନରୁଦ୍ଧାର ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ନିର୍ବାଚନ ଆଚରଣ ବିଧି ଉଠିଲା ପରେ କାର୍ଯ୍ୟାରମ୍ଭ କରାଯିବ ବୋଲି ସରପଞ୍ଚ ମେହେର କହିଛନ୍ତି ।



ଦଳ, ପଙ୍କରେ ପୂର୍ଣ୍ଣ ଲାଉମୁଣ୍ଡା ଦୋଷୀ କଟା ।



ସର୍ବଦା ଅହିଂସା ଆଚରଣ କରା କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।
- ବ୍ୟାସଦେବ

# ସିଏସ୍‌ଓଙ୍କୁ ୫ ଘଣ୍ଟା ଘେରିଲେ ଚାଷୀ

**ସମ୍ବଲପୁର, ୨୦।୫ (ବ୍ୟୁରୋ)**

ଚାଷୀମାନେ ପୂର୍ବରୁ ଯାହା ଆଶଙ୍କା କରୁଥିଲେ ତାହା ଘଟିଲା । ଯୋଗାଣ ବିଭାଗ ଅପାରଗତା ଯୋଗୁ ମିଲର୍ସଙ୍କ ଶୋଷଣର ଶିକାର ହେଉଥିବା ଚାଷୀଙ୍କ ଅସନ୍ତୋଷ ଉଗ୍ରରୂପ ନେଇଥିଲା । ପରିବହନ ବାବଦକୁ ମିଲର୍ସମାନେ ମାତ୍ର ୨/୩ଟଙ୍କା ଦେବାକୁ ପଛଘୁଞ୍ଚା ଦେବାରୁ ମାର୍କେଟ ୟାର୍ଡରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜି ଥିଲା। ଏଥିରୁ ଭାରପ୍ରାପ୍ତ ସିଏସ୍‌ଓ କୃଷ୍ଣଚନ୍ଦ୍ର ସେଠୀ ଓ ଅନ୍ୟାନ୍ୟ ଅଧିକାରୀ ବର୍ତ୍ତି ନ ଥିଲେ । ତବଲା ମାର୍କେଟୟାଡରେ ସୋମବାର ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଠାରେ ଦୀର୍ଘ ୫ ଘଣ୍ଟା ଧରି ଚାଷୀମାନେ ଏହି ଅଧିକାରୀମାନଙ୍କୁ ଘେରି ଯାଇ ପ୍ରଶ୍ନ ଉପରେ ପ୍ରଶ୍ନ କରିଥିଲେ। ଏଣୁ ଚାଷୀଙ୍କ ଆକ୍ରୋଶ ଯୋଗୁ ଅଧିକାରୀମାନଙ୍କୁ ଖରାରେ ଝାଳନାଳ ହେବାକୁ ପଡିଥିଲା। ମିଲର୍ସମାନେ ମଧ୍ୟ ଚାଷୀଙ୍କ ଆକୋଶରୁ ବାଦ୍ ପଡି ନ ଥିଲେ ।

ଚାଷୀମାନେ ମାର୍କେଟକୁ ଧାନ ଆଣୁଛନ୍ତି । ମାର୍କେଟରେ ଖାଲି କରିବାର ନିୟମ ରହିଛି। ହେଲେ ଚାଷୀଙ୍କ ଗାଡିରେ ମିଲ୍ ମାଲିକମାନେ ସୁବିଧାରେ ମିଲ୍‌କୁ ଧାନ ନେଉଛନ୍ତି । ପରିବହନ ବାବଦକୁ ଦାବି ଅନୁସାରେ ଟଙ୍କା ଦେବାକୁ କୁଣ୍ଠାବୋଧ କରୁଛନ୍ତି । ତେଣୁ ଚାଷୀଙ୍କୁ ସରକାରଙ୍କ ପରିବହନ ଖର୍ଚ୍ଚର ଧାର୍ଯ୍ୟ ଦର ଅନୁସାରେ ଭଡା ଟଙ୍କା ଦିଆଯାଉ ବୋଲି ଦାବି ଉଠିଥିଲା। ହେଲେ ବୈଠକରେ ଅଧାରୁ ମିଲ୍ ମାଲିକମାନେ ଉଠି ଚାଲି ଯାଇଥିଲେ। ପରିସ୍ଥିତି ଅଣାୟତ ହେବାରୁ ଶାସନ ଥାନା ଅଧିକାରୀ ଜୟରଶ୍ମି ସେଠୀ ସଦଳବଳ ପହଞ୍ଚିଥିଲେ। ହେଲେ ପରିସ୍ଥିତିରେ ସୁଧାର ଆସି ନ ଥିଲା। ଚାଷୀମାନେ ନିଜ ଜିଦ୍‌ରେ ଅଡି ବସିଥିଲେ। ରେମେଡସ୍ଥିତ ରାଇସ ମିଲ୍‌କୁ ଧାନ ନେବା ବାବଦକୁ ପ୍ରତି କୁଇଣ୍ଟାଲରେ ୩୦ ଟଙ୍କା, ମୁଡୋଘାଟ ନିକଟସ୍ଥ ମିଲ୍‌କୁ କୁଇଣ୍ଟାଲ ପିଛା ୩୫ ଟଙ୍କା, କଟାପାଲି ନିକଟସ୍ଥ ମିଲ୍‌କୁ ୩୨ ଟଙ୍କା ପ୍ରତି କୁଇଣ୍ଟାଲ ବାବଦକୁ ଦେବାକୁ ଚାଷୀମାନେ ଦାବି କରିଥିଲେ। ଶେଷରେ ଉପଜିଲାପାଳ ପ୍ରଦୀପ କୁମାର ସାହୁ ଏଥିରେ ହସ୍ତକ୍ଷେପ କରିଥିଲେ। ମିଲର୍ସମାନେ ପରିବହନ ଖର୍ଚ୍ଚ ଦେବାକୁ ରାଜି ହୋଇଥିବା ନେଇ ଉପଜିଲାପାଳ ସାହୁ ସୂଚନା ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା । ଚାଷୀନେତା ଦେବେନ୍ଦ୍ର ପ୍ରଧାନ, ଶାନ୍ତନୁ ପ୍ରଧାନ, ବିପିନ ଭୋଇ, ମନ ନାଥ, ଦେବାଶିଷ ପ୍ରଧାନ, ସଞ୍ଜିବ ବାରିକ, ଜଗଦା ନାଏକ ପ୍ରମୁଖ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ସୋମବାର ମାନେଶ୍ୱର ବ୍ଲକର ତବଲା ମାର୍କେଟୟାର୍ଡକୁ ୨୧ଟି ଗାଡି, କୁକୁଡାପାଲି ମାର୍କେଟୟାର୍ଡକୁ ୨୫ଟି ଗାଡି ଓ ପରମାଣପୁର ମାର୍କେଟୟାର୍ଡକୁ ୪ ଗାଡି ଧାନ ଆସିଥିଲା । ମିଲର୍ସମାନେ ପରିବହନ ଖର୍ଚ୍ଚ ବୃଦ୍ଧି ନ କରିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଶେଷରେ ୩ଟି ମାର୍କେଟୟାର୍ଡର ଚାଷୀମାନେ ତବଲା ମାର୍କେଟୟାର୍ଡରେ ଜମା ହୋଇ ଆନ୍ଦୋଳନ କରିଥିଲେ ।

- ୨/୩ଟଙ୍କା ପାଇଁ ମିଲର୍ସ ପଛଘୁଞ୍ଚା ଦେଲେ
- ସରକାରୀ ଦରରେ ଗାଡି ଭଡା ଦାବି
- ଖରାରେ ସିଝିଲେ ଚାଷୀ, ଅଧିକାରୀ
- ଉପଜିଲାପାଳଙ୍କ ହସ୍ତପେକ୍ଷ ପରେ ସମାଧାନ



ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ମାର୍କେଟରେ ଚାଷୀ ଓ ପ୍ରଶାସନିକ ଅଧିକାରୀ ।

## ସଂକ୍ଷେପରେ

### ଦୁର୍ଘଟଣାରେ ରେଢାଖୋଲ ଏଆରସିଏସ୍ ଗୁରୁତର

ରେଢାଖୋଲ,୨୦।୫(ଡି.ଏନ.ଏ.) ସମ୍ବଲପୁର ଜିଲା ରେଢାଖୋଲ ଉପଖଣ୍ଡ ଚାରମାଲ ଥାନା ମୋଚିବାହାଲ ଛକ ନିକଟ ୫୫ ନଂ. ଜାତୀୟ ରାଜପଥ ଉପରେ ସୋମବାର ଅପରାହ୍ନ ୪ଟାବେଳେ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ସହିତ ଗୋଟିଏ ବୋଲେରୋ ମୁହାଁ ମୁହିଁ ଧକ୍କା ହୋଇଛି। ଫଳରେ ବୋଲେରୋ ଡ୍ରାଇଭର କୈଳାସ ମୁଣ୍ଡାଙ୍କ ସହ ରେଢାଖୋଲ ସମବାୟ ସହ ନିବନ୍ଧକ (ଏଆରସିଏସ୍) ମହେନ୍ଦ୍ର କୁମାର ନନ୍ଦ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅନୁଗୋଳ ପଟୁ ସମ୍ବଲପୁର ଅଭିମୁଖେ ଟ୍ରକ୍‌ଟି ଯାଉଥିଲା। ସମ୍ବଲପୁରରୁ ରେଢାଖୋଲକୁ ଆସୁଥିବା ବୋଲେରୋ (ନଂ. ଓଡି ୧୫ ଇ ୯୯୫୧) ସହିତ ମୋଚିବାହାଲ ଛକରେ ଟ୍ରକଟି ମୁହାଁମୁହିଁ ଧକ୍କା ହୋଇଥିଲା। ବୋଲେରୋରେ ସମ୍ବଲପୁରରୁ ଅଫିସ କାର୍ଯ୍ୟ ସାରି ଏଆରସିଏସ ଫେରୁଥିଲେ। ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। ଏ ନେଇ ଚାରମାଲ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି।

### ଭୋଟ ଗଣତି ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ

ସମ୍ବଲପୁର,୨୦।୫(ବ୍ୟୁରୋ) ୨୦୧୯ ସାଧାରଣ ନିର୍ବାଚନରେ ହୋଇଥିବା ମତଦାନ ମେ ୨୩ ଭୋଟ ଗଣତି ହେବ । ସମ୍ବଲପୁର, ରେଙ୍ଗାଲି କୁଚିଣ୍ଡା, ରେଢାଖୋଲ ନିର୍ବାଚନ ମଣ୍ଡଳୀ ଆଦି ପ୍ରତି ବିଧାନସଭା କ୍ଷେତ୍ରରେ ଭୋଟ ଗଣତି ତାଦାରଖ କରିବା ପାଇଁ ଜଣେ ଲେଖାଏଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ପି. ପଣ୍ଡିବିଦ୍ୟା, ରେଙ୍ଗାଲି ପାଇଁ ଏନ. ସୁରେଶ, ସମ୍ବଲପୁର ନିର୍ବାଚନ ମଣ୍ଡଳୀ ପାଇଁ ବି.ଏମ ସାନ୍ତାକୁମାର, ରେଢାଖୋଲ ନିର୍ବାଚନ ମଣ୍ଡଳୀ ପାଇଁ ଅମୋଦ କୁମାର ସରଣଙ୍କୁ ନିର୍ବାଚନ କମିଶନ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରିଛନ୍ତି ।

### କୋଇଲା ଟ୍ରକ୍‌ରୁ ଡକାୟତି, ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୦।୫(ବ୍ୟୁରୋ) ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଏକ କୋଇଲା ଟ୍ରକ୍‌ରୁ ଡକାୟତି ହୋଇଥିବା ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ଫାଟକ କଟରଧୁଆ ଅଞ୍ଚଳର ପ୍ରକାଶ ବେହେରାଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଡକାୟତିରେ ବ୍ୟବହାର ହୋଇଥିବା ବାଇକ, କୋଇଲାର ଚାଲାଣ, ଟ୍ରକ୍ ଟ୍ରାନଜିଟ ପାସ, ମୋବାଇଲ ସହ ୧୧ଶହ ଟଙ୍କା ଜବତ ହୋଇଛି । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସୂଚନାଯୋଗ୍ୟ ଯେ, ସୋମବାର ଅପରାହ୍ନ ୨ଟାରେ ଲଚକୁରା କୋଇଲା ଖଣିରୁ କୋଇଲା ବୋଝେଇ କରି ଏକ ଟ୍ରକ (ନଂ ଜେଏଚ-୨୨-ଏ-୦୬୩୮) ହୀରାକୁଦ ହିଣ୍ଡାଲ୍‌କୋ ଯାଉଥିଲା। ହେଲେ ଅଇଁଠାପାଲି ତଳି ଛକରେ ଟ୍ରକରେ ଡକାୟତି ହୋଇଯାଇଥିଲା। ଏହାକୁ ନେଇ ବ୍ରଜରାଜନଗର ବିକାଶ କୁମାର ସିଂ ଥାନାରେ ଅଭିଯୋଗ କରିଥିଲେ।

### ଲୁଟ୍ ସାମଗ୍ରୀ ସହ ଅଭିଯୁକ୍ତ ଗିରଫ

ସମ୍ବଲପୁର,୨୦।୫(ବ୍ୟୁରୋ): ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଲୁଟ୍ ସାମଗ୍ରୀ ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିହାର ମୂଳ ବାସିନ୍ଦା ଗୋପାଳମାଳରେ ରହୁଥିବା ଦୀନା ଦାସ (୨୦)। ଅଭିଯୁକ୍ତ ଦୀନାଙ୍କ ପାଖରୁ ଲୁଟ୍ ସୁନା ଚେନ୍ (ଆନୁମାନିକ ମୂଲ୍ୟ ୧ ଲକ୍ଷ ୬୦ ହଜାର ଟଙ୍କା) ଓ ନଗଦ ୧୧ ହଜାର ୭୦ ଟଙ୍କା ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଗୋପାଳମାଳର ସୁଧୀର ଚାନ୍ଦଙ୍କ ଅଭିଯୋଗ କ୍ରମେ ତାଙ୍କ ସମ୍ପର୍କୀୟଙ୍କ ଘର ନିର୍ମାଣ କରାଯାଉଛି । ଅଭିଯୁକ୍ତ ସେଠାରେ ଶ୍ରମିକ ଭାବେ କାମ କରୁଥିଲେ। ହେଲେ ତାଙ୍କ ଜେଜେ ମା'ଙ୍କ ପାଖରୁ ସୁନା ଚେନ୍ ସହ ଟଙ୍କା ଲୁଟି କରି ନେଇଥିଲେ।

### ବୁଢାରଜା ଶୀତଳଷଷ୍ଠୀ ଯାତ୍ରା କମିଟି ଗଠିତ

ସମ୍ବଲପୁର,୨୦।୫(ବ୍ୟୁରୋ) ବୁଢ଼ାରଜା ମହାଦେବ ଶୀତଳଷଷ୍ଠୀ ଯାତ୍ରା କମିଟି ଗଠନ କରାଯାଇଛି । ମୁନା ସିଂ ସଭାପତି ଓ ଗଣେଶ ମୁଣ୍ଡା ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ସନତ ନାଥ ଉପସଭାପତି, ଧୀରେନ ବଛା ସମ୍ପାଦକ, ମଦନଗୋପାଳ ମୁଣ୍ଡା କୋଷାଧକ୍ଷ ଓ ସତ୍ୟବାଦୀ ସାହୁ ସହକୋଷାଧକ୍ଷ ଭାବେ ରହିଛନ୍ତି । ଚଳିତ ବର୍ଷ ଶିବପାର୍ବତୀଙ୍କ ବିବାହକୁ ଆକର୍ଷଣୀୟ କରାଯିବାକୁ କମିଟି ସ୍ଥିର କରିଛି ।

## ୪୮୨ ଜଣ ଦେଲେ ଓୟୁଏଟି ପ୍ରବେଶିକା ପରୀକ୍ଷା

**ଚିପିଲିମା, ୨୦।୫ (ଡି.ଏନ.ଏ.)**

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୨୦୧୯-୨୦ ଶିକ୍ଷାବର୍ଷ ପାଇଁ ପ୍ରବେଶିକା ପରୀକ୍ଷା ଚିପିଲିମାସ୍ଥିତ କୃଷି ଓ ଉଦ୍ୟାନ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ୫୦୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କୌଣସି କାରଣରୁ ୨୭ ଜଣ ଅନୁପସ୍ଥିତ ଥିବାରୁ ୪୮୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଆୟୋଜିତ ପ୍ରବେଶିକାରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ପ୍ରାଣୀସମ୍ପଦ, ବନ ଓ ଗୃହ ବିଜ୍ଞାନ ଭଳି ବିଭିନ୍ନ ପାଠ୍ୟକ୍ରମରେ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ମୋଟ ୨୦୦ ମାର୍କର ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଛାତ୍ରୀ ସଂଖ୍ୟା ଅଧିକ ଥିଲା। ଓୟୁଏଟିର ବିଭିନ୍ନ ବିଭାଗରେ ୬୮୬ଟି ସିଟ୍ ରହିଥିବା ବେଳେ ଚିପିଲିମା କୃଷି ଓ ଉଦ୍ୟାନ ମହାବିଦ୍ୟାଳୟର କୃଷି ବିଭାଗରେ ୭୫ ଓ ଉଦ୍ୟାନ ବିଭାଗରେ ୭୫ ସିଟ୍ ରହିଛି । ତେବେ ପ୍ରଫେସର ଡ. ରବିକୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ଡ. ଭାସ୍କର ଚନ୍ଦ୍ର ଦାସ, ସହଯୋଗୀ ନିୟନ୍ତ୍ରକ ଡ. ଦୀପିକା ସାହୁ, ଡ. ରଞ୍ଜନ କୁମାର ତରାଇ, ଡ. ପି.କେ. ପାଣିଗ୍ରାହୀ, ଡ. ଏସ. ମହନ୍ତ, ଡ. ସି. ଷଡଙ୍ଗୀ, ଡ. ମାନସରଞ୍ଜନ ସେନାପତି, ରାଜେନ୍ଦ୍ର ପାଢ଼ୀ, ସୁଶାନ୍ତ ମିଶ୍ର, ବିଦ୍ୟାଧର ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ବଳାତ୍କାର ଅଭିଯୋଗରେ ଯୁବକ ଜେଲ୍ ଗଲେ

**ବାମରା,୨୦।୫ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ ଯୁବକ ଜେଲ ଯାଇଛନ୍ତି। ଏହି ଅଭିଯୁକ୍ତ ଜରକ ହେଲେ ସୁନ୍ଦରଗଡ ଜିଲା ବଡଗାଁ ଥାନା ଅଧୀନ ମହାପଡା ନିବାସୀ ଲଳିନ୍ଦ୍ର କିଷାନ (୨୪)। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୀଡିତାଙ୍କ ଡାକ୍ତରୀ ମାଇନା କରାଯାଇଥିବା ତଦନ୍ତକାରୀ ଅଧିକାରୀ ଶର୍ମିଷ୍ଠା ସୁନା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବଡଗାଁ ଥାନାରେ ପ୍ରଥମେ ଅଭିଯୋଗ ହୋଇଥିଲା। ହେଲେ ପୋଲିସ ଗୋବିନ୍ଦପୁର ଥାନାକୁ ପଠାଇ ଦେଇଥିଲା। ବଡଗାଁ ଥାନା ଆଇଆଇସି ସୂର୍ଯ୍ୟକାନ୍ତି ଦାସଙ୍କୁ ଏହାର କାରଣ ପଚାରିବାରୁ ସେ କହିଛନ୍ତି ଯେ, ପୀଡିତାଙ୍କ ସୁବିଧା ହେତୁ ଏଭଳି କରାଯାଇଛି। ଗୋବିନ୍ଦପୁର ଥାନା ମଧ୍ୟ ତାଙ୍କ ଘର ପାଖରେ। ଏଣୁ ସୁନ୍ଦରଗଡ ଏସ୍‌ପିଙ୍କ ପରାମର୍ଶ ପରେ ତାଙ୍କୁ ଗୋବିନ୍ଦପୁର ଥାନାରେ ଅଭିଯୋଗ ପାଇଁ କୁହାଯାଇଥିଲା।

## ବ୍ରହ୍ମାକୁମାରୀ ପକ୍ଷରୁ ଆଲୋଚନା ଚକ୍ର



ସୋମବାର ସମ୍ବଲପୁର ଧନୁପାଲି ନିକଟରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ଆଲୋଚନା ଚକ୍ରରେ ଜନସାଧାରଣ ।

**ସମ୍ବଲପୁର, ୨୦।୫ (ବ୍ୟୁରୋ)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ସୋମବାର ପରମାତ୍ମା ଶକ୍ତି ଦ୍ୱାରା ସ୍ୱର୍ଣ୍ଣିମ ଯୁଗ ଶୀର୍ଷକ ଆଲୋଚନା ଚକ୍ର ଧନୁପାଲିରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ଆରତୀଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା । ମାଉଣ୍ଟଆବୁ ସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗଣମାଧ୍ୟମ ଅଧକ୍ଷ କରୁଣାକର ସେଠୀ ଆଲୋଚକ ଭାବେ ଯୋଗ ଦେଇଥିଲେ । ବ୍ରହ୍ମାକୁମାରୀ ପାର୍ବତୀ, ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧକ୍ଷ ବିଜୟ କୁମାର ମହାନ୍ତି ଓ ହୀରାକୁଦ ପାୱାର ହାଉସ ମୁଖ୍ୟଯନ୍ତ୍ରୀ ଜ୍ଞାନରଞ୍ଜନ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ । ଅର୍ପିତା ବେହେରା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ସେହିପରି ବ୍ରହ୍ମାକୁମାରୀ ଦୀପା ଧ୍ୟାନ ଉପରେ କହିଥିଲେ ।

## ଖରିଫ ଋତୁ ଧାନ ଚାଷକୁ ବିହନ ଅଭାବ

**ସମ୍ବଲପୁର,୨୦।୫(ବ୍ୟୁରୋ)**

- ମାନ ଉପରେ ଚାଷୀଙ୍କ ସନ୍ଦେହ
- ସମୟ, ଆବଶ୍ୟକ ଅନୁସାରେ ମିଳୁନି
- ୪୬ ସମବାୟ ସମିତିର ୯ ହଜାର କୁଇଣ୍ଟାଲ ବିହନ ଆବଶ୍ୟକ

ସମ୍ବଲପୁର ଜିଲାରେ ଏଥର ଖରିଫ ଋତୁରେ ଧାନ ବିହନ ଅଭାବ ହେବ। ଖୋଦ୍ ଚାଷୀମାନେ ଏହି ଅଭିଯୋଗ କରୁଛନ୍ତି । ଧାର୍ଯ୍ୟ ସମୟଠାରୁ ଚଳିତ ବର୍ଷ ଧାନ ବିହନ ବିକ୍ରି ହେବାର ୧୫ ଦିନ ବିଳମ୍ବ ହୋଇ ସାରିଛି। ଚାଷୀମାନେ ସବ୍‌ସିଡି ଦରରେ ସରକାରୀ ବିହନ ଆଉ ପାଇ ପାରିବେ ନାହିଁ । ଜମି ଓ ପାଣିପାଗକୁ ଦେଖି ଆବଶ୍ୟକ କରୁଥିବା ବିହନ କୃଷି ବିଭାଗ ଯୋଗାଇ ଦେବାରେ ବିଫଳ ହୋଇଛି । ଏପରିକି ବିହନ ମାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନେକ ସମୟରେ ବିହନ ଗଜା ନ ହେବା, ଭଲ ଅମଳ ନ ହେବା ଏପରିକି ଅନ୍ୟ କିସମ ଧାନ ଅମଳ ହେବା ନଜିର ରହିଛି । ଠିକ୍ ସମୟରେ ବିହନ ଯୋଗାଇ ଦିଆ ନ ଗଲେ ଚାଷୀ ବାଧ୍ୟ ହୋଇ ବାହାରୁ ଅଧିକ ଦରରେ ବିହନ କିଣିବ ବୋଲି କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ ଅଭିଯୋଗ କରିଛନ୍ତି । ହେଲେ କୃଷି ଉପ ନିର୍ଦ୍ଦେଶକ ଖଗେନ୍ଦ୍ର ନାଥ ଜେନା କହିଛନ୍ତି ଯେ, ଜିଲାରେ ପ୍ରାୟ ୧୫ ହଜାର କୁଇଣ୍ଟାଲ ଧାନ ବିହନ ଆବଶ୍ୟକ ରହିଛି। ଏଥିରୁ ବିଭିନ୍ନ କିସମର ପ୍ରାୟ ୫୦ ପ୍ରତିଶତ ଧାନ ବିହନ ଗଚ୍ଛିତ ରହିଛି । ଚଳିତ ବର୍ଷରେ ଜିଲାର ୪୬ ସମବାୟ ସମିତିକୁ ମୋଟ ୯ ହଜାର କୁଇଣ୍ଟାଲ ବିହନ ଆବଶ୍ୟକ ରହିଛି। ଦର ଧାର୍ଯ୍ୟ ନ ହେବାରୁ ସମବାୟ ସମିତି ଓ ଡିଲରମାନେ ଟଙ୍କା ଜମା କରି ପାରୁନାହାନ୍ତି । ତେଣୁ ସମସ୍ୟା ହେଉଛି । ସରକାରଙ୍କ ନିଜସ୍ୱ ବିହନ ଉତ୍ପାଦନ ପାଇଁ ବିଭାଗ ରହିଛି । ହେଲେ ନିଜ ଫାର୍ମରେ ଆବଶ୍ୟକ ପରିମାଣର ବିହନ ଉତ୍ପାଦନ ହେବା ସମ୍ଭବ ହୋଇ ନ ଥାଏ। ତେଣୁ ବରଗଡ, ସୋନପୁର, ବୌଦ୍ଧ, ବଲାଙ୍ଗୀର, ଝାରସୁଗୁଡା, ସୁନ୍ଦରଗଡ ପ୍ରଭୃତି ଜିଲାର ଚାଷୀଙ୍କ ସହଯୋଗରେ ବିହନ ଉତ୍ପାଦନ କରାଯାଉଛି। ଏଣୁ ବିହନ ପାଇଁ କୌଣସି ସମସ୍ୟା ହେବ ନାହିଁ ବୋଲି ସେ ଦୃଢ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଯୋଗ୍ୟ, ସମ୍ବଲପୁର ଜିଲାରେ ଏଥର ଖରିଫ ଋତୁରେ କୃଷି ବିଭାଗ ପ୍ରାୟ ୧ ଲକ୍ଷ ୮ ହଜାର ୪୦୦ ହେକ୍ଟର ଧାନ ଚାଷ ଲକ୍ଷ୍ୟ ରଖିଛି। ଏଥିପାଇଁ ପ୍ରାୟ ୧୫ ହଜାର କୁଇଣ୍ଟାଲ ସରକାରୀ ବିହନ ଆବଶ୍ୟକ ରହୁଥିବା ନେଇ ମଧ୍ୟ କୃଷି ବିଭାଗ ଆକଳନ କରିଛି। ସର୍ଣ୍ଣ, ପୂଜା, ସାରଳା, ଖଣ୍ଡଗିରି,୧୦୧୦, ୧୧୫୬, ୧୦୧୮, ୧୦୦୯ ଭଳି ବିହନର ଚାହିଦା ରହିଛି।

## ମାଟି ତଳୁ ମହିଳାଙ୍କ ମୃତଦେହ ଉଦ୍ଧାର

**କୁଚିଣ୍ଡା,୨୦।୫ (ଡି.ଏନ.ଏ.)**

ସମ୍ବଲପୁର ଜିଲା କୁଚିଣ୍ଡା ପୋଲିସ ସୋମବାର ଖମାରାବାହାଲ ଗ୍ରାମରେ ମାଟି ତଳେ ପୋତା ଯାଇଥିବା ଜଣେ ମହିଳାଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ପଠାଇଛି । ସେ ହେଲେ ଲତାଶୁଣୀ ମରେଇ (୪୦)। ଏ ବାବଦରେ କୁଚିଣ୍ଡା ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ପାଖ ଆମକଟା ଗ୍ରାମର କୁନା ଲୁହୁରା (୪୭) ତାଙ୍କୁ ହତ୍ୟା କରି ପୋତି ଦେଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ କୁନା ଫେରାର ଥିବାରୁ ପୋଲିସ ଗିରଫ କରିପାରି ନାହିଁ। ଲତାଶୁଣୀ ଏବଂ କୁନା ଖମାରବାହାଲ ଗ୍ରାମର ରାଜେଶ ନାୟକଙ୍କ ଘରେ ଏକାଠି କାମ କରିବା ସହ ରହୁଥିଲେ। ଗତ ୧୨ ତାରିଖ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଏବଂ ମାରପିଟ ମଧ୍ୟ ହୋଇଥିଲା । ଏହା ପରଠୁ ଲତାଶୁଣୀ ନିଖୋଜ ଥିଲେ। ଲତାଶୁଣୀ ନିଖୋଜ ଥିବା ବାବଦରେ ଘର ମାଲିକ ରାଜେଶ ଲତାଶୁଣୀଙ୍କ ଘରେ କହିଥିଲେ। ହେଲେ ଲତାଶୁଣୀଙ୍କ ପରିବାର ସଦସ୍ୟମାନେ ଏହାକୁ ଗୁରୁତ୍ୱ ନ ଦେବାରୁ ରାଜେଶ ନୀରବ ରହିଥିଲେ । କିଛି ଦିନ ତଳେ କୁନା ମଦ ପିଇ ଲତାଶୁଣୀଙ୍କୁ ପିଟି ପିଟି ମାରି ଦେଇଛନ୍ତି। ବାପାଙ୍କ ସହ ମିଶି ତାଙ୍କୁ ମାଟିରେ ପୋତି ଦେଇଛନ୍ତି ବୋଲି ଗ୍ରାମରେ କହିଥିଲେ। ଏହାପରେ ମହିଳାଙ୍କ ଜଣେ ସମ୍ପର୍କୀୟ ବ୍ୟକ୍ତି ଘଟଣା ବାବଦରେ କୁଚିଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## କ୍ରିକେଟ ଖେଳାଳି ରାଜକମଲଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର, ୨୦।୫ (ବ୍ୟୁରୋ)**

ପୁରୁଖା କ୍ରିକେଟ ଖେଳାଳି ରାଜକମଳ ପାଣ୍ଡେଙ୍କ ବିୟୋଗରେ ଏକ ଶୋକସଭା ସୋମବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଶାନ୍ତନୁ କୁମାର ନନ୍ଦ, ରାଜବୀର ଡିଙ୍ଗରା, ଭୁପେନ୍ଦ୍ର ସିଂ, ବଳରାଜ ପାଣ୍ଡେ, ପାରସ ପାଣ୍ଡେ, ସୁନୀଲ ସିଂ, ଅଭିନାଶ ନନ୍ଦ, ଦୀପକ ପଟେଲ, ଆଶିଷ ମିତ୍ର, ଡା. ଦିଲୀପ କୁମାର ନନ୍ଦ, ସୁରଜ ବାଗ, ମହମ୍ମଦ ଇଜାଜ୍, ଯୁଧିଷ୍ଠିର ନାରାୟଣ ସିଂ, ସଞ୍ଜିତ ମାଝୀ, ପ୍ରଣୟ ବିଶ୍ୱାଳ, ରାଜେଶ ଭୋଇ ପ୍ରମୁଖ କ୍ରୀଡାବିତମାନେ ଯୋଗଦେଇ ରାଜକମଲଙ୍କ ସ୍ମୃତିଚାରଣ କରିଥିଲେ।

## ଭୀମଭୋଇଙ୍କ ସ୍ମୃତିଚାରଣ



ସୋମବାର ବୁଢ଼ାରଜା ଭୀମଭୋଇ ମଣ୍ଡପଠାରେ ଅତିଥିମାନେ ସନ୍ଥ କବିଙ୍କ ପ୍ରତିଛବିରେ ପ୍ରଣିପାତ କରୁଛନ୍ତି ।

**ସମ୍ବଲପୁର, ୨୦।୫ (ବ୍ୟୁରୋ)**

ସନ୍ଥ କବି ଭୀମଭୋଇଙ୍କ ଜୟନ୍ତୀ ସୋମବାର ବୁଢ଼ାରଜା ଭୀମଭୋଇ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଅଲ ଓଡିଶା ଆଦିବାସୀ କଲଚରାଲ ଆସୋସିଏସନ୍ ସଭାପତି ଶୋଭାରାମ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଫେସର ପଞ୍ଚାନନ ମିଶ୍ର ମୁଖ୍ୟବକ୍ତା, ସାହିତ୍ୟିକ ଗଣେଶରାମ ନାହାକ, ନିତାଇଚରଣ ସରାଫ ସମ୍ମାନିତ ବକ୍ତା ଏବଂ ସାମାଜିକ କର୍ମୀ ଭାଗବତପ୍ରସାଦ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରୁ ମଣ୍ଡପ ପରିସରସ୍ଥ ଭୀମଭୋଇଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ଓ ଜନସାଧାରଣ ମାଲ୍ୟାର୍ପଣ କରିଥିଲେ ।

## ଗଣେଶନଗରରେ ନଳକୂଅ ଅଚଳ

**ବାମରା, ୨୦।୫ (ସ୍ୱ.ପ୍ର.)**

ଗୋବିନ୍ଦପୁର ପଞ୍ଚାୟତ ୱାର୍ଡ ନଂ. ୮ ଅନ୍ତର୍ଗତ ଗଣେଶନଗରର ଏକମାତ୍ର ନଳକୂଅଟି ପ୍ରାୟ ଦେଢ଼ ମାସ ହେବ ଅଚଳ ହୋଇପଡିଛି। ପ୍ରାୟ ଶହେ ପରିବାର ବିଶିଷ୍ଟ ଉକ୍ତ ପଡାବାସୀ ଗୋବିନ୍ଦପୁର ସରପଞ୍ଚଙ୍କଠାରେ ବାରମ୍ବାର ଗୁହାରି କଲେ ସୁଦ୍ଧା କୌଣସି ଫଳ ମିଳୁ ନ ଥିବା ଅଭିଯୋଗ କରାଯାଇଛି। ଏ ନେଇ ସରପଞ୍ଚ ମିନାକ୍ଷୀ ମାଝିଙ୍କୁ ପଚାରିବାରୁ ନଳକୂଅର ଯନ୍ତ୍ରାଂଶ ଷ୍ଟକ ନାହିଁ, ଏହା ସହିତ ବିଡିଓ ଆଚରଣ ବିଧି ନିୟମ ଦର୍ଶାଇ ବିଲ୍ କରୁ ନ ଥିବାରୁ ଏହିଭଳି ପରିସ୍ଥିତି ଦେଖାଯାଉଛି ବୋଲି କହିଛନ୍ତି।



## ଚନ୍ଦ୍ରଶେଖର ବେହେରା ଜୟନ୍ତୀ

**ସମ୍ବଲପୁର,୨୦।୫(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ କୁଲୁଥକାନୀ ଗୋଷ୍ଠୀ କେନ୍ଦ୍ରରେ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ର ଶେଖର ବେହେରାଙ୍କ ଜୟନ୍ତୀ ପାଳିତ ହୋଇଛି । ନାଗରିକ କମିଟି ସଭାପତି ବଦ୍ରିନାନାରାୟଣ ଶର୍ମା ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଚନ୍ଦ୍ର ଶେଖର ବେହେରାଙ୍କ ପ୍ରତିମୂର୍ତ୍ତିରେ ପୂଜା ଅର୍ଚ୍ଚନା କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଉଦିତ ଚନ୍ଦ୍ର ପାଇଯୋଶୀ ଯୋଗ ଦେଇଥିଲେ । ସେହିପରି ସୁରେନ୍ଦ୍ର ମୋହନ ପୁରୋହିତ, ରୁଦ୍ରଦେବ ପ୍ରଧାନ, ମଳୟ ବସନ୍ତ ପଟେଲ, ବିପିନ ବିହାରୀ ଭୋଇ, ସୁରେଶ୍ୱର ମିଶ୍ର, ଅରୁଣ ସିଂଦେଓ, ଅନୀଲ ତ୍ରିପାଠୀ ଯୋଗଦେଇ ବେହେରାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ଆଇନଜୀବୀ ଅରବିନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ଓ ସମ୍ବଲପୁର ମହାନଗର ନିଗମ ପରିସରସ୍ଥ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଓଡିଶା ସାଂସ୍କୃତିକ ସମାଜ ଓ ଜିଲା ସ୍କୁଲ ପୁରାତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ସନ୍ଧ୍ୟାରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ସଭା ହୋଇଥିଲା । ନରେନ୍ଦ୍ର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ଶିକ୍ଷାବିତ ଡ. ନିରୁପମା ବଡପଣ୍ଡା ମୁଖ୍ୟବକ୍ତା ଓ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଏବଂ ଶଶାଙ୍କ ଶେଖର ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ବୋଧରାମ ଦାସ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସରୋଜ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।






ସୋମବାର ସମ୍ବଲପୁର କ୍ଷେତରାଜପୁରସ୍ଥିତ ଇଣ୍ଡିଆନ୍ ପବ୍ଲିକ ସ୍କୁଲ ପରିସରରେ ମେଡିକାଲ ପ୍ରବେଶିକା ପରୀକ୍ଷାର୍ଥୀଙ୍କୁ ଯାଞ୍ଚ କରାଯାଉଛି (ବାମ) । ସମ୍ବଲପୁର ବ୍ରୁକ୍ସହିଲଠାରେ ଆୟୋଜିତ ଇଫତାର୍ ପାର୍ଟି ପୂର୍ବରୁ ପୂର୍ବତନ ଏମ୍‌ପି ପତିତପାବନ ପ୍ରଧାନଙ୍କ ପ୍ରତିଛବିରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଉଛି ।

## ଉଦ୍ଧାର ପରେ ଅସହାୟ ନାବାଳକ ସିଡବ୍ଲୁସିକୁ ସ୍ଥାନାନ୍ତର

**ବାମରା,୨୦।୫ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ପୋଲିସ ସୋମବାର ବାମରା ୫ ନମ୍ବର ୱାର୍ଡସ୍ଥିତ ମଇନାପଡାରୁ ଜଣେ ୧୪ ବର୍ଷର ଅସହାୟ ନାବାଳକଙ୍କୁ ଉଦ୍ଧାର କରିଛି। ତାଙ୍କୁ ପରେ ସମ୍ବଲପୁର ସିଡବ୍ଲୁସିକୁ ସ୍ଥାନାନ୍ତର କରାଯାଇଛି। ଜଣେ ବ୍ୟକ୍ତିଙ୍କଠାରୁ ଖବର ପାଇ ଏଏସ୍‌ଆଇ ଯୋଗେଶ୍ୱର କିସାନ ନାବାଳକଙ୍କୁ ଉଦ୍ଧାର କରିବା ପରେ କୁଚିଣ୍ଡା ଚାଇଲ୍ଡ ଲାଇନକୁ ଖବର ଦେଇଥିଲେ।



"ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ। - ବ୍ୟାସକବି ଫକୀର ମୋହନ

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ଦେବଗଡ/ରିଆମାଳ,୨୦।୫ (ସ୍ୱ.ପ୍ର./ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ଥାନା ଅଧୀନ ନୀଳଗଣ୍ଡିଆ ଗ୍ରାମରେ ସୋମବାର ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଗବର ପଞ୍ଚାୟତ ବରଡାନାଳି ଗ୍ରାମର ରାଜୀବ ବେହେରା(୨୨)। ମିଳିଥିବା ସୂଚନା ମୁତାବକ, ରାଜୀବ ନୀଳଗଣ୍ଡିଆ ଗ୍ରାମରେ ଏକ ବିଦ୍ୟୁତ୍ ଖୁଣ୍ଟରେ ଚଢି କାମ କରୁଥିବା ବେଳେ କରେଣ୍ଟ ଲାଗି ତଳେ ପଡିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ରିଆମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ବଜ୍ରପାତରେ ଛାତ୍ରଙ୍କ ମୃତ୍ୟୁ

ଦେବଗଡ଼,୨୦।୫(ସ୍ୱ.ପ୍ର.)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କେନ୍ଦୁଛାପଳ ଗ୍ରାମରେ ସୋମବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଲଟନ ମୁଣ୍ଡାଙ୍କ ପୁଅ ସୁଶିଲ ମୁଣ୍ଡା(୭)।

ସୂଚନା ମୁତାବକ, ସୁଶିଲ ତାଙ୍କ ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ଗାଁରେ ଘଡଘଡି ସହ ବର୍ଷା ହୋଇଥିଲା। ସେତିକିବେଳେ ବଜ୍ରପାତ ଘଟି ସୁଶିଲ ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷାଣା କରିଥିଲେ। ଖବର ପାଇ ଦେବଗଡ଼ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଥିଲା। ଏନେଇ ଦେବଗଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଅଲଓ୍ୱର ପୀଡ଼ିତାଙ୍କୁ ପୋଲିସ ଚାକିରି

ଜୟପୁର,୨୦।୫

ଅଲଓ୍ୱର ଗଣବଳାତ୍କାରର ଶିକାର ହୋଇଥିବା ମହିଳାଙ୍କୁ ରାଜସ୍ଥାନ ସରକାର ପୋଲିସ ଚାକିରି ଦେବାକୁ ନିଷ୍ପତ୍ତି ନେଇଛନ୍ତି। ପୀଡ଼ିତା ଜଣକ ପୋଲିସରେ ଯୋଗଦେବାକୁ ଇଚ୍ଛା ପ୍ରକାଶ କରିଥିବାବେଳେ ତାଙ୍କୁ ପୋଲିସ କନଷ୍ଟେବଲ ଚାକିରି ପ୍ରଦାନ କରାଯିବ। ଥାନାଗଞ୍ଜ-ଅଲଓ୍ୱର ବାଇପାସ୍‌ରେ ସ୍ୱାମୀଙ୍କ ସହ ଯାଉଥିବାବେଳେ ୬ ବାଇକ୍ ଆରୋହୀ ସେମାନଙ୍କୁ ଅଟକାଇବା ସହ ସ୍ୱାମୀଙ୍କୁ ମାଡମାରି ଉକ୍ତ ମହିଳାଙ୍କୁ ଗଣବଳାତ୍କାର କରିଥିଲେ। ପୋଲିସର ବିଳମ୍ବିତ କାର୍ଯ୍ୟାନୁଷ୍ଠାନକୁ ନେଇ ରାଜନୀତି ଜୋର୍ ଧରିଥିଲା।

## ଶ୍ରମ ବିଭାଗ ନୀରବଦ୍ରଷ୍ଟା

# ଫଣ୍ଡିରେ କାମ କରୁଛନ୍ତି ଶିଶୁ ଶ୍ରମିକ

କନ୍ଧମାଳ, ୨୦।୫(ଡି.ଏନ.ଏ)



ଶିଶୁମାନେ ଫଡିରେ କେନ୍ଦୁପତ୍ର କାମ କରୁଛନ୍ତି ।

ବୌଦ୍ଧ ଜିଲା କନ୍ଧମାଳ ଓ ଘଣ୍ଟାପଡା ରେଞ୍ଜ୍ ଅଧୀନ ବିଭିନ୍ନ ଫଡିମାନଙ୍କରେ ଶହ ଶହ ଶିଶୁ ଶ୍ରମିକ ପ୍ରବଳ ଖରାରେ ପ୍ରତିଦିନ କାମ କରୁଛନ୍ତି। ତେବେ ଏ ଦିଗରେ କେନ୍ଦୁପତ୍ର ଓ ଶ୍ରମ ବିଭାଗ ନୀରବଦ୍ରଷ୍ଟା ହୋଇ ରହିଛି । କେନ୍ଦୁପତ୍ର ସଂଗ୍ରହରେ ଶିଶୁମାନେ ନିୟୋଜିତ ହୋଇ ପତ୍ର ତୋଳାଠାରୁ ବିଡା ବାନ୍ଧିବା ଓ ଫଡିକୁ ନେଇ ଚଉତିବା କାମ କରୁଛନ୍ତି । ୮ରୁ ୧୨/୧୪ ବର୍ଷର ଶିଶୁ ଏହିସବୁ କାମରେ ନିୟୋଜିତ ହୋଇଛନ୍ତି । ଏହି ଶିଶୁମାନେ ପ୍ରାୟତଃ ଛାତ୍ରୀଛାତ୍ର ଓ ବିଦ୍ୟାଳୟ ଛୁଟି ଥିବାରୁ ଫଡିରେ କାମ କରୁଛନ୍ତି । ଏମାନଙ୍କୁ ୫/୬ ଘଣ୍ଟାର କାମ ପାଇଁ ମାତ୍ର ୪୦ରୁ ୫୦ ଟଙ୍କା ପ୍ରଦାନ କରାଯାଉଛି । ସେମାନେ ପ୍ରବଳ ଖରାରେ ପତ୍ର ବୋଝ ଫଡି ପଡିଆରୁ ଗୋଦାମ ଘରକୁ ନେଉଛନ୍ତି । ଅଂଶୁଘାତରୁ ରକ୍ଷା ପାଇଁ ସରକାର ସତର୍କ ସୂଚନା ଜାରି କରିଥିଲେ ମଧ୍ୟ ଏହାକୁ ଖାତିର ନ କରି ସେମାନଙ୍କୁ କାମରେ ଲଗାଯାଉଛି । ସେହିପରି ଗୋହିପିଟା ଓ ମନମୁଣ୍ଡା ରେଞ୍ଜ୍‌ର କେତେକ ଫଡିରେ ମଧ୍ୟ ଶିଶୁ ଶ୍ରମିକ କାର୍ଯ୍ୟରତ ଅଛନ୍ତି । ଏ ନେଇ କନ୍ଧମାଳ ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କୁ ପଚରାଯିବାରୁ ମୋ ନିକଟରେ ନିର୍ଦ୍ଦିଷ୍ଟ କୌଣସି ଅଭିଯୋଗ ନାହିଁ । ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଥିଲେ ।

### ସେମାନେ କୁହନ୍ତି...



"କେନ୍ଦୁପତ୍ର ଫଡିରେ ଶିଶୁ ଶ୍ରମିକ ନିୟୋଜିତ ହେବା ଆମ ଅଞ୍ଚଳରେ ନୂଆ ନୁହେଁ। କମ୍ ମଜୁରୀରେ ଶିଶୁମାନେ ଅଧିକ କାମ କରିଥାନ୍ତି । ଏହାର ଫାଇଦା କେନ୍ଦୁପତ୍ର ବିଭାଗର ଅଧିକାରୀମାନେ ନେଉଛନ୍ତି ଖୋଲାଖୋଲି ଭାବେ ଫଡିରେ ଶିଶୁ ଶ୍ରମିକ ନିୟୋଜନ ଶିଶୁ ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ଏ ନେଇ ଦୃଢ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ।

-ରାଜୀବ କର୍ମୀ, ସାମାଜିକ କର୍ମୀ



"ଫଡିରେ ଶିଶୁ ଶ୍ରମିକ କାମ କରିବା ଅଭିଯୋଗ ଦୀର୍ଘ ଦିନ ହେଲା ହୋଇ ଆସୁଛି। ଏହାର ସତ୍ୟାସତ୍ୟ ଜିଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ସୁରକ୍ଷା ସମିତି ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ । ଗଣମାଧ୍ୟମ ସଠିକ ତଥ୍ୟ ସାମ୍ନାକୁ ଆଣି ପାରିଲେ ସରକାର ହସ୍ତକ୍ଷେପ କରିବାକୁ ବାଧ ହେବେ ।

- ରାଜୀବ ନାୟକ, ସାମାଜିକ କର୍ମୀ



"ଆମେ ପତର ତୁଳୁଛୁ । ଛୁଆମାନେ ବି ତୁଳୁଛନ । ଆଉ ଫଡି ଘରେ ଇସ୍କୁଲ ଛୁଟି ହେଇଛେ ବଲିକରି ପିଲାମାନେ କାମ କରୁଛନ । ସେ ପଇସାଥି ଖାତାବହି ଘେନାଘୁନି କରୁଛନ ।

-ବସନ୍ତ ଛତ୍ରିଆ, ଶ୍ରମିକ

### ଉତ୍କଳ ସାହିତ୍ୟ ସମାଜ ଶାଖା ଉଦ୍‌ଘାଟିତ

ଦେବଗଡ,୨୦।୫(ସ୍ୱ.ପ୍ର.)

ଦେବଗଡ଼ରେ ଉତ୍କଳ ସାହିତ୍ୟ ସମାଜ ଶାଖା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ରାଜା ବାସୁଦେବ ହାଇସ୍କୁଲ ସମ୍ମିଳନୀ କକ୍ଷରେ ଉତ୍କଳ ସାହିତ୍ୟ ସମାଜର ସଭାପତି ବିଜୟାନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ଦେବଗଡ଼ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁକାନ୍ତି ଗଡ଼ତିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଶାଖାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଦେବଗଡ଼ ତହସିଲଦାର ପଲ୍ଲବୀ ନାୟକ, ପ୍ରଫୁଲ୍ଲ କୁମାର ମହାପାତ୍ର ଯୋଗ ଦେଇ ଥିଲେ। ଅଖିଳ ଚନ୍ଦ୍ର ସାହୁ ଏବଂ ବନମାଳୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କୁ ଦେବଗଡ଼ ଶାଖାର ଆବାହକ ଓ ଯତୀନ୍ଦ୍ର ନାଥ ପ୍ରଧାନଙ୍କୁ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସାହିତ୍ୟିକ ରାମଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଏକ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମନୋଜ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜୀବନାନନ୍ଦ ଧନ୍ୟବାଦ ଜ୍ଞାପନ କରିଥିଲେ।

## ମେ ସୁଦ୍ଧା ବାତ୍ୟା କ୍ଷୟକ୍ଷତି ରିପୋର୍ଟ ଦେବେ ସରକାର

ଭୁବନେଶ୍ୱର,୨୦।୫(ବ୍ୟୁରୋ):

ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟ ସରକାର ବାତ୍ୟା ଫନୀ ଜନିତ କ୍ଷୟକ୍ଷତି ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବେ। ବାତ୍ୟା ଯୋଗୁ ପୁରୀ, ଖୋର୍ଦ୍ଧା, କଟକ ସମେତ ୧୪ ଜିଲାରେ କ୍ଷୟକ୍ଷତି ହୋଇଛି। ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ ଜୋରସୋରରେ ଚାଲିଛି। ପ୍ରଭାବିତ ଜିଲାଗୁଡିକରୁ ଏପର୍ଯ୍ୟନ୍ତ ରିପୋର୍ଟ ମିଳିନାହିଁ। ତେବେ ତୁରନ୍ତ ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟ ସରକାର ବାତ୍ୟା କ୍ଷୟକ୍ଷତି ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେବେ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ଆର୍‌ସି କହିଛନ୍ତି ଯେ, ପ୍ରଭାବିତ ଜିଲାଗୁଡିକର ଜିଲାପାଳମାନେ ଏପର୍ଯ୍ୟନ୍ତ ଚୂଡାନ୍ତ ରିପୋର୍ଟ ପ୍ରଦାନ କରିନାହାନ୍ତି। କୃଷି, ଶସ୍ୟହାନି, ମନୁଷ୍ୟ ଓ ପଶୁପକ୍ଷୀ ମୃତ, ଘରଭଙ୍ଗା, ଶିକ୍ଷାନୁଷ୍ଠାନ କ୍ଷତିଗ୍ରସ୍ତ ଇତ୍ୟାଦି ଉପରେ ରିପୋର୍ଟ ପ୍ରଦାନ କରାଯିବ ବୋଲି ଏସ୍‌ଆର୍‌ସି କହିଛନ୍ତି।

### ସିଏମ୍‌ଆର୍ ଫଣ୍ଡ୍‌କୁ ୫ ଲକ୍ଷ

ବରଗଡ଼ ଅଫିସ୍,୨୦।୫

ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଫନୀ ଦୁର୍ଗତଙ୍କ ପାଇଁ ବିଭିନ୍ନ ସାମର୍ଥ ତାଲିମ କେନ୍ଦ୍ର, ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଏବଂ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସଂଗୃହୀତ ୫ଲକ୍ଷ ଟଙ୍କାର ରାଶିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି (ସିଏମଆର ଫଣ୍ଡ)କୁ ଦିଆଯାଇଛି।

## 'ଫନୀ' : ରିୟଲ ଇଷ୍ଟେଟର ୫୦ କୋଟି କ୍ଷତି

ଭୁବନେଶ୍ୱର,୨୦।୫(ବ୍ୟୁରୋ)

ବାତ୍ୟା ଫନୀ ଦ୍ୱାରା ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧାରେ ରିୟଲଇଷ୍ଟେଟ ମାଲିକମାନଙ୍କର ବିଭିନ୍ନ ପ୍ରକଳ୍ପର ୫୦ କୋଟି ଟଙ୍କାର କ୍ଷତି ହୋଇଛି। ବିଶେଷକରି ପାଚେରି ଭାଙ୍ଗିବା ସହ ଦାମିକା ଗ୍ଲେଜିଂ ଗ୍ଲାସ ଭାଙ୍ଗି ନଷ୍ଟ ହୋଇଯାଇଥିଲା। ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟରତ ଶ୍ରମିକମାନଙ୍କର ଅସ୍ଥାୟୀ ସେଡ ମଧ୍ୟ ଉଡିଯାଇଛି। ଖୋଲା ଅଞ୍ଚଳରେ ଥିବା ପ୍ରକଳ୍ପଗୁଡିକ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଗତ ୧୭ ଦିନ ହେବ ରିୟଲ ଇଷ୍ଟେଟ ବ୍ୟବସାୟ ବନ୍ଦ ହୋଇ ରହିଛି। ପ୍ରାଥମିକ ଆକଳନ ଅନୁଯାୟୀ ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧାରେ ଅଧିକ କ୍ଷତି ହୋଇଛି। ସମସ୍ତ ଜିଲାରୁ ରିପୋର୍ଟ ଆସିବା ପରେ ଏହି କ୍ଷତି ଆହୁରି ଅଧିକ ହୋଇପାରେ ବୋଲି କ୍ରେଡାଇ ଓଡିଶାର ଚେୟାରମ୍ୟାନ ଡି.ଏସ୍. ତ୍ରିପାଠୀ କହିଛନ୍ତି। କ୍ଷତି ଭରଣା ପାଇଁ ସରକାରୀ ସ୍ତରରେ କୌଣସି ବ୍ୟବସ୍ଥା ନାହିଁ। ତେବେ ପ୍ରକଳ୍ପ ଅନୁମୋଦନ ସମୟକୁ ଘୁଞ୍ଚାଇବାକୁ ଅନୁରୋଧ କରାଯିବ ବୋଲି ସେ କହିଛନ୍ତି। ରାଜ୍ୟରେ ଅଫଲାଇନ ଜରିଆରେ ୬୩୭ଟି ପ୍ରକଳ୍ପ ଅନୁମୋଦନ ପାଇଁ ଆବେଦନ କରାଯାଇଛି। ସେଥିରୁ ୨୬୨ ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। ଅନଲାଇନ ଜରିଆରେ ୪୮ଟି ଆବେଦନ ଆସିଛି। ସେଥିରୁ ୪ଟି ଅନୁମୋଦନ କରାଯାଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ଆଇନ ଅନୁଯାୟୀ ପ୍ରକଳ୍ପ ଆବେଦନର ସମୟ ସୀମା ଘୁଞ୍ଚାଇବା ଉପରେ ବିଚାର କରାଯିବ ବୋଲି ରେରା ଅତିରିକ୍ତ ସଚିବ ସୁରଥ ଜେନା କହିଛନ୍ତି।

## ଏଭରେଷ୍ଟ ଶୀର୍ଷରେ ୧୪ ଆରୋହଣକାରୀ



କାଠମାଣ୍ଡୁ,୨୦।୫(ପି.ଟି.)

ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟର ଶୀର୍ଷରେ ସୋମବାର ସଫଳତାର ସହ ପହଞ୍ଚିଛନ୍ତି ୧୪ ଆରୋହଣକାରୀ। ସେମାନଙ୍କ ମଧ୍ୟରେ ଅଛନ୍ତି ଜଣେ ଭାରତୀୟ। ଚାଇନା, ଗ୍ରୀସ୍ ଏବଂ ଭାରତରୁ ୭ ଆରୋହଣକାରୀ ଏବଂ ୭ ନେପାଳୀ ଶେର୍ପା ସୋମବାର ସକାଳେ ୮୮୪୮ ମିଟର ଉଚ୍ଚ ବିଶିଷ୍ଟ ଗିରିଶୃଙ୍ଗର ଶୀର୍ଷରେ ପହଞ୍ଚିଥିବା ନେପାଳ ପର୍ଯ୍ୟଟନ ମନ୍ତ୍ରଣାଳୟର ମାଉଣ୍ଟେନ୍ ଡିଭିଜନ୍ ପକ୍ଷରୁ କୁହାଯାଇଛି। ନେପାଳ ପକ୍ଷରୁ ମେ ୧୪ରେ ଆରୋହଣ ପଥ ଉନ୍ମୁକ୍ତ କରାଯାଇଥିଲା। ୭ଜଣ ଶେର୍ପା ସଫଳତାର ସହ ଏଭରେଷ୍ଟ ଆରୋହଣ କରିବା ସହିତ ପ୍ରଥମକରି ଶୀର୍ଷଦେଶରେ ପହଞ୍ଚିପାରିଥିଲେ। ତେବେ ଚାଇନାରୁ ୪, ଗ୍ରୀସ୍‌ରୁ ୨ ଏବଂ ଭାରତରୁ ଜଣେ ଆରୋହଣକାରୀ ଏଭରେଷ୍ଟ ଶୀର୍ଷରେ ପହଞ୍ଚିପାରିଛନ୍ତି। ଭାରତୀୟ ପର୍ବତାରୋହୀ ଜଣକ ହେଉଛନ୍ତି ପ୍ରଣୟ ବନ୍ଦ୍ୱୁଚ।

ଚଳିତ ବସନ୍ତ ଋତୁରେ ୩୭୮ ଆରୋହଣକାରୀଙ୍କୁ ୪୧ଟି ପୃଥକ୍ ଟିମ୍‌ରେ ବିଭକ୍ତ କରାଯାଇ ଏଭରେଷ୍ଟ ଆରୋହଣ କରିବାର ଅନୁମତି ମିଳିଥିବା ନେପାଳର ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି।


# CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
8221048110
T-51, Gautam Nagar, Galli-8, Delhi

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

B.C. FINANCE
ପର୍ସନାଲ LOAN, HOME, ବ୍ୟାବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

See Color Display Classified on every Tuesday & Friday

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph-7739216167
9973805993

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯଦି ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସହ କିଛି ସମସ୍ୟା ଅଛି ତେବେ ସିଦ୍ଧୁ କ୍ୟାବିନେଟ୍ ଛାଡ଼ିଦେବା ଉଚିତ।

- ସାଧୁ ସିଂ ଧରମସୋତ୍, ପଞ୍ଜାବ ମନ୍ତ୍ରୀ

## ଏନ୍‌ଡିଏ ନେତାଙ୍କ ଲାଗି ଆଜି ଶାହଙ୍କ ନୈଶଭୋଜି

**ନୂଆଦିଲ୍ଲୀ,୨୦।୫:** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ମଙ୍ଗଳବାର ଏନ୍‌ଡିଏ ସହଯୋଗୀ ଦଳର ନେତାମାନଙ୍କୁ ନୈଶଭୋଜି ଲାଗି ନୂଆଦିଲ୍ଲୀ ଆମନ୍ତ୍ରଣ କରିଛନ୍ତି। ୨୩ରେ ଭୋଟ ଗଣତି ହେବାକୁ ଥିବାବେଳେ ତା' ପୂର୍ବରୁ ମେଣ୍ଟନେଇ ସହଯୋଗୀଙ୍କ ସହ ନୂଆଦିଲ୍ଲୀର ଅଶୋକ ହୋଟେଲ୍‌ରେ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି। ୧୪ରୁ ୧୨ ଏକ୍‌ଜିଟ୍ ପୋଲ ରିପୋର୍ଟରେ ଏନ୍‌ଡିଏକୁ ପୂର୍ଣ୍ଣ ବହୁମତ ମିଳିଥିବାରୁ ଭାଜପା ଉତ୍ସାହିତ ହୋଇପଡ଼ିଛି।

[ଇତିହାସର ଆଇନାରେ]

## ମେ ୨୧ର ପ୍ରମୁଖ ଘଟଣା

୨୦୦୧ ମେ ୨୧ରେ ଫ୍ରେଞ୍ଚ୍ ଟାଉବିରା ଆଇନ ପ୍ରଣୟନ ହୋଇଥିଲା। ଉକ୍ତ ଆଇନ ଅନୁଯାୟୀ, ଆଟଲାଣ୍ଟିକ୍ କ୍ରୀତଦାସ ବ୍ୟବସାୟକୁ ମାନବତା ବିରୋଧୀ ଅପରାଧ ଭାବେ ବିବେଚନା କରାଯାଇଥିଲା। ଫ୍ରାନ୍ସ ରାଷ୍ଟ୍ରପତି ଫ୍ରାଙ୍କୋଇସ୍ ହୋଲାଣ୍ଡେଙ୍କ ଅଧୀନରେ ଖ୍ରୀଷ୍ଟିଆନ୍ ଟାଉବିରା ଫ୍ରାନ୍ସର ନ୍ୟାୟମନ୍ତ୍ରୀ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ନାମାନୁସାରେ ଉକ୍ତ ଆଇନ ପ୍ରଣୟନ କରାଯାଇଥିଲା।

୨୦୧୧ ମେ ୨୧ରେ ରେଡିଓ ଉପସ୍ଥାପକ ହାରୋଲ୍ଡ କ୍ୟାମ୍ପିଂ ଭବିଷ୍ୟବାଣୀ କରିଥିଲେ, ଏହି ଦିନ ବିଶ୍ୱ ଧ୍ୱଂସ ପାଇବ। ସେ ହେଉଛନ୍ତି ଆମେରିକାର ଖ୍ରୀଷ୍ଟିଆନ୍ ରେଡିଓ ବ୍ରଡକାଷ୍ଟର ତଥା ଲେଖକ। ସେ ୧୯୫୮ରୁ କାଲିଫର୍ନିଆର ଏକ ରେଡିଓ ଷ୍ଟେଶନ୍ ଗ୍ରୁପ୍ ଫ୍ୟାମିଲି ରେଡିଓର ପ୍ରେସିଡେଣ୍ଟ ଭାବେ କାର୍ଯ୍ୟ କରୁଥିଲେ।

# ଏକ୍‌ଜିଟ୍ ପୋଲ୍‌କୁ ନେଇ ବିରୋଧୀଙ୍କ ସନ୍ଦେହ

■ ୨୩ ପାଇଁ ଭାଜପା କର୍ମୀଙ୍କ ପ୍ରସ୍ତୁତି
■ କଂଗ୍ରେସ ଶିବିରରେ ନୀରବତା



**ପାଟନା:** ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗରୁମ୍ ବାହାରେ ଏସ୍‌ଏସ୍‌ବି ଯବାନ ମୁତୟନ।

ନୂଆଦିଲ୍ଲୀ,୨୦।୫

ଏନ୍‌ଡିଏ ସରକାର ଗଠନ କରିବ ବୋଲି ସବୁ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ମତ) ଅନୁମାନ କରିବା ପରେ ଉଭୟ ଶାସକ ଓ ବିରୋଧୀ ଶିବିରରେ ଭିନ୍ନ ଭାବାବେଗ ସ୍ପଷ୍ଟ ହୋଇଛି। ୨୩ ତାରିଖ ଫଳାଫଳ ପାଇଁ ଭାଜପା ମୁଖ୍ୟାଳୟରେ ଜୋରଦାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଥିବାବେଳେ କଂଗ୍ରେସ କାର୍ଯ୍ୟାଳୟରେ ନୀରବତା ଦେଖାଦେଇଛି। ତଥାପି ସେମାନେ ଆଶା ହରାଇ ନ ଥିବା ଜଣାପଡିଛି। ଏନ୍‌ଡିଏ କେନ୍ଦ୍ରରେ କ୍ଷମତା ବଜାୟ ରଖିବ ବୋଲି ଏକ୍‌ଜିଟ୍ ପୋଲ୍ ଅନୁମାନ କରିଥିବାବେଳେ ଏହାକୁ ନେଇ ବିରୋଧୀ ଦଳଗୁଡିକ ସନ୍ଦେହ ବ୍ୟକ୍ତ କରିଛନ୍ତି। ଏହା ଏକ ପରିକଳ୍ପନା ଏବଂ ବାସ୍ତବତାର ପରିପନ୍ଥୀ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଫଳାଫଳ ପୂର୍ବାନୁମାନ ଅନୁରୂପ ହେବ ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ଗୋଟିଏ ପାଳି କ୍ଷମତାରେ ରହିବେ ବୋଲି ରବିବାର ଏକ୍‌ଜିଟ ପୋଲ୍ ରିପୋର୍ଟ ପ୍ରକାଶ ପାଇଥିଲା। ଏନ୍‌ଡିଏ ୩୦୦ରୁ ଊର୍ଦ୍ଧ୍ୱ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ ବୋଲି ଅଧିକାଂଶ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ତେବେ ଉକ୍ତ ରିପୋର୍ଟ କେତେଦୂର ଠିକ୍, ତାକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏହା ଚୂଡାନ୍ତ ନିଷ୍ପତ୍ତି ନୁହେଁ ବୋଲି କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି। ତେବେ ଏନ୍‌ଡିଏ ସରକାର କରିଥିବା ବିକାଶମୂଳକ କାର୍ଯ୍ୟ ଲାଗି ଏହା ପୁଣି ଥରେ କ୍ଷମତାକୁ ଫେରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି। ଏକ୍‌ଜିଟ ପୋଲ୍ ଯାହା ଅନୁମାନ କରିଛନ୍ତି ଫଳାଫଳ ତାହା ହିଁ ହେବ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି। ଅନୁମାନ ଉପରେ ପ୍ରସ୍ତୁତ ରିପୋର୍ଟକୁ ବିଶ୍ୱାସକୁ ନ ନେବା ଲାଗି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କହିଛନ୍ତି। ପୂର୍ବରୁ ଅନେକ ଥର ଏକ୍‌ଜିଟ ପୋଲ୍ ଭୁଲ୍ ସାବ୍ୟସ୍ତ ହୋଇଥିବା ସେ ସୂଚନା ଦେଇଛନ୍ତି। ଏକ୍‌ଜିଟ ପୋଲ୍‌କୁ ଜାଲିଆତି କହି ଆରଜେଡି ନେତା ତେଜସ୍ୱୀ ଯାଦବ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ପ୍ରକୃତ ବାସ୍ତବତା ନୁହେଁ, ସଂଘ ସମର୍ଥିତ ସଂସ୍ଥା ଦ୍ୱାରା ମାନସିକ ଧୋକାବାଜି ଲାଗି ପୁରୁଣା କୌଶଳ ବୋଲି ସେ କହିଛନ୍ତି। ତେଜସ୍ୱୀଙ୍କ ମତକୁ ବରିଷ୍ଠ ସମାଜବାଦୀ ନେତା ଶରଦ ଯାଦବ ସମର୍ଥନ କରିଛନ୍ତି। ଏକ୍‌ଜିଟ ପୋଲ୍ ମନଗଢ଼ା କାହାଣୀ ବୋଲି ତୃଣମୂଳ କଂଗ୍ରେସ କହିଛି।

ସାତ ପର୍ଯ୍ୟାୟ ନିର୍ବାଚନ ଲାଗି ଦିନରାତି ଏକ କରି ଅକ୍ଳାନ୍ତ ପରିଶ୍ରମ କରିଥିବା ଅଧିକାଂଶ ଭାଜପା କର୍ମୀଙ୍କୁ ବିଶ୍ରାମ ନେବା ଲାଗି କୁହାଯାଇଥିବାବେଳେ ଅନ୍ୟମାନେ ଫଳାଫଳ ଦିନ ପ୍ରସ୍ତୁତିକୁ ଅନୁଧ୍ୟାନ କରୁଛନ୍ତି। ଭାଜପା ୩୦୦ ସଂଖ୍ୟା ଅତିକ୍ରମ କରିବା ନେଇ ନିଶ୍ଚିତ ଥିଲା ବୋଲି ଏହାର ମିଡିଆ ସେଲ୍ ସଦସ୍ୟ ଜିତେନ୍ଦ୍ର ରାଓ୍ୱତ କହିଛନ୍ତି। ଅନ୍ୟପକ୍ଷରେ ନରେନ୍ଦ୍ର ମୋଦି ପୁଣି କ୍ଷମତାକୁ ଫେରିବା ଅନୁମାନକୁ କେତେକ କଂଗ୍ରେସ କର୍ମୀ ଖଣ୍ଡନ କରିଛନ୍ତି। ଏକ୍‌ଜିଟ୍ ପୋଲ୍ ଦ୍ୱାରା ମିଥ୍ୟାର ବାତାବରଣ ସୃଷ୍ଟି କରାଯାଇଥିବା ସେମାନେ କହିଛନ୍ତି। କଂଗ୍ରେସ ନିଶ୍ଚୟ ଭଲ ପ୍ରଦର୍ଶନ କରିବ। ଯଦି ତାହା ନ ହୁଏ, ତେବେ ଇଭିଏମ୍‌ରେ ଜାଲିଆତି ହୋଇଥିବା କଂଗ୍ରେସ କର୍ମୀ ରାମ ସିଂ କହିଛନ୍ତି।

## 'ଏଥିରେ ବିଶ୍ୱାସ କରେନାହିଁ'

**ଚେନ୍ନାଇ,୨୦।୫(ପି.ଟି.)-** ତାମିଲନାଡୁରେ ଡିଏମ୍‌କେ ଭଲ ପ୍ରଦର୍ଶନ କରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ ରିପୋର୍ଟରେ ପୂର୍ବାନୁମାନ କରାଯାଇଥିବା ସତ୍ତ୍ୱେ ଏହାକୁ ସେ ବିଶ୍ୱାସ କରନ୍ତି ନାହିଁ ବୋଲି ଦଳ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ୨୩ରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ପ୍ରକୃତ ଜନାଦେଶ ଜାଣିବାକୁ ହେଲେ ଆଉ ୩ ଦିନ ଅପେକ୍ଷା କରିବାକୁ ପଡିବ ବୋଲି ସେ କହିଛନ୍ତି।



ଏମ୍.କେ. ଷ୍ଟାଲିନ୍

■ ସାରଦା ଚିଟ୍‌ଫଣ୍ଡ୍

## ସୁପ୍ରିମକୋର୍ଟରେ ରାଜୀବ କୁମାର

ନୂଆଦିଲ୍ଲୀ,୨୦।୫

ସାରଦା ଚିଟ୍‌ଫଣ୍ଡ ମାମଲାକୁ ନେଇ ପେଷିହୋଇ ପଡ଼ିଥିବା କୋଲକାତାର ପୂର୍ବତନ ପୋଲିସ କମିଶନର ରାଜୀବ କୁମାରଙ୍କୁ ସର୍ବୋଚ୍ଚ ଅଦାଲତ ୭ ଦିନ ସୁରକ୍ଷା ପ୍ରଦାନ କରିଥିବାବେଳେ ଏହାକୁ ବୃଦ୍ଧି କରିବା ଲାଗି ସେ ଅନୁରୋଧ କରିଛନ୍ତି। ବିଚାରପତି ଇନ୍ଦିରା ବାନାର୍ଜୀ ଓ ବିଚାରପତି ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଅବକାଶକାଳୀନ ଖଣ୍ଡପୀଠ ଏହାର ତ୍ୱରିତ ଶୁଣାଣି କରିବା ଲାଗି କୁମାରଙ୍କ ଓକିଲ ଜଣାଇଛନ୍ତି। ମେ ୧୭ରେ କୋର୍ଟ କୁମାରଙ୍କୁ ୭ ଦିନ ସମୟ ଦେବା ସହ ଆଇନଗତ ପ୍ରତିକାର ବ୍ୟବସ୍ଥା କରିବାକୁ କହିଥିଲେ। ଇତିମଧ୍ୟରେ ୪ ଦିନ ବିତିଗଲାଣି। କୋଲକାତା କୋର୍ଟରେ ଓକିଲମାନେ ଆନ୍ଦୋଳନ ଜାରି ରଖିଥିବାରୁ ଆଇନଗତ ପ୍ରତିକାର ଲାଗି ସମସ୍ୟା ସୃଷ୍ଟି ହୋଇଛି। ତେଣୁ ଅଧିକ ସମୟ ଦେବାଲାଗି କୁମାରଙ୍କ ଓକିଲ ଦାବି କରିଛନ୍ତି।



ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗଠନ ଲାଗି କୋଲକାତାରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟୁଛନ୍ତି।

## 'ଇଭିଏମ୍ ସଂଖ୍ୟାରେ ଅମେଳ ହେଲେ ସବୁ ଭିଭିପିଏଟି ସ୍ଲିପ୍ ଗଣାଯାଉ'

ନୂଆଦିଲ୍ଲୀ,୨୦।୫(ପି.ଟି.)

ଇଭିଏମ୍ ବିଶ୍ୱସନୀୟତାର ପ୍ରମାଣ ଲାଗି ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀର ୫ଟି ବୁଥ୍‌ର ଇଭିଏମ୍ ସଂଖ୍ୟା ସହ ଭିଭିପିଏଟି ସ୍ଲିପ୍ ଗଣନା କରିବା ଲାଗି ବ୍ୟବସ୍ଥା ହୋଇଛି। ଯଦି ଉଭୟ ସଂଖ୍ୟା ମେଳ ନ ଖାଏ, ତେବେ ଭିଭିପିଏଟି ସଂଖ୍ୟାକୁ କାଏମ ରଖାଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି। ତେବେ ଇଭିଏମ୍ ଏବଂ ଭିଭିପିଏଟି ସଂଖ୍ୟାରେ ତାଳମେଳ ନ ରହିଲେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ସବୁ ଭିଭିପିଏଟି ସ୍ଲିପ୍ ଯାଞ୍ଚ କରିବା ଲାଗି ନୂଆ ନିୟମ ପ୍ରଣୟନ କରାଯାଉ ବୋଲି ସିପିଆଇ(ଏମ୍) ପକ୍ଷରୁ ଦାବି କରାଯାଇଛି। ୫୦ ପ୍ରତିଶତ ଇଭିଏମ୍‌କୁ ଭିଭିପିଏଟି ସ୍ଲିପ୍ ସହ ମେଳ କରିବାକୁ ୨୧ଟି ବିରୋଧୀ ଦଳ ପକ୍ଷରୁ ଦାଏର ରିଭ୍ୟୁ ପିଟିଶନ ସୁପ୍ରିମକୋର୍ଟରେ ଖାରଜ ହୋଇଯିବା ପରେ ଏଥିପାଇଁ ନୂଆ ନିୟମ ପ୍ରଣୟନ କରିବାକୁ ବିରୋଧୀ ଦଳଗୁଡିକ ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଦାବି କରିଥିଲେ। ଯଦି ଗୋଟିଏ ଭିଭିପିଏଟି ଗଣନା ଇଭିଏମ୍ ସହ ସମାନ ନ ହୁଏ, ତେବେ ଏହାର ନିର୍ବାଚନ ପ୍ରକ୍ରିୟାର ସାଧୁତା ଉପରେ ପ୍ରଶ୍ନ ଉଠାଇବ। ସେଥିପାଇଁ ଉକ୍ତ ନର୍ବାଚନ ମଣ୍ଡଳୀର ସମସ୍ତ ଭିଭିପିଏଟି ଯାଞ୍ଚ ହେବା ଜରୁରୀ ବୋଲି ସିପିଆଇ(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି।



ସୀତାରାମ ୟେଚୁରୀ

## ଇଭିଏମ୍‌କୁ ନେଇ ପ୍ରଶ୍ନ ଉଠାଇଲେ କୁମାରସ୍ୱାମୀ

ବେଙ୍ଗାଲୁରୁ,୨୦।୫(ପି.ଟି.)

ଲୋକ ସଭା ନିର୍ବାଚନରେ କର୍ଣ୍ଣାଟକରେ ଭାଜପା ପୂର୍ଣ୍ଣ ବହୁମତ ହାସଲ କରିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ (ବୁଥ୍‌ଫେରନ୍ତା ମତ) ସର୍ଭେ ରିପୋର୍ଟରେ ପୂର୍ବାନୁମାନ କରାଯିବା ପରେ ମୁଖ୍ୟମନ୍ତ୍ରୀ ଏଚ.ଡି. କୁମାରସ୍ୱାମୀ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏକ୍‌ଜିଟ ପୋଲ୍ ମାଧ୍ୟମରେ କୃତ୍ରିମ ଭାବେ ମୋଦି ଲହର ସୃଷ୍ଟି କରାଯାଉଛି। ମେ ୨୩ରେ ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଆବଶ୍ୟକ ସଂଖ୍ୟା ଯୋଗାଡ ଲାଗି ଆଞ୍ଚଳିକ ଦଳଗୁଡିକୁ ଆଗୁଆ ପ୍ରଲୋଭିତ କରିବା ନିମନ୍ତେ ଭାଜପାର ଏହା ଏକ ପ୍ରୟାସ ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ସମସ୍ତ ବିରୋଧୀ ଦଳ ଚିନ୍ତାବ୍ୟକ୍ତ କରୁଛନ୍ତି। ତ୍ରୁଟିପୂର୍ଣ୍ଣ ଇଭିଏମ୍ ବଦଳରେ ବାଲଟ ପେପରର ପୁନଃ ପ୍ରଚଳନ ଲାଗି ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଇଭିଏମ୍ ଜାଲିଆତିର ଯଥେଷ୍ଟ ସମ୍ଭାବନା ଥିବା କୁମାରସ୍ୱାମୀ କହିଛନ୍ତି।

ଏପରିକି ବିକଶିତ ରାଷ୍ଟ୍ରଗୁଡିକ ମଧ୍ୟ ନିର୍ବାଚନରେ ପାରମ୍ପରିକ ବାଲଟ ପେପରର ବ୍ୟବହାର କରୁଛନ୍ତି। ରବିବାର ପ୍ରକାଶ ପାଇଥିବା ଏକ୍‌ଜିଟ ପୋଲ୍ ରିପୋର୍ଟ ବିରୋଧୀ ଦଳଗୁଡିକ ମଧ୍ୟରେ ଇଭିଏମ୍ ଅପବ୍ୟବହାର ଚିନ୍ତା ବଢ଼ାଇଦେଇଥିବା କୁମାରସ୍ୱାମୀ ଆଉ ଏକ ଟୁଇଟ୍‌ରେ କହିଛନ୍ତି। ଜଣେ ନିର୍ଦ୍ଦିଷ୍ଟ ନେତା ଏବଂ ଦଳ ସପକ୍ଷରେ ଭୁଲ୍ ମନୋଭାବ ସୃଷ୍ଟି କରିବା ଲାଗି ସମସ୍ତ ଏକ୍‌ଜିଟ ପୋଲ୍ ଉଦ୍ୟମ କରିଛନ୍ତି। ଏହା କେବଳ ଏକ୍‌ଜିଟ ପୋଲ୍, ପ୍ରକୃତ ଫଳାଫଳ ନୁହେଁ ବୋଲି କୁମାରସ୍ୱାମୀ କହିଛନ୍ତି।



### ଉଗାଣ୍ଡାରେ ବୋଟ୍ ଦୁର୍ଘଟଣା: ୮ ମୃତ, ୧୫ ନିଖୋଜ

**କାମ୍ପାଲା,୨୦।୫(ଏଏଫ୍‌ପି)-** ଲେକ୍ ଆଲବର୍ଟରେ ଏକ ବୋଟ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୮ ଫୁଟବଲ୍ ଖେଳାଳିଙ୍କ ମୃତ୍ୟୁ ଘଟିଛି ଏବଂ ୧୫ଜଣ ନିଖୋଜ ଅଛନ୍ତି। ଡଙ୍ଗାଟି ଉଗାଣ୍ଡାର ପଶ୍ଚିମ ଭାଗରେ ଥିବା ଏକ ହ୍ରଦରେ ଯାଉଥିବାବେଳେ ବୁଡିଯାଇଥିଲା। ଏଥିରେ ଆବଶ୍ୟକତାଠାରୁ ଅଧିକ ଯାତ୍ରୀ ଥିଲେ ଏବଂ ପ୍ରତିକୂଳ ପାଗ ଯୋଗୁ ଡଙ୍ଗାଟି ଓଲଟି ପଡିଥିବା ପୋଲିସ ଅନୁମାନ କରୁଛି। ଏ ପର୍ଯ୍ୟନ୍ତ ୮ ମୃତଦେହ ଉଦ୍ଧାର କରାଯାଇଛି। ୧୫ ଜଣ ନିଖୋଜ ଅଛନ୍ତି। ମିଳିତ ଅନୁସନ୍ଧାନ ଆରମ୍ଭ ହୋଇଥିବା ଉଗାଣ୍ଡାର ଆଞ୍ଚଳିକ ମୁଖପାତ୍ର ଜୁଲିଅସ୍ ଆଲ୍ଲାନ୍ ହାକିଜା ସୂଚନା ଦେଇଛନ୍ତି।

## ଆଜି ବିରୋଧୀ ଦଳ ନେତାଙ୍କ ବୈଠକ

ନୂଆଦିଲ୍ଲୀ,୨୦।୫ (ପି.ଟି.)

**ଭିଭିପିଏଟି ନେଇ ଇସିଙ୍କୁ ଭେଟିବେ**

ନିର୍ବାଚନ ଫଳ ପ୍ରକାଶର ଦୁଇଦିନ ପୂର୍ବରୁ ମଙ୍ଗଳବାର ବିରୋଧୀ ଦଳ ନେତାମାନଙ୍କର ଏକ ବୈଠକ ନୂଆଦିଲ୍ଲୀରେ ବସୁଛି। ଏଥିରେ ରାଜନୈତିକ ସ୍ଥିତି ଏବଂ ସରକାର ଗଠନ ଲାଗି ଅଣଏନ୍‌ଡିଏ ମେଣ୍ଟ ସମ୍ଭାବନାକୁ ନେଇ ଆଲୋଚନା କରାଯିବ। ବିରୋଧୀ ଦଳଗୁଡ଼ିକୁ ଏକାଠି କରିବା ଲାଗି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ଉଦ୍ୟମ ଚଳାଇଛନ୍ତି। ସୋମବାର ସେ କୋଲକାତାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭେଟି ଝୁଲା ପାର୍ଲାମେଣ୍ଟ ହେଲେ ଅଣଭାଜପା ସରକାର ଗଠନ ନେଇ ଆଲୋଚନା କରିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ୍ୟ ଫୋନ ଯୋଗେ ମମତାଙ୍କ ସହ ମହାମେଣ୍ଟ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି। ରବିବାର ଚନ୍ଦ୍ରାବାବୁ ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଏନ୍‌ସିପି ସୁପ୍ରିମୋ ଶରଦ ପାଓ୍ୱାରଙ୍କୁ ଭେଟିଥିଲେ। ଏନ୍‌ଡିଏ ସରକାର ଗଢ଼ିବ ବୋଲି ଏକ୍‌ଜିଟ ପୋଲ୍ ପୂର୍ବାନୁମାନ ସତ୍ତ୍ୱେ ବିରୋଧୀ ଦଳଗୁଡିକ ଏହାକୁ ଗ୍ରହଣ କରିବାକୁ ନାରାଜ। ମଙ୍ଗଳବାର ବିରୋଧୀ ନେତାମାନେ ଭିଭିପିଏଟି ଯାଞ୍ଚ ନେଇ ନିର୍ବାଚନ କମିଶନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଇଭିଏମ୍ ସଂଖ୍ୟା ସହ ଭିଭିପିଏଟି ସ୍ଲିପ୍‌ର ମେଳ ନ ହେଲେ ସମଗ୍ର ନିର୍ବାଚନ ମଣ୍ଡଳୀର ଭିଭିପିଏଟି ସ୍ଲିପ୍ ଗଣନା ଲାଗି ସେମାନେ ଦାବି କରିବେ।

## ୨୦୧୬ ସେପ୍ଟେମ୍ବରରେ ହୋଇଥିଲା ପ୍ରଥମ ସର୍ଜିକାଲ ଷ୍ଟ୍ରାଇକ୍

ନୂଆଦିଲ୍ଲୀ,୨୦।୫

ସେନା ପକ୍ଷରୁ ପ୍ରଥମ ସର୍ଜିକାଲ୍ ଷ୍ଟ୍ରାଇକ୍ ୨୦୧୬ ସେପ୍ଟେମ୍ବର ମାସରେ କରାଯାଇଥିଲା। ଉରି ଗ୍ୟାରିଶନ୍ ଆକ୍ରମଣର ପ୍ରତିଶୋଧ ନେବା ଲାଗି ସେନା ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା ବୋଲି ଜେନେରାଲ୍ ଅଫିସର କମାଣ୍ଡିଂ ଇନ୍ ଚିଫ୍, ନର୍ଦନ କମାଣ୍ଡ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ରଣବୀର ସିଂ ସୋମବାର ପ୍ରକାଶ କରିଛନ୍ତି।

ପ୍ରକାଶଥାଉ କି, କିଛିଦିନ ପୂର୍ବରୁ ଡିଜିଏମ୍‌ଓ ଆର୍‌ଟିଆଇ ଉତ୍ତରରେ ଏଭଳି ତଥ୍ୟ ଦେଇଥିଲା। ବାଲାକୋଟ୍‌ରେ ଭାରତୀୟ ବାୟୁସେନାର ସର୍ଜିକାଲ୍ ଷ୍ଟ୍ରାଇକ୍ ସବୁଠାରୁ ସଫଳ ଥିଲା ବୋଲି ସେ କହିଛନ୍ତି। ଫେବୃୟାରୀ ୨୭ରେ ସେନା ପକ୍ଷରୁ ଜେଇଏମ୍ ଆତଙ୍କବାଦୀ ଆଡ୍ଡାକୁ ଟାର୍ଗେଟ କରି ଆକ୍ରମଣ କରାଯାଇଥିଲା। ପାକିସ୍ତାନ ବାୟୁସେନା ଭାରତ ଉପରେ ପ୍ରତିଆକ୍ରମଣ ଲାଗି ପ୍ରୟାସ କରି ଶେଷରେ ବିଫଳ ହେଲା। ପ୍ରକାଶଥାଉ କି, କିଛିଦିନ ପୂର୍ବରୁ କଂଗ୍ରେସ ପକ୍ଷରୁ ଭାରତୀୟ ସେନା ୬ଥର ସର୍ଜିକାଲ୍ ଷ୍ଟ୍ରାଇକ୍ କରିସାରିଛି ବୋଲି କହିଥିଲା। ୟୁପିଏ ସରକାରବେଳେ ଏହା ସଫଳତାର କରାଯାଇଥିଲା ବୋଲି ଦାବି କରାଯାଇଥିଲା। ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ରାଜୀବ ଶୁକ୍ଳା କେବେ ସର୍ଜିକାଲ୍ ଷ୍ଟ୍ରାଇକ୍ ହୋଇଥିଲା ତା'ର ବିବରଣୀ ପ୍ରଦାନ କରିଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ମଧ୍ୟ ୨ ଥର ଏଭଳି ସର୍ଜିକାଲ୍ ଷ୍ଟ୍ରାଇକ୍ କରାଯାଇଥିବା ଦର୍ଶାଯାଇଥିଲା। ହେଲେ ଏଥିରୁ ଫାଇଦା ନେବାଲାଗି ମନମୋହନ ସିଂ କିମ୍ବା ବାଜପେୟୀ ସାମ୍ବାଦିକ ସମ୍ମିଳନୀ କରି ନ ଥିଲେ ବୋଲି ଶୁକ୍ଳା ଦର୍ଶାଇଥିଲେ।



ଜେନେରାଲ୍ ରଣବୀର ସିଂ

## କମଲ୍ ହାସନ୍‌ଙ୍କୁ ଆଗୁଆ ଜାମିନ

ମଦୁରାଇ,୨୦।୫

ଅଭିନେତାରୁ ରାଜନେତା ସାଜିଥିବା ଅଭିନେତା କମଲ୍ ହାସନ୍‌ଙ୍କୁ ମାଡ୍ରାସ ହାଇକୋର୍ଟ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ବିବାଦୀୟ ହିନ୍ଦୁ କଠୋରପନ୍ଥୀ ମନ୍ତବ୍ୟକୁ ନେଇ ସେ ଅଡୁଆରେ ପଡ଼ିଥିଲେ। ମଦୁରାଇ ଖଣ୍ଡପୀଠର ବିଚାରପତି ଆର୍. ପୁଗାଲେନ୍ଦୀ ଏମ୍‌ଏନ୍‌ଏମ୍ ପ୍ରତିଷ୍ଠାତାଙ୍କୁ ଆରାଭାକୁରିଚି ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର ହୋଇ ଦୁଇ ଜାମିନ୍‌ଦାରଙ୍କ ସହ ୧୦ ହଜାର ଟଙ୍କାର ବେଲବଣ୍ଡ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ହାସନ୍ ଗତ ସପ୍ତାହରେ ଆରାଭାକୁରିଚିରେ ଏକ ନିର୍ବାଚନ ର୍‍ୟାଲିକୁ ସମ୍ବୋଧନ କରି ସ୍ୱାଧୀନ ଭାରତର ପ୍ରଥମ କଠୋରପନ୍ଥୀ ଜଣେ ହିନ୍ଦୁ ଓ ତାଙ୍କ ନାମ ନାଥୁରାମ ଗଡ୍‌ସେ ବୋଲି କହିଥିଲେ। ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ମେ ୧୪ରେ ହାସନ୍‌ଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।



## ୟୁପି କ୍ୟାବିନେଟ୍‌ରୁ ରାଜଭର୍ ବହିଷ୍କୃତ




ଲକ୍ଷ୍ନୌ,୨୦।୫(ପି.ଟି.)

ଉତ୍ତରପ୍ରଦେଶ (ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କ ମନ୍ତ୍ରିମଣ୍ଡଳରୁ ଏନ୍‌ଡିଏ ସହଯୋଗୀ ଏସ୍‌ବିଏସ୍‌ପି (ସୁହେଲଦେବ ଭାରତୀୟ ସମାଜ ପାର୍ଟି) ନେତା ଓମ୍ ପ୍ରକାଶ ରାଜଭର୍‌ଙ୍କୁ ବହିଷ୍କାର ଲାଗି ସୋମବାର ରାଜ୍ୟପାଳଙ୍କୁ ସୁପାରିସ କରିଛନ୍ତି। ନିର୍ବାଚନ ପ୍ରଚାର ବେଳେ ଭାଜପା ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିବାରୁ ରାଜଭର୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭାଜପା ସଦସ୍ୟମାନଙ୍କୁ ଜୋତାରେ ପିଟିବା ଉଚିତ ବୋଲି ସେ କହିଥିଲେ। ରାଜ୍ୟ କ୍ୟାବିନେଟ୍‌ରେ ଥିବା ଏସ୍‌ବିଏସ୍‌ପିର ଅନ୍ୟ ସଦସ୍ୟମାନଙ୍କୁ ତୁରନ୍ତ ବହିଷ୍କାର କରାଯିବାକୁ ଆଦିତ୍ୟନାଥ ସୁପାରିସ କରିଥିବା ଜଣାପଡିଛି। ପଛୁଆବର୍ଗ ଏବଂ ଦିବ୍ୟାଙ୍ଗ ଜନ କଲ୍ୟାଣ ବିଭାଗ ମନ୍ତ୍ରୀ ଥିବା ରାଜଭର ନିକଟରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପତ୍ର ଲେଖି କ୍ୟାବିନେଟରୁ ଇସ୍ତଫା ଦେଇଥିବା କଥା ଜଣାଇଥିଲେ। ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯିବାକୁ ରାଜଭର୍ ସ୍ୱାଗତ କରିଛନ୍ତି। ଏଭଳି ନିଷ୍ପତ୍ତି ଆଗରୁ ନେଇଥିଲେ ଭଲ ହୋଇଥାନ୍ତା ବୋଲି ସେ କହିଛନ୍ତି।

### 'ମଦ ମାଫିଆଙ୍କ ନିୟନ୍ତ୍ରଣରେ ୟୁପି ସରକାର'

ଲକ୍ଷ୍ନୌ,୨୦।୫(ଆଇଏଏନ୍‌ଏସ)

ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ପ୍ରଭାବଶାଳୀ ମଦ ମାଫିଆଙ୍କ ନିୟନ୍ତ୍ରଣରେ କାର୍ଯ୍ୟ କରୁଥିବା ଓମ୍ ପ୍ରକାଶ ରାଜଭର୍ ସୋମବାର ଅଭିଯୋଗ କରିଛନ୍ତି। ବିବାଦୀୟ ମନ୍ତବ୍ୟ ପାଇଁ ମନ୍ତ୍ରିମଣ୍ଡଳରୁ ବହିଷ୍କୃତ ହେବା ପରେ କ୍ଷୁବ୍ଧ ଏସ୍‌ବିଏସ୍‌ପି ନେତା ଏଭଳି ଅଭିଯୋଗ ଆଣିଛନ୍ତି। ରାଜ୍ୟରେ ମଦ ନିଷିଦ୍ଧ କରିବା ପ୍ରସ୍ତାବ ଉପରେ ଆଦିତ୍ୟନାଥଙ୍କ ନୀରବତାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ତାଙ୍କର ଭାଜପା ସହ ମତଭେଦ ହୋଇଥିଲା ବୋଲି ରାଜଭର କହିଛନ୍ତି। ସେ ଓ ତାଙ୍କ ପୁଅ ତଥା କ୍ଷୁଦ୍ରଶିଳ୍ପ ନିଗମ ଅଧ୍ୟକ୍ଷ ଅରୁଣ ରାଜଭର ଏପ୍ରିଲ ୧୩ରେ ଇସ୍ତଫା ଦେଇଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ ରାଜଭର ସମ୍ପ୍ରଦାୟ ଭୋଟ ହରାଇବା ଆଶଙ୍କା କରି ଭାଜପା ଉକ୍ତ ଇସ୍ତଫାପତ୍ରକୁ ଚାପିଦେଇଥିଲା। ନିର୍ବାଚନ ଶେଷ ହେବା ପରେ ସୋମବାର ସେମାନଙ୍କୁ ବହିଷ୍କାର କରାଗଲା ବୋଲି ରାଜଭର କହିଛନ୍ତି। ଏସ୍‌ବିଏସ୍‌ପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଥିବା ଅରୁଣ ରାଜଭର କହିଛନ୍ତି, ନିର୍ବାଚନ ପୂର୍ବରୁ ସାରା ରାଜ୍ୟରେ ମଦ ନିଷିଦ୍ଧ କରିବା ଲାଗି ତାଙ୍କ ଦଳ ପକ୍ଷରୁ କ୍ୟାବିନେଟ ପ୍ରସ୍ତାବ ଅଣାଯାଇଥିଲା। ଦେଶୀ ମଦ ଯୋଗୁ ଅନେକ ଲୋକ ଅକାଳ ମୃତ୍ୟୁମୁଖରେ ପଡୁଛନ୍ତି ଏବଂ ବହୁ ଗରିବ ପରିବାର ବରବାଦ ହେଉଛନ୍ତି। ବିହାର ଓ ଗୁଜରାଟ ଭଳି ଉତ୍ତରପ୍ରଦେଶରେ ମଦ ବନ୍ଦ ହେବା ଆବଶ୍ୟକ ବୋଲି ସେମାନେ ଦାବି କରିଥିଲେ। ତେବେ ମଦ ମାଫିଆଙ୍କ ଲବି ଯୋଗୁ ଉକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରିଲା ନାହିଁ ବୋଲି ସେ କହିଛନ୍ତି।

## କାନ୍ସ ଫେଷ୍ଟିଭାଲ୍‌ରେ ଐଶ୍ୱର୍ଯ୍ୟା

**କାନ୍ସ:** ପୂର୍ବତନ ବିଶ୍ୱ ସୁନ୍ଦରୀ ତଥା ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଯୋଗଦେଇ ରେଡ୍ କାର୍ପେଟରେ ଚାଲିଛନ୍ତି। ସେ ଏକ ମେଟାଲିକ୍ ଗୋଲ୍‌ଡେନ୍ ମେର୍‌ମେଡ୍ (ମତ୍ସ୍ୟକନ୍ୟା ଭଳି ଦୃଶ୍ୟମାନ) ଗାଉନ୍ ପରିଧାନ କରି ରମଣୀୟ ଦେଖାଯାଉଛନ୍ତି। ନୀଳନୟନା ଏହି ଭାରତୀୟ ଲଳନା କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ର ୭୨ତମ ସଂସ୍କରଣରେ ରବିବାର ରାତିରେ ପ୍ରଥମକରି ଦୃଶ୍ୟମାନ ହୋଇଥିଲେ। ତାଙ୍କ ସହ ଥିଲେ ତାଙ୍କର ଏକମାତ୍ର କନ୍ୟା ଆରାଧ୍ୟା।



ଐଶ୍ୱର୍ଯ୍ୟା ଲେବାନୀୟ ଡିଜାଇନର ଜିନ୍-ଲୁଇସ୍ ସବାଜିଙ୍କ ଦ୍ୱାରା ପ୍ରସ୍ତୁତ ଏକ ଗାଉନ ପରିଧାନକରି 'ଏ ହିଡିନ୍ ଲାଇଫ୍'ର ପ୍ରିମିୟର ଉତ୍ସବରେ ଯୋଗଦେଇଥିଲେ। ୪୫ ବର୍ଷୀୟା ଏହି ଅଭିନେତ୍ରୀଙ୍କ ଚାହାଣି ସାମାନ୍ୟ ମେକ୍‌ଅପ୍‌ରେ ଖୁବ୍ ଆକର୍ଷଣୀୟ ଥିଲା। ଐଶ୍ୱର୍ଯ୍ୟା ତାଙ୍କ ଚାହାଣିର ଫଟୋ ଓ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ପ୍ରତିବର୍ଷ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଐଶ୍ୱର୍ଯ୍ୟା କସ୍‌ମେଟିକ୍ ବ୍ରାଣ୍ଡ ଏଲ୍' ଓରିୟଲ୍ ପ୍ୟାରିସ୍‌ର ପ୍ରତିନିଧିତ୍ୱ କରିଆସୁଛନ୍ତି।

ସୌ|ନ୍ଦ|ର୍ଯ୍ୟ



# ଆମ୍ବ ଦେବ ସୁନ୍ଦର ତ୍ୱଚା



**ଖରାଦିନ ଆରମ୍ଭ ହେଉ ହେଉ ଫଳ ରାଜା ଆମ୍ବ ଆସିଯାଏ। ଆମ୍ବରେ ପ୍ରସ୍ତୁତ ଫେସ୍‌ପ୍ୟାକ୍ ଆପଣଙ୍କୁ ସୁନ୍ଦର ଏବଂ ସଫା ଦେଖାଯିବାରେ ସାହାଯ୍ୟକରେ। ତେବେ ଆସନ୍ତୁ, ଜାଣିବେ ଆମ୍ବରେ ପ୍ରସ୍ତୁତ ଫେସ୍‌ପ୍ୟାକ୍ ସମ୍ପର୍କରେ ....**

**ଆମ୍ବ ଦହି ଫେସ୍‌ପ୍ୟାକ୍**

ଯଦି ଆପଣଙ୍କ ତ୍ୱଚା ଅଏଲି ହୋଇଥାଏ ଏହି ଫେସ୍‌ପ୍ୟାକ୍ ଭଲ କାମ ଦେଇଥାଏ। ପିଗ୍‌ମେଣ୍ଟେସନ ଓ ଟ୍ୟାନିଂ ଦୂରକରିବାରେ ଏହା ସାହାଯ୍ୟ କରିଥାଏ। ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆମ୍ବ ପଲ୍ପରେ ଦହି ଏକ ଚାମଚ ଓ ମହୁ ମିଶାନ୍ତୁ। ଏହାକୁ ଭଲଭାବେ ମିଶାଇ ମୁହଁରେ ମୋଟା ପରସ୍ତ ଲଗାନ୍ତୁ। ଏହାକୁ ମୁହଁରେ ୧୦ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ ଓ ପୁଣି ସଫା ପାଣିରେ ଭଲଭାବେ ଧୋଇଦିଅନ୍ତୁ।

**ଆମ୍ବ ପଲ୍ପ ଫେସ୍‌ପ୍ୟାକ୍**

ଯଦି ଆପଣଙ୍କ ରଙ୍ଗ ଏତେ ସଫା ନୁହେଁ, ତେବେ ଆମ୍ବର ଫେସ୍‌ପ୍ୟାକ୍ ବ୍ୟବହାର କରିପାରିବେ। ଆମ୍ବରୁ ରସ କାଢ଼ି ଏହି ରସକୁ ୨ରୁ ୩ମିନିଟ୍ ପର୍ଯ୍ୟନ୍ତ ହାଲ୍‌କା ଭାବେ ମସାଜ୍ କରନ୍ତୁ। କିଛି ସମୟ ମସାଜ କରିବା ପରେ ୫ରୁ ୭ ମିନିଟ୍ ପର୍ଯ୍ୟନ୍ତ ମୁହଁକୁ ଏମିତି ଛାଡ଼ି ଦିଅନ୍ତୁ। ପରେ ଥଣ୍ଡା ପାଣିରେ ମୁହଁକୁ ସଫା କରିଦିଅନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ତ୍ୱଚାରେ ଚମକ ଆସିବା ସହ ସଫା ଦେଖାଯିବେ। ଏହାର ଫଳାଫଳ ଭଲ ପାଇବାକୁ ହେଲେ ଦିନରେ ତିନିଥର କରନ୍ତୁ।

**ଆମ୍ବ ଓ ବେସନ ପ୍ୟାକ୍**

ଏହି ପ୍ୟାକ୍ ପ୍ରସ୍ତୁତ କରିବାକୁ ହେଲେ ଆମ୍ବରସ ,ଦୁଇ ଚାମଚ ବେସନ ଓ ଅଧା ଚାମଚ ମହୁ, କିଛି ପେସା ହୋଇଥିବା ପେସ୍ତା ବାଦାମ । ଏକ ପାତ୍ରରେ ଆମ୍ବରସ ପକାନ୍ତୁ, ଏହାପରେ ବେସନରେ ପେସା ହୋଇଥିବା ବାଦାମ ଓ ମହୁ ପକାନ୍ତୁ। ଏବେ ଏହାକୁ ମିଶାଇ ଭଲଭାବେ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ ଏହି ପେଷ୍ଟକୁ ଲଗାଇ ୧୦-୧୨ମିନିଟ୍ ପର୍ଯ୍ୟନ୍ତ ରଖି ଧୋଇ ଦିଅନ୍ତୁ। ଏହି ପ୍ୟାକ୍‌କୁ ସପ୍ତାହରେ ଦୁଇଥର ଲଗାଇଲେ ଭଲ।

# ସହଯୋଗ

**ଯଦି ଉଭୟ କର୍ମଜୀବୀ ତେବେ କେତୋଟି ବିଷୟ ପ୍ରତି ବିଶେଷ ଧ୍ୟାନଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...**







ସେଦିନ ସୁନୀତା ମନ ମାରି ବସିଥାଏ। ଗତ କିଛିଦିନ ହେବ ଠିକ୍ ସମୟରେ ଅଫିସ୍ ଯାଇପାରୁନି। ସକାଳୁ ସକାଳୁ ସ୍ୱାମୀ ତାଙ୍କ କାମରେ ବାହାରି ଯାଉଛନ୍ତି। କାମ କିପରି ହେବ ତାକୁ ନେଇ ସେ ଟେନ୍‌ସନରେ ପଡ଼ିଯାଇଛି। ଏହି ସମୟରେ କଲିଂ ବେଲ୍ ବାଜିଉଠିଲା। କବାଟ ଖୋଲି ଦେଖିଲା ବେଳକୁ ପିଲାଦିନ ସାଙ୍ଗ ରୂପା। ସୁନୀତାଙ୍କ ଉଦାସ ମୁହଁ ଦେଖି ରୂପା ପଚାରିଲେ, ‘‘ଆରେ, ତୁ ଆଜି କାହିଁକି ଏମିତି ଚୁପ୍‌ଚାପ୍ ଲାଗୁଛୁ? ବୋଧହୁଏ ତୁ ଟେନ୍‌ସନରେ ଅଛୁ।’’ ତା’ପରେ ସୁନୀତା ସବୁ କଥା ଏକା ନିଃଶ୍ୱାସରେ କହିଗଲା। ସବୁ କଥା ଶୁଣିବା ପରେ ରୂପା କହିଲା, ‘‘ଆରେ, ଯଦି ତୁ ଟିକେ ବୁଦ୍ଧି ଖଟାଇବୁ ତେବେ ସବୁ କାମ ଠିକ୍ ଭାବରେ ହୋଇପାରିବ। ମୁଁ ଯାହା କହୁଛି ମନ ଦେଇ ଶୁଣ। ତା’ପରେ ଚିନ୍ତା କରିବୁ ମୋ କଥା ପଛରେ କେତେ ସତ ରହିଛି।’’ ରୂପାଙ୍କଠାରୁ ସବୁ ଶୁଣିବା ପରେ ସୁନୀତା ମୁହଁରେ ହସ ଫୁଟିଉଠିଲା। ଠିକ୍ ସେହିପରି ଘରକାମକୁ ନେଇ ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ ମୁଣ୍ଡ ଖଟାଇ କଲେ ତାହା ବେଶ୍ ହାଲ୍‌କା ଲାଗିଥାଏ। ଯଦି ଉଭୟ କର୍ମଜୀବୀ ତେବେ କେତୋଟି ବିଷୟ ପ୍ରତି ବିଶେଷ ଧ୍ୟାନଦେବାକୁ ପଡ଼ିଥାଏ। ଜାଣନ୍ତୁ ସେ ସମ୍ପର୍କରେ...

**ସମୟ :** ଆଜିକାଲି ଅଧିକାଂଶ ସ୍ୱାମୀ-ସ୍ତ୍ରୀ କର୍ମଜୀବୀ। ଦିନତମାମ ଅଫିସ କାମ ଆଉ ସନ୍ଧ୍ୟାରେ ଘରକୁ ଫେରିବା ପରେ ଘର କଥା ବୁଝିବାକୁ ପଡ଼େ। ତେଣୁ ଏହି ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ସମନ୍ୱୟ ରହିଲେ ଘରର କାମ ସୁରୁଖୁରୁରେ ହୋଇପାରିବ। ହେଲେ ଉଭୟେ ସମୟର ମୂଲ୍ୟ ବୁଝିବା ଦରକାର। ଯଦି ଜଣେ କିଛି ସମୟ ବିଶ୍ରାମନେବାକୁ ଚାହୁଁଛନ୍ତି ତେବେ ସେ ନେଇ ଚିନ୍ତିତ ନ ହୋଇ ନିଜେ କିଛି କାମ କରିପାରିବେ। କର୍ମଜୀବୀ ହୋଇଥିଲେ ପ୍ରାୟ ଉଭୟଙ୍କୁ ସକାଳୁ ଅଫିସ ଯିବାକୁ ପଡ଼ିଥାଏ। ତେଣୁ ଉଭୟ ସ୍ୱାମୀ-ସ୍ତ୍ରୀ ଘରକାମକୁ ବାଣ୍ଟିକୁଣ୍ଟି କରିପାରିଲେ କ୍ଷତି କ’ଣ? ହେଲେ ଏହି ସମୟରେ ସେମାନଙ୍କର ମାନସିକତା ସକାରାତ୍ମକ ରହିବା ନିହାତି ଜରୁରୀ।

**ଟେନ୍‌ସନ :** କର୍ମଜୀବୀ ହେଲେ ଅନେକ କଥାକୁ ନେଇ ଟେନ୍‌ସନରେ ରହିବା ସ୍ୱାଭାବିକ। ହେଲେ ଥଣ୍ଡା ମିଜାଜରେ କାମକଲେ ସବୁ କିଛି ଠିକ୍ ସମୟରେ ଶେଷ ହୋଇଥାଏ। ଯଦି ସ୍ୱାମୀଙ୍କର ଶୀଘ୍ର ଅଫିସ ଯିବାର ଅଛି ତେବେ ତାଙ୍କୁ ପ୍ରସ୍ତୁତ ହେବାରେ ସାହାଯ୍ୟ କରନ୍ତୁ। ସବୁଠାରୁ ବଡ଼ କଥା ହେଲା, ପ୍ରତିଦିନ କ’ଣ କରିବେ ତାହାର ଏକ ରୋଟିନ ପ୍ରସ୍ତୁତ କରନ୍ତୁ। ତେବେ ସବୁ କାମ ଠିକ୍ ସମୟରେ ଶେଷହେବ। ନ ହେଲେ କାମକୁ ନେଇ ଟେନ୍‌ସନ ଆଉ ତା’ପରେ ସବୁ କାମ ଅଡୁଆ ତଡୁଆ ହେବା ସମ୍ଭାବନା ରହିଛି।

**ଯୌଥ ପରିବାର :** ଯଦି ଆପଣଙ୍କର ବଡ଼ ପରିବାର, ତେବେ ଘର କାମ ନିଜେ କରିବା ସହ ଅନ୍ୟମାନଙ୍କର ସହଯୋଗ ନିଅନ୍ତୁ। ‘ସବୁ କାମ ମୋତେ ହିଁ ଏକୁଟିଆ କରିବାକୁ ପଡିବ’ ଏପରି ଭାବିବା ଠିକ୍ ନୁହେଁ। ପରିବାର ସଦସ୍ୟମାନେ ମଧ୍ୟ କିଛି କାମ କରିପାରିବେ ଯାହା ଦ୍ୱାରା ଆପଣଙ୍କର ବୋଝ ହାଲ୍‌କା ହେବ। କାମକୁ ନେଇ ସ୍ୱାମୀ-ସ୍ତ୍ରୀ ଭିତରେ ମାନ ଅଭିମାନ ରହିଲେ ପରିସ୍ଥିତି ଜଟିଳ ହେବା ଆଶଙ୍କା ରହିଛି। ତେଣୁ ପରିସ୍ଥିତିକୁ ଉଭୟ ଭଲ ଭାବରେ ହୃଦୟଙ୍ଗମକରି କାମକଲେ ସେଗୁଡ଼ିକ ସୁରୁଖୁରୁରେ ଶେଷ ହୋଇଥାଏ।

**ଏମାନେ କ’ଣ କରନ୍ତି ?**


ସୁଜାତା


ଶ୍ରଦ୍ଧାଞ୍ଜଳି

*-ଶ୍ରଦ୍ଧାଞ୍ଜଳି ଦଳାଇ, ନହରଣା, ଜଗତ୍‌ସିଂହପୁର*

ମୋ ସ୍ୱାମୀ ମୋତେ ପ୍ରତିଟି କ୍ଷେତ୍ରରେ ସହଯୋଗ କରନ୍ତି। ସବୁ ଜିନିଷ ମୁଁ ଭୁଲିଯାଏ, କିନ୍ତୁ ଠିକ୍ ସମୟରେ ସବୁ ଜିନିଷ ସେ ମନେପକାଇ କରନ୍ତି। ମୁଁ ଯଦି କିଛି ମାର୍କେଟିଂ କରିବାକୁ ଯାଉଛି ମୁଁ ଭୁଲିଯାଏ କ’ଣ ନେବାର ଅଛି। ସେ କିନ୍ତୁ ମନେପକାଇ ଘର ପାଇଁ କ’ଣ ଦରକାର ଆଣିଥାନ୍ତି।

*-ସୁଜାତା ମହାନ୍ତି, କର୍ମଜୀବୀ, ସିଡିଏ, କଟକ*

ମୋ ସ୍ୱାମୀ ଶତପ୍ରତିଶତ କାମରେ ଯଦି ସାହାଯ୍ୟ କରିପାରନ୍ତିନି ମୁଁ କହିବି ସେ କିନ୍ତୁ ପ୍ରାୟ ସତୁରି ପ୍ରତିଶତ କରିଥାନ୍ତି। ଆମର ଛୁଆ ଯେହେତୁ ଛୋଟ, ତା’ କପଡ଼ା ଆଦି ଧୋଇବା, ତା’ର ଦେଖାଶୁଣା କରିବାରେ ସେ ମଧ୍ୟ ସାହାଯ୍ୟ କରିଥାନ୍ତି। ମୁଁ ଯେହେତୁ ଜଣେ କର୍ମଜୀବୀ, କୌଣସି କାମରେ ବ୍ୟସ୍ତ ଅଛି ମୁଁ କିଛି କହିବା ଆଗରୁ ସେ କାମ କରି ଦେଇଥାନ୍ତି। ଘରର ଛୋଟମୋଟ କାମରେ ସାହାଯ୍ୟ ଯଦି ସ୍ୱାମୀଙ୍କର ରହିବ ତେବେ କିଛି କାମ ହାଲ୍‌କା ଲାଗିବ।

# ଗୃହିଣୀଙ୍କ ପାଇଁ



- ବିରିୟାନୀ କିମ୍ବା ପଲାଉ କରିବା ସମୟରେ ପିଆଜ ଜଲ୍‌ଦି ଫ୍ରାଏ ହେବା ଲାଗି ସେଥିରେ ଅଳ୍ପ ପରିମାଣରେ ଚିନି ପକାନ୍ତୁ, ଦେଖିବେ ପିଆଜ ଶୀଘ୍ର ଫ୍ରାଏ ହେବା ସହ କ୍ରିସ୍ପି ହୋଇଥାଏ।
- ବଙ୍କାଟଙ୍କା ଅଦାକୁ ଛୁରି ସାହାଯ୍ୟରେ ଚୋପା ଛଡ଼ାଇବା ଲାଗି ସମୟ ଲାଗିଥାଏ,ଏଥିଲାଗି ଚାମଚ ବ୍ୟବହାରକଲେ ଚୋପା ଜଲ୍‌ଦି ଛାଡ଼ିଥାଏ।
- ପିଆଜ ରସୁଣ ପେଷ୍ଟକୁ ଯଦି ଫ୍ରିଜ୍‌ରେ ରଖୁଥାନ୍ତି ତେବେ ଏଥିରେ ତେଲ ମିଶାଇ ରଖନ୍ତୁ, ଏହା କିଛିଦିନ ପର୍ଯ୍ୟନ୍ତ ଭଲ ରହିବ।
- ବାଇଗଣ ପୋଡ଼ିବା ସମୟରେ ଯଦି ତା’ ଉପରେ ଟିକେ ତେଲ ଲଗାଇଦେବେ ଏହାର ଚୋପା ଶୀଘ୍ର ଛାଡ଼ିଯିବ।
- ଆଳୁ ମିଠା ଥିଲେ ଏହାକୁ କିଛି ସମୟ ଲୁଣପାଣିରେ ଭିଜାଇ ରଖନ୍ତୁ। ପୁଣି ଏହାକୁ ରୋଷେଇ ଲାଗି ବ୍ୟବହାର କରିପାରିବେ। ସେଓର କଳାପଣ ଦୂର କରିବାକୁ ହେଲେ ଲୁଣ ବ୍ୟବହାର କରନ୍ତୁ।
- ଖରାଦିନେ ଡାଲି,ଚାଉଳ ଏବଂ ଡ୍ରାଏ ଫୁଡ୍‌ସରେ ପୋକ ଲାଗିବାର ଦେଖାଯାଏ। ଏହା ଦୂରକରିବାକୁ ହେଲେ ନିମ୍ବପତ୍ରକୁ ଶୁଖାଇ ଡବା ଭିତରେ ରଖି ଦିଅନ୍ତୁ, ଏହା ଭଲ ରହିବ।
- କୋବିରୁ ପୋକ ବାହାର କରିବାକୁ ହେଲେ ରାତିରେ ଏହାକୁ ବଡ଼ ବଡ଼ ଆକାରରେ ଭାଙ୍ଗି ଲୁଣପାଣିରେ ଭିଜାଇ ରଖିଦେବେ। ସକାଳେ ଦେଖିବେ ଏଥିରେ ଥିବା ପୋକ ପଳାଇଯିବା ସହ ଫ୍ରେଶ୍ ଦେଖାଯାଇଥାଏ।

ଫ୍ୟା|ଶ|ନ

# ବାହାଘର ପାର୍ଟି ଓ ବିବାହ ଲାଗି ଡିଜାଇନ ଚୁଡ଼ି

**ମହିଳାଙ୍କ ଚୁଡ଼ିର ଖନ୍‌ଖନ୍ ଶବ୍ଦ କାହାର ବା ଧ୍ୟାନ ଆକର୍ଷଣ ନ କରେ! ଖାଲି ସେତିକି ନୁହେଁ, ଏହା ମହିଳାଙ୍କ ଷୋଳ ଶିଙ୍ଗାର ସହ ସମାନ। ଯଦି କୌଣସି ଫଙ୍କ୍‌ଶନ ଯିବାର ଥାଏ,ନିଜର ଲୁକ୍‌କୁ ନେଇ ଚିନ୍ତିତ ରହୁଛନ୍ତି,ତେବେ ଏଠାରେ ଆପଣଙ୍କୁ ବିବାହ ଓ ଫଙ୍କ୍‌ଶନ ଲାଗି ଡିଜାଇନ ଚୁଡ଼ି ସମ୍ପର୍କରେ ସୂଚନା ଦେଉଛୁ....**





- ସୁନାଚୁଡ଼ି ଓ ଚୁଡ୍ ସମସ୍ତଙ୍କୁ ପିନ୍ଧିବାକୁ ଭଲ ଲାଗେ। ସୁନା ପିନ୍ଧିବା ଦ୍ୱାରା ନିଜ ଷ୍ଟାଟସ୍ ମେଣ୍ଟେନ କରିବା ସହ ନିଜକୁ ମଧ୍ୟ ଆଲର୍ଜିରୁ ରକ୍ଷା କରିଥାନ୍ତି।
- ଯଦି ବିବାହରେ ରାଜସ୍ଥାନୀ ଟ୍ରାଡିସନାଲ ଲୁକ୍ ପାଇବାକୁ ଚାହୁଁଥାନ୍ତି, ତେବେ ଏମିତିରେ ଶାଢ଼ି କିମ୍ବା ଡ୍ରେସ୍‌ରେ ମ୍ୟାଚିଂ କରି ଲାଖ ଚୁଡ଼ି ସହ ଲାଖ ଚୁଡୁ ମ୍ୟାଚ୍ କରି ପିନ୍ଧିପାରିବେ।
- ଲାଖ ଚୁଡି ବଦଳରେ ମୋତି କାମ ହୋଇଥିବା ଚୁଡ଼ି ମଧ୍ୟ ପିନ୍ଧିପାରିବେ।
- ଯଦି ଆପଣ ବାହାଘରରେ ଡ୍ରେସ୍ ସହ କିଛି ଅଲଗା ଟ୍ରାଏ କରିବାକୁ ଚାହୁଁଥାନ୍ତି, ତେବେ ସୂତାରେ ପ୍ରସ୍ତୁତ ଚୁଡି (ଥ୍ରେଡ୍ ବ୍ୟାଙ୍ଗଲ୍ସ) ପିନ୍ଧିଲେ ଷ୍ଟାଇଲିଶ ଲାଗିବେ।
- କାଚ ଚୁଡ଼ି ମହିଳାଙ୍କୁ ସବୁବେଳେ ପସନ୍ଦ। ଏମିତିରେ ଆପଣ କାଚଚୁଡ଼ିକୁ, ମେଟାଲ, ଗୋଲ୍ଡ, ଲାଖ ଚୁଡି ସହିତ ପରଫେକ୍ଟ ମ୍ୟାଚ୍ କରିପାରିବେ।

# ଘରକୁ ଥଣ୍ଡା ରଖିବାକୁ ହେଲେ

**ଖରାଦିନେ ଗରମ ବଢ଼ିବା ସହ ତାପମାତ୍ରା ବଢ଼ିଚାଲିଛି। ଏମିତିରେ ଘରେ ରହିବା କଷ୍ଟକର ହୋଇପଡୁଛି। ପ୍ରାୟ ଲୋକ ଏଥିଲାଗି ଘରେ ଏସି ଲଗାଉଛନ୍ତି; ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ତେଣୁ ଘରେ କିଛି ପ୍ରାକୃତିକ ଉପାୟ ଅବଲମ୍ବନ କରନ୍ତୁ ଯାହାର ଭଲ ଉପାୟ ହେଲା ବୃକ୍ଷ ଲଗାଇବା। ଏହାଦ୍ୱାରା ଗରମରୁ ମୁକ୍ତି ମିଳିପାରିବ। ତେବେ ଜାଣନ୍ତୁ ଏ ସମ୍ପର୍କରେ...**

**ସ୍ନେକ୍‌ପ୍ଲାଣ୍ଟ**

ଏହା ଏକ ପ୍ରକାର ଗଛ। ଅନ୍ୟ ଗଛ ଭଳି ସ୍ନେକ୍ ପ୍ଲାଣ୍ଟ ରାତିରେ ଅକ୍ସିଜେନ୍ ଛାଡ଼ିଥାଏ ଓ ତାପମାନକୁ କମାଇଥାଏ। କେବଳ ଏହା ନୁହେଁ, ଏହି ଗଛ ନାଇଟ୍ରୋଜେନ୍ ଅକ୍‌ସାଇଡ୍,ଟ୍ରାଇକ୍ଲୋର ଏଥିଲିନ୍,ଟୋଲ୍ୟୁନି ଆଦି ଗ୍ୟାସ୍‌କୁ ଶୋଷିଥାଏ ବାୟୁକୁ ଶୁଦ୍ଧ କରିଥାଏ।

**ଫିକୁସ ଟ୍ରି**

ଏହା ବିପିଂ ଫିଗ୍ ନାମରେ ଜଣାଶୁଣା। ଏହା ରୁମ୍‌ର ବାୟୁକୁ ସଫା କରିଥାଏ। ଗରମକୁ ଶୋଷିନେଇଥାଏ। ଏହାର ଦେଖାଶୁଣା କରିବା ବହୁତ ସହଜ ହୋଇଥାଏ। ଏହା କମ୍ ଆଲୋକ ଏବଂ କମ୍ ପାଣିରେ ମଧ୍ୟ ବଞ୍ଚିପାରେ।









**ବେବି ରବର ପ୍ଲାଣ୍ଟ**

ଯେତେବେଳେ ଏହି ପ୍ଲାଣ୍ଟର କଥା ଆସେ ଯାହା ରୁମ୍‌କୁ ଥଣ୍ଡା ରଖେ ଓ ବାୟୁକୁ ପ୍ରଦୂଷଣ ମୁକ୍ତ କରିଥାଏ। ଏଥିରେ ପ୍ରତିଦିନ ପାଣି ଦେବା ଆବଶ୍ୟକ ହୁଏ ନାହିଁ। ଏହାକୁ ଭଲ ମାଟି ଓ ଫିଲ୍ଟର୍ଡ ଲାଇଟର ଆବଶ୍ୟକ ହୋଇଥାଏ।

**ଫର୍ନ**

ବୈଜ୍ଞାନିକଙ୍କ ମତରେ ଫର୍ନ ବାୟୁମଣ୍ଡଳକୁ ଓଦାଳିଆ ରଖିବାରେ ସାହାଯ୍ୟକରେ। ରୁମ୍‌ର ବାୟୁକୁ ସଫା ରଖିବା ସହ ଗରମ୍‌କୁ କମ୍ କରିଥାଏ। ଏହାକୁ ଆପଣ ନିଜ ବାଲ୍‌କୋନୀରେ ରଖନ୍ତୁ। ଏହା ବହୁତ ଭଲ ଦେଖାଯାଇଥାଏ।

**ଗୋଲ୍‌ଡେନ ପୋଥାସ**

ଆପଣ ଏହାକୁ ସିଲ୍‌ଭର କିମ୍ବା ଡେଭିଲ୍ସ ଏବି କୁହାଯାଏ। ଏହାର ଘଞ୍ଚ ପତ୍ର ଆପଣଙ୍କ ରୁମ୍‌ର ଶୋଭା ବଢ଼ାଇଥାଏ। ଏହା ବାୟୁମଣ୍ଡଳର ଦୂଷିତ ବାୟୁକୁ ଶୁଦ୍ଧ କରିଥାଏ। ଘରକୁ ଥଣ୍ଡା ରଖିଥାଏ।



ଖା|ଦ୍ୟ|ରୁ|ଚି

# ମସାଲା କୋଲ୍ଡ୍ରିଙ୍କ୍‌ସ



**ଆବଶ୍ୟକ ସାମଗ୍ରୀ -** କୋକ୍ ୨ ଗ୍ଲାସ୍, ଚାହାଗୁଣ୍ଡ ୧ ଚାମଚ, ଚାଟ୍ ମସଲା ୧ ଚାମଚ, ଅଳ୍ପ ପରିମାଣରେ ପୋଦିନା, ଲେମ୍ବୁ ୨ ଖଣ୍ଡ, ଭଜା ହୋଇଥିବା ଜିରା ୧ ଚତୁର୍ଥାଂଶ, ଲେମ୍ବୁରସ ଅଧା ଚାମଚ, ଏକ ପାତ୍ର ଆଇସ୍ କ୍ୟୁବ୍, ସ୍ୱାଦ ଅନୁସାରେ ବିଟ୍ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ -** ମସଲା କୋଲ୍ଡ୍ରିଙ୍କ୍‌ସ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ପୋଦିନାପତ୍ରକୁ ଅଧା ଗ୍ରାଇଣ୍ଡିଂ କରନ୍ତୁ। ଲେମ୍ବୁ ଖଣ୍ଡକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତୁ। ଏବେ ଏକ ପାତ୍ରରେ ଦୁଇ ଗ୍ଲାସ୍ ପାଣି ଗରମ କରନ୍ତୁ। ପାଣି ଗରମ ହୋଇଗଲେ ଗ୍ୟାସ୍ ବନ୍ଦକରି ଏଥିରେ ଚାହାଗୁଣ୍ଡ ପକାନ୍ତୁ। ୧୫ ମିନିଟ୍ ପରେ ଚା’ଗୁଣ୍ଡକୁ ଛାଣି ଦିଅନ୍ତୁ। ଏବେ ସେଥିରେ ଲେମ୍ବୁରସ, ଚାଟ୍ ମସଲା, ଜିରା ପାଉଡର, ଅଳ୍ପ ପୋଦିନା, ଆଇସ୍ କ୍ୟୁବ୍ ଏବଂ ସ୍ୱାଦ ଅନୁସାରେ ଲୁଣ ମିଶାନ୍ତୁ। ଏବେ ଏହାକୁ ଗ୍ରାଇଣ୍ଡରରେ ହାଲ୍‌କା ଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏବେ ଦୁଇଟି ଗ୍ଲାସ୍ ନିଅନ୍ତୁ। ଗୋଟିଏ ଗ୍ଲାସ୍‌ରେ ଲେମ୍ବୁ ଖଣ୍ଡ, କିଛି ପୋଦିନାପତ୍ର ଏବଂ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଚା’ପାଣିକୁ ପକାନ୍ତୁ। ଏବେ ଏଥିରେ ସ୍ୱାଦ ଅନୁସାରେ କୋକ୍ ମିଶାନ୍ତୁ। ଏଥିରେ ଲେମ୍ବୁ ଖଣ୍ଡ, ପୋଦିନାପତ୍ର, ଆଇସ୍ କ୍ୟୁବ୍ ପକାଇ ପରଷନ୍ତୁ।



"ଦେଶରେ କାର୍ ବଜାର ଆହ୍ୱାନ ବଢ଼ିବାରେ ଲାଗିଛି। କମ୍ପାନୀକୁ ଲାଭଜନକ କରିବା ଲାଗି ଗ୍ରହଣ କରାଯାଇଥିବା ଯୋଜନା ସଫଳ ହୋଇଛି।

–ପି.ବି.ବାଲାଜି, ଗ୍ରୁପ୍ ସିଏଫ୍ଓ, ଟାଟା ମୋଟର୍ସ

"ମାଇଣ୍ଡଟ୍ରିକୁ ଅଧିଗ୍ରହଣ କରିବା ଏଲ୍ଆଣ୍ଡଟିର ମୁଖ୍ୟ ଏଜେଣ୍ଡା ରହିଛି। କମ୍ପାନୀ ଏ ଦିଗରେ ଆଗେଇ ଚାଲିଛି।

–ଏ.ଏମ୍.ନାଏକ,ଗ୍ରୁପ୍ ଅଧ୍ୟକ୍ଷ, ଏଲ୍ଆଣ୍ଡଟି



## ସଂକ୍ଷେପରେ

### ପବନ ହଂସକୁ ବିକ୍ରି ଲାଗି ପୁଣି ଉଦ୍ୟମ




ନୂଆଦିଲ୍ଲୀ,୨୦-୫: କେନ୍ଦ୍ର ସରକାର ରାଷ୍ଟ୍ରାୟତ୍ତ ପବନ ହଂସକୁ ବିକ୍ରି କରିଦେବା ଲାଗି ପୁନର୍ବାର ପ୍ରୟାସ ଆରମ୍ଭ କରିଛନ୍ତି। ଚଳିତ ମାସ ଶେଷରେ ନୂଆକରି ବିଡିଂ ପ୍ରକ୍ରିୟା ଆରମ୍ଭ କରିବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି। ଏଥିଲାଗି ନୂଆ ସରକାର ଦସ୍ତାବିଜ ଜାରି କରାଯିବ। ଏହି ହେଲିକପ୍ଟର କମ୍ପାନୀ ଉପରେ ୫୦୦ କୋଟି ଟଙ୍କାର ଋଣ ଥିବାରୁ କ୍ଷତିପୂରଣ ପ୍ରଦାନକୁ ଏଥର ବିଡିଂ ପ୍ରକ୍ରିୟାରେ ସାମିଲ କରାଯିବ। ଏଥିପୂର୍ବରୁ ପବନ ହଂସକୁ ବିକ୍ରି କରିଦେବା ଲାଗି ସରକାରଙ୍କ ଉଦ୍ୟମ ଫସର ଫାଟି ଥିଲା। ନିବେଶକଙ୍କ ସହିତ ଆଲୋଚନା ପରେ ବିଡିଂ ପ୍ରକ୍ରିୟାରେ ସଂଶୋଧନ କରିବା ଲାଗି ସରକାର ବିଚାର କରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଚଳିତ ମାସ ଶେଷରେ ସମ୍ଭାବ୍ୟତମ ପ୍ରାରମ୍ଭିକ ସୂଚନା ଜ୍ଞାପନ(ପିଆଇଏମ୍) ଜାରି କରାଯିବ। ପବନ ହଂସରେ ସରକାରଙ୍କ ୫୧% ଏବଂ ଓଏନ୍‌ଜିସି ନିକଟରେ ଅବଶିଷ୍ଟ ୪୯ ପ୍ରତିଶତ ଅଂଶଧନ ରହିଛି। ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି ଲାଗି ନିଷ୍ପତ୍ତି ହୋଇଛି। କମ୍ପାନୀ ନିକଟରେ ୪୬ ହେଲିକପ୍ଟର ରହିଛି। କମ୍ପାନୀର ସମ୍ପୂର୍ଣ୍ଣ ଅଂଶଧନ ବିକ୍ରି କରିଦେଲେ ସରକାର ପ୍ରାୟ ୧ ହଜାର କୋଟି ଟଙ୍କା ପାଇବେ ବୋଲି ଅନୁମାନ କରାଯାଉଛି।

### ଇନ୍‌ଫୋସିସ୍ ସିଇଓଙ୍କୁ ମିଳିଛି ୨୪.୬୭ କୋଟିର ପ୍ୟାକେଜ




ବେଙ୍ଗାଲୁରୁ,୨୦-୫: ଆଇଟି କମ୍ପାନୀ ଇନ୍‌ଫୋସିସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ସଲିଲ୍ ପାରେଖଙ୍କୁ ଆର୍ଥିକ ବର୍ଷ ୨୦୧୮-୧୯ରେ ୨୪.୬୭ କୋଟି ଟଙ୍କାର ଦରମା ପ୍ୟାକେଜ ମିଳିଥିଲା। କମ୍ପାନୀ ନିଜର ବାର୍ଷିକ ରିପୋର୍ଟରେ ଏ ସମ୍ପର୍କରେ ସୂଚନା ଦେଇଛି। ପାରେଖ ଜାନୁୟାରୀ ୨୦୧୮ରେ କମ୍ପାନୀରେ ଯୋଗ ଦେଇଥିଲେ। ତାଙ୍କୁ ନିଶ୍ଚିତ ବେତନ ଭାବେ ୬.୦୭ କୋଟି ଟଙ୍କା ମିଳିଥିବା ବେଳେ ବୋନସ, ପ୍ରୋତ୍ସାହନ ଏବଂ ଭେରିଏବଲ୍ସ ପେ ବାବଦରେ ୧୦.୯୬କୋଟି ଟଙ୍କା ମିଳିଛି। ଇନ୍‌ଫୋସିସ୍ ନିଜର ସିଇଓଙ୍କୁ ୭.୬୪ କୋଟି ଟଙ୍କା ଅନ୍ୟାନ୍ୟ ସୁବିଧା ରୂପରେ ଦେଇଛି। ଅନ୍ୟପକ୍ଷରେ ଦେଶର ଏକ ନମ୍ବର ଆଇଟି କମ୍ପାନୀ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍(ଟିସିଏସ୍) ସିଇଓ ରାଜେଶ ଗୋପୀନାଥନ ଗତ ଆର୍ଥିକ ବର୍ଷରେ ୧୬ କୋଟି ଟଙ୍କାର ପ୍ୟାକେଜ ପାଇଥିଲେ। କମ୍ପାନୀ ରିପୋର୍ଟରେ ଏହା କୁହାଯାଇଛି। ଗୋପୀନାଥନଙ୍କ ବେତନରେ ପୂର୍ବାପେକ୍ଷା ୨୮ ପ୍ରତିଶତ ବୃଦ୍ଧି ହୋଇଛି।

### ଭାରତୀୟ ସଡ଼କରେ ଦୌଡ଼ିପାରେ ଟେସ୍‌ଲା କାର୍



ନୂଆଦିଲ୍ଲୀ,୨୦-୫: ଭାରତରେ ଟେସ୍‌ଲା କାର୍ ଲଞ୍ଚକୁ ନେଇ ଦ୍ୱିଧାରେ ଥିବା ସିଇଓ ଏଲନ ମସ୍କଙ୍କ ମୁଣ୍ଡବ୍ୟଥା ହ୍ରାସ କରିଛି ଭାରତୀୟ କମ୍ପାନୀ ଅଶୋକ ଲେଲ୍ୟାଣ୍ଡ। ଭାରତୀୟ ସଡ଼କରେ ଟେସ୍‌ଲାର ଇଲେକ୍ଟ୍ରିକ କାର୍ ଦୌଡାଇବାକୁ ନେଇ ଲେଲ୍ୟାଣ୍ଡ ପକ୍ଷରୁ ପାର୍ଟନରଶିପ୍ ପାଇଁ ପ୍ରସ୍ତାବ ଦିଆଯାଇଛି। ଏ ସମ୍ପର୍କରେ କମ୍ପାନୀର ସିନିୟର ଭାଇସ ପ୍ରେସିଡେଣ୍ଟ ଭେଙ୍କଟେଶ ନଟରାଜନ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଭାରତୀୟ ସଡ଼କରେ ଇଲେକ୍ଟ୍ରିକ କାର୍ ଦୌଡାଇବାକୁ ହେଲେ ଏକାଧିକ କମ୍ପାନୀଙ୍କ ସହାୟତା ଆବଶ୍ୟକ ହେବ। ଯେ କୌଣସି କମ୍ପାନୀର ନୂଆ ଟେକ୍ନୋଲୋଜିକୁ ଅଶୋକ ଲେଲ୍ୟାଣ୍ଡ ଆପଣାଇବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। କମ୍ପାନୀ ଅଧିକ ଅର୍ଥ ରୋଜଗାର କରିବାକୁ ଚାହୁଁଛି ବୋଲି ସେ ପ୍ରକାଶ କରିଛନ୍ତି।

■ ଟିପ୍ପଣୀ ଦେବାରୁ ଦୂରେଇ ରହିଛନ୍ତି ପ୍ରମୁଖ ଶିଳ୍ପ ସଂଘ

# ଏକ୍‌ଜିଟ୍ ପୋଲ୍‌କୁ ନେଇ ଉଦ୍ୟୋଗ ଜଗତ ଚୁପ୍

ନୂଆଦିଲ୍ଲୀ,୨୦–୫




ଭାରତୀୟ ଉଦ୍ୟୋଗ ଜଗତ ସୋମବାର ଏକ୍‌ଜିଟ୍ ପୋଲ୍‌କୁ ନେଇ ଚୁପ୍ ରହିଛି। କେହି କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ରବିବାର ସାଧାରଣ ନିର୍ବାଚନର ଶେଷ ପର୍ଯ୍ୟାୟ ସରିବା ପରେ ବିଭିନ୍ନ ଟିଭି ଚ୍ୟାନେଲ ପକ୍ଷରୁ ଏକ୍‌ଜିଟ୍ ପୋଲ୍ ଜାରି କରାଯାଇଥିଲା। ତଦନୁଯାୟୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ପୁନର୍ବାର କ୍ଷମତାକୁ ଫେରୁଥିବା ଏଥିରେ ଦର୍ଶାଯାଇଛି। ତେବେ ନିର୍ବାଚନ ଫଳାଫଳ ଆସନ୍ତା ୨୩ରେ ପ୍ରକାଶ ପାଇବ। ଏ ସମ୍ପର୍କରେ ପ୍ରମୁଖ ଉଦ୍ୟୋଗ ଜଗତ ପ୍ରତିନିଧି ଫିକି, ଭାରତୀୟ ଉଦ୍ୟୋଗ ମହାସଂଘ(ସିଆଇଆଇ) ତଥା ଆସୋଚାମ୍ କୌଣସି ଟିପ୍ପଣୀ ଦେବାରୁ ଦୂରେଇ ରହିଛି। ଗୋଟିଏ ଉଦାହରଣରୁ ଏହା ସହଜରେ ବୁଝି ହେବ। ଚଳିତ ସପ୍ତାହରେ କ'ଣ କରିବାକୁ ହେବ ବୋଲି ମହିନ୍ଦ୍ରା ଗ୍ରୁପ୍‌ର ମୁଖ୍ୟ ଅର୍ଥନୀତିଜ୍ଞ ସଚ୍ଚିଦାନନ୍ଦ ଶୁକ୍ଳା ଟୁଇଟ୍ ଜରିଆରେ ପ୍ରଶ୍ନ ପଚାରିବାରୁ ଏହାର ଉତ୍ତରରେ ଗ୍ରୁପ୍ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା ଚଳିତ ସପ୍ତାହରେ ଆମର ଏକମାତ୍ର ଗୋଟିଏ ଦିଗ ପ୍ରତି ନଜର ରହିଛି ବୋଲି ଉତ୍ତର ଦେଇଥିଲେ। ତାଙ୍କର ସ୍ପଷ୍ଟ ସଙ୍କେତ ମେ ୨୩ର ନିର୍ବାଚନ ଫଳାଫଳ ଆଡକୁ ଦର୍ଶାଉଛି। ଉଦ୍ୟୋଗ ଜଗତର ଅନ୍ୟତମ ପ୍ରତିନିଧି ପିଏଚ୍‌ଡିସିଆଇ ଅଧ୍ୟକ୍ଷ ରାଜୀବ ତଲୱାର କହିଛନ୍ତି ଯେ, ଭାରତରେ ସମସ୍ତଙ୍କୁ ଜନତା ଜନାର୍ଦ୍ଦନଙ୍କ ଇଚ୍ଛାକୁ ସମ୍ମାନ ଦେବା ଉଚିତ। ଯଦି ମତଦାତାଙ୍କୁ ଲାଗୁଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦ୍ୱିତୀୟ ଥର ଲାଗି ନିର୍ବାଚିତ କରିବା ଆବଶ୍ୟକ, ତେବେ ଅନ୍ୟ କୌଣସି ବିଚାର ସହ ତୁଳନା କରିବା ଅନୁଚିତ ହେବ। ଯେତେବେଳେ ଦେଶର ମତଦାତା ଚାହିଁଛନ୍ତି, ସେମାନେ ସରକାର ବଦଳାଇ ଦେଇଛନ୍ତି। ଏଭଳି ସ୍ଥିତିରେ ମୋଦିଙ୍କୁ ଦ୍ୱିତୀୟଥର ଲାଗି ନିର୍ବାଚିତ କରାଗଲେ ଏହା ଦେଶର ଅର୍ଥନୀତି ପ୍ରତି ଭଲ ହେବ। ଅନ୍ୟପକ୍ଷରେ ଆର୍‌ପିଜି ଏଣ୍ଟରପ୍ରାଇଜେସର ଅଧ୍ୟକ୍ଷ ହର୍ଷ ଗୋଏଙ୍କା କହିଛନ୍ତି ଯେ, ଏହା ନିଶ୍ଚିତ ଯେ, ପରବର୍ତ୍ତୀ ପ୍ରଧାନମନ୍ତ୍ରୀଙ୍କ ନାମର ପ୍ରଥମ ଅକ୍ଷର 'ଏନ୍'ରୁ ଆରମ୍ଭ ହେବ। ବ୍ରୋକରେଜ କମ୍ପାନୀ ଏଡଲଭାଇସ ସିକ୍ୟୁରିଟିଜ ପକ୍ଷରୁ କୁହାଯାଇଛି ଯେ, ଏନ୍‌ଡିଏ ସରକାରଙ୍କୁ ସ୍ପଷ୍ଟ ବହୁମତ ମିଳିଲେ ବଜାରରେ ଉତ୍ସାହ ବୃଦ୍ଧି ପାଇବ ଏବଂ ନୀତିଗତ ନିଷ୍ପତ୍ତିରେ ଧାରାବାହିକତା ବଜାୟ ରହିବ। ଅପରପକ୍ଷରେ କୋଟାକ୍ ଇନ୍‌ଷ୍ଟିଚ୍ୟୁଶନାଲ ସିକ୍ୟୁରିଟିଜ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ନିର୍ବାଚନ ଫଳାଫଳ ବଜାରର ଆଶା ଅନୁରୂପ ଆସିଲେ ୨୩ ପରେ କିଛି ସମୟ ପାଇଁ ସେନ୍‌ସେକ୍ସରେ ବୃଦ୍ଧି ଦେଖିପାରିବା।

## ଗାଡ଼ିର ଥାର୍ଡ ପାର୍ଟି ବୀମା ପ୍ରିମିୟମ ବଢ଼ିବ

ନୂଆଦିଲ୍ଲୀ,୨୦–୫



ବୀମା ନିୟାମକ ଆଇଆର୍‌ଡିଏଆଇ ଚଳିତ ଆର୍ଥିକ ବର୍ଷରେ କାର୍,ଦୁଇ ଚକିଆ ଏବଂ ବାଣିଜ୍ୟିକ ଯାନର ଥାର୍ଡ ପାର୍ଟି ବୀମା ପ୍ରିମିୟମ ବୃଦ୍ଧି କରିବାକୁ ଯାଉଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ୨୦୧୯–୨୦ ଆର୍ଥିକ ବର୍ଷ ଲାଗି ୧୦୦୦ ସିସିରୁ କମ୍ କାର୍ ପାଇଁ ଥାର୍ଡ ପାର୍ଟି ବୀମା ପ୍ରିମିୟମକୁ ୧୮୫୦ ଟଙ୍କାରୁ ୨୧୨୦ ଟଙ୍କାକୁ ବୃଦ୍ଧି କରିବାକୁ ଯାଉଛି। ସେହିପରି ୧୦୦୦ସିସିରୁ ଊର୍ଦ୍ଧ୍ୱ ଏବଂ ୧୫୦୦ ସିସିରୁ ମଧ୍ୟରେ କାର୍ ପାଇଁ ପ୍ରିମିୟମ ୨୮୬୩ ଟଙ୍କାରୁ ୩୩୦୦ ଟଙ୍କାକୁ ବୃଦ୍ଧି ପାଇବ। ତେବେ ୧୫୦୦ ସିସିର ଲକ୍ସ୍ୟୁରୀ କାର୍ ପାଇଁ ଥାର୍ଡ ପାର୍ଟି ବୀମା ପ୍ରିମିୟମରେ କୌଣସି ପରିବର୍ତ୍ତନ କରା ନ ଯାଇ ବର୍ତ୍ତମାନର ୭୮୯୦ ଟଙ୍କାରେ ସ୍ଥିର ରଖିବାକୁ ନିଷ୍ପତ୍ତି ହୋଇଛି। ସାଧାରଣତଃ ଏପ୍ରିଲ ପହିଲାରୁ ଥାର୍ଡ ପାର୍ଟି ବୀମା ପ୍ରିମିୟମ ସମ୍ପର୍କରେ ଆଇଆର୍‌ଡିଏଆଇ ନିଷ୍ପତ୍ତି ନେଇଥାଏ। ତେବେ ଚଳିତବର୍ଷର ପୁରୁଣା ହାରକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଜାରି ରଖିବାକୁ କୁହାଯାଇଛି। ବର୍ତ୍ତମାନ ବୀମା ନିୟାମକ ଥାର୍ଡ ପାର୍ଟି ବୀମା ପ୍ରିମିୟମ ବୃଦ୍ଧି ନେଇ ଏକ ଚିଠାପ୍ରସ୍ତାବ ଜାରି କରିଛି। ଚଳିତ ମାସ ୨୯ତାରିଖ ସୁଦ୍ଧା ଏ ସମ୍ପର୍କରେ ନିଜର ମତ ପ୍ରକାଶ କରିବାକୁ ସମ୍ବନ୍ଧିତ ପକ୍ଷଙ୍କୁ କୁହାଯାଇଛି। ଚିଠା ପ୍ରସ୍ତାବ ଅନୁଯାୟୀ, ୭୫ସିସିର ଦୁଇଚକିଆ ଗାଡ଼ି ପାଇଁ ବୀମା ପ୍ରିମିୟମକୁ ୪୨୭ ଟଙ୍କାରୁ ୪୮୨ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ୭୫ସିସିରୁ ୩୫୦ସିସି ମଧ୍ୟରେ ଥିବା ଗାଡ଼ି ପାଇଁ ମଧ୍ୟ ପ୍ରିମିୟମ ବଢ଼ାଯିବାର ପ୍ରସ୍ତାବ ଦିଆଯାଇଛି। କିନ୍ତୁ ୩୫୦ସିସିରୁ ଅଧିକ ସୁପରବାଇକ ପାଇଁ ପ୍ରିମିୟମ ଯଥାସ୍ଥିତି ରଖାଯାଇଛି। ଅପରପକ୍ଷରେ ଘରୋଇ ଇଲେକ୍ଟ୍ରିକ କାର୍ ଓ ଦୁଇ ଚକିଆ ଯାନ ପାଇଁ ପ୍ରିମିୟମକୁ ୧୫% ହ୍ରାସ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ଅନୁରୂପ ଭାବେ ଇ–ରିକ୍ସାର ପ୍ରିମିୟମ ଅପରିବର୍ତ୍ତିତ ରଖାଯାଇଥିବା ବେଳେ ସ୍କୁଲ ବସ୍ ପାଇଁ ଏହା ବୃଦ୍ଧି କରାଯିବାର ପ୍ରସ୍ତାବ ଦିଆଯାଇଛି। ସେହିପରି ଟ୍ୟାକ୍ସି, ବସ୍ ଓ ଟ୍ରକ୍, ଟ୍ରାକ୍ଟର ପାଇଁ ଥାର୍ଡ ପାର୍ଟି ପ୍ରିମିୟମ ବୃଦ୍ଧି କରାଯିବାର ପ୍ରସ୍ତାବ ରହିଛି।

## ସୁନା ଆମଦାନୀ ୫୪% ବୃଦ୍ଧି

ନୂଆଦିଲ୍ଲୀ,୨୦–୫

ଦେଶର ସୁନା ଆମଦାନୀ ଏପ୍ରିଲରେ ୫୪ ପ୍ରତିଶତ ବୃଦ୍ଧି ପାଇ ୩.୯୭ ବିଲିୟନ ଡଲାରରେ ପହଞ୍ଚିଯାଇଛି। ଫଳରେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇବାରୁ ଚଳନ୍ତି ଜମା ନିଅଣ୍ଟ(ସିଏଡି)କୁ ନେଇ ଚିନ୍ତା ବଢ଼ିଯାଇଛି। ଗତବର୍ଷ ଏପ୍ରିଲରେ ସୁନା ଆମଦାନୀ ୨.୫୮ ବିଲିୟନ ଡଲାର ରହିଥିଲା। ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ସୁନା ଆମଦାନୀ ବୃଦ୍ଧି ପାଇବା କାରଣରୁ ବାଣିଜ୍ୟ ନିଅଣ୍ଟ ପରିମାଣ ଏପ୍ରିଲରେ ୫ ମାସର ସର୍ବୋଚ୍ଚ ସ୍ତର ୧୫.୩୩ ବିଲିୟନ ଡଲାରରେ ପହଞ୍ଚିଯାଇଛି। ଗତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଦେଶର ଚଳନ୍ତି ଜମା ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୨.୫%ରେ ପହଞ୍ଚିଯାଇଛି, ଯାହା କି ବର୍ଷକ ପୂର୍ବରୁ ସମାନ ଅବଧିରେ ୨.୧% ରହିଥିଲା। ସୂଚନାଯୋଗ୍ୟ ଯେ, ଫେବୃୟାରୀରେ ସୁନା ଆମଦାନୀ ହ୍ରାସ ପାଇଥିଲା। ଏହାପରେ ଏହା ଦୁଇ ଅଙ୍କ ହାରରେ ବୃଦ୍ଧି ପାଇବା ଆରମ୍ଭ ହୋଇଛି। ମାର୍ଚ୍ଚରେ ଏହା ୩୧ ପ୍ରତିଶତ ବୃଦ୍ଧି ପାଇ ୩.୨୭ ବିଲିୟନ ଡଲାର ହୋଇଥିଲା। ଉଲ୍ଲେଖ କରାଯାଇପାରେ ଯେ, ସୁନା ଆମଦାନୀରେ ଭାରତ ସର୍ବାଗ୍ରେ ରହିଛି। ଏହାରି ମାଧ୍ୟମରେ ଘରୋଇ ଗହଣା ଉଦ୍ୟୋଗର ଚାହିଦା ମେଣ୍ଟାଯାଇଥାଏ। ବାର୍ଷିକ ଆଧାରରେ ଭାରତ ୮୦୦ରୁ ୯୦୦ ଟନ ସୁନା ଆମଦାନୀ କରିଥାଏ। ଆର୍ଥିକ ବର୍ଷ ୨୦୧୮–୧୯ରେ ସୁନା ଆମଦାନୀ ୩ ପ୍ରତିଶତ ହ୍ରାସ ପାଇ ୩୨.୮ ବିଲିୟନ ଡଲାର ହୋଇଥିଲା।

## ସିଣ୍ଡିକେଟ ବ୍ୟାଙ୍କର ନୂତନ କ୍ଷେତ୍ରୀୟ ପ୍ରବନ୍ଧକ

ଭୁବନେଶ୍ୱର,୨୦–୫



ସିଣ୍ଡିକେଟ ବ୍ୟାଙ୍କ କ୍ଷେତ୍ର–୨ର ନୂତନ ପ୍ରବନ୍ଧକ ଭାବେ ଚନ୍ଦ୍ରକାନ୍ତ ଦାସ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ କାନପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୪ରେ ସିଣ୍ଡିକେଟ ବ୍ୟାଙ୍କରୁ ସେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ରାଞ୍ଚିଠାରେ ଉପକ୍ଷେତ୍ରୀୟ ପ୍ରବନ୍ଧକ ଲକ୍ଷ୍ନୌଠାରେ ମୁଖ୍ୟ ପ୍ରବନ୍ଧକ ଭାବେ ସେ କାର୍ଯ୍ୟ କରିଛନ୍ତି। ୨୦୧୮ରେ ସେ ଉପମହାପ୍ରବନ୍ଧକ ପଦବୀକୁ ପଦୋନ୍ନତି ପାଇଥିଲେ। ଭୁବନେଶ୍ୱର କ୍ଷେତ୍ର–୨କୁ ଏକ ପ୍ରମୁଖ କ୍ଷେତ୍ର କରାଇବା ସହ କାସା,ରିଟେଲ, ଏଗ୍ରି, ଏମ୍‌ଏସ୍ଏମ୍ଇ ଏବଂ ରିକଭରି ଉପରେ ଧ୍ୟାନ କେନ୍ଦ୍ରୀତ କରିବା ତାଙ୍କର ଲକ୍ଷ୍ୟ ରହିଛି। ଏହି ଅବସରରେ ଉପକ୍ଷେତ୍ରୀୟ ପ୍ରବନ୍ଧକ କମଳାକାନ୍ତ ମିଶ୍ରଙ୍କ ସମେତ ବ୍ୟାଙ୍କର ଅନ୍ୟ ଅଧିକାରୀ ତଥା କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି।

## ଏମ୍‌ଏସ୍‌ପି ହଟାଅ, କମ୍ପାନୀ ଟିକସ କମାଅ

ନୂଆଦିଲ୍ଲୀ,୨୦–୫



**ନୂଆ ସରକାରଙ୍କୁ ଅର୍ଥନୀତିଜ୍ଞଙ୍କ ପରାମର୍ଶ**

ଆସନ୍ତା ୨୩ ତାରିଖ ପରେ ଦେଶରେ ନୂଆ ସରକାର ଗଠନ ହେବାକୁ ଯାଉଛି। ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ନୂଆ ସରକାରଙ୍କ ନିକଟରେ ଏକାଧିକ ଆହ୍ୱାନ ରହିଛି। ତେବେ ବିଶିଷ୍ଟ ଅର୍ଥନୀତିଜ୍ଞ ସୁରଜିତ ଭଲ୍ଲା ନୂଆ ସରକାରଙ୍କ ପାଇଁ କେତେକ ପରାମର୍ଶ ଦେଇଛନ୍ତି। କୃଷକଙ୍କ ପାଇଁ ଘୋଷଣା କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ହଟାଇବା ସହିତ କମ୍ପାନୀ ଟିକସରେ ୫% ହ୍ରାସ କରିବା ତଥା ଆୟ ସମର୍ଥନ ଯୋଜନାର ପରିଧି ବଢ଼ାଇବାକୁ ସେ ପରାମର୍ଶ ଦେଇଛନ୍ତି।

ଉଦ୍ୟୋଗ ଜଗତ ଫିକି ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଭଲ୍ଲା କହିଛନ୍ତି ଯେ, ନୂଆ ସରକାର ଆସନ୍ତା ୩ ବର୍ଷ ପାଇଁ ଏମ୍‌ଏସ୍‌ପିକୁ ପ୍ରତ୍ୟାହାର କରିନେବା ଉଚିତ୍। କୃଷି କ୍ଷେତ୍ରରେ ହସ୍ତକ୍ଷେପ ଶୂନ୍ୟ ହେବା ଆବଶ୍ୟକ। ସେ କହିଛନ୍ତି ଯେ, ଦେଶରେ ପୁଞ୍ଜି ଲଗାଣ ଏବଂ କମ୍ପାନୀ ଟିକସ ବହୁ ଅଧିକ। ଗତ ୫/୬ ବର୍ଷ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁଲ୍ ବାଟରେ ଯାଉଛି। ବାସ୍ତବିକ ସୁଧ ହାର ୩.୫% ହୋଇ ପାରିବ ନାହିଁ। ଦେଶର ଜିଡିପି ବୃଦ୍ଧି ହାର ବାର୍ଷିକ ୮ରୁ ୮.୫% ରହିବା ସମ୍ଭାବନା ରହିଛି। ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ପୂର୍ବତନ ସଦସ୍ୟ ରହିଥିବା ଭଲ୍ଲା କହିଛନ୍ତି ଯେ, ମଧ୍ୟମ ଆୟ ଜାଲରେ ଭାରତ ଫଶିବାର ସମ୍ଭାବନା ନାହିଁ। ମଧ୍ୟମ ଆୟବର୍ଗ ଜାଲ ଧାରଣାକୁ ଭୁଲ ଭାବେ ଗ୍ରହଣ କରାଯାଇଛି ଏବଂ ଭାରତୀୟମାନେ ଏଦିଗରେ ଆଗେଇନାହାନ୍ତି। ସୂଚନାଥାଉ କି, ପରିଷଦର ସଦସ୍ୟ ରଥିନ ରାୟ କହିଥିଲେ ଯେ, ଭାରତୀୟ ଅର୍ଥନୀତି ଢାଞ୍ଚାଗତ ନରମପଣ ଆପଣାଉଛି। ଆମେରିକା–ଚାଇନା ବାଣିଜ୍ୟ ଯୁଦ୍ଧ ଉପରେ ନିଜର ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, ଚାଇନା ଦୀର୍ଘଦିନ ହେବ ବିଶ୍ୱ ଅର୍ଥନୀତିରୁ ବହୁ ଲାଭ ଉଠାଇଛି। ବର୍ତ୍ତମାନ ଏହା ପୂର୍ବରୁ ହାସଲ କରିଥିବା ଲାଭର ମୂଲ୍ୟ ଦେଉଛି। ଗୋବଧକୁ ମୁସ୍‌ଲିମ ବିରୋଧୀ ଦର୍ଶାଇ ସେ କହିଛନ୍ତି ଯେ, ଦେଶର ନୀତିରେ ପରିବର୍ତ୍ତନ ଲୋଡା। କାରଣ ଏହାଦ୍ୱାରା ଭାରତର ଅର୍ଥନୀତି ପ୍ରଭାବିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଦର୍ଶନର ଆକଳନ କରି ସେ କହିଛନ୍ତି ଯେ, ଗତ ୪/୫ ବର୍ଷ ମଧ୍ୟରେ ଯେ କୌଣସି ଦେଶ ତୁଳନାରେ ଏନଡିଏ ସରକାର ଏକୀକୃ ସମାବେଶୀ ଭାବେ କାର୍ଯ୍ୟ କରିଛି। ସେ କହିଛନ୍ତି ଯେ, ମୋଦିଙ୍କୁ ଜଣେ ଦୂରଦର୍ଶୀ ନେତା ଭାବେ ଦେଖିବାକୁ ହେବ। ସିଙ୍ଗାପୁରର ଲି କୁଆନ ୟେଙ୍କ ଶ୍ରେଣୀରେ ତାଙ୍କୁ ରଖାଯାଇପାରେ। ତାଙ୍କ ନିକଟରେ ଦୃଷ୍ଟିକୋଣ ଏବଂ ମିଶନ ରହିଛି। ସଂଖ୍ୟାଗରିଷ୍ଠତା ହାସଲ କରିବା ଏକ ମିଶନ କୁହାଯାଇପାରେ।

## ବିଭିନ୍ନ କମ୍ପାନୀ ପକ୍ଷରୁ ବାତ୍ୟା ସହାୟତା

### ବାତ୍ୟା ବିପନ୍ନଙ୍କୁ ଗେଲ୍‌ର ୫ କୋଟି



ଫନୀରେ ପ୍ରଭାବିତ ଲୋକଙ୍କ ଲାଗି ରାଷ୍ଟ୍ରାୟତ୍ତ ଗେଲ୍ ଇଣ୍ଡିଆ ପକ୍ଷରୁ ୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଗେଲ୍ ଇଣ୍ଡିଆର ନିର୍ମାଣ ଜେନେରାଲ ମ୍ୟାନେଜର ଜେଭିଜି ଶ୍ରୀନିବାସ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୁଖ୍ୟ ତଥା ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀଙ୍କୁ ଭେଟି ଏହି ଚେକ୍ ପ୍ରଦାନ କରିଛନ୍ତି। ବାତ୍ୟା ପରେ କମ୍ପାନୀ ଜେନେରେଟର ସୁବିଧା ଏବଂ ସିଏନ୍‌ଜି ଯୋଗାଣକୁ ପୁନରୁଦ୍ଧାର କରିବାକୁ ସକ୍ଷମ ହୋଇଛି। କମ୍ପାନୀ ବର୍ତ୍ତମାନ ନିଜର ସମ୍ପ୍ରସାରିତ ପ୍ରକଳ୍ପ ଜଗଦୀଶପୁର–ହଳଦିଆ ଏବଂ ବୋକାରୋ ଧାମରା ପ୍ରାକୃତିକ ଗ୍ୟାସ ପାଇପ ଲାଇନ ନିର୍ମାଣ କରୁଛି। ସେହିଭଳି ଭୁବନେଶ୍ୱର ଏବଂ କଟକରେ ଏହା ସହରୀ ଗ୍ୟାସ ବିତରଣ ପ୍ରକଳ୍ପ ପରିଚାଳନା କରୁଛି।

### ରାଜ୍ୟ ସମବାୟ ବ୍ୟାଙ୍କର ବ୍ୟାଙ୍କ ଅନ୍ ହ୍ୱିଲ

ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ପକ୍ଷରୁ ଫନୀ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ବ୍ୟାଙ୍କ ଅନ୍ ହ୍ୱିଲ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଶେଷ ପ୍ରଭାବିତ ପୁରୀ ଜିଲାରେ ଏଭଳି ୧୩ ଗୋଟି ଭ୍ରାମ୍ୟମାଣ ଏଟିଏମ୍ ପରିଚାଳିତ କରାଯାଉଛି। ଜିଲାର ବିଭିନ୍ନ ଅଞ୍ଚଳ ଯଥା–ନିମାପଡା,ଗୋପ, କୋଣାର୍କ, ପିପିଲି ଏବଂ ସତ୍ୟବାଦୀ ବ୍ଲକରେ ଏହି ଏଟିଏମ୍‌ଗୁଡ଼ିକ ସେବା ଯୋଗାଇ ଆସୁଛନ୍ତି। ଅସୁବିଧା ସମୟରେ ଏଭଳି ପଦକ୍ଷେପ ଦ୍ୱାରା ଲୋକଙ୍କୁ ସେବା ଯୋଗାଣ ସହ ନିକଟତର ହୋଇ ପାରିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

### ପ୍ରଭାବିତଙ୍କୁ ଜେଏସ୍‌ପିଏଲ୍‌ର ସହାୟତା




ଫନୀ ପ୍ରଭାବିତଙ୍କ ଲାଗି ରିଲିଫ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ(ଜେଏସ୍‌ପିଏଲ) ନିଜର ଯୋଗଦାନ ରଖିଛି। କମ୍ପାନୀ ଏହାର ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ମେ ୧୦ ତାରିଖରୁ ପ୍ରଭାବିତଙ୍କ ଲାଗି ରନ୍ଧାଖାଦ୍ୟ ଯୋଗାଇ ଦେଉଛି। କମ୍ପାନୀ ଏହି କାର୍ଯ୍ୟକ୍ରମ ୧୦ ଦିନ ଧରି ଚାଲୁ ରଖିଥିବା ବେଳେ ପ୍ରତିଦିନ ୧୦ ହଜାର ମିଲ୍ ଯୋଗାଣ କରାଯାଇଥିଲା ବୋଲି କହିଛି। ପୁରୀ ଜିଲା ପ୍ରଶାସନ ସହ ମିଳିତ ହୋଇ ପୁରୀଠାରେ ଏକ କେନ୍ଦ୍ରୀୟ ରୋଷେଇ ଘର ସ୍ଥାପନ କରି ଜିଲାର ବିଭିନ୍ନ ସ୍ଥାନକୁ ଏହା ଯୋଗାଣ କରିଥିବା ସୂଚନା ରହିଛି। ଫନୀ ଦ୍ୱାରା ଲୋକଙ୍କର ହୋଇଥିବା କ୍ଷତି ଅପୂରଣୀୟ ବୋଲି ଜେଏସ୍‌ପିଏଲ୍ ଫାଉଣ୍ଡେଶନର ଅଧ୍ୟକ୍ଷା ସାଲୁ ଜିନ୍ଦଲ କହିଛନ୍ତି। ଜେଏସ୍‌ପିଏଲର ଇଭିପି ପ୍ରଶାନ୍ତ ହୋତାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ ଅନୁଗୋଳ ସ୍ଥିତ ଷ୍ଟିଲ ପ୍ଲାଣ୍ଟରୁ ସରକାରୀ ଗୃହ ମରାମତି ନିମନ୍ତେ ସିମେଣ୍ଟ ଏବଂ ନିର୍ମାଣ ସାମଗ୍ରୀ ପ୍ରଦାନ କରାଯାଇଛି।

## ପୁରୀ–ହବିବଗଞ୍ଜ–ପୁରୀ ଟ୍ରେନରେ ମିଳିତ ବଗି ସଂଯୋଗ




ଭୁବନେଶ୍ୱର,୨୦–୫

ଯାତ୍ରୀଙ୍କୁ ଉନ୍ନତ ସେବା ଯୋଗାଣ କରିବା ଲକ୍ଷ୍ୟରେ ରେଲୱେ ପକ୍ଷରୁ ପୁରୀ–ହବିବଗଞ୍ଜ–ପୁରୀ ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନରେ ମିଳିତ ବଗି ସ୍ଥାୟୀ ସଂଯୋଗ କରାଯାଇଛି। ଗୋଟିଏ ଏସି ପ୍ରଥମ ଶ୍ରେଣୀ ଓ ଦ୍ୱିତୀୟ ଶ୍ରେଣୀରେ ଏହି ବଗି ସଂଯୋଗ ହୋଇଛି। ଏହା ହବିବଗଞ୍ଜରୁ ଚଳିତ ମାସ ୨୧ରୁ ଏବଂ ୨୨ରୁ ପୁରୀଠାରୁ ଗୋଟିଏ ଏସି ପ୍ରଥମ ଶ୍ରେଣୀ ଏବଂ ଦ୍ୱିତୀୟ ଶ୍ରେଣୀର ମିଳିତ ବଗିର ସ୍ଥାୟୀ ସଂଯୋଗ ସହ ଚଳାଚଳ କରିବ। ନୂଆ ମିଳିତ ଏସି ବଗିର ସ୍ଥାୟୀ ସଂଯୋଗ ପରେ ଏହା ବାଦ ଟ୍ରେନରେ ଗୋଟିଏ ଏସି ଟାୟାର ୨, ଚାରିଟି ଏସି ୩ ଟାୟାର, ୧୧ଟି ସ୍ଲିପର କ୍ଲାସ, ୨ଟି ଦ୍ୱିତୀୟ ଶ୍ରେଣୀ, ଦୁଇଟି ଗାର୍ଡ ଏବଂ ଲଗେଜ ଭ୍ୟାନ ସହିତ ସମୁଦାୟ ୨୧ଟି କୋଚ ସହ ଚଳାଚଳ କରିବ।

### ୨ ଦିନ ବାତିଲ ରହିବ ପୁରୀ-କାମାକ୍ଷା ଏକ୍ସପ୍ରେସ

ସେହିଭଳି ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପାଇଁ ଉତ୍ତର ସୀମାନ୍ତ ରେଳପଥ ଦ୍ୱାରା କାମାକ୍ଷାରୁ ପୁରୀ ଯାତ୍ରା କରୁଥିବା ୨ଟି ଟ୍ରେନ ପ୍ରତ୍ୟେକ ଗୋଟିଏ ଦିନ ଲାଗି ବାତିଲ ରହିବ। ପୁରୀଠାରୁ ଛାଡୁଥିବା ପୁରୀ–କାମାକ୍ଷା ଏକ୍ସପ୍ରେସ ଚଳିତ ମାସ ୨୧ ଏବଂ କାମାକ୍ଷାପଟୁ ୨୫ ତାରିଖରେ ବାତିଲ ରହିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

> ଆଗାମୀ ଆଇସିସି ବିଶ୍ୱକପ୍ ଲାଗି ଆମକୁ କେହି ଫେଭରାଇଟ୍ ମନେ ନ କରିବା ପରୋକ୍ଷରେ ଆଶୀର୍ବାଦ ଭଳି ।
> —କେପଲର ଓ୍ୱେସେଲ୍ସ
> ଦକ୍ଷିଣ ଆଫ୍ରିକା ପୂର୍ବତନ ଅଧିନାୟକ



> ଷ୍ଟିଭ ସ୍ମିଥ ଓ ଡେଭିଡ୍ ଓ୍ୱାର୍ନରଙ୍କ ପ୍ରତ୍ୟାବର୍ତ୍ତନ ଦ୍ୱାରା ଆଗାମୀ ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ପ୍ରତି ଅନ୍ୟ ଦଳଗୁଡ଼ିକର ଭୟ ରହିପାରେ ।
> —ଷ୍ଟିଭ ଓ୍ୱ, ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



## ସଂକ୍ଷେପରେ

### ଝିଅର ମୃତ୍ୟୁ ପାଇଁ ସ୍ୱଦେଶ ଫେରିବେ ଅସିଫ୍

**ଲଣ୍ଡନ,୨୦।୫:** କର୍କଟ ରୋଗରେ ପୀଡ଼ିତ ପାକିସ୍ତାନ ବ୍ୟାଟ୍ସମ୍ୟାନ ଅସିଫ ଅଲିଙ୍କ ଦୁଇ ବର୍ଷୀୟା ଝିଅ ନୁର୍ ଫତିମା ସ୍ଥାନୀୟ ମେଡିକାଲରେ ପ୍ରାଣ ହରାଇଛନ୍ତି। ଅସିଫ ଖେଳୁଥିବା ଆଇଏସ୍ଏଲ୍ ଇସ୍‌ଲାମବାଦ୍ ୟୁନାଇଟେଡ୍ ଫ୍ରାଞ୍ଚାଇଜ ପକ୍ଷରୁ ରବିବାର ବିଳମ୍ବିତ ରାତିରେ ଏ ନେଇ ଟୁଇଟ୍ କରାଯାଇଥିଲା। ଅସିଫଙ୍କ ଝିଅର ଅକାଳ ବିୟୋଗରେ ଆଇଏସ୍ଏଲ୍ ପରିବାର ଦୁଃଖ ପ୍ରକାଶ କରୁଛି। ଅସିଫ ଓ ତାଙ୍କ ପରିବାର ଲାଗି ଆମେ ପ୍ରାର୍ଥନା କରୁଛୁ। ଧୈର୍ଯ୍ୟ ଓ ସାହସର ସେ ଜଣେ ଉଦାହରଣ ବୋଲି ଇସ୍‌ଲାମବାଦ ୟୁନାଇଟେଡ୍ ପକ୍ଷରୁ କୁହାଯାଇଛି। ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଦିନିକିଆ ଶେଷ ହୋଇଯାଇଛି। ଏଣୁ ଆସିଫ ତୁରନ୍ତ ଫେରିବା ନେଇ ଆଶା କରାଯାଉଛି। ୨୭ ବର୍ଷୀୟ ବ୍ୟାଟ୍ସମ୍ୟାନ ରବିବାର ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ୨୨ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ପାକିସ୍ତାନକୁ ୫୪ ରନ୍‌ରେ ହରାଇ ଇଂଲଣ୍ଡ ସିରିଜକୁ ୪-୦ ବ୍ୟବଧାନରେ ଜିତିନେଇଥିଲା। ଉକ୍ତ ସିରିଜର ସମସ୍ତ ମ୍ୟାଚ୍‌ରେ ଖେଳିଥିବା ଅସିଫ ଦୁଇଟି ଅର୍ଦ୍ଧଶତକ ଲଗାଇଥିଲେ। ଏପର୍ଯ୍ୟନ୍ତ ସେ ୧୬ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩୧.୦୯ ଆଭରେଜରେ ୩୪୨ ରନ୍ କରିଛନ୍ତି। ସେ ପାକିସ୍ତାନ ବିଶ୍ୱକପ୍ ଦଳରେ ମଧ ସ୍ଥାନ ପାଇଛନ୍ତି।

# ଭାରତର ବିଜୟ ଅଭିଯାନ

### ଦକ୍ଷିଣ କୋରିଆ ବିପକ୍ଷ ମହିଳା ହକି ସିରିଜ

**ଜିନଚେଓନ,୨୦।୫**

ଭାରତୀୟ ମହିଳା ହକି ଦଳ ଆୟୋଜକ ଦକ୍ଷିଣ କୋରିଆକୁ ୨-୧ ଗୋଲରେ ହରାଇ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ଲାଗି ଯୁବା ଷ୍ଟ୍ରାଇକର ଲାଲରେସିଆମି (୨୦ତମ ମିନିଟ୍) ଓ ନବନୀତ କୌର (୪୦ତମ) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ବିଜୟ ସହ ଭାରତୀୟ ଦଳ ୩ ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ସିରିଜରେ ୧-୦ ବ୍ୟବଧାନରେ ଅଗ୍ରଣୀ ହାସଲ କରିଛି।

ସ୍ପେନ୍ ଓ ମାଲେସିଆରେ ଭଲ ପ୍ରଦର୍ଶନ ପରେ ଭାରତୀୟ ଦଳ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ ସହ ଦକ୍ଷିଣ କୋରିଆ ବିପକ୍ଷରେ ପଡ଼ିଆକୁ ଓହ୍ଲାଇଥିଲେ। ପ୍ରଥମ କ୍ୱାର୍ଟରରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ହେଲେ ଏହା ବେକାର ସାବ୍ୟସ୍ତ ହୋଇଥିଲା। ମ୍ୟାଚ୍‌ର ୨୦ତମ ମିନିଟରେ ଲାଲରେସିଆମିଙ୍କ ଫିଲ୍ଡ ଗୋଲ ଜରିଆରେ ଭାରତ ଖାତା ଖୋଲିଥିଲା। ଭ୍ରମଣକାରୀ ଦଳର ଅଗ୍ରଣୀ ବ୍ୟବଧାନକୁ ମ୍ୟାଚ୍‌ର ୪୦ତମ ମିନିଟ୍‌ରେ ନବନୀତ ବଢ଼ାଇଥିଲେ। ପୂରା ମ୍ୟାଚ୍‌ରେ ଆୟୋଜକ ଦଳ ୫ଟି ପେନାଲ୍ଟି କର୍ନର ପାଇଥିଲେ ମଧ କେବଳ ଥରେ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇଥିଲେ। ଶିନ ହିଜୋଙ୍ଗ (୪୮ତମ) ଏହି ଗୋଲ ଦେଇଥିଲେ। ଅଭିଜ୍ଞ ଗୋଲକିପର ସବିତାଙ୍କ ଉନ୍ନତ ପ୍ରଦର୍ଶନ ଯୋଗୁ ଭାରତୀୟ ଦଳ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ସିରିଜର ଦ୍ୱିତୀୟ ମ୍ୟାଚ୍ ବୁଧବାର ଖେଳାଯିବ।



ଖୁସି ମୁହୂର୍ତ୍ତରେ ଭାରତୀୟ ଖେଳାଳି।

# ସ୍ୱତନ୍ତ୍ର ବୋଲିଂ ଶୈଳୀ ଯୋଗୁ ବୁମ୍‌ରା ଭିନ୍ନ : ଥମ୍ପସନ

**ନୂଆଦିଲ୍ଲୀ, ୨୦।୫(ପି.ଟି.)**

ଦ୍ରୁତ ବୋଲିଂ ମାଧ୍ୟମରେ ନିଜ ସମୟରେ ବିଶ୍ୱର ବ୍ୟାଟ୍ସମ୍ୟାନମାନଙ୍କୁ ଭୟଭୀତ କରାଇ ପାରିଥିବା ଇଂଲଣ୍ଡର ଜେଫ୍ ଥମ୍ପସନ ଏବେ ଭାରତର ଯଶପ୍ରୀତ ବୁମ୍‌ରାଙ୍କ ପ୍ରଦର୍ଶନରେ ବେଶ୍ ପ୍ରଭାବିତ। ନିଜ ପେସ୍ ମାଧ୍ୟମରେ ବିପକ୍ଷ ଦଳକୁ କ୍ଷତି ପହଞ୍ଚାଇବାର ଦକ୍ଷତା ବୁମ୍‌ରାଙ୍କ ନିକଟରେ ଅଛି ବୋଲି ସେ ଅନୁଭବ କରୁଛନ୍ତି। କିଛିଦିନ ତଳେ ବୁମ୍‌ରାଙ୍କୁ ବିଶ୍ୱର ଶ୍ରେଷ୍ଠ ବୋଲର ବୋଲି ଅଭିହିତ କରିଥିଲେ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର। ଏବେ ଡେନିସ ଲିଲିଙ୍କ ପୂର୍ବତନ ନୂଆ ବଲ୍ ପାର୍ଟନର ଥମ୍ପସନଙ୍କ ମନ୍ତବ୍ୟ ବୁମ୍‌ରାଙ୍କ ପ୍ରତିଷ୍ଠାକୁ ବଢ଼ାଇ ଦେଇଛି।

''ପ୍ରକୃତରେ ବୁମ୍‌ରା ଭଲ ବୋଲିଂ କରୁଛନ୍ତି। ସେ ଯେପରି ବୋଲିଂ କରୁଛନ୍ତି ତା'ଠାରୁ ଅଧିକ କିଛି କରିବାର ଦକ୍ଷତା ରଖିଛନ୍ତି। ସେ ଯାହାବି କିଛି ହାସଲ କରିଛନ୍ତି ତା'ଠାରୁ ଆହୁରି ଅଧିକ କିଛି ହାସଲର କ୍ଷମତା ତାଙ୍କ ନିକଟରେ ରହିଛି'' ବୋଲି ୧୯୭୦ ଦଶକରେ ମାଲ୍‌କମ ମାର୍ଶାଲଙ୍କ ସହ ବିଶ୍ୱର ଦ୍ରୁତତମ ବୋଲରର ମାନ୍ୟତା ପାଇଥିବା ଥମ୍ପସନ ପ୍ରକାଶ କରିଛନ୍ତି। ବୁମ୍‌ରାଙ୍କ ର' ପେସ୍ ପ୍ରତିପକ୍ଷ ଦଳକୁ କ୍ଷତି ପହଞ୍ଚାଇବାକୁ ପର୍ଯ୍ୟାପ୍ତ। ସେ ଯେତେବେଳେ ବୋଲିଂରେ ବିବିଧତା ଆଣିବାକୁ ଚେଷ୍ଟା କରିଛନ୍ତି ଆହୁରି ସଫଳ ହୋଇଛନ୍ତି। ତାଙ୍କ ବୋଲିଂକୁ ବୁଝିବା କଷ୍ଟକର। କୌଣସି ବ୍ୟାଟ୍ସମ୍ୟାନ ତାଙ୍କ ବୋଲିଂ ଶୈଳୀକୁ ଠିକ୍‌ଭାବେ ବୁଝି ପାରିଥିବା ମୁଁ ଅନୁଭବ କରୁନାହିଁ। ସେ ଜଣେ ଅର୍ଥୋଡକ୍ସ ବୋଲର, ଏହା ତାଙ୍କୁ ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ଦେଇଛି ବୋଲି ଥମ୍ପସନ କହିଛନ୍ତି।

ଥମ୍ପସନଙ୍କ କହିବା ଅନୁସାରେ ବିଶ୍ୱର ୨ ବୋଲର ବୁମ୍‌ରା ଓ କାଗିସୋ ରାବାଡ଼ାଙ୍କ ବୋଲିଂ ଦେଖିବାଭଳି। ସେମାନେ ବିଭିନ୍ନ ପରିସ୍ଥିତିରେ ବୋଲିଂ କରିବାର ଦକ୍ଷତା ରଖିଛନ୍ତି। ମିଚେଲ ଷ୍ଟାର୍କଙ୍କ ଫର୍ମକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ଥମ୍ପସନ। ତେବେ ଅଷ୍ଟ୍ରେଲିଆ ଦୃଷ୍ଟିକୋଣରୁ ବାମହାତୀ ପେସର ଷ୍ଟାର୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ ବୋଲି ସେ ସ୍ୱୀକାର କରିଛନ୍ତି। ''ଷ୍ଟାର୍କ ଗତ ସିଜନ ପରି ଆଗାମୀ ବିଶ୍ୱକପରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବେ ବୋଲି ମୋର ଆଶା। ସେ ଜଣେ କ୍ୱାଲିଟି ବୋଲର। ତେଣୁ ସେ ଫର୍ମକୁ ଫେରିବାନେଇ ମୁଁ ଆଶାବାଦୀ। ଷ୍ଟାର୍କ ଯଦି ଭଲ ବୋଲିଂ କରିବେ ବିଶ୍ୱର ଯେ କୌଣସି ବ୍ୟାଟ୍ସମ୍ୟାନଙ୍କୁ ଅସୁବିଧାରେ ପକାଇ ପାରିବେ। ସେ ଦ୍ରୁତ ବୋଲିଂ ସହ ଠିକ୍ ସ୍ଥାନରେ ବଲ୍‌କୁ ପିଚ୍ କରିବା ଆବଶ୍ୟକ, ଯାହାକି ସେ ଅତୀତରେ କରି ଦେଖାଇଛନ୍ତି'' ବୋଲି ଥମ୍ପସନ କହିଛନ୍ତି। ତେବେ ଭଲ ବୋଲିଂ କରୁଥିଲେ ହେଁ ଜୋଶ୍ ହାଜେଲଉଡ୍ ଅଷ୍ଟ୍ରେଲିଆର ବୋଲିଂ ୟୁନିଟ୍‌ରେ ନ ଥିବାରୁ ଖୁସି ନାହାନ୍ତି କିମ୍ବଦନ୍ତୀ ବୋଲର ଥମ୍ପସନ। ''ପ୍ୟାଟ୍ କୁମିନ୍ସଙ୍କୁ ନେଇ ମୋର କିଛି ଆପତ୍ତି ନାହିଁ। ତାଙ୍କ ନିକଟରେ ପ୍ରତିଭା ଅଛି। ମାତ୍ର ହାଜେଲ୍‌ଉଡ୍‌ଙ୍କୁ ମୁଁ ଅଷ୍ଟ୍ରେଲିଆ ବୋଲିଂ ୟୁନିଟରେ ଦେଖିବାକୁ ଚାହେଁ। ମୋଟାମୋଟି ଅଷ୍ଟ୍ରେଲିଆର ବୋଲିଂ ଆକ୍ରମଣ ବେଶ୍ ଭଲ'' ବୋଲି ସେ କହିଛନ୍ତି।



# ପାକିସ୍ତାନ ବିଶ୍ୱକପ୍ ଦଳରେ ଆମିର, ଓ୍ୱାହବ

**ଇସ୍‌ଲାମବାଦ, ୨୦।୫:**

ଇଂଲଣ୍ଡରେ ଖେଳାଯିବାକୁ ଥିବା ଆଇସିସି ବିଶ୍ୱକପ୍ ଲାଗି ପିସିବି ୧୫ ଜଣିଆ ପାକିସ୍ତାନ ଦଳ ଘୋଷଣା କରିଛି। ଏହି ଦଳରେ ମହମ୍ମଦ ଆମିର, ଓ୍ୱାହବ ରିଆଜ ଓ ଅସିଫ ଅଲି ସ୍ଥାନ ପାଇଛନ୍ତି। ତିନିଜଣ ଖେଳାଳି ସମ୍ଭାବ୍ୟ ଦଳରେ ସ୍ଥାନ ପାଇ ନ ଥିଲେ ମଧ ଚୂଡ଼ାନ୍ତ ଦଳରେ ସ୍ଥାନ ମିଳିଛି। ଝିଅ ନୁର୍ ଫତିମାଙ୍କ ମୃତ୍ୟୁ ଯୋଗୁ ସ୍ୱଦେଶ ଫେରିଛନ୍ତି ଅଲି। ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମ ଶେଷ ହେବା ପରେ ସେ ଦଳ ସହ ଯୋଗଦେବେ। ଏ ନେଇ ମୁଖ୍ୟ ଚୟନକର୍ତ୍ତା ଇଞ୍ଜମାମ ଉଲ୍ ହକ୍ ସୋମବାର କହିଛନ୍ତି। ଚିକେନ ପକ୍ସରେ ପୀଡ଼ିତ ଥିଲେ ମଧ ଅମିରଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇଛି। ଦଳରେ ଅଭିଜ୍ଞ ବୋଲରଙ୍କ ଅଭାବରୁ ଓ୍ୱାହବ ସ୍ଥାନ ପାଇଛନ୍ତି। ୩୩ ବର୍ଷୀୟ ରିଆଜ ୨୦୧୧ଓ ୨୦୧୫ ଦୁଇଟି ବିଶ୍ୱକପ୍ ଖେଳିଛନ୍ତି। ମୋଟ ୭୯ ମ୍ୟାଚ୍ ଖେଳିଥିବା ବୋଲର ୨ ବର୍ଷ ପୂର୍ବେ ଭାରତ ବିପକ୍ଷରେ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଅନ୍ୟପକ୍ଷରେ ଦଳରୁ ଜୁନେଦ ଖାଁ, ଅଲରାଉଣ୍ଡର ଫହିମ ଅଶର୍ଫ ଓ ଓପନର ଆବିଦ ଅଲି ବାଦ୍ ପଡ଼ିଛନ୍ତି। ଜୁନେଦ କ୍ରମାଗତ ୩ୟ ଥର ପାଇଁ ଦୁର୍ଭାଗ୍ୟଜନକ ଭାବେ ବିଶ୍ୱକପ୍ ଦଳରେ ସ୍ଥାନ ପାଇନାହାନ୍ତି। ରକ୍ତଜନିତ ରୋଗରେ ପୀଡ଼ିତ ଲେଗ୍ ସ୍ପିନର ଶାଦାବ ଖାଁ ପରେ ଜାତୀୟ ଦଳରେ ଯୋଗଦେବେ।



### ପାକିସ୍ତାନ ଦଳ

ଶର୍ଫରାଜ ଅହମ୍ମଦ (ଅଧିନାୟକ), ଫଖର ଜମାନ, ଇମାମ ଉଲ୍ ହକ୍, ବାବର ଆଜାମ, ହାରିସ ସୋହେଲ, ମହମ୍ମଦ ହାଫିଜ, ଶୋଏବ ମଲିକ, ଅସିଫ ଅଲି, ଇମାଦ ଓ୍ୱାସିମ, ଶାଦାବ ଖାଁ, ମହମ୍ମଦ ଆମିର, ମହମ୍ମଦ ହୋସନାନ, ହାସନ ଅଲି, ଓ୍ୱାହାବ ରିଆଜ ଓ ଶାହିନ ଆଫ୍ରିଦୀ।

### ସିରିଜ୍ ପୋଛିଲା ଇଂଲଣ୍ଡ

**ଲିଡ୍ସ,୨୦।୫:** ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ୫ମ ତଥା ଅନ୍ତିମ ଦିନିକିଆରେ ଇଂଲଣ୍ଡ ୫୪ ରନ୍‌ରେ ବିଜୟ ହୋଇଛି। ଏଥିସହ ଇଂଲଣ୍ଡ ଦିନିକିଆ ସିରିଜ୍‌କୁ ୪-୦ରେ ପୋଛିନେଇଛି। ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୫୦ ଓଭରରେ ୯ ଉଇକେଟ ହରାଇ ୩୫୧ ରନ୍ କରିଥିଲା। ଜୋ ରୁଟ୍ ୮୪, ଅଧିନାୟକ ଇଅନ ମୋର୍ଗାନ ୭୬ ଓ ଜୋସ୍ ବଟ୍‌ଲର ୩୪ ରନ୍ କରିଥିଲେ। ଜବାବରେ ଅଧିନାୟକ ସର୍ଫରାଜ ଅହମ୍ମଦଙ୍କ ୯୭ ଓ ବାବର ଆଜମଙ୍କ ୮୦ ରନ୍‌ର ସତ୍ତ୍ୱେ ପାକିସ୍ତାନ ୪୬.୫ ଓଭରରେ ୨୯୭ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

### ଆଫଗାନିସ୍ତାନ କୋଚ୍ ପଦ ଛାଡ଼ିବେ ସିମନ୍ସ



**ନୂଆଦିଲ୍ଲୀ, ୨୦।୫ (ପି.ଟି.):** ପୂର୍ବତନ ଓ୍ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଫିଲ ସିମନ୍ସ ଆଗାମୀ ବିଶ୍ୱକପ୍ ପରେ ଆଫଗାନିସ୍ତାନ କୋଚ୍ ପଦ ତ୍ୟାଗ କରିବେ। ୨୦୧୭ ଡିସେମ୍ବରରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। କୋଚ୍ ଭାବେ ନିଯୁକ୍ତ ହେବା ପରେ ଆଫଗାନିସ୍ତାନକୁ ସେ ବିଶ୍ୱକପ୍‌ରେ ପହଞ୍ଚାଇବାକୁ ଯେଉଁ ଲକ୍ଷ୍ୟ ରଖିଥିଲେ, ତାହା ଏବେ ପୂରା ହୋଇସାରିଛି। ଏଣୁ ପଦ ତ୍ୟାଗ କରିବା ସମୟ ଆସିଯାଇଛି। ସେ ଏ ସମ୍ପର୍କରେ ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି)କୁ ଜଣାଇସାରିଛନ୍ତି। ଚୁକ୍ତିର ସମୟସୀମାରେ ବୃଦ୍ଧି ଚାହୁଁନାହାନ୍ତି। ଜୁଲାଇ ୧୫ ତାରିଖରେ ଚୁକ୍ତି ଶେଷ ହେବା ପରେ ସେ କିଛି ଅଲଗା କରିବେ। ୧୮ ମାସର କାର୍ଯ୍ୟକାଳରେ ସେ ବହୁତ କିଛି କରିଥିବା ଭାବୁଛନ୍ତି ବୋଲି ସିମନ୍ସ କହିଛନ୍ତି। ଆଫଗାନିସ୍ତାନ ଦଳ ଜୁନ୍ ୧ ତାରିଖରେ ୫ଥର ଚାମ୍ପିୟନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରୁ ଅଭିଯାନ ଆରମ୍ଭ କରିବ।

### ସ୍କାଟାରି ବ୍ଲାଷ୍ଟର୍ସର ନୂଆ କୋଚ୍

**କୋଚି, ୨୦।୫:** ଆଇଏସ୍ଏଲ୍ ଫ୍ରାଞ୍ଚାଇଜ କେରଳ ବ୍ଲାଷ୍ଟର୍ସର ନୂଆ କୋଚ୍ ଭାବେ ନେଦରଲାଣ୍ଡସର ଏଲକୋ ସ୍କାଟାରି ନିଯୁକ୍ତ ହୋଇଛନ୍ତି। ସେ ନେଲୋ ଭିନ୍‌ଗାଡାଙ୍କ ସ୍ଥାନ ନେବେ। ଏ ନେଇ ଆଇଏସ୍ଏଲ୍ କ୍ଲବ ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଭିନ୍‌ଗାଡାଙ୍କ ସହ ଚୁକ୍ତି ସୁପରକପ୍ ଶେଷ ପର୍ଯ୍ୟନ୍ତ ଥିଲା। ଉଭୟ ଆଇଏସ୍ଏଲ୍ ଓ ସୁପର କପ୍‌ରେ ଦଳର ଖରାପ ପ୍ରଦର୍ଶନ ପରେ ଭିନ୍‌ଗାଡାଙ୍କ ଚୁକ୍ତିର ସମୟସୀମା ବୃଦ୍ଧି କରିବାକୁ ମନା କରିଦେଇଥିଲେ।

## ଆଇସିସି ବିଶ୍ୱକପ୍




# ୧୯୯୬: ସଚିନ୍, କୁମ୍ବଲେ ସଫଳ

ଘରୋଇ ପରିବେଶରେ ଭାରତ ୧୯୯୬ ବିଶ୍ୱକପ୍ ଖେଳିଥିଲେ ମଧ ସେମିଫାଇନାଲରେ ସାଂଘାତିକ ଭାବେ ବିଫଳ ହୋଇ ଶ୍ରୀଲଙ୍କାଠାରୁ ପରାସ୍ତ ହେବା ସହ ବିଦାୟ ନେଇଥିଲା। ତେବେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ଓ ଅଭିଜ୍ଞ ସ୍ପିନର ଅନିଲ କୁମ୍ବଲେ ଏହି ମେଗା ଇଭେଣ୍ଟରେ ସଫଳ ସାବ୍ୟସ୍ତ ହୋଇଥିଲେ। ଟୁର୍ନାମେଣ୍ଟରେ ସଚିନ୍ ସର୍ବାଧିକ ୫୨୩ ରନ ସଂଗ୍ରହ କରିଥିଲେ। ୭ଟି ମ୍ୟାଚ ଖେଳି ୭ଟି ଇନିଂସରୁ ୮୭.୧୬ ଆଭରେଜରେ ୮୫.୮୭ ଷ୍ଟ୍ରାଇକ୍‌ରେଟ୍‌ରେ ସଚିନ୍ ରନ ସଂଗ୍ରହ କରି ଅନ୍ୟତାରକା ବ୍ୟାଟ୍ସମ୍ୟାନଙ୍କୁ ପଛରେ ପକାଇଥିଲେ। ସଚିନଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୧୩୭ ଥିଲା ଓ ଟୁର୍ନାମେଣ୍ଟରେ ସେ ମୋଟ ୨ଟି ଶତକ, ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ସେ ୫୭ଟି ଚୌକା ଓ ୭ଟି ଛକା ମଧ ମାରିଥିଲେ। ସର୍ବାଧିକ ରନ ସଂଗ୍ରହ ତାଲିକାରେ ସଚିନଙ୍କ ପଛକୁ ରହିଥିଲେ ଅଷ୍ଟ୍ରେଲିଆର ମାର୍କ ଓ୍ୱ। ୭ଟି ମ୍ୟାଚ ଓ ୭ଟି ଇନିଂସରୁ ୮୦.୬୬ ରନ ହାରରେ ୮୫.୯୬ ଷ୍ଟ୍ରାଇକରେଟ୍‌ରେ ମାର୍କ ୪୮୪ ରନ ସଂଗ୍ରହ କରିଥିଲେ। ୩ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ସେ ହାସଲ କରିଥିଲେ। ତାଙ୍କର ସର୍ବାଧିକ ବ୍ୟକ୍ତିଗତ ସ୍କୋର ଥିଲା ୧୩୦। ସେହିପରି ଶ୍ରୀଲଙ୍କାର ଅରବିନ୍ଦ ଡି ସିଲଭା ୬ଟି ମ୍ୟାଚ୍ ଓ ୬ଟି ଇନିଂସରୁ ୮୯.୬୦ ରନ ହାରରେ ୪୪୮ ରନକରି ତାଲିକାର ତୃତୀୟ ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ଗ୍ୟାରୀ କିର୍ଷ୍ଟନ ୩୯୧ ରନ କରି ଚତୁର୍ଥ, ପାକିସ୍ତାନ ସଇଦ ଅନଓ୍ୱର ୩୨୯ ରନ କରି ପଞ୍ଚମ, ଶ୍ରୀଲଙ୍କାର ଅସାଙ୍କ ଗୁରୁସିହ୍ନା ୩୦୭ ରନ କରି ଷଷ୍ଠ, ଦକ୍ଷିଣ ଆଫ୍ରିକାର ହାନ୍ସି କୋନିଏ ୨୭୬ ରନ କରି ସପ୍ତମ, ୨୭୫ ରନ କରି ଦକ୍ଷିଣ ଆଫ୍ରିକାର ଆଣ୍ଡ୍ରୁ ହଡସନ ଅଷ୍ଟମ, ୨୭୨ ରନ କରି ପାକିସ୍ତାନର ଅମୀର ସୋହେଲ ନବମ ଓ ୨୬୯ ରନ କରି ଓ୍ୱେଷ୍ଟଇଣ୍ଡିଜର ବ୍ରାଏନ ଲାରା ତାଲିକାର ଦଶମ ସ୍ଥାନରେ ରହିଥିଲେ। ବ୍ୟାଟିଂରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ତାଲିକାରେ ଗ୍ୟାରୀ କର୍ଷ୍ଟନ ଶୀର୍ଷରେ ରହିଥିଲେ। ସେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ଅପରାଜିତ ୧୮୮ ରନ ସଂଗ୍ରହ କରିଥିଲେ। ଏହି କ୍ରମରେ ଆଣ୍ଡ୍ରୁ ହଡସନ ୧୬୧ ରନ କରି ଦ୍ୱିତୀୟ, ଅରବିନ୍ଦ ଡିସିଲଭା ୧୪୫ ରନ କରି ତୃତୀୟ ସ୍ଥାନରେ ରହିଛନ୍ତି। ସଚିନ ତେନ୍ଦୁଲକର ଶ୍ରୀଲଙ୍କା ବିପକ୍ଷରେ ୧୩୭ ରନ କରି ଚତୁର୍ଥ ସ୍ଥାନରେ ରହିଛନ୍ତି। କେନିଆ ବିପକ୍ଷରେ ସଚିନ ପୁଣି ଅପରାଜିତ ୧୨୭ ରନ କରି ଏହି ତାଲିକାର ସପ୍ତମ ସ୍ଥାନରେ ରହିଥିଲେ।

ବୋଲିଂରେ କୁମ୍ବଲେ ୭ଟି ମ୍ୟାଚ୍ ଖେଳି ୧୮.୭୩ ଆଭରେଜରେ ସର୍ବାଧିକ ୧୫ଟି ଉଇକେଟ ନେଇ ଶୀର୍ଷରେ ରହିଥିଲେ। ସେହିପରି ୬ଟି ମ୍ୟାଚ୍ ଖେଳି ପାକିସ୍ତାନର ଓ୍ୱାକର ୟୁନିସ ୧୩ଟି ଉଇକେଟ ନେଇ ଦ୍ୱିତୀୟ, ୧୨ଟି ଉଇକେଟ ନେଇ ଜିମ୍ବାୱେର ପଲ ଷ୍ଟ୍ରଙ୍ଗ୍ ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଭାରତୀୟ ସ୍ପିନର ଭେଙ୍କଟପତି ରାଜୁ ୮ ଉଇକେଟ ନେଇ ତାଲିକାର ୧୧ତମ ସ୍ଥାନରେ ରହିଛନ୍ତି। ବେଷ୍ଟ ବୋଲିଂ ଫିଗରରେ ପଲ ଷ୍ଟ୍ରଙ୍ଗ ୯.୪ ଓଭର ବୋଲିଂ କରି କେନିଆ ବିପକ୍ଷରେ ୯/୨୧ ସହ ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ୟୁଏଇର ସୌକତ ଦୁକାନଓ୍ୱାଲା ୧୦ ଓଭର ବୋଲିଂ କରି ନେଦରଲାଣ୍ଡ୍ସ ବିପକ୍ଷରେ ୫/୨୯ ସହ ଦ୍ୱିତୀୟ, ଅଷ୍ଟ୍ରେଲିଆର ଡାମିଏନ ଫ୍ଲେମିଂ ୯ ଓଭର ବୋଲି କରି କେନିଆ ବିପକ୍ଷରେ ୫/୩୬ ସହ ତୃତୀୟ ସ୍ଥାନରେ ରହିଥିଲେ। ଏହି ତାଲିକାରେ କୌଣସ ଭାରତୀୟ ବୋଲର ସ୍ଥାନ ପାଇ ନ ଥିଲେ। ନେଦରଲାଣ୍ଡ୍ସ ବିପକ୍ଷରେ ୪/୨୬ ସହ ଓ୍ୱାକର ୟୁନିସ୍ ଚତୁର୍ଥ ସ୍ଥାନରେ ରହିଥିଲେ। ସର୍ବାଧିକ ମେଡେନ ଓଭର ନେବାରେ ଅଷ୍ଟ୍ରେଲିଆର ଗ୍ଲେନ୍ ମ୍ୟାକ୍‌ଗ୍ରାଥ ସମସ୍ତଙ୍କ ଆଗରେ ରହିବେ। ସେ ୭ଟି ଇନିଂସରୁ ୧୦ଟି ମେଡେନ ନେଇଥିଲେ। ସେହିପରି ଓ୍ୱେଷ୍ଟଇଣ୍ଡିଜ୍ କର୍ଟଲି ଆମ୍ବ୍ରୋଜ୍ ୬ ଇନିଂସରୁ ୯ଟି ମେଡେନ ନେଇ ଦ୍ୱିତୀୟ, କର୍ଟନ ଓ୍ୱାଲ୍ସ ସମାନ ୬ ଇନିଂସରୁ ୯ଟି ମେଡେନ ନେଇଥିଲେ ମଧ ଆଭରେଜ୍‌ରେ ପଛରେ ପଡି ତୃତୀୟ ସ୍ଥାନରେ ରହିଥିଲେ। ଜିମ୍ବାୱେର ହିଥ୍ ଷ୍ଟ୍ରିକ୍ ୮ ଓ ଇଆନ ବିଶପ୍ ୬ଟି ମେଡେନ ନେଇ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଥିଲେ।

ସର୍ବାଧିକ କ୍ୟାଚ୍ ନେବାରେ କୁମ୍ବଲେ ଆଗରେ ରହିଥିଲେ। ୭ଟି ଇନିଂସରୁ ୮ଟି କ୍ୟାଚ୍ ନେଇ ସେ ତାଲିକାର ପ୍ରଥମ ସ୍ଥାନରେ ରହିଥିବା ବେଳେ ଜିମ୍ବାୱେର ଅଲିଷ୍ଟର କ୍ୟାମ୍ପବେଲ ୫ଟି ମ୍ୟାଚ୍‌ରୁ ୫ଟି କ୍ୟାଚ୍ ନେଇ ଦ୍ୱିତୀୟ, ନ୍ୟୁଜିଲାଣ୍ଡର କ୍ରିସ୍ କ୍ରେନ୍ସ ୬ଟି ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ତୃତୀୟ, ଶ୍ରୀଲଙ୍କାର ସନଥ ଜୟସୁରିୟା ୬ଟି ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ଚତୁର୍ଥ, ଗ୍ରାହାମ ଥୋର୍ପ ୬ ମ୍ୟାଚ୍‌ରୁ ୫ କ୍ୟାଚ୍ ନେଇ ପଞ୍ଚମ ସ୍ଥାନରେ ରହିଥିଲେ।

ଉଇକେଟ କିପିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଅଷ୍ଟ୍ରେଲିଆର ଇଆନ ହିଲି ୭ ମ୍ୟାଚ୍‌ରୁ ୯ କ୍ୟାଚ୍, ୩ ଷ୍ଟମ୍ପିଂ ସହ ୧୨ଟି ଡିସମିସାଲ ସହ ତାଲିକାର ପ୍ରଥମ ସ୍ଥାନରେ ରହିଥିଲେ। ପାକିସ୍ତାନର ରସିଦ ଲତିଫ୍ ୯ କ୍ୟାଚ୍ ନେଇ ଦ୍ୱିତୀୟ, ଦକ୍ଷିଣ ଆଫ୍ରିକାର ଷ୍ଟିଭ୍ ପଲଫ୍ରାମାନ ୮ କ୍ୟାଚ୍ ସହ ତୃତୀୟ, ଇଂଲଣ୍ଡର ଜ୍ୟାକ ରସେଲ ୮ କ୍ୟାଚ୍ ନେଇ ଚତୁର୍ଥ, ଭାରତର ନୟନ ମୋଙ୍ଗିଆ ୭ ମ୍ୟାଚ୍‌ରୁ ୭ କ୍ୟାଚ୍ ନେଇ ପଞ୍ଚମ ସ୍ଥାନରେ ରହିଥିଲେ।

ପାର୍ଟନରଶିପ୍‌ରେ ଅଷ୍ଟ୍ରେଲିଆର ମାର୍କ ଓ୍ୱ ଓ ଷ୍ଟିଭ୍ ଓ୍ୱ କେନିଆ ବିପକ୍ଷରେ ତୃତୀୟ ଉଇକେଟ ଯୋଡିରେ ୨୦୭ ରନ କରି ଶୀର୍ଷରେ ରହିଥିଲେ। ସେହିପରି ନେଦରଲାଣ୍ଡ୍ସ ବିପକ୍ଷରେ ଦକ୍ଷିଣ ଆଫ୍ରିକାର ଗ୍ୟାରୀ କିର୍ଷ୍ଟନ ଓ ହଡସନ ପ୍ରଥମ ଉଇକେଟ ଯୋଡିରେ ୧୮୬ ରନ କରି ଦ୍ୱିତୀୟ, ଶ୍ରୀଲଙ୍କାର ଗୁରୁସିହ୍ନା ଓ ଡି ସିଲଭା କେନିଆ ବିପକ୍ଷରେ ୧୮୩ ରନ କରି ତୃତୀୟ ସ୍ଥାନରେ ରହିଥିଲେ। ଭାରତର ସଚିନ ଓ ଆଝାରୁଦ୍ଦିନ ତୃତୀୟ ଉଇକେଟ ଯୋଡିରେ ଶ୍ରୀଲଙ୍କା ବିପକ୍ଷରେ ୧୭୫ ରନ କରି ଚତୁର୍ଥ ସ୍ଥାନରେ ରହିଥିଲେ। ସେହିପରି ଅଜୟ ଜାଡେଜା ଓ ସଚିନ କେନିଆ ବିପକ୍ଷରେ୧୬୩ ରନ କରି ସପ୍ତମ ସ୍ଥାନରେ ରହିଥିଲେ। ସର୍ବାଧିକ ଟିମ ଟୋଟାଲରେ କେନିଆ ବିପକ୍ଷରେ ଶ୍ରୀଲଙ୍କା ୩୯୮/୫ ସହ ପ୍ରଥମ, ନେଦରଲାଣ୍ଡ୍ସ ବିପକ୍ଷରେ ୩୨୮/୩ ସହ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ, ପୁଣି ୟୁଏଇ ବିପକ୍ଷରେ ୩୨୧/ ୨ ସହ ଦକ୍ଷିଣ ଆଫ୍ରିକା ତୃତୀୟ ସ୍ଥାନରେ ରହିଥିଲା। ଭାରତ ଏହି ତାଲିକାର ପାକିସ୍ତାନ ବିପକ୍ଷରେ ୨୮୭/୮ ସହ ସପ୍ତମ ସ୍ଥାନରେ ରହିଥିଲା। ସର୍ବାଧିକ ରନ୍ ବ୍ୟବଧାନରେ ବିଜୟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୟୁଏଇ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୧୬୯ ରନରେ ବିଜୟୀ ହୋଇ ପ୍ରଥମ ସ୍ଥାନରେ ରହିଥିଲା। ଉଇକେଟରେ ପାକିସ୍ତାନ ୟୁଏଇ ବିପକ୍ଷରେ ସର୍ବବୃହତ୍ ବିଜୟ ହାସଲ କରିଥିଲା। ପାକିସ୍ତାନ ୧୫ ଓଭର ବାକି ରଖି ୯ ଉଇକେଟରେ ୟୁଏଇକୁ ହରାଇଥିଲା। ଏହି ତାଲିକାରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। କେନିଆ ବିପକ୍ଷରେ ଭାରତ ୮.୧ ଓଭର ବାକି ଥାଇ ୭ ଉଇକେଟରେ ବିଜୟୀ ହୋଇଥିଲା। ବଲ୍ ବାକିଥାଇ ଜିତିବାରେ ଓ୍ୱେଷ୍ଟଇଣ୍ଡିଜ (୧୨୩ ବଲ)ଜିମ୍ବାୱେ ବିପକ୍ଷରେ ସର୍ବବୃହତ୍ ବିଜୟ ହାସଲ କରିଥିଲା। ସର୍ବନିମ୍ନ ଦଳୀୟ ସ୍କୋରରେ ଓ୍ୱେଷ୍ଟଇଣ୍ଡିଜ୍ ପ୍ରଥମ ସ୍ଥାନରେ ରହିବ। କେନିଆ ବିପକ୍ଷରେ ୩୫.୨ ଓଭରରେ ୯୩ ରନ କରି ସଂଗ୍ରହ କରିଥିଲା। ଅଷ୍ଟ୍ରେଲିଆ ୫ ରନରେ ଓ୍ୱେଷ୍ଟଇଣ୍ଡିଜକୁ ହରାଇ ସର୍ବନିମ୍ନ ରନ ବ୍ୟବଧାନରେ ବିଜୟୀ ହୋଇଥିଲା। ଏହି ତାଲିକରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। ପାକିସ୍ତାନକୁ ୩୯ ରନରେ ହରାଇ ପଞ୍ଚମ ସର୍ବନିମ୍ନ ବ୍ୟବଧାନର ବିଜୟ ହାସଲ କରିଥିଲା। ଅଷ୍ଟ୍ରେଲିଆକୁ ୪ ଉଇକେଟରେ ହରାଇ ଓ୍ୱେଷ୍ଟଇଣ୍ଡିଜ୍ ସର୍ବନିମ୍ନ ବ୍ୟବଧାନର ବିଜୟ ହାସଲ କରିଥିଲା। ୮ଟି ବଲ୍ ବାକିଥାଇ ଶ୍ରୀଲଙ୍କା ଭାରତକୁ ହରାଇ ବଲ ବାକିଥିବା ଦୃଷ୍ଟିକୋଣରୁ ସର୍ବନିମ୍ନ ବ୍ୟବଧାନରେ ବିଜୟ ହାସଲ କରିଥିଲା।



## ସଂକ୍ଷେପରେ

### ଆଜି ମାଲେସିଆକୁ ଭେଟିବ ଭାରତ

**ନାନ୍ଜିଂ (ଚାଇନା), ୨୦।୫(ପି.ଟି.):** ସୁଦିରମାନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଦଳ ମଙ୍ଗଳବାର ମାଲେସିଆ ବିପକ୍ଷରୁ ଏହାର ଅଭିଯାନ ଆରମ୍ଭ କରିବ। ଏହି ସମ୍ମାନଜନକ ପ୍ରତିଯୋଗିତାର ୨୦୧୧ ଓ ୨୦୧୭ ସଂସ୍କରଣ ଫାଇନାଲରେ ପ୍ରବେଶ କରିଥିବା ଭାରତ ୨୦୦୯ ସେମିଫାଇନାଲିଷ୍ଟ ମାଲେସିଆକୁ ମାତ୍ ଦେଇ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲି ଚୋଙ୍ଗ୍ ୱି'ଙ୍କ ବିନା ଏହି ପ୍ରତିଯୋଗିତା ଖେଳିବାକୁ ଆସିଥିବା ମାଲେସିଆ ଏହାର ପ୍ରଥମ ମ୍ୟାଚ୍‌ରେ ୦-୫ରେ ଚାଇନା ନିକଟରୁ ପରାସ୍ତ ହୋଇଥିଲା। ଯଦି ଭାରତ ବିପକ୍ଷ ମ୍ୟାଚ୍‌ରେ ମାଲେସିଆ ପରାଜୟବରଣ କରେ ତେବେ ପ୍ରତିଯୋଗିତାରୁ ବିଦାୟ ନେବା ଏକପ୍ରକାର ନିଶ୍ଚିତ। ସେହିଭଳି ଭାରତ ମାଲେସିଆ ପରେ ୨ୟ ମ୍ୟାଚ୍‌ରେ ବୁଧବାର ୧୦ଥର ଚାମ୍ପିୟନ ଶକ୍ତିଶାଳୀ ଚାଇନାକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ପି.ଭି. ସିନ୍ଧୁ, ସାଇନା ନେହ୍ୱାଲ, କିଦାମ୍ବୀ ଶ୍ରୀକାନ୍ତ, ଶ୍ରୀକାନ୍ତ ବର୍ମାଙ୍କ ପରି ତାରକା ଖେଳାଳଙ୍କୁ ନେଇ ୧୩ ଜଣିଆ ଭାରତୀୟ ଦଳ ମଧ ବେଶ୍ ଶକ୍ତିଶାଳୀ ରହିଛି। ତେଣୁ ଏଠାରେ ଏକ ରୋମାଞ୍ଚକ ମ୍ୟାଚ୍ ଆଶା କରାଯାଉଛି।

### 'ଅଷ୍ଟ୍ରେଲିଆକୁ ଅନ୍ୟ ଦଳମାନେ ଭୟ କରିବେ'

**ଦୁବାଇ,୨୦।୫(ପିଟି):** ଅଷ୍ଟ୍ରେଲିଆ ଦଳ ଆଗାମୀ ବିଶ୍ୱକପ୍‌ରେ ଫେଭରାଇଟ୍ ନୁହେଁ। ହେଲେ ଷ୍ଟିଭ ସ୍ମିଥ ଓ ଡେଭିଡ୍ ୱାର୍ନରଙ୍କ ଫେରିବାରୁ ଅଷ୍ଟ୍ରେଲିଆ ଦଳଠାରୁ ସମ୍ଭବତଃ ଅନ୍ୟ ଦଳମାନେ ଭୟ କରିବେ ବୋଲି ପୂର୍ବତନ ଅଧିନାୟକ ଷ୍ଟିଭ ୱ୍ କହିଛନ୍ତି। ବଲ ଟ୍ୟାମ୍ପରିଂ ଯୋଗୁ ଏକ ବର୍ଷ ବାସନ୍ଦାଦେଶରୁ ଫେରିବା ପରେ ୱାର୍ନର ଆଇପିଏଲରେ ୧୨ ମ୍ୟାଚ୍ ଖେଳି ୬୯୨ ରନ୍ କରିଥିଲେ। ତାଙ୍କ ଭଳି ସ୍ମିଥ ମଧ ଆଇପିଏଲର ଅନ୍ତିମ ଭାଗରେ ଫର୍ମକୁ ଫେରିବା ସହ ନ୍ୟୁଜିଲାଣ୍ଡ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ଦଳ ଅଷ୍ଟ୍ରେଲିଆକୁ ଭୟ କରିବେ। କାରଣ ଟିମ୍ ଅଷ୍ଟ୍ରେଲିଆର ଦକ୍ଷତା ସମ୍ପର୍କରେ ସେମାନଙ୍କୁ ଜଣା। ଗତ ୧୨ ମାସ ହେଲା ଅଷ୍ଟ୍ରେଲିଆ କ୍ରିକେଟ ପ୍ରବଳ ବାଧାପ୍ରାପ୍ତ ହୋଇଛି। ହେଲେ ବିଶ୍ୱକପ୍‌ରେ ଆମ ଦେଶର ସ୍ମିଥ ଓ ୱାର୍ନରଙ୍କ ଭଳି ଶ୍ରେଷ୍ଠ ଖେଳାଳି ଖେଳୁଛନ୍ତି। ଏମାନେ ବିଶ୍ୱକପ୍‌ରେ ଯେ କୌଣସି ଦଳକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିପାରନ୍ତି। ଏଣୁ ମୁଁ ଭାବୁଛି, ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟରେ ବହୁ ଆଗକୁ ଯିବ ବୋଲି ୱ୍ କହିଛନ୍ତି। କିନ୍ତୁ ୫୩ ବର୍ଷୀୟ ପୂର୍ବତନ କ୍ରିକେଟର ଫେଭରାଇଟ୍ ଦଳ ଭାବେ ଇଂଲଣ୍ଡକୁ ଚୟନ କରିଛନ୍ତି।

ଇଂଲଣ୍ଡରେ ଆଇସିସି ବିଶ୍ୱକପ୍ ବେଳେ ବିପକ୍ଷ ଦଳକୁ ବଡ଼ ସ୍କୋରରୁ ରୋକିବା ବୋଲରମାନଙ୍କ ଦାୟିତ୍ୱ।

–ଜଷ୍ଟିନ ଲାଙ୍ଗର, ଅଷ୍ଟ୍ରେଲିଆ କ୍ରିକେଟ କୋଚ୍



ଇଂଲଣ୍ଡଠାରୁ ୪–୦ରେ ଦିନିକିଆ କ୍ରିକେଟ ସିରିଜ ହାରିଥିଲେ ହେଁ ଏଥିରୁ ଆମକୁ ଅନେକ କିଛି ଶିକ୍ଷା ମିଳିଛି।

–ମିକି ଆର୍ଥର, ପାକିସ୍ତାନ କ୍ରିକେଟ କୋଚ୍



# ସାଇନା, ଦେବୀ ଚାମ୍ପିୟନ

**ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି)/ ବାଲେଶ୍ୱର ଅଫିସ, ୨୦।୫**



ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀମାନେ।

ବାଲେଶ୍ୱର ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚଳିତମାସ ୧୮ରୁ ୨୦ ପର୍ଯ୍ୟନ୍ତ ବାଲେଶ୍ୱର ଲ' କଲେଜରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ସାଇନା ସାଲୋନିକା ଓ ଦେବୀ ପ୍ରସାଦ ନାୟକ ଚାମ୍ପିୟନ ହୋଇଛନ୍ତି। ସମ୍ପ୍ରତି କିଟ୍‌ରେ ଅଧ୍ୟୟନରତ ମହିଳା ଫିଡେ ମାଷ୍ଟର ସାଇନା (୨୧୨୩ ରେଟିଂ) ବାଳିକା

**ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍**

ବିଭାଗରେ ୬ ରାଉଣ୍ଡରୁ ୬ ପଏଣ୍ଟ ହାସଲ କରି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ରାଜ୍ୟର ବିଭିନ୍ନ ବୟସବର୍ଗ ଚାମ୍ପିୟନଶିପ୍ ୭, ୯, ୧୧, ୧୩, ୧୫ ବର୍ଷରୁ କମ୍ ବର୍ଗରେ ଚାମ୍ପିୟନ ହୋଇ ସାରିଥିବା ସାଇନା ଏଥର ୧୭ ବର୍ଷରୁ କମ୍‌ରେ ଅପରାଜେୟ ରହିବା ସହ ବିଜୟ ମୁକୁଟ ପିନ୍ଧିଛନ୍ତି। କଟକର ଅଙ୍କିତା ସାହୁ (୫ ପଏଣ୍ଟ) ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଲକ ମହାପାତ୍ର, ପ୍ରକୃତି ରାଉତ(ଉଭୟେ ୪ ପଏଣ୍ଟ ଲେଖାଏ), ସ୍ୱସ୍ତିକା ପରିଡ଼ା, ଅଦିତି ଉପାସନା ପଟ୍ଟନାୟକ, ଅଞ୍ଜଳି ମିଶ୍ର, ରୋଜାଲିନ ବେହେରା, ନିୟତି ନିହାରିକା ମହାପାତ୍ର ପ୍ରମୁଖ ୩ ପଏଣ୍ଟ ଲେଖାଏ ପାଇ ପଛକୁପଛ ରହିଛନ୍ତି।

ଅନ୍ୟପକ୍ଷରେ ଖୋର୍ଦ୍ଧାର ଦେବୀ ପ୍ରସାଦ (୧୪୧୮ ରେଟିଂ) ଓପନ ବିଭାଗରେ ୭ ରାଉଣ୍ଡରୁ ୬.୫ ପଏଣ୍ଟ ହାସଲ କରି ପ୍ରଥମସ୍ଥାନ ଅଧିକାର କରିଛନ୍ତି। ମୟୂରଭଞ୍ଜର ଅନୁବ୍ରତ ପ୍ରିୟଦର୍ଶନ ସାହୁ ୬ ପଏଣ୍ଟ ସହ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ଆର୍ଯ୍ୟନ ମହାପାତ୍ର, ସାଇ ସ୍ୱରୂପ ମିଶ୍ର(ଉଭୟେ ୫.୫ ପଏଣ୍ଟ), ଭବେଶ କୁମାର ବର୍ଦ୍ଧନ, ସଞ୍ଜୟ କୁମାର ରଥ, ସିଦ୍ଧେଶ କାମିଲା, ପୀୟୂଷ କୁମାର ସାହୁ, ରୁକ୍ମଣ କୁମାର ସାହୁ ଓ ତ୍ରିଦେବ ତୀର୍ଥଙ୍କର(ପ୍ରତ୍ୟେକ ୫ ପଏଣ୍ଟ ଲେଖାଏ) ଟପ୍-୧୦ ଫିନିଶ୍ କରିଛନ୍ତି। ମନୋରଞ୍ଜନ ପଣ୍ଡା ଟୁର୍ନାମେଣ୍ଟ ଡାଇରେକ୍ଟର ଥିବାବେଳେ ଭବେଶ ମହାନ୍ତି ମୁଖ୍ୟ ଆର୍ବିଟର ଓ ସନ୍ତୋଷ ମହାପାତ୍ର ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ଜିଲା ଚେସ୍ କାର୍ଯ୍ୟନିର୍ବାହୀ ସଭାପତି ପ୍ରଦୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିଳ୍ପପତି ହିଂମାଂଶୁ ଦାସ, ସମ୍ମାନନୀୟ ଅତିଥି ଭାବେ ମେରାଇନ୍ ଏକ୍ସପୋର୍ଟର ମୁଖ୍ୟ ଜ୍ଞାନରଞ୍ଜନ ଦାସ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଜିଲା ଚେସ୍ ଆସୋସିଏଶନ ସଭାପତି ଦେବାଶିଷ ଚକ୍ରବର୍ତ୍ତୀ, ଉପସଭାପତି ସନ୍ଦୀପ୍ତ ସାମନ୍ତରାୟ, ଜିଲା ସମ୍ପାଦକ ମନୋରଞ୍ଜନ ପଣ୍ଡା, ସଭ୍ୟ ଐଶ୍ୱର୍ଯ୍ୟ ସେନାପତି, ଚନ୍ଦନ ସିଂ, ବିଜୟ ତ୍ରିପାଠୀ, ପ୍ରବାଳକାନ୍ତ ମାଇତି ଓ ରଞ୍ଜନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ସ୍ୱାଭାବିକ ଖେଳିବାକୁ ଡୁ ପ୍ଲେସିଙ୍କ ପରାମର୍ଶ

**ଦୁବାଇ, ୨୦।୫ (ପି.ଟି.)**



ମେ ୩୦ ତାରିଖରୁ ଇଂଲଣ୍ଡରେ ଆରମ୍ଭ ହେବାକୁଥିବା ଆଇସିସି ବିଶ୍ୱକପ୍‌ରେ ସ୍ୱାଭାବିକ ଖେଳିବା ଲାଗି ଦଳର ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି ଦକ୍ଷିଣ ଆଫ୍ରିକା କ୍ରିକେଟ ଅଧିନାୟକ ଫାଫ୍ ଡୁ ପ୍ଲେସି। ପୂର୍ବ ବିଫଳତାକୁ ଭୁଲିଯିବାକୁ ହେବ। ସୁପରମ୍ୟାନ ଭଳି ଚମତ୍କାରିତା ଦେଖାଇବା ଚେଷ୍ଟାରୁ ବିରତ ରହିବା ଉଚିତ୍ ବୋଲି ସେ କହିଛନ୍ତି। ଡୁପ୍ଲେସି ତାଙ୍କର ତୃତୀୟ ଆଇସିସି ଦିନିକିଆ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଦକ୍ଷିଣ ଆଫ୍ରିକା ଦଳ ଏପର୍ଯ୍ୟନ୍ତ ଥରେ ହେଲେ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିପାରିନାହିଁ। ଦଳ ଚାରିଥର ସେମିଫାଇନାଲ ପର୍ଯ୍ୟାୟରୁ ବିଦାୟ ନେଇଛି। ଡୁ ପ୍ଲେସି କହିଛନ୍ତି, ପୂର୍ବ ବିଶ୍ୱକପ୍‌ଗୁଡ଼ିକରେ ଆମ୍ଭେମାନେ ନିଜକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ମନେକରି ସୁପରମ୍ୟାନ ଭଳି କରି ଦେଖାଇବାକୁ ଚାହିଁଥିଲୁ, ଯାହାର ପରିଣାମ ଆମକୁ ଭୋଗିବାକୁ ପଡ଼ିଥିଲା। କିନ୍ତୁ ଏଥର ଆମକୁ ଭିନ୍ନ ନୀତି ଆପଣେଇବାକୁ ପଡ଼ିବ। ଦଳର ଆବଶ୍ୟକତାକୁ ନେଇ ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ। ମୋ ନିକଟରେ ଥିବା ଅଭିଜ୍ଞତା ଖେଳାଳିମାନଙ୍କ ଉପରୁ ଚାପ ହଟାଇବା କ୍ଷେତ୍ରରେ ସହାୟକ ହେବ ବୋଲି ୩୪ ବର୍ଷୀୟ ଡୁ ପ୍ଲେସି କହିଛନ୍ତି। ସୂଚନାଯୋଗ୍ୟ, ଡୁ ପ୍ଲେସିଙ୍କ ସମେତ ଦକ୍ଷିଣ ଆଫ୍ରିକା ଦଳର ୭ ଜଣ ଖେଳାଳି ୨୦୧୫ ବିଶ୍ୱକପ୍ ଖେଳିଛନ୍ତି। ଏହି ସଂସ୍କରଣରେ ଦକ୍ଷିଣ ଆଫ୍ରିକା ରନର୍ସଅପ୍ ହୋଇଥିବା ନ୍ୟୁଜିଲାଣ୍ଡଠାରୁ ସେମିଫାଇନାଲରେ ପରାଜିତ ହୋଇଥିଲା। ଲଣ୍ଡନର କେନିଙ୍ଗଟନ ଓଭାଲଠାରେ ମେ ୩୦ତାରିଖରେ ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚରେ ଦକ୍ଷିଣ ଆଫ୍ରିକା ଆୟୋଜକ ଇଂଲଣ୍ଡ ସହ ମୁକାବିଲା କରିବ।

# ନାଡାଲଙ୍କୁ ଟାଇଟଲ



**ରୋମ୍, ୨୦।୫:** ରାଫାଲ ନାଡାଲ ଇଟାଲିଆନ ଓପନ ଟେନିସ୍ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ନାଡାଲ ଏକ ନମ୍ବର ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ୬–୦, ୪–୬, ୬–୧ ସେଟ୍‌ରେ ହରାଇ ଦେଇଛନ୍ତି। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଏବଂ ଏହି ଇଭେଣ୍ଟରେ ମୋଟ ଉପରେ ତାଙ୍କର ୯ମ ଟାଇଟଲ। ୨୦୧୪ ଫ୍ରେଞ୍ଚ ଓପନ ପରେ ଜୋକୋଭିଚ୍‌ଙ୍କ ବିପକ୍ଷରେ ନାଡାଲଙ୍କର ଏହା ହେଉଛି ପ୍ରଥମ କ୍ଲେକୋର୍ଟ ଫାଇନାଲ ବିଜୟ। ଦୁଇ ଖେଳାଳି ଏପର୍ଯ୍ୟନ୍ତ ପରସ୍ପରକୁ ୫୨ ଥର ଭେଟିଥିବାବେଳେ ବିଜୟ ପରାଜୟରେ ଜୋକୋଭିଚ୍ ବର୍ତ୍ତମାନ ୨୮–୨୬ରେ ଆଗୁଆ ରହିଛନ୍ତି।




ପୁରୀସ୍ଥିତ ୱାଟର ପାର୍କରେ ଅନୁଷ୍ଠିତ ଗ୍ରୀଷ୍ମକାଳୀନ ସନ୍ତରଣ ଶିବିରରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

# ରିୟଲ ମାଡ୍ରିଡ୍ ସହ ରହିବେ କ୍ରୁଜ୍

**ମାଡ୍ରିଡ୍,୨୦।୫(ଏଏଫ୍‌ପି):** ଜର୍ମାନୀ ଅନ୍ତର୍ଜାତୀୟ ଫୁଟ୍‌ବଲ ଷ୍ଟାର ଟୋନି କ୍ରୁଜ୍ ରିୟଲ ମାଡ୍ରିଡ୍ କ୍ଲବ ସହ ହୋଇଥିବା ଚୁକ୍ତିର ସମୟସୀମାରେ ବୃଦ୍ଧି କରିଛନ୍ତି। ଫଳରେ ସେ ୨୦୨୩ ପର୍ଯ୍ୟନ୍ତ ସ୍ପାନିଶ କ୍ଲବ ପାଇଁ ଖେଳିବା ନେଇ ସ୍ପଷ୍ଟ ହୋଇଛି। ୨୯ ବର୍ଷୀୟ ମିଡ୍‌ଫିଲ୍ଡର ସ୍ପେନ୍‌ରେ ଗତ ୫ ବର୍ଷରେ ୧୨ ଟାଇଟଲ ଜିତିସାରିଛନ୍ତି। ଏଥିରେ ୨୦୧୬, ୨୦୧୭ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫି ରହିଛି। ରିୟଲ ମାଡ୍ରିଡ୍ ଦଳ ପକ୍ଷରୁ ୨୩୩ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରି ସେ ୧୩ ଗୋଲ କରିଛନ୍ତି। ଏଥିପୂର୍ବରୁ ସେ ମ୍ୟୁନିକ୍ ପାଇଁ ଖେଳୁଥିଲେ। ୨୦୧୪ରେ ଜର୍ମାନୀକୁ ବିଶ୍ୱକପ୍ ଜିତାଇବା ପରେ ସେ ମାଡ୍ରିଡ୍ ସହ ଚୁକ୍ତି କରିଥିଲେ।

### ଜାତୀୟ ସିନିୟର ଟେନିସ କ୍ରିକେଟ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୦।୫ (କ୍ରୀଡ଼ା ପ୍ରତିନିଧି)**

ଚଳିତ ମାସ ୨୩ରୁ ୨୬ ପର୍ଯ୍ୟନ୍ତ ଗୋଆର ପଞ୍ଜିମ୍‌ଠାରେ ୪ର୍ଥ ଜାତୀୟ ସିନିୟର ଟେନିସ କ୍ରିକେଟ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ୧୮ ଜଣିଆ ଓଡ଼ିଶା ଦଳ ଘୋଷିତ ହୋଇଛି। ଖେଳାଳି ଚୟନ ପାଇଁ ଗତ ୧୧ ଓ ୧୨ ତାରିଖରେ ଶ୍ରୀ ଜୟଦେବ କଲେଜ ପଡ଼ିଆରେ ୬୦ ଖେଳାଳିଙ୍କୁ ନେଇ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନ ଭିତ୍ତିରେ ମନୋନୀତ ଦଳ ୨୧ ତାରିଖରେ ଗୋଆ ଯାତ୍ରା କରିବ। ପ୍ରତିଯୋଗିତାରେ ଓଡ଼ିଶା ଭଲ ପ୍ରଦର୍ଶନ କରିବା ନେଇ ଆଶା ରଖିଛନ୍ତି ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ ସମ୍ପାଦକ ରିଣ୍ଟୁ ମିତ୍ର। ମନୋନୀତ ଖେଳାଳିମାନଙ୍କୁ ଆସୋସିଏଶନ ସଭାପତି ଅଭିଳାଷ ସାହୁ, ମୁଖ୍ୟ ଉପଦେଷ୍ଟା ବାରିଜ ରଞ୍ଜନ ମହାନ୍ତି, ଉପସଭାପତି ଦେବବ୍ରତ ସାହୁ, ରାଜେନ୍ଦ୍ର ମହାରଣା, କୋଷାଧକ୍ଷ ରାଗିନି ମିତ୍ର, ଅମରେନ୍ଦ୍ର ଦାସ, ବିକ୍ରମ ପାତ୍ର, ସୋଭେନ ମହାରଣା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ଦଳ: ସୁଶୀଲ କୁମାର ବାରିକ, ପ୍ରମୋଦ କୁମାର ନାୟକ, ରତିକାନ୍ତ ମହାନ୍ତ, ବିମଳ କୁମାର ମହାପାତ୍ର, ସନ୍ତୋଷ ଜେନା, ସୁଦୀପ କୁମାର ଡାଲି, ସହଦେବ ଦାସ, ବବ୍‌ଲୁ ବେହେରା, ସମୀର ବାରିକ, ଅଜୟ ମହାନନ୍ଦମ୍, ଏମ. ରାଜା, ପ୍ରବୀଣ ଆଚାର୍ଯ୍ୟ, ବଦ୍ରି ନାରାୟଣ ପାତ୍ର, ଦୀପକ କୁମାର ମଲିକ, ଗଣେଶ କୁମାର ସେଠୀ। ମ୍ୟାନେଜର: ବାସୁଦେବ ଓଝା, କୋଚ୍: ମହମ୍ମଦ ଆଜାମ।

# ମଣିପୁର ପୋଲିସ-ସେଥୁ ଏଫ୍‌ସି ଫାଇନାଲ

**ଲୁଧିଆନା, ୨୦।୫ (ପି.ଟି.)**

ହିରୋ ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍‌ର ଫାଇନାଲ ମଣିପୁର ପୋଲିସ ଏବଂ ସେଥୁ ଏଫ୍‌ସି ମଧ୍ୟରେ ଖେଳାଯିବ। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଏକ ସେମିଫାଇନାଲରେ ମଣିପୁର ପୋଲିସ ୪-୨ ଗୋଲରେ ଗୋକୁଲମ କେରଳ ଏଫ୍‌ସିକୁ ପରାସ୍ତ କରିଥିବାବେଳେ ଅନ୍ୟଟିରେ ଏସ୍‌ଏସ୍‌ବି ମହିଳା ଏଫ୍‌ସି ବିପକ୍ଷରେ ସେଥୁ ଏଫ୍‌ସି ୮-୧ ଗୋଲରେ ସହଜ ବିଜୟ ହାସଲ କରିଛି। ଗୋକୁଲମ କେରଳ ଏଫ୍‌ସି ବିପକ୍ଷରେ ପ୍ରଥମେ ୨-୧ ଗୋଲରେ ପଛୁଆ ଥିବା ମଣିପୁର ପୋଲିସ ଦଳ ଷ୍ଟାର ଖେଳାଳି ବାଲାଦେବୀଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଥିଲା। ବାଲାଦେବୀ ଦଳ ପକ୍ଷରୁ ସମସ୍ତ ୪ଟି ଯାକ ଗୋଲ ସ୍କୋର କରିଥିଲେ। ୬ଟି ମ୍ୟାଚରେ ତାଙ୍କର ଗୋଲ ସଂଖ୍ୟା ୨୬କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଏସ୍‌ଏସ୍‌ବି ମହିଳା ଏଫ୍‌ସି ବିପକ୍ଷ ମ୍ୟାଚରେ ସେଥୁ ଏଫ୍‌ସି ତରଫରୁ ସବିତା ଭଣ୍ଡାରୀ ବ୍ୟକ୍ତିଗତ ଚାରୋଟି ଗୋଲ ସ୍କୋର କରିବା ସହ ଟୁର୍ନାମେଣ୍ଟରେ ୬ଟି ମ୍ୟାଚ ଖେଳି ତାଙ୍କ ଗୋଲ ସଂଖ୍ୟା ୧୩କୁ ବୃଦ୍ଧି କରିଛନ୍ତି। କିନ୍ତୁ ରାଇଟ୍ ୱିଙ୍ଗ୍‌ରେ ଖେଳୁଥିବା ଡାଙ୍ଗମେଇ ଗ୍ରେସ୍ ଚମତ୍କାର ପ୍ରଦର୍ଶନ କରି ପ୍ଲେୟାର ଅଫ୍ ଦି ମ୍ୟାଚ ପୁରସ୍କାର ହାସଲ କରିଥିଲେ। ସେ ହ୍ୟାଟ୍ରିକ୍ ଗୋଲ ସ୍କୋର କରିବା ସହ ଦୁଇଟି ଗୋଲ ସ୍କୋରରେ ସହାୟତା କରିଥିଲେ। ଏସ୍‌ଏସ୍‌ବି ମ୍ୟାଚ ଆରମ୍ଭରେ ଭଲ ଖେଳିଥିଲା। ବିପକ୍ଷ ଦଳର ପେନାଲ୍ଟି ଏରିଆରେ ବାରମ୍ବାର ପ୍ରବେଶ କରିଥିଲା। ପେନାଲ୍ଟି ସୁଯୋଗ ସୃଷ୍ଟିକରି ତାହାର ସଦୁପଯୋଗ କରିପାରି ନ ଥିଲା, ଯାହାକି ପରବର୍ତ୍ତୀ କାଳରେ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

CLASSIFIED DISPLAY

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କର୍ଣ୍ଣାଯୋଡ଼ା
ଶିକ୍ଷାବର୍ଷ-୨୦୧୯-୨୦୨୦
ନାମଲେଖା ବିଜ୍ଞାପନ
ଶ୍ରେଣୀ :- ଶିଶୁ ବାଟିକା
ଶିଶୁ ପ୍ରାରମ୍ଭ ବୟସ ସୀମା :- (ତା.୩୧।୦୩।୨୦୧୯ସୁଦ୍ଧା ୦୩+ବର୍ଷ ହୋଇଥିବ)।
ଫର୍ମ ପ୍ରଦାନ :- (ତା.୦୩।୦୪।୨୦୧୯ରୁ ୨୨।୦୫।୨୦୧୯ ପର୍ଯ୍ୟନ୍ତ)।
ଫର୍ମ ଗ୍ରହଣ :- ପ୍ରତିଦିନ ସକାଳ ୦୭ଟାରୁ ୧୦ଟା ମଧ୍ୟରେ (ଛୁଟିଦିନ ବ୍ୟତୀତ)।
ବିଦ୍ର : ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମଲେଖା ପାଇଁ ୨୫% ନିମ୍ନ ପ୍ରକାର ସ୍ଥାନ ସଂରକ୍ଷଣ ରହିଛି। ଉକ୍ତ ଶ୍ରେଣୀର ମୋଟ ସିଟ୍ ସଂଖ୍ୟା ୪୦। ଏଥିରୁ ୧୦ଜଣ ଶିଶୁଙ୍କୁ ସରକାରୀ ନିୟମରେ ମାଗଣାରେ ନାମଲେଖା କାର୍ଯ୍ୟ କରାଯିବ। ଇଚ୍ଛୁକ ଅଭିଭାବକ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ▶ ସଂସ୍କାରକ୍ଷମ ଶିଶୁ, ଭାରତୀୟ ସଂସ୍କୃତି ଓ ବିଚାରଧାରା, ଖେଳ ସାମଗ୍ରୀ ଆଧାରିତ ଶାରିରୀକ ବିକାଶ ଶିକ୍ଷା ତଥା ପ୍ରତ୍ୟକ୍ଷ ଅନୁଭୂତିମୂଳକ ଶିକ୍ଷାର ବ୍ୟବସ୍ଥା ଅଛି।
10%-SC,ST,SEBC, Categories; 05%- Homeless, Bagger, Child Labour, Street Child; etc, 10% - BPL Category / card holder of different Poverty, Elimination Programme of govt.
କାର୍ଯ୍ୟାଳୟ ସହାୟକ Mob.- 8658827904 | ପ୍ରଧାନ ଆଚାର୍ଯ୍ୟ Mob.- 7873448098 | ସଂପାଦକ Mob.- 8328849597

ଛାତ୍ରବୃତ୍ତି
ଓଡ଼ିଶା ରାଜ୍ୟର ପୁରୀ ଜିଲ୍ଲାର ବାତ୍ୟା ପୀଡ଼ିତ ଗରିବ ପରିବାରର ପିଲାମାନଙ୍କ ବିଦ୍ୟାଳୟ ଶିକ୍ଷା ପାଇଁ
ଗ୍ଲୋବାଲ୍ କ୍ୟାନ୍‌ସର କନ୍‌ସର୍ନ ଇଣ୍ଡିଆ,
ସମ୍ବଳହୀନ କ୍ୟାନ୍‌ସର ରୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ କାର୍ଯ୍ୟରତ,
ଓଡ଼ିଶାର ପୁରୀ ଜିଲ୍ଲାରେ ବାତ୍ୟା ପୀଡ଼ିତ ଗରିବ ପରିବାରଙ୍କଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ନିଜ ପିଲାଙ୍କ ବିଦ୍ୟାଳୟ ଶିକ୍ଷା ଜାରି ରଖିବା ଲାଗି ଦରଖାସ୍ତ ଆହ୍ୱାନ କରୁଛି।
ଦୟାକରି ଆମକୁ କଲ୍ କରନ୍ତୁ : 124-2564473,74, 75
କିମ୍ବା ଲେଖନ୍ତୁ ଗ୍ଲୋବାଲ୍ କ୍ୟାନ୍‌ସର କନ୍‌ସର୍ନ ଇଣ୍ଡିଆ, ସି-659, ସୁଶାନ୍ତ ଲୋକ- 1, ଗୁରଗାଓଁ - 122009, ହରିୟାଣା କିମ୍ବା ଇମେଲ୍ କରନ୍ତୁ : ho@gcci.org.in
Global Cancer Concern India
"Striving Nationwide for Cause and Care of Cancer Patients"


ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଘରର କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭଟଲି
ଶିକ୍ଷାବର୍ଷ-୨୦୧୯-୨୦୨୦
ନାମଲେଖା ବିଜ୍ଞାପନ
ଶ୍ରେଣୀ :- ଶିଶୁ ବାଟିକା
ଶିଶୁ ପ୍ରାରମ୍ଭ ବୟସ ସୀମା :- (ତା.୩୧।୦୩।୨୦୧୯ସୁଦ୍ଧା) (୦୩+ବର୍ଷ ହୋଇଥିବ)।
ଫର୍ମ ପ୍ରଦାନ :- (ତା.୦୩।୦୪।୨୦୧୯ରୁ ୨୨।୦୫।୨୦୧୯ ପର୍ଯ୍ୟନ୍ତ)।
ଫର୍ମ ଗ୍ରହଣ :- ପ୍ରତିଦିନ ସକାଳ ୦୭ଟାରୁ ୧୦ଟା ମଧ୍ୟରେ (ଛୁଟିଦିନ ବ୍ୟତୀତ)।
ବିଦ୍ର : ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଶିଶୁ ପ୍ରାରମ୍ଭ ଶ୍ରେଣୀରେ ନାମଲେଖା ପାଇଁ ୨୫% ନିମ୍ନ ପ୍ରକାର ସ୍ଥାନ ସଂରକ୍ଷଣ ରହିଛି। ଉକ୍ତ ଶ୍ରେଣୀର ମୋଟ ସିଟ୍ ସଂଖ୍ୟା ୬୦। ଏଥିରେ ୧୫ଜଣ ଶିଶୁଙ୍କୁ ସରକାରୀ ନିୟମରେ ମାଗଣାରେ ନାମଲେଖା କାର୍ଯ୍ୟ କରାଯିବ। ଇଚ୍ଛୁକ ଅଭିଭାବକ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ▶ ସଂସ୍କାରକ୍ଷମ ଶିଶୁ, ଭାରତୀୟ ସଂସ୍କୃତି ଓ ବିଚାରଧାରା, ଖେଳ ସାମଗ୍ରୀ ଆଧାରିତ ଶାରିରୀକ ବିକାଶ ଶିକ୍ଷା ତଥା ପ୍ରତ୍ୟକ୍ଷ ଅନୁଭୂତିମୂଳକ ଶିକ୍ଷାର ବ୍ୟବସ୍ଥା ଅଛି।
10%-SC,ST,SEBC; Categories, 05%- Homeless, Bagger, Child Labour, Street Child; etc, 10% - BPL Category / card holder of different Poverty, Elimination Programme of govt.
କାର୍ଯ୍ୟାଳୟ ସହାୟକ Mob.- 7894624167 | ପ୍ରଧାନ ଆଚାର୍ଯ୍ୟ Mob.- 9777782186 | ସଂପାଦକ Mob.- 9777520724

ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ରତ୍ନପ୍ରଭା ମିଶ୍ର
ରାଜୀବ ନଗର, ବଲାଙ୍ଗୀର
ଆବିର୍ଭାବ: ୦୩।୦୬।୧୯୬୩
ତିରୋଧାନ: ୧୦।୦୫।୨୦୧୯
ତୁମର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ମିଶ୍ର ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ
ଧ–୧୨୫୭୭

ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଭୁବନ ବିହାରୀ କର
ଆପଣଙ୍କ ଅବର୍ତ୍ତମାନରେ ଦୀର୍ଘ ୫ବର୍ଷ ଧରି ଆମ୍ଭେ ଆପଣଙ୍କ ଆଦର୍ଶରେ ଅନୁପ୍ରାଣିତ ତଥା ଆମ ପରିବାରର ଗର୍ବଗୌରବର ପ୍ରତୀକ। ଆମ ସମସ୍ତଙ୍କ ମନରେ ତୁମର ସ୍ମୃତି ଅତୁଟ ରହିଛି ଏବଂ ରହିବ ମଧ। ଆପଣଙ୍କ ଆଦର୍ଶ ଓ ଉପଦେଶ ସଦାସର୍ବଦା ପ୍ରେରଣା ଦେଉ। ପରିବାରବର୍ଗ ଆପଣଙ୍କୁ ଶ୍ରଦ୍ଧାସୁମନ ଜଣାଉଅଛୁ।
ଧ–୧୨୫୭୨

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ଯୋଗେନ୍ଦ୍ର ଚରଣ ନାୟକ
୨୩୩/ବି, ବାୟାବାବା ମଠ ରୋଡ୍, ୟୁନିଟ-୯, ଭୁବନେଶ୍ୱର-୭୫୧୦୨୨
ଆବିର୍ଭାବ: ୧୪।୦୨।୧୯୪୩
ତିରୋଧାନ: ୧୧।୦୫।୨୦୧୯
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ"
ଆପଣଙ୍କର ସ୍ନେହବତ୍ସଳ, ଆଦର୍ଶ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ ପରୋପକାର ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ
ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ–୧୨୫୭୧

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ମେ ୨୧/୨୦୧୯ Sambalpur, Tuesday, May 21/ 2019

## ସଂକ୍ଷେପରେ



### ରାସ୍ତାକଡ଼ରୁ ନବଜାତ ଶିଶୁ କନ୍ୟା ଉଦ୍ଧାର

**ଭବାନୀପାଟଣା,୨୦।୫(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ମାଣିଙ୍ଗପଦର ଗାଁ ରାସ୍ତା କଡରୁ ଏକ ନବଜାତ ଶିଶୁକନ୍ୟାକୁ ଗାଁ ଲୋକେ ଉଦ୍ଧାର କରିଥିଲେ। ସୋମବାର ସକାଳେ ଜଣେ ମହିଳା ସେହି ବାଟଦେଇ ଯାଉଥିବାବେଳେ ଶିଶୁକନ୍ୟାର କାନ୍ଦ ଶୁଣିବାକୁ ପାଇଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଶିଶୁକୁ ଉଦ୍ଧାର କରି ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ଶିଶୁଟି ସୁସ୍ଥ ଥିବା ସୂଚନା ମିଳିଛି। ଶିଶୁଟିକୁ କିଏ, କାହିଁକି ଓ କେଉଁ ପରିସ୍ଥିତିରେ ଛାଡି ପଳାଇଛନ୍ତି ସେ ସମ୍ପର୍କରେ ପୋଲିସକୁ କୌଣସି ଖବର ମିଳିନି ।

# ଟ୍ରେନ୍ ବଗିରେ ଏସି ନ ଚାଲିବାରୁ ଉତ୍ତେଜନା

**ରାଉରକେଲା ଅଫିସ,୨୦।୫**

ଟିଟିଲାଗଡ଼-ହାୱଡ଼ା ଇସ୍ପାତ ଏକ୍ସପ୍ରେସରେ ଏସି ଚାଲୁ ନ ଥିବା ଅଭିଯୋଗ କରି ସୋମବାର ଅପରାହ୍ଣରେ ରାଉରକେଲା ଷ୍ଟେଶନରେ ଯାତ୍ରୀ ଉତ୍ତେଜନା ପ୍ରକାଶ ପାଇଥିଲା। ଏସି ନ ଚାଲିଲେ ଟ୍ରେନ୍ ଛଡ଼ାଯିବ ନାହିଁ ବୋଲି କହି ଯାତ୍ରୀମାନେ ବାରମ୍ବାର ଚେନ୍ ଟାଣିଥିଲେ। ବିଭାଗୀୟ ଅଧିକାରୀ ଯାତ୍ରୀମାନଙ୍କୁ ବୁଝାଶୁଝା କରିବା ପରେ ପ୍ରାୟ ଘଣ୍ଟାଏ ବିଳମ୍ବରେ ଏଠାରୁ ଟ୍ରେନ୍ ଛାଡ଼ିଥିଲା। ସୂଚନାନୁସାରେ ୧୨୮୭୨ନଂ ଟିଟିଲାଗଡ଼-ହାୱଡ଼ା ସୁପରଫାଷ୍ଟ ଟ୍ରେନ୍‌ର ୩ଟି ଚେୟାର କାର୍ ଏବଂ ୩ ଟାୟାର ବଗିର ଏସି କାମ କରୁ ନ ଥିବା ଯାତ୍ରୀମାନେ ସମ୍ବଲପୁର ଷ୍ଟେଶନ ନିକଟରୁ ଅଭିଯୋଗ କରି ଆସୁଥିଲେ। ଏହାକୁ

- ବାରମ୍ବାର ଚେନ୍ ଟାଣି ଅଟକାଇଲେ ଯାତ୍ରୀ
- ରାଉରକେଲାରୁ ଘଣ୍ଟାଏ ବିଳମ୍ବରେ ଟ୍ରେନ ଛାଡ଼ିଲା



ଇସ୍ପାତ ଏକ୍ସପ୍ରେସ୍ ଟ୍ରେନ ବଗିରେ ଏସି ଅଚଳ ନେଇ ଉତ୍ତେଜନା ପ୍ରକାଶ ପାଇବା ପରେ ଷ୍ଟେଶନ କର୍ତ୍ତୃପକ୍ଷ ଯାତ୍ରୀମାନଙ୍କୁ ବୁଝାଶୁଝା କରୁଛନ୍ତି।

ଝାରସୁଗୁଡ଼ାରେ ମରାମତି କରାଯିବ ବୋଲି ପ୍ରଥମେ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ତାହା କରାଗଲା ନାହିଁ। ଯାତ୍ରୀମାନେ ପୁଣି ଅଭିଯୋଗ କରିବାରୁ ରାଉରକେଲାଠାରେ ମରାମତି କରାଯିବ ବୋଲି କୁହାଗଲା। ରାଉରକେଲାରେ ଟ୍ରେନ୍ ଅପରାହ୍ଣ ୩ଟା ୫୭ରେ ପହଞ୍ଚି କିଛି ସମୟ ରହଣି ପରେ ଛାଡ଼ିଥିଲା। କିନ୍ତୁ ଏସି ମରାମତି କରାଯାଇ ନ ଥିଲା। ଫଳରେ ଗୁଳୁଗୁଳିରେ ଅତିଷ୍ଠ ଯାତ୍ରୀ ଚେନ୍ ଟାଣି ଗାଡ଼ିକୁ ଅଟକାଇଥିଲେ। ବାରମ୍ବାର ଚେନ୍ ଟାଣିବାରୁ ବିଭାଗୀୟ ଅଧିକାରୀ ସମ୍ପୃକ୍ତ ବଗିଗୁଡ଼ିକରେ ପହଞ୍ଚି ଯାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ। ପରବର୍ତ୍ତୀ ଷ୍ଟେଶନରେ ଏସି ମରାମତି କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଯାତ୍ରୀମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏସି ମରାମତି କରା ନ ଯିବା ପର୍ଯ୍ୟନ୍ତ ରାଉରକେଲାରୁ ଟ୍ରେନ୍ ଛଡ଼ାଯିବ ନାହିଁ ବୋଲି ଅଡ଼ିବସିଥିଲେ। ଶେଷରେ କର୍ତ୍ତୃପକ୍ଷ ଦୁଇଜଣ ଏସି ମେକାନିକ୍‌ଙ୍କୁ ଟ୍ରେନ୍‌ରେ ଚଢ଼ାଇବାରୁ ଯାତ୍ରୀମାନେ ଶାନ୍ତ ପଡ଼ିଥିଲେ। ଅପରାହ୍ଣ ୫ଟାରେ ଟ୍ରେନ୍ ଏଠାରୁ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା।

# ବାର୍‌ହାକୁ ପିଟି ପିଟି ମାରିଦେଲେ

- ପ୍ରତି ଆକ୍ରମଣରେ ୩ ଆହତ

**ସିନାପାଲି,୨୦।୫ (ଡି.ଏନ୍.ଏ.)**



ନୂଆପଡା ଜିଲା ସିନାପାଲି ରେଞ୍ଜ ଅଧୀନ କେନ୍ଦୁମୁଣ୍ଡା ଗ୍ରାମରେ ସୋମବାର ସକାଳ ପ୍ରାୟ ୬ଟାରେ ବାର୍‌ହା ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କୁ ସିନାପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଏହି ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ବାର୍‌ହାକୁ ପିଟିପିଟି ମାରି ଦେଇଛନ୍ତି । ଘଟଣାସ୍ଥଳରେ ବନ ବିଭାଗ ଏକ ଟିମ ପହଞ୍ଚି ବାର୍‌ହା ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଘଟଣାର ତଦନ୍ତ ଚାଲିଥିବା ସିନାପାଲି ରେଞ୍ଜର କହିଛନ୍ତି ।

ସୋମବାର ସକାଳ ପ୍ରାୟ ୬ଟାରେ ସ୍ଥାନୀୟ ଜଙ୍ଗଲରୁ ଏକ ବାର୍‌ହା ଗାଁ ଭିତରକୁ ପଶି ଆସିଥିଲା। ଲୋକେ ବାର୍‌ହାକୁ ଦେଖି ଗୋଡ଼ାଇଥିଲେ । ଗ୍ରାମବାସୀଙ୍କ ଆକ୍ରମଣରେ ବାର୍‌ହା ହିଂସ୍ର ହୋଇ ଉଠିବା ସହ ଗାଁ ଲୋକଙ୍କୁ ଆକ୍ରମଣ କରିଥିଲା। ଏଥିରେ ୩ ଗ୍ରାମବାସୀ ଆହତ ହୋଇଥିଲେ। ଶେଷରେ ଗ୍ରାମବାସୀ ଠେଙ୍ଗା ଓ ବାଡ଼ିରେ ପିଟିପିଟି ବାର୍‌ହାକୁ ମାରି ଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସ୍ଥାନୀୟ ଲୋକେ ଗାଁ ନିକଟସ୍ଥ କାଦୁଅରେ ମୃତଦେହ ପୋତି ଦେଇଥିଲେ। କୌଣସି ସୂତ୍ରରୁ ଖବର ପାଇ ସିନାପାଲି ରେଞ୍ଜର ମୁରାରୀ ପ୍ରସାଦ ପଣ୍ଡା କେନ୍ଦୁମୁଣ୍ଡା ଗ୍ରାମରେ ପହଞ୍ଚି ବାର୍‌ହା ମୃତଦେହ ଜବତ କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଗ୍ରାମବାସୀଙ୍କ ନାମରେ ମାମଲା ରୁଜୁ କରାଯାଇ ନ ଥିବା ବେଳେ ଏହାର ତଦନ୍ତ ଚାଲିଛି ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଞ୍ଜର ପଣ୍ଡା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ସିନାପାଲି ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି। ନଦୀ ନାଳ, ପୋଖରୀ, ଝରଣା ପାଣି ଶୁଖିବାରେ ଲାଗିଛି। ଫଳରେ ବନ୍ୟଜନ୍ତୁମାନେ ପାଣି ପାଇଁ ଗାଁ ମୁହାଁ ହେଉଛନ୍ତି। ଗାଁକୁ ଆସିବା ପରେ କେତେକ ବ୍ୟକ୍ତି ବନ୍ୟଜନ୍ତୁଙ୍କୁ ଶିକାର କରିବା ଉଦ୍ଦେଶ୍ୟରେ ଏପରି କାଣ୍ଡ ଘଟାଉଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ବାର୍‌ହା ଆକ୍ରମଣରେ ଆହତ ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପରେ ଛାଡି ଦିଆଯାଇଛି।

# ପେରୁମଞ୍ଜିରେ ମାଓବାଦୀ ପୋଷ୍ଟର

**ଭବାନୀପାଟଣା,୨୦।୫(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ଥୁଆମୂଳ ରାମପୁର ମୁଖ୍ୟ ରାସ୍ତା କର୍ଲାପାଟ ଅଭୟାରଣ୍ୟ ସଂଲଗ୍ନ ପେରୁମଞ୍ଜି ଛକ ନିକଟ ଏକ ଆମ୍ବ ଗଛରେ ଗତ ରବିବାର ରାତିରେ ୨ଟି ମାଓବାଦୀ ପୋଷ୍ଟର ଲଗାଯାଇଥିଲା। ଲୋକେ ଏହା ଦେଖି କର୍ଲାପାଟ ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦେଇଥିଲେ। ପୋଲିସ ସେହି ପୋଷ୍ଟର ଜବତ କରି ତଦନ୍ତ ଆରମ୍ଭ କରିଛି ।

ଏହି ପୋଷ୍ଟରରେ ସାମୁଦ୍ରିକ ବାତ୍ୟା ଫନୀ ପ୍ରାକୃତିକ ନୁହେଁ, ଏହା କୃତ୍ରିମ। ଏହି ବାତ୍ୟା ଓଡ଼ିଶାବାସୀଙ୍କ ପାଇଁ ମହାବିପତ୍ତି ଆଣି ଦେଇଛି। ବାତ୍ୟା ପାଇଁ ପ୍ରାକୃତିକ ସମ୍ପତ୍ତିକୁ ରୀତିମତ ନଷ୍ଟ କରୁଥିବା ଶୋଷକ ଶ୍ରେଣୀର ବହୁରାଷ୍ଟ୍ରୀୟ ପୁଞ୍ଜିପତି ଓ ତାଙ୍କ ଦ୍ୱାରା ପ୍ରତିପାଳିତ ଦଲାଲ ନେତା ଦାୟୀ ବୋଲି ଉଲ୍ଲେଖ ରହିଛି । ବିକାଶ ନାଁରେ ଲୋକଙ୍କୁ ବିନାଶର ଭିତରକୁ ଠେଲି ଦିଆଯାଉଛି। ବିକାଶ ନାମରେ ଖଣିଜ ସମ୍ପତ୍ତି ଲୁଟ, ନଦୀ ବନ୍ଧ ନିର୍ମାଣ, ସ୍ମାର୍ଟ ସିଟି ନାଁରେ ଜଙ୍ଗଲ ଧ୍ୱଂସ କରାଯାଇ କଂକ୍ରିଟ ଜଙ୍ଗଲ ନିର୍ମାଣ ଚାଲିଛି । ଏଥିପାଇଁ ଦିନକୁ ଦିନ ପ୍ରକୃତି ଅଶାନ୍ତ ହେବାରେ ଲାଗିଛି। ସମୁଦ୍ର ଗର୍ଭରେ ଜାତୀୟ ସୁରକ୍ଷା ନାଁରେ ବିଭିନ୍ନ ଯୁଦ୍ଧାସ୍ତ୍ରର ପରୀକ୍ଷଣରୁ ଅଶାନ୍ତ ହୋଇ ଉଠୁଛି ସମୁଦ୍ର। ଯାହାର ପ୍ରଭାବ ଯୋଗୁ ଏହି ବାତ୍ୟା ଆସିଥିଲା। ଏବେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି । ଆଗାମୀ ଦିନରେ ଏଭଳି ପୁଞ୍ଜିପତିଙ୍କ ପ୍ରଭାବ ଯୋଗୁ ଅନେକ ସାମୁଦ୍ରିକ ବାତ୍ୟା ସୃଷ୍ଟି ହେବ। ଜନସାଧାରଣ ଏହାଦ୍ୱାରା ପ୍ରଭାବିତ ହେବେ। ତେଣୁ ତୁରନ୍ତ ସାଧାରଣ ଜନତା ପୁଞ୍ଜିପତିଙ୍କ ଲୁଟେରା ନୀତିକୁ ବିରୋଧ କରିବା ସମୟ ଆସିଛି ବୋଲି ଉକ୍ତ ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ସାମୁଦ୍ରିକ ବାତ୍ୟା ଫନୀ ପାଇଁ ସରକାରଙ୍କୁ ଦାୟୀ କରାଯାଇଛି। ଏହି ବାତ୍ୟା ପ୍ରଭାବରେ ପ୍ରାଣ ହରାଇଥିବା ଅସହାୟଙ୍କ ପରିବାରକୁ କ୍ଷତିପୂରଣ ବାବଦକୁ ୨୦ ଲକ୍ଷ ଟଙ୍କା ଓ ଘର ଭାଙ୍ଗିଯାଇଥିବା ନିରୀହ ଲୋକଙ୍କୁ ଘର ନିର୍ମାଣ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ଯୋଗାଇ ଦେବାକୁ ପୋଷ୍ଟରରେ ଦାବି କରାଯାଇଛି।



- ଫନୀ ପାଇଁ ପୁଞ୍ଜିପତିମାନେ ଦାୟୀ
- ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଦିଅ

- କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ଜେଲ ପରିଦର୍ଶନ କଲେ ଜିଲାପାଳ, ଏସ୍‌ପି

**ସୋନପୁର,୨୦।୫(ନି.ପ୍ର.)**

## ପୋଲିସ ହାତରେ ବ୍ୟବହୃତ ବ୍ଲେଡ୍

ସୁବର୍ଣ୍ଣପୁର ଜିଲା ସୋନପୁର ଉପ କାରାଗାରର ବିଚାରାଧୀନ କଏଦୀ ଟିକୁ ଅଜଗର(୨୬)ଙ୍କର ରବିବାର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ସେ ଶୌଚାଳୟ ଭିତରେ ବ୍ଲେଡ୍ ଦ୍ୱାରା ନିଜ ପେଟକୁ କାଟି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ସମୟରେ ଘଟଣାସ୍ଥଳରୁ ରକ୍ତ ଲାଗିଥିବା ଏକ ଫାଳ ବ୍ଲେଡ୍ ମିଳିଛି। ତେବେ ବ୍ଲେଡ୍ କଏଦୀଙ୍କ ହାତକୁ କିଭଳି ଗଲା ଏଥିପାଇଁ ଘଟଣା ଦିନ ଦାୟିତ୍ୱରେ ଥିବା ଜେଲର ମୁଖ୍ୟ କାରାରକ୍ଷୀ ଓ କାରାରକ୍ଷୀଙ୍କ ଅବହେଳାକୁ ଦାୟୀ କରାଯାଇଛି। ଭାରପ୍ରାପ୍ତ ଜେଲ ଡିଆଇଜି ତଥା ସମ୍ବଲପୁରର ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଅମୀୟ ପଟ୍ଟନାୟକ ସୋନପୁରକୁ ଆସି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରି ଫେରି ଯାଇଛନ୍ତି। ତାଙ୍କ ଗସ୍ତ ପରେ ଖାଲିଥିବା କାରାଗାରର ଅଧିକାରୀ ଓ ୨ କାରାରକ୍ଷୀଙ୍କୁ ନିଯୁକ୍ତି ମିଳିଛି। ସବ୍ ଆସିଷ୍ଟାଣ୍ଟ ଜେଲର ଲମ୍ବୋଦର ଭୋଇ, ୱାର୍ଡର ଶାନ୍ତନୁ ହୋତା ଓ ସୁନୀଲ ପଧାନ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଅନ୍ୟପକ୍ଷେ ସୋମବାର ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ଦାଶ କାରାଗାର ପରିଦର୍ଶନ କରିବା ସହ ସ୍ଥିତିର ଅନୁଧ୍ୟାନ କରିଛନ୍ତି। କଏଦୀଙ୍କ ଭିତରୁ ୨ଜଣ ଅନ୍ତେବାସୀଙ୍କୁ ଖିଆର କରୁଛନ୍ତି। ସୁରକ୍ଷା ଦୃଷ୍ଟିରୁ ଏହି ବ୍ୟବସ୍ଥା ବନ୍ଦ କରି ବାହାରୁ ଲୋକ ଆଣି ଖିଆର କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ୩ଜଣ ବିଶେଷଜ୍ଞ ଟିମ୍ ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ବ୍ୟବଚ୍ଛେଦର ଭିଡିଓ ରେକର୍ଡିଂ ହୋଇଛି। ଏହି ରିପୋର୍ଟ ମିଳିବା ପରେ ବ୍ୟବଚ୍ଛେଦର ଭିଡିଓ ସୁଟିଂ ସହ ଜାତୀୟ ମାନବାଧିକାର କମିଶନଙ୍କ ନିକଟକୁ କଏଦୀଙ୍କ ମୃତ୍ୟୁ ସମ୍ପର୍କରେ ସମ୍ପୂର୍ଣ୍ଣ ରିପୋର୍ଟ ପଠାଯିବ। ଜିଲାପାଳ ଓ ଏସ୍‌ପି ମଧ୍ୟ ତଦନ୍ତ ରିପୋର୍ଟ ପ୍ରଦାନ କରିବେ। ଏହି କାରାଗାରରେ ବର୍ତ୍ତମାନ ୯୫ଜଣ ବନ୍ଦୀ ରହୁଥିବା ବେଳେ ସୁପରିଣ୍ଟେଣ୍ଡେଣ୍ଟ ପଦବୀ ଖାଲି ରହିଛି। ପ୍ରକାଶ ଯେ, ଏପ୍ରିଲ ୨୪ତାରିଖରେ ବିନିକା ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ଫାୟାର ମ୍ୟାନ ଦୁଷ୍ମନ୍ତ କିଷାନଙ୍କୁ ଗଳାକାଟି ହତ୍ୟା କରିବା ପରେ ଟିକୁ ଥାନାରେ ଆତ୍ମସମର୍ପଣ କରିଥିଲେ। ୨୫ ତାରିଖରୁ ସେ ବିଚାରାଧୀନ କଏଦୀ ଭାବରେ ରହୁଥିଲେ। ତେବେ ଟିକୁଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି ।

# ସରକାରୀ କ୍ୱାର୍ଟର୍ସ ପଛରୁ ୨ ବୋମା ଜବତ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ୍-୯ସ୍ଥିତ ଗୋପବନ୍ଧୁ ସ୍କୁଲ ନିକଟ ସରକାରୀ କ୍ୱାର୍ଟର୍ସ ନଂ.୨ଆରଏ୨୫ ପଛରୁ ପୋଲିସ ଦୁଇଟି ଅଫୁଟା ବୋମା ଜବତ କରିଛି। ଏକ ବ୍ୟାଗ୍‌ରେ ଥିବା ଦୁଇଟି ବୋମାକୁ ଡଷ୍ଟବିନ ଭିତରେ ଲୁଚାଇ ରଖାଯାଇଥିଲା। ସକାଳୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଏହ ଦେଖି ଅନ୍ୟମାନଙ୍କୁ ଜଣାଇବା ପରେ ଆଖ ପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ପୋଲିସ ଟିମ୍ ସହ ପହଞ୍ଚି ଥାନାଧିକାରୀ ନିଜେ ଏକ ବାଉଁଶ ସହାୟତାରେ ବୋମା ବ୍ୟାଗ୍‌କୁ ଉଠାଇ ଆଣି ପାଣି ବାଲ୍‌ଟି ଭିତରେ ପୂରାଇ ଦେଇଥିଲେ। ପରେ ବୋମା ନିଷ୍କ୍ରିୟକାରୀ ଟିମ୍ ଉକ୍ତ ବୋମାକୁ ଜବତ କରିଥିଲେ। ତେବେ କିଏ, କେଉଁ ଉଦ୍ଦେଶ୍ୟରେ ସେଠାରେ ବୋମା ରଖିଥିଲା ତାହାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ଯେଉଁ ଘର ନିକଟରୁ ବୋମା ମିଳିଥିଲା ତାହାର ମାଲିକଙ୍କ ସମେତ ଆଖପାଖ ଅଞ୍ଚଳର ଲୋକଙ୍କୁ ପଚରାଉଚରା କରିଥିଲା। ହେଲେ ବୋମା ବିଷୟରେ କେହି କିଛି ଜାଣି ନ ଥିବା କହିଥିଲେ। ଏହି ଘଟଣାରେ ପୋଲିସ ସନ୍ଦେହରେ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଆସନ୍ତା ୨୩ ତାରିଖରେ ସାଧାରଣ ନିର୍ବାଚନର ଫଳଫଳ ଆସିବାର ରହିଛି। କୌଣସି ରାଜନୈତିକ ଦଳ କିମ୍ବା ରାଜନୈତିକ ଶତ୍ରୁତାକୁ ନେଇ ବିରୋଧୀ କ୍ୟାମ୍ପ ଉପରେ ବୋମା ପକାଇବା ପାଇଁ ଯୋଜନା କରାଯାଇଥିବା ସନ୍ଦେହ କରାଯାଉଛି।

ଅନ୍ୟପକ୍ଷରେ କେତେକ ସରକାରୀ କ୍ୱାର୍ଟର୍ସରେ ଅପରାଧୀଙ୍କ ଆଡ୍ଡା ଜମୁଥିବା ଅଭିଯୋଗ ରହିଛି। ସେହିଭଳି ବନ୍ଧୁକ, ବୋମା ତିଆରିରେ ସରକାରୀ କର୍ମଚାରୀ ଓ କ୍ୱାର୍ଟର୍ସ ବ୍ୟବହାର ହେଉଥିବା ମଧ ପୂର୍ବରୁ ନଜିର ରହିଛି। ତେଣୁ ସ୍ଥାନୀୟ ଅଞ୍ଚଳର କିଛି ଗୁଣ୍ଡାଙ୍କ ଉପରେ ପୋଲିସ ତୀକ୍ଷ୍ଣ ନଜର ରଖିଛି। ଯେକୌଣସି ସମୟରେ ପୋଲିସ ସେମାନଙ୍କୁ ଥାନାକୁ ଉଠାଇ ନେଇ ରହସ୍ୟ ଖୋଲିବାକୁ ଯୋଜନା କରୁଥିବା ସୂଚନା ମିଳିଛି।

# ଆନ୍ତଃରାଜ୍ୟ କଫ୍ ସିରପ୍ ର୍ୟାକେଟର ୨ଗିରଫ

**ବଲାଙ୍ଗୀର ଅଫିସ, ୨୦।୫**

ଆନ୍ତଃରାଜ୍ୟ କଫ୍ ସିରପ୍ ଚୋରା ର୍ୟାକେଟ୍ ଚଳାଇଥିବା ସାନ ଓରଫ୍ ଗୋବିନ୍ଦ ନେଗୀ (୩୮) ଓ ପ୍ରଶାନ୍ତ କ୍ଷେତୀ (୪୨)ଙ୍କୁ ବଲାଙ୍ଗୀର ଟାଉନ୍ ଥାନା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ଭୁବନେଶ୍ୱରରୁ ଗିରଫ କରିଛି । ପୋଲିସ ଆଖିରେ ଧୂଳିଦେଇ ଗତ କିଛିମାସ ତଳେ ଏହି ର୍ୟାକେଟ୍‌ର ମୁଖ୍ୟ ସାନ ନେଗୀ ବଲାଙ୍ଗୀରରୁ ଚମ୍ପଟ ମାରିଥିଲେ। ସେହିପରି ଗତ ୬ ତାରିଖରେ ବଲାଙ୍ଗୀର ଟାଉନ୍ ଥାନା ଭିତରୁ ପ୍ରଶାନ୍ତ କ୍ଷେତୀ ବି ଫେରାର ହୋଇଯାଇଥିଲେ । ଗିରଫ ୨ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

ବଲାଙ୍ଗୀର ସହର ବରପାଲିପଡାର ସାନ ଓ ମାଳପଡାର ପ୍ରଶାନ୍ତ କେତେଜଣ ସହଯୋଗୀଙ୍କୁ ଧରି ବେଶ୍ କିଛିବର୍ଷ ହେଲା ବଲାଙ୍ଗୀର ଓ ପଡୋଶୀ ଜିଲାମାନଙ୍କରେ ଅବାଧରେ କଫ୍ ସିରପ୍ କାରବାର କରିଆସୁଥିଲେ । ବଲାଙ୍ଗୀର ସହରର ଗଳିକନ୍ଦିରେ ଏଜେଣ୍ଟ ରଖି ସାନଙ୍କ ଗୋଷ୍ଠୀ କଫ୍ ସିରପ୍ କାରବାର କରୁଥିଲେ । ଏହି ବ୍ୟବସାୟରୁ ବିପୁଳ ଟଙ୍କା ଆଦାୟ କରିବା ପରେ ସେମାନେ ପଡୋଶୀ ଜିଲାରେ ବ୍ୟବସାୟ ଆରମ୍ଭ କରିଥିଲେ । କଫ୍ ସିରପ୍‌ର ବ୍ୟାପକ ବ୍ୟବହାର ଫଳରେ ସହରରେ ଅଶାନ୍ତି ସୃଷ୍ଟି ହୋଇଥିଲା। ଏହି ବ୍ୟବସାୟକୁ କେନ୍ଦ୍ରକରି ଦୁଇଟି ହତ୍ୟା ଘଟଣା ଘଟିଥିବା ମଧ ଚର୍ଚ୍ଚାର ବିଷୟ ହୋଇଥିଲା। ସହରର ଯୁବଗୋଷ୍ଠୀ କଫ୍ ସିରପ୍ ନିଶାରେ ଅଭ୍ୟସ୍ତ ହୋଇ ପଡିବା ସହ ସେମାନେ ବହୁ ଆପରାଧିକ ଘଟଣାରେ ଲିପ୍ତ ହେଉଥିବା ଜଣାପଡିଥିଲା । ଏନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପୋଲିସ ଆଖିରେ ଧୂଳିଦେଇ ସାନ ନେଗୀ ଗୁପ୍ତ ଆଡ୍ଡା କରି କାରବାର ଚଳାଇ ଆସୁଥିଲେ । ଗତ ମାର୍ଚ୍ଚ ୨୧ ତାରିଖରେ ସ୍ଥାନୀୟ ପୋଲିସ ବଲାଙ୍ଗୀର ରେଳ ଷ୍ଟେଶନ୍‌ରୁ ଗୋଟିଏ ସ୍କର୍ପିଓ ଏବଂ ଏକ ଟାଟା ଏସିଇ ଗାଡିରେ ଚାଲାଣ ହୋଇଥିବା ୩୫୨୦ ବୋତଲ କଫ୍ ସିରପ୍ ଜବତ୍ କରିଥିଲା । ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଥିଲା। ଛତିଶଗଡ଼ ରାଜଧାନୀ ରାୟପୁରର ସାଇକ୍ରିଷ୍ଣା ସର୍ଜିକୋ ନାମକ ଏକ ଦୋକାନରୁ ବଲାଙ୍ଗୀର ଶ୍ରୀସାଇ ମେଡିଫାର୍ମା ନାମରେ ଏହି କଫ୍ ସିରପ୍ ଆସୁଥିବା ଜଣାପଡିଥିଲା । ଗିରଫ ବ୍ୟକ୍ତିଙ୍କଠୁ ସୂଚନା ନେଇ ପୋଲିସ ତଦନ୍ତକୁ ଆଗକୁ ବଢ଼ାଇଥିଲେ ମଧ୍ୟ ସାନ ନେଗୀ ଫେରାର ହୋଇଯାଇଥିଲେ । ଗତ ୬ ତାରିଖ ଦିନ ସାନଙ୍କ ସହଯୋଗୀ ପ୍ରଶାନ୍ତଙ୍କୁ ଟାଉନ୍ ଥାନା ପୋଲିସ ଗିରଫ କରିଥିଲେ ମଧ୍ୟ ସେ ଥାନାରୁ ଫେରାର ହୋଇଯାଇଥିଲା । ଏହି ଘଟଣା ପରେ ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରାଯାଇଥିଲା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଭୁବନେଶ୍ୱର ସିଆର୍‌ପି ଅଞ୍ଚଳରୁ ସାନ ନେଗୀ ଓ ଡେଲଟା ଅଞ୍ଚଳରୁ ପ୍ରଶାନ୍ତ କ୍ଷେତୀଙ୍କୁ ପୋଲିସ ଗିରଫ କରିଥିଲା। ଉଭୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଏହି ଆନ୍ତଃରାଜ୍ୟ କଫ୍ ସିରପ୍ ଉପରେ ଅଧିକ ତଦନ୍ତ କରାଯିବ ବୋଲି ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଟାଉନ୍ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ସମ୍ମିଳନୀରେ ଟାଉନ୍ ଥାନା ଆଇଆଇସି ତୋଫାନ୍ ବାଗ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ସାନ ନେଗୀ ଓ ପ୍ରଶାନ୍ତ କ୍ଷେତୀ ।

- ଭୁବନେଶ୍ୱରରୁ କାବୁ କଲା ବଲାଙ୍ଗୀର ପୋଲିସ
- ଖୋଲିବ କଫ୍ ସିରପ୍ ର୍ୟାକେଟ୍‌ର ଗୁମର
- ରାୟପୁରକୁ ଲମ୍ବିଛି ଚେର
- ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବ ପୋଲିସ




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ପିତା, ମାତା ଓ ଗୁରୁଜନମାନଙ୍କୁ ଭକ୍ତି କରୁଥିବା ଲୋକଙ୍କୁ ଈଶ୍ୱର ଆଶୀର୍ବାଦ କରନ୍ତି।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ



### ଗାଁକୁ ରାସ୍ତା ନାହିଁ
### ନାଳ ଭିତରେ ନିର୍ମାଣ ହେଲା ଅସ୍ଥାୟୀ ରାସ୍ତା

ପୁରୁଣାକଟକ,୨୦।୫( ଡି.ଏନ.ଏ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ସଦର ମହକୁମା ଠାରୁ ମାତ୍ର ୫ କିମି ଦୂରତାରେ ଅଛି ଯାଜପୁର ଗ୍ରାମ । ଜାତୀୟ ରାଜପଥରୁ ଉକ୍ତ ଗ୍ରାମକୁ ଯିବାକୁ ହେଲେ ବାଟରେ ପଡିଥାଏ ଲକ୍ଷ୍ମୀନାଳ । ନାଳ ଯୋଗୁ ଗ୍ରାମବାସୀ ଯିବା ଆସିବାରେ ବହୁ ସମସ୍ୟା ଭୋଗୁଛନ୍ତି। ଏହି ଗ୍ରାମରେ ୧୪୦ଟି ପରିବାର ବସବାସ କରିଆସୁଛନ୍ତି । କିନ୍ତୁ ଗ୍ରାମକୁ ଭଲ ରାସ୍ତା ନାହିଁ । ବର୍ଷା ଦିନେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ଦିନ ହେଲା ସେମାନେ ଉକ୍ତ ନାଳ ଉପରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବା ପାଇଁ ଦାବି କରିଆସୁଛନ୍ତି । କିନ୍ତୁ ପ୍ରଶାସନ କିଛି ପଦକ୍ଷେପ ନ ନେବାରୁ ସେମାନେ ଶ୍ରମଦାନ କରି ନାଳ ଭିତରେ ଅସ୍ଥାୟୀ ରାସ୍ତା ନିର୍ମାଣ କରୁଥିବା ଦେଖାଯାଇଛି । ତୁରନ୍ତ ଉକ୍ତ ନାଳ ଉପରେ ଏକ ପୋଲ ନିର୍ମାଣ କରିବାକୁ ଦାବି ହେଉଛି ।

### ଭୋଟ ଗଣତି ପୂର୍ବରୁ ଏକଜିଟ୍ ପୋଲ୍
# ବାସ୍ତବତା ନାହିଁ, ଆସ୍ଥା ହରାଉଛି

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୨୦।୫

ସାତ ପର୍ଯ୍ୟାୟ ବିଶିଷ୍ଟ ସାଧାରଣ ନିର୍ବାଚନ ପାଇଁ ମତଦାନ ସରିଯାଇଛି । ଗୁରୁବାର ଭୋଟ୍ ଗଣତି ହେବା ପରେ ଫଳାଫଳ ସ୍ପଷ୍ଟ ହୋଇଯିବ। ମାତ୍ର ଏହାପୂର୍ବରୁ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ନିର୍ବାଚନକୁ ନେଇ ଏକ୍‌ଜିଟ୍ ପୋଲ୍ (ବୁଥ୍ ଫେରନ୍ତା ଜନମତ ସର୍ଭେ) ରିପୋର୍ଟ ପ୍ରକାଶ ପାଇଛି । ଏହି ରିପୋର୍ଟରେ କେନ୍ଦ୍ରରେ ପୁଣିଥରେ ଏନଡିଏ ଏବଂ ରାଜ୍ୟରେ ବିଜେଡ଼ି ସରକାର କ୍ଷମତାକୁ ଆସିବ ବୋଲି ଉଲ୍ଲେଖ ରହିଛି। ସେହିପରି ଶାସନ କ୍ଷମତା ନ ପାଇଲେ ମଧ୍ୟ ୨୦୧୪ ନିର୍ବାଚନ ତୁଳନାରେ ରାଜ୍ୟରେ ଭାଜପା ଏବଂ କେନ୍ଦ୍ରରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ସମ୍ପୃକ୍ତ ଗଣମାଧ୍ୟମର ଏକଜିଟ୍ ପୋଲ୍ କହୁଛି । ତେବେ ଭୋଟ୍ ଗଣତି ଏବଂ ଫଳାଫଳ ଘୋଷଣାକୁ ଆଉ ମାତ୍ର ଦୁଇଦିନ ରହିଥିବାବେଳେ ଏବେ ଏହି ଏକ୍‌ଜିଟ୍ ପୋଲ୍‌କୁ ନେଇ ଚା' ଖଟିରୁ ବସଷ୍ଟାଣ୍ଡ, ଗାଁଠୁ ସହର ସବୁଆଡ଼େ ଚର୍ଚ୍ଚା। ଏ ନେଇ ଆମେ କେତେକ ସଚେତନ ନାଗରିକଙ୍କୁ ଭେଟିଥିଲୁ। ଏକ୍‌ଜିଟ୍ ପୋଲ ଫଳାଫଳକୁ ସେମାନେ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରି ନ ଥିଲେ। ମାତ୍ର ଦିନକୁ ଦିନ ଏକଜିଟ୍ ପୋଲ ଲୋକଙ୍କ ବିଶ୍ୱସନୀୟତା ହରାଇ ବସୁଥିବା ସେମାନେ କହିଥିଲେ ।

### ଏମାନେ କୁହନ୍ତି...



"କେତେକ ଗଣମାଧ୍ୟମ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପୃଷ୍ଠପୋଷକତାରେ ରହିଛି । ଫଳରେ ଗଣମାଧ୍ୟମର ନିରପେକ୍ଷତା ଉପରେ ଯେଉଁଭଳି ପ୍ରଶ୍ନବାଚୀ ସୃଷ୍ଟି ହେଉଛି, ଅନୁରୂପ ଭାବେ ସମ୍ପୃକ୍ତ ଗଣମାଧ୍ୟମର ଏକ୍‌ଜିଟ୍ ପୋଲ୍ ମଧ୍ୟ ଲୋକଙ୍କୁ ଦ୍ୱନ୍ଦ୍ୱରେ ପକାଉଛି। ଫଳରେ ଆଗରୁ ଏକଜିଟ୍ ପୋଲ ପ୍ରତି ଲୋକଙ୍କ ଯେଉଁଭଳି ଭରସା ଥିଲା, ତାହା ଏବେ ଆଉ ଦେଖାଯାଉ ନାହିଁ ।

-କିରଣ କୁମାର ମିଶ୍ର



"ଆଗରୁ ଯେଉଁଭଳି ପରିସଂଖ୍ୟାନ ଭିତ୍ତିକ ଏକଜିଟ୍ ପୋଲ୍ ହେଉଥିଲା, ଏବେ ତାହା ହେଉନାହିଁ । କିଛି ଗଣମାଧ୍ୟମ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ହୋଇ କେବଳ ସମ୍ପୃକ୍ତ ଦଳ ପ୍ରତି ଅଧିକ ଜନମତ ନିଜ ସର୍ଭେ ରିପୋର୍ଟ ଦର୍ଶାଉଛନ୍ତି । ଆଗଭଳି ଏକଜିଟ୍ ପୋଲରେ ବାସ୍ତବତା ନାହିଁ । ଫଳରେ ସେଥିପ୍ରତି ଲୋକେ ଆସ୍ଥା ହରାଇ ବସିଛନ୍ତି ଏବଂ ଭିନ୍ନ ଭିନ୍ନ ଗଣମାଧ୍ୟମର ଏକଜିଟ୍ ପୋଲରେ ମଧ୍ୟ ତାଳମେଳ ରହୁ ନାହିଁ ।

-ରାଜେନ୍ଦ୍ର ସିକନ୍ଦର



"ଏକ୍‌ଜିଟ୍ ପୋଲ ସବୁବେଳେ ଏକ୍‌ଜାଟ୍(ସଠିକ୍) ନୁହେଁ । ଅତୀତରେ ଏହା ପ୍ରମାଣିତ ହୋଇ ସାରିଛି । ବିଗତ ଦିନରେ ବିହାର ନିର୍ବାଚନ ହେଉ କିମ୍ବା ନିକଟ ଅତୀତରେ ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ବିଧାନସଭା ନିର୍ବାଚନରୁ ଏହା ସ୍ପଷ୍ଟ ହୋଇଯାଇଛି। ମାତ୍ର ମୋଟାମୋଟି ଭାବେ ଏହାକୁ ଅସ୍ୱୀକାର କରାଯାଇ ନ ପାରେ । ଗଣମାଧ୍ୟମ ଗୁଡ଼ିକର ନିରପେକ୍ଷତା ଉପରେ ତାହା ନିର୍ଭର କରୁଛି ।

-ଉମେଶ ଚନ୍ଦ୍ର ବିଶ୍ୱାଳ



"କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ମତାମତକୁ ନେଇ ଏକଜିଟ୍ ପୋଲ କରାଯାଉଛି । ଆଉ ଏକଜିଟ୍ ପୋଲ ନେଇ ପୂର୍ବାପେକ୍ଷା ଲୋକେ ମଧ୍ୟ ଅଧିକ ସଚେତନ ହୋଇ ଗଲେଣି । ଫଳରେ କାହା ସପକ୍ଷରେ ଭୋଟ୍ ଦେଲେ, ଲୋକେ ସେ ନେଇ ମିଡ଼ିଆ ସମ୍ମୁଖରେ ମଧ୍ୟ ନିଜର ସଠିକ୍ ମତ ରଖୁ ନାହାନ୍ତି । ଅନ୍ୟପଟେ କିଛି ମିଡ଼ିଆ ମଧ୍ୟ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ହେଉଥିବା ଅନୁମାନ କରାଯାଉଛି ଏବଂ ପୂର୍ବଭଳି ଏକଜିଟ୍ ପୋଲ ପ୍ରତି ଆଉ ବିଶ୍ୱାସ ରହୁ ନାହିଁ ।

-ସରୋଜ ତ୍ରିପାଠୀ

### ବିପଦସଙ୍କୁଳ ଯାତ୍ରୀ ବିଶ୍ରାମାଗାର

ଜହ୍ନାପଙ୍କ, ୨୦।୫ (ଡି.ଏନ.ଏ)

ବୌଦ୍ଧ-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ଖୁଣ୍ଟବନ୍ଧ ଛକ ନିକଟରେ ଥିବା ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ ଅବସ୍ଥାରେ ରହିଛି । କାନ୍ଥ ଫାଟି ଆଁ କରିଥିଲେ ମଧ ଏହାର ମରାମତି କରାଯାଉନି । ଏଠାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସେବା ସମବାୟ ସମିତି ଓ ଆରଆଇ ଅଫିସ୍ ରହିଛି । ଏଠାରୁ ବୌଦ୍ଧ, ସୋନପୁର, ବଲାଙ୍ଗୀରକୁ ଯିବା ପାଇଁ ଶତାଧିକ ଯାତ୍ରୀ, ସ୍କୁଲ ଛାତ୍ରୀଛାତ୍ର ବସ୍‌କୁ ଅପେକ୍ଷା କରିଥାନ୍ତି । କିନ୍ତୁ ଯାତ୍ରୀ ବିଶ୍ରାମାଗାର ବିପଦସଙ୍କୁଳ ଓ ପରିତ୍ୟକ୍ତ ଅବସ୍ଥାରେ ଥିବା ଯୋଗୁ ଲୋକେ ଗଛମୂଳରେ ବସି ସ୍କୁଲବସ୍‌କୁ ଅପେକ୍ଷା କରିଥାନ୍ତି । ବର୍ଷା ଦିନେ ସାମାନ୍ୟ ବର୍ଷା ହେଲେ ଯାତ୍ରୀମାନେ ଦୋକାନ ବାରଣ୍ଡାରେ ଛିଡା ହୁଅନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଯାତ୍ରୀ ବିଶ୍ରାମାଗାର ମରାମତି କରିବାକୁ ଦାବି ହେଉଛି।

### ପେଟର ଲାଗି ନାଟ
# ୪୪ ଡିଗ୍ରୀ ଖରାରେ ସିଝୁଛେ ମୁନୁଷ୍

ଅତାବିରା, ୨୦।୫ (ଡି.ଏନ୍.ଏ):

ଦିନୁଦନ୍‌କେ ଖରା ତାତି ବଢ଼ତେଲ ଯାଉଛେ। ଲୋକ୍ ଖରା ଝାଉର ଲାଗି ଅଥାଥାଲି ହେଇଯାଉଛନ୍। ସଭେ ଛାଇତଲ ଖୁଜୁଛନ୍। ସକାଳର ୯ ବାଜଲେ ଲୋକ୍ ଘରୁ ଭଟାକେ ନାଇଁ ବାହାରବାର। ରାଏଜ ସରକାର ବି ଦିନର ୧୧ ବାଜଲେ ଗାଡ଼ିମଟର ସଂଗେ ଶ୍ରମିକମାନକର କାମକରାକେ ବାରନ୍ କରିଛନ୍। ହେଲେ ଏନ୍‌ତାଥି ବି ଆମର ସମାଜରେ ଅନେକ ଲୋକ୍ ଅଛନ୍ ଯେନ୍‌ମାନେ ପେଟକେ ଦାନା, ଦିହିକେ କପଡ଼ା, ପିଲାଛୁଆକର ପାଠ୍‌ପଢ଼ା ଚିନ୍‌ତାରେ ୪୪ ଡିଗ୍ରୀ ମୁଡ଼ଫଟା ଖରାରେ ନିଆଁସାଲେ ଖଟୁଛନ୍।

ସୂଚନା ଅନ୍‌ସାରେ ବରଗଡ଼ ଜିଲା ଅତାବିରା ବ୍ଲକ ଟାମ୍ପରସରା ପଁଚେତ ଛନ୍ଦପାଲିର ଗୁଟେ ଲୁହୁରା ପରିବାର ବହୁତ୍ ବଛର ହେଲା ପୋଡ଼ବାଡ଼ି ଛକରେ ଲୁହୁରାସାଲ କରି ନିଜର କୁଟୁମ ପୁଷୁଥିବାର ଦେଖିବାକେ ମିଲୁଛେ। ସ୍ୱର୍ଗତ ରସିଆ ଗୁରୁ ଆର ଭଗବତୀ ଗୁରୁଙ୍କର ୪ ପୁଓ ଅଶୋକ, ରାଘବ, ବଲ୍ଲଭ, ବିଜୟ ଆର ଗୁଟେ ଝି' ସୁମିତ୍ରା । ସଭେ ବିହାତୁରା ହେଇ ସାଏଲେନ। ରସିଆ ଗୁରୁ ଆର ବଡ଼ପୁଓ ଅଶୋକ ଆରପାରକେ ଚାଲିଯାଇଛନ୍। ଭଗବତୀ ନିଜର ବାକି ୩ ପୁଓ, ଝି'ଜୁଏଁ ଆର ନାତି ନାତେନକର ସଂଗେ ଦିନ୍ ବିତଉଛନ୍। ଏହେଦେ ବାକି ୩ ପୁଓ ଆର ଜୁଏଁ ମିଶିଗୁଲି ଲୁହୁରାସାଲେ କାମ୍ କରୁଛନ୍ ଆର ନିଜର କୁଲବୁରତିକେ ବଁଚେଇ ରଖିଛନ୍। ହେଲେ ଆଘର ଲେଖେଁ ଭଲ ବେପାର ନାଇଁ ହେବାର। ଆଧୁନିକ ଯୁଗରେ ଆଧୁନିକ ଯନ୍ତ୍ରପାତି ଲାଗି ଲୁହୁରା ସମାଜ ନିଜର ଜୀବ୍‌କା ହରେଇ ବସଲେନ। ଆଗରୁ ଚାଷ୍‌ବାସ ସମିଆରେ ଲୁହୁରାସାଲୁ ଲାଖେରୁ ଦେଢ଼ଲାଖ୍ ଟଁକା ରୁଜଗାର ହେଉଥିଲା। ହେଲେ ଆଏଜ୍‌କାଲି ଆର ସେ କମାନି ନାଇଁ ହେବାର। ଆଗରୁ ଲୁହୁରାମାନେ ଦା, ଟଂଗିଆ, କୁଡ଼ି, ପନଖି, ଚଟୁ, ଶାବଲ ଲେଖେଁ ଲୁହା ସାମାନ ତିଆରି ହାଟ ହାଟ ବିକି ନେଉଥିଲେ। ସେଥିରୁ ସେମାନେ ବନେ ଦୁଇପଏସା ରୁଜଗାର ବି କରୁଥିଲେ। ହେଲେ ଆଏଜ୍ ଯୁଗ ବଦଲିବାର ସଂଗେ ଇ ସବୁ ବେପାର ବି ବୁଡ଼ିଗଲାନ। ରୁଜଗାର ବାବ୍‌ଦେ ବଲ୍ଲଭ ଗୁରୁଙ୍କୁ ପଚରାଲାରୁ ଚଲତି ଚାଷବାସ ସମିଆରେ ୪୦ରୁ ୫୦ ହଜାର ଟଁକା ଭିତରେ ରୁଜଗାର ହେବାର ଆଶ୍ କରୁଛୁଁ ବଲି ସେ କହିଥିଲେ। ଆଗରୁ ୧ ମିନିଟରେ ୧ ଟଁକା କମାନି ହେଉଥିଲା। ହେଲେ ଆଏଜକାଲି ଆଘର ଲେଖେଁ ବେପାର ନାଇଁ ଜମବାର। ଇ ମୁଡ଼ଫଟା ଖରା ଝାଉରେ ଲୋକ୍ ଘରେ ଅଚିନ୍‌ତା ଶୁଇଥିଲା ବେଲେ ଆଏଜ୍‌ବି ତିନ୍ ଭାଇ, ଜୁଏଁ ମିଶି ପେଟପାଟନାର ଉଧେ ୪୪ ଡିଗ୍ରୀ ଖରାରେ ଲୁହୁରାସାଲେ ନିଆଁରେ ତପୁଛନ୍।



ଲୁହୁରାସାଲେ କାମ୍‌ରେ ବାଇ ଅଛନ୍ ସ୍ୱର୍ଗତ ରସିଆ ଗୁରୁଙ୍କର ପୁଓମାନେ।

### ସାଇକେଲ-ବାଇକ୍ ଧକ୍କା, ଜଣେ ଗୁରୁତର

ଜହ୍ନାପଙ୍କ, ୨୦।୫ (ଡି.ଏନ.ଏ)

ବୌଦ୍ଧ ବଘିଆପଡା ରାସ୍ତାର ବଢିଗାଁ ଛକ ନିକଟରେ ସୋମବାର ପୂର୍ବାହ୍ନ ୧୦ଟା ୨୦ ମିନିଟରେ ଏକ ସାଇକେଲ ଓ ବାଇକ ଧକ୍କା ହେବାରୁ ସାଇକେଲ ଚାଳକ ସଦାନନ୍ଦ ଦେହୁରୀ ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଉଦ୍ଧାର କରି ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସଦାନନ୍ଦ ସାଇକେଲ ଯୋଗେ ବୌଦ୍ଧରୁ ଘରକୁ ଫେରୁଥିବା ବେଳେ ଏକ ବାଇକ୍ (ନଂ.ଓଆର୍୧୨/୨୫୧୫) ସହ ଧକ୍କା ହୋଇଥିଲା ।

### ସୋଲାର ଜଳ ପ୍ରକଳ୍ପ ମରାମତି ଦାବି

ଜହ୍ନାପଙ୍କ, ୨୦।୫ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଜହ୍ନାପଙ୍କ ଅଞ୍ଚଳରେ ଦିନକୁ ଦିନ ତାତି ବଢିବା ସହ ଭୂତଳ ଜଳସ୍ତର ହ୍ରାସ ଯୋଗୁ ବନ୍ଧ, ଗାଡିଆ ଆଦି ଶୁଖିଲା ପଡିଛି । ନଳକୂପ ଗୁଡିକ ଅଚଳ ହୋଇ ପଡିଥିବାରୁ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଖୁଣ୍ଟବନ୍ଧ ପଞ୍ଚାୟତର ବାଲିଦୋହଲି ଗାଁରେ ସ୍ଥାପିତ ସୋଲାର ପାନୀୟ ଜଳ ପ୍ରକଳ୍ପ ୨ମାସରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡିଥିବାରୁ ଗ୍ରାମବାସୀ ଜଳକଷ୍ଟ ଭୋଗୁଛନ୍ତି । ଉକ୍ତ ପ୍ରକଳ୍ପ ମରାମତି କରି ଗ୍ରାମବାସୀଙ୍କୁ ଜଳ ଯୋଗାଇ ଦେବାକୁ ଦାବି ହେଉଛି ।

# ବାତ୍ୟା ପ୍ରଭାବିତ ଅଞ୍ଚଳକୁ ରିଲିଫ ସାମଗ୍ରୀ ପଠାଗଲା



ସୋହେଲାରୁ ବାତ୍ୟା ପ୍ରଭାବିତ ପୁରୀ ଅଞ୍ଚଳକୁ ରିଲିଫ ସାମଗ୍ରୀ ପଠାଯାଉଛି ।

ସୋହେଲା,୨୦।୫(ଡି.ଏନ.ଏ)

ସୋହେଲାରୁ ଫନି ପ୍ରଭାବିତ ଅଞ୍ଚଳକୁ ସୋମବାର ରିଲିଫ ସାମଗ୍ରୀ ପଠାଯାଇଛି। ସ୍ଥାନୀୟ କିରାନା ବ୍ୟବସାୟୀ ସଂଘ ତରଫରୁ ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପଠାଯାଇଛି। ଏଥିରେ ୫ଶହ କାର୍ଟୁନ ମିନେରାଲ ୱାଟର, ଚୂଡା, ଗୁଡ ଓ ବିସ୍କୁଟ ରହିଛି । ଏହି ରିଲିଫ ସାମଗ୍ରୀ ପୁରୀ ଜିଲାପାଳ ଅଫିସକୁ ଯିବ ବୋଲି ମନ୍ତ୍ରୀ ସିଂହ ସୂଚନା ଦେଇଛନ୍ତି । ଏହି ସମୟରେ କିରାନା ବ୍ୟବସାୟୀ ସଂଘ ସଭାପତି ରାମ ଗୁପ୍ତା, ସମ୍ପାଦକ ଚନ୍ଦ୍ର କୁମାର ଅଗ୍ରୱାଲ, ସୁନୀଲ ଅଗ୍ରୱାଲ, ପ୍ରବୀଣ କୁମାର ଅଗ୍ରୱାଲ, ସୁନୀଲ କୁମାର ଅଗ୍ରୱାଲ ଓ ଅଶୋକ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ ।

# ଲିଜ୍‌ରେ ଟ୍ରାକ୍ଟର ଦେଇ ଚାଷୀ ଠକେଇର ଶିକାର

ଅତାବିରା, ୨୦।୫ (ଡି.ଏନ.ଏ)

ଲୋନ କରି ଟ୍ରାକ୍ଟର ଆଣିବା ପରେ ଉକ୍ତ ଟ୍ରାକ୍ଟରକୁ ଲିଜ୍‌ରେ ଦେଇ ଜଣେ ଚାଷୀ ଠକେଇର ଶିକାର ହୋଇଛନ୍ତି । ଏ ନେଇ ଚାଷୀ ଜଣକ ଥାନାରେ ଏତଲା ଦେବା ପରେ ପୋଲିସ ଖୋଳତାଡ ଆରମ୍ଭ କରିଛି । ଏଭଳି ଏକ ଘଟଣା ଘଟିଛି ଅତାବିରା ଥାନା ଅଞ୍ଚଳରେ ।

ଅଭିଯୋଗ ଅନୁସାରେ, ଅତାବିରା ଥାନା ଅନ୍ତର୍ଗତ କୁଲୁଣ୍ଡା ଛକରେ ଭେଡେନ ଥାନା ଅଞ୍ଚଳର ଜଣେ ଚାଷୀ ଆନନ୍ଦ ସେଟ ବାସ କରୁଛନ୍ତି । ବାଞ୍ଜିପାଲି ଗ୍ରାମର ଜଣେ ବ୍ୟକ୍ତି ଆନନ୍ଦଙ୍କୁ କୃଷି ଋଣ କରାଇଦେବା ନାଁରେ ଆବଶ୍ୟକ କାଗଜପତ୍ର ସହ ଡାଉଣ୍ଟ ପେମେଣ୍ଟ ପାଇଁ ୬୦ ହଜାର ଟଙ୍କା ନେଇଥିଲେ । ପରେ ଉକ୍ତ ବ୍ୟକ୍ତି ଜଣକ କୃଷିଋଣ ହୋଇପାରିବନାହିଁ ଏବଂ ଏହା ବଦଳରେ ଟ୍ରାକ୍ଟର ଋଣ କରାଇ ଦେବାକୁ କହି ପୁଣି ଆନନ୍ଦଙ୍କଠାରୁ ୮୦ ହଜାର ଟଙ୍କା ନେଇଥିଲେ । ଏହାପରେ ବରଗଡ଼ ସ୍ଥିତ ମହିନ୍ଦ୍ରା କମ୍ପାନୀରୁ ଏକ ଟ୍ରାକ୍ଟର ଆସିବା ପରେ ପୁଣି ଉକ୍ତ ବ୍ୟକ୍ତି ଜଣକ ଆନନ୍ଦଙ୍କ ପାଖକୁ ଆସି ଟ୍ରାକ୍ଟର ଲିଜ୍‌ରେ ଦେଲେ ମୋଟା ଅଙ୍କରେ ମାସିକ ଟଙ୍କା ମିଳିବ କହି ଟ୍ରାକ୍ଟର ନେଇଯାଇଥିଲେ । ପରେ ମାସିକ ଟଙ୍କା ଓ ଉକ୍ତ ବ୍ୟକ୍ତିଙ୍କ ଦେଖାଦର୍ଶନ ନ ମିଳିବାରୁ ଆନନ୍ଦ ସନ୍ଦେହ କରି ଥାନାରେ ଲିଖିତ ଏତଲା ଦେଇଛନ୍ତି । ଏ ନେଇ ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇଙ୍କୁ ପଚରାଯିବାରୁ ଘଟଣାର ତଦନ୍ତ ଚାଲିଥିବା କହିଥିଲେ ।

# ବିପନ୍ନ ହେଉଛି କମାରଙ୍କ କୌଳିକ ବୃତ୍ତି

ବରପାଲି, ୨୦।୫(ଡି.ଏନ.ଏ)

ସମୟର ପରିବର୍ତ୍ତନ ସହ ପାରମ୍ପରିକ କୌଳିକ ବୃତ୍ତି ଲୋପ ପାଇବାକୁ ବସିଲାଣି। ଚାଷ ସରଞ୍ଜାମ ତିଆରି କରାଯାଉଥିବା କମାରଶାଳ ନିଜର ସତ୍ତା ହରାଇ ବସିଛି। ଦିନ ଥିଲା ଚାଷୀଙ୍କ ବ୍ୟବହୃତ ଲୁହା ସାମଗ୍ରୀ କୋଡି, କୋଦାଳ, କଷନା ଓ ଧାନକଟା ଦା' ଆଦି ଶାଳରେ ତିଆରି ହେଉଥିଲା । ଆଉ କମାର ସମ୍ପ୍ରଦାୟର ଲୋକେ ଏହାକୁ ନିଜର କୌଳିକ ବୃତ୍ତି କରି ପରିବାର ପ୍ରତିପୋଷଣ କରିଥିଲେ । ମାତ୍ର ବର୍ତ୍ତମାନର ବ୍ୟସ୍ତବହୁଳ ଦୁନିଆରେ ସେସବୁ ଲୋପ ପାଇବାକୁ ବସିଲାଣି । ଅତ୍ୟାଧୁନିକ ଯୁଗରେ ମେସିନ ଦ୍ୱାରା ସବୁ କାମ ହେଉଥିବାରୁ ଲୋକେ ସହଜରେ ଆଦରି ନେଇଛନ୍ତି । ଏଭଳି ଏକ ପରିସ୍ଥିତିରେ କୌଳିକ ବୃତ୍ତିକୁ କେଉଁ ଆବହମାନ କାଳରୁ ବଞ୍ଚାଇ ରଖିଥିବା ବଡଗାଁର କେତେକ ଲୁହୁରା ତଥା ଲୁହା କାରିଗର ଆଜି ରାସ୍ତା କଡରେ ଜୀବିକା ନିର୍ବାହ କରୁଛନ୍ତି । ବରଗଡ ଜିଲା ବରପାଲି ଅନ୍ତର୍ଗତ ବଡଗାଁରେ ଲୁହୁରା ଜାତିର ୫ରୁ ୭ ପରିବାର ତାଙ୍କ ବାପ ଅଜା ଅମଳରୁ ବାସ କରି ଆସୁଛନ୍ତି । ସେମାନେ ନିଜର ଜିବିକା ପାଇଁ ଲୁହା କାମ କରିଥାନ୍ତି । ଚାଷୀମାନେ ବିଭିନ୍ନ ସମୟରେ ଏଠାକୁ ଆସି ଚାଷ ଠାରୁ ଆରମ୍ଭ କରି ଘରକରଣା ସାମଗ୍ରୀ ଧାନକଟା ଦା' ଓ ପନିକି ତିଆରି କରିଥାନ୍ତି । ଲୁହାକୁ କୋଇଲା ଆଞ୍ଚରେ ତତାଇ ସେଗୁଡିକୁ ନରମ କରିବା ପରେ କାରିଗରମାନେ ବିଭିନ୍ନ ସାମଗ୍ରୀ ତିଆରି କରନ୍ତି । ଏଥିରେ ପରିଶ୍ରମ ତୁଳନାରେ ପାରିଶ୍ରମିକ କମ୍ ମିଳିଥାଏ ବୋଲି କାରିଗର ଅଶ୍ୱିନୀ ଗୁରୁ କୁହନ୍ତି ।



ବରପାଲି କେନାଲ ରୋଡରେ ଜଣେ କାରିଗର ଲୁହା ସାମଗ୍ରୀ ତିଆରିରେ ବ୍ୟସ୍ତ।

ଆଗଭଳି ଆଉ ବେପାର ନାହିଁ । ଏଣୁ ଏହି ବେଉସାକୁ ଭରସା କରି ଚଳିବା କଷ୍ଟକର । ଏହାକୁ ବଞ୍ଚାଇ ରଖିବାକୁ ସରକାରୀ ପ୍ରୋତ୍ସାହନ ଜରୁରୀ ବୋଲି ଚନ୍ଦ୍ରମଣି ଗୁରୁ ଓ ଇନ୍ଦ୍ରମଣି ଗୁରୁ ମତ ଦେଇଛନ୍ତି ।

### ଦୂଷିତ ହେଉଛି ଦୋଷୀ କଟା ଜଳ
# ନାଲିଫିଁତା ତଳେ ପୁନରୁଦ୍ଧାର କାମ
### ଦୂଷିତ ଜଳରେ ସ୍ନାନ ଯୋଗୁ ହେଉଛି ଚର୍ମରୋଗ

ବିଜେପୁର, ୨୦।୫(ଡି.ଏନ.ଏ)

ବରଗଡ ଜିଲା ବିଜେପୁର ବ୍ଲକ ଲାଉମୁଣ୍ଡାରେ ଥିବା ଏକମାତ୍ର ଜଳାଶୟ ଦୋଷୀ କଟାର ପୁନରୁଦ୍ଧାର କରାଯାଉ ନ ଥିବାରୁ ଏହା ଉପରେ ନିର୍ଭରଶୀଳ ଗ୍ରାମବାସୀ ନାନା ଅସୁବିଧା ଭୋଗୁଛନ୍ତି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ ।

୧୨ ଏକର ପରିମିତ ଏହି କଟାର ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ଦଳ, ପଙ୍କରେ ଭର୍ତ୍ତି ହୋଇଛି । ତେଣୁ ଦିନକୁ ଦିନ ଏହାର ଜଳଧାରଣ କ୍ଷମତା ମଧ ହ୍ରାସ ପାଉଛି। ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଏବେ ଉକ୍ତ କଟାରେ ମାତ୍ର ତିରିଶ ପ୍ରତିଶତ ଜଳ ରହିଛି । ଦୀର୍ଘବର୍ଷ ଧରି ଏହାର ପୁନରୁଦ୍ଧାର କାର୍ଯ୍ୟ ହୋଇ ନ ଥିବାରୁ ଜଳ, ପଙ୍କରେ କଟାର ଜଳ ପ୍ରଦୂଷିତ ହୋଇଗଲାଣି । ଅନ୍ୟ ଉପାୟ ନ ଥିବାରୁ ଅଧିକାଂଶ ଲୋକ ଉକ୍ତ ପୋଖରୀରେ ସ୍ନାନ ଶୌଚ କରିବାକୁ ବାଧ୍ୟ ହେଉଛନ୍ତି। ପ୍ରଦୂଷିତ ଜଳରେ ସ୍ନାନ କରୁଥିବାରୁ ଲୋକମାନେ ବିଭିନ୍ନ ପ୍ରକାର ଚର୍ମରୋଗର ଶିକାର ହେଉଛନ୍ତି। ବିଗତ ବିଜେପୁର ଉପନିର୍ବାଚନ ପୂର୍ବରୁ ଲାଉମୁଣ୍ଡା ବିକାଶ ପରିଷଦ ପକ୍ଷରୁ କଟାର ପୁନରୁଦ୍ଧାର ସମେତ ୭ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ନିର୍ବାଚନ ପୂର୍ବରୁ ଏଠି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସ୍ଥାପିତ ହୋଇଥିଲା । ତେଣୁ ଗୋଟେ ଦାବି ପୂରଣ ହୋଇଥିବାରୁ ଅନ୍ୟ ପ୍ରସ୍ତାବ ଗୁଡିକ ମଧ ଫଳପ୍ରସୂ ହେବ ବୋଲି ଆଶା କରାଯାଉଥିଲା । ଉପନିର୍ବାଚନ ଯାଇ ସାଧାରଣ ନିର୍ବାଚନ ଶେଷ ହୋଇଥିଲେ ସୁଦ୍ଧା ଉକ୍ତ କଟାର ପୁନରୁଦ୍ଧାର ନିମିତ୍ତ ଟଙ୍କାଟିଏ ମଧ ଅନୁଦାନ ଘୋଷଣା ହେଲାନାହିଁ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଉମୁଣ୍ଡାରେ ବିକାଶ କିପରି ବାଟବଣା ହୋଇଛି ତାହା ସ୍ପଷ୍ଟ ଜଣାପଡୁଛି ବୋଲି ଗ୍ରାମର ଯୁବ ନାଗରିକ ହୃଷିକେଶ ମେହେର କହିଛନ୍ତି। ଏ ନେଇ ସରପଞ୍ଚ ସୁବର୍ଣ୍ଣ ମେହେରଙ୍କୁ ପଚରାଯିବାରୁ ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗକୁ ଉକ୍ତ କଟାଟିକୁ ହସ୍ତାନ୍ତର କରିବାକୁ ପ୍ରସ୍ତାବ ଦେଇଛୁ । ହେଲେ ଅଦ୍ୟାବଧି ଏହି କାର୍ଯ୍ୟ ଚୂଡାନ୍ତ ହୋଇ ପାରିନାହିଁ । ତେଣୁ ଏହାର ପୁନରୁଦ୍ଧାର ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ନିର୍ବାଚନ ଆଚରଣ ବିଧି ଉଠିଲା ପରେ କାର୍ଯ୍ୟାରମ୍ଭ କରାଯିବ ବୋଲି ସରପଞ୍ଚ ମେହେର କହିଛନ୍ତି ।



ଦଳ, ପଙ୍କରେ ପୂର୍ଣ୍ଣ ଲାଉମୁଣ୍ଡା ଦୋଷୀ କଟା ।



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍

## ସଂକ୍ଷେପରେ

### ଘଣ୍ଟେଶ୍ୱରୀ ପୀଠ ନିକଟରେ ଦୁର୍ଘଟଣା, ଯୁବକ ମୃତ

**ବିନିକା, ୨୦।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ସିଂଘିଯୁବା-ବିନିକା ରାଜ୍ୟ ରାଜପଥର ଘଣ୍ଟେଶ୍ୱରୀ ପୀଠ ନିକଟବର୍ତ୍ତୀ କୋବିବୁରେଇଠାରେ ସୋମବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିନିକା ମହାଦେବପାଲିର ଗରିଆପାଲିର ଅନୀଲ କଠାର(୨୫)। ବାଇକ ପଛରେ ବସିଥିବା କର୍ଡଙ୍ଗ ଗ୍ରାମର ଲକ୍ଷ୍ମଣ ସାହୁ(୩୫) ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ବିଶାଳପାଲିସ୍ଥିତ ଏକ ରାଇସ୍ ମିଲ୍ରୁ ଫେରୁଥିବା ଟ୍ରାକ୍ଟର ନମ୍ବର ଓଆର୍୧୭ଟି୬୦୩୦ର ଆଗ ଟାୟର ହଠାତ୍ ପଙ୍କଚର ହୋଇଯାଇ ଭାରସାମ୍ୟ ହରାଇଥିଲା। ଏହି ସମୟରେ ବିନିକା ପଟରୁ ଆସୁଥିବା ଏକ ବାଇକ୍କୁ ଟ୍ରାକ୍ଟର ଧକ୍କା ଦେଇଥିଲା। ବାଇକ୍ ଚାଳକ ଅନୀଲ ଓ ଗାଡିରେ ବସିଥିବା ଲକ୍ଷ୍ମଣ ରାସ୍ତାରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଉଦ୍ଧାର କରି ବିନିକା ମେଡିକାଲକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ଅନୀଲକୁ ମୃତ ଘୋଷଣା କରିଥିଲେ।

### ଯାନବାହାନ ଧରପଗଡ: ୧୦୨ ମାମଲା, ୬୭୦୦ ଟଙ୍କା ଜରିମାନା

**ବୀରମହାରାଜପୁର, ୨୦।୫(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଏସଡିଜେଏମ କବିତା ଦାଶଙ୍କ ଦ୍ୱାରା ପରିଚାଳିତ ଭ୍ରାମ୍ୟମାଣ ଅଦାଲତ ମାଧମରେ ଯାନବାହାନ ଧନପଗଡ କରାଯାଇ ୧୦୨ଟି ମାମଲା ରୁଜୁ ହୋଇଛି। ଏଥିରେ ମୋଟରଯାନ ଆଇନ ଉଲ୍ଲଂଘନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରାଯିବା ସହ ସେମାନଙ୍କଠାରୁ ସମୁଦାୟ ୬ହଜାର ୭୦୦ ଟଙ୍କା ଜରିମାନା ଅସୁଲି କରାଯାଇଥିଲା। ବୀରମହାରାଜପୁର ପୋଲିସ ସହାୟତାରେ ଉକ୍ତ ମୋବାଇଲ କୋର୍ଟ ଅନୁଷ୍ଠିତ ହୋଇଥିଲା। ଗତ ସପ୍ତାହରେ ଉପଖଣ୍ଡର ଉଲୁଣ୍ଡା ଥାନା ଅନ୍ତର୍ଗତ ସୋନପୁର-ସମ୍ବଲପୁର ରାସ୍ତାରେ ଏଭଳି ଭ୍ରାମ୍ୟମାଣ ଅଦାଲତ କରାଯାଇଥିବା ବେଳେ ଏଥର ସେହି ରାସ୍ତାର ରକସା-ବାଘଲପୁର ଛକଠାରେ ଧରପଗଡ କରାଯାଇଥିଲା।

### ସାପ କାମୁଡାରେ ଶିଶୁ ମୃତ

**ବିନିକା, ୨୦।୫(ଡି.ଏନ୍.ଏ.):** ବିନିକା ବ୍ଲକ ଶଙ୍କରା ଗ୍ରାମର ଜଣେ ଶିଶୁ ରବିବାର ରାତିରେ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଁର ଶ୍ରୀକର ଜଗଦଲାଙ୍କ ପୁଅ ଆଦିତ୍ୟ (୪)। ଶୋଇଥିବା ବେଳେ ଏକ ବିଷଧର ସାପ ଆଦିତ୍ୟକୁ କାମୁଡି ଦେଇଥିଲା। ପରିବାର ଲୋକ ଜାଣିବା ପରେ ତାଙ୍କୁ ତୁରନ୍ତ ବିନିକା ଡାକ୍ତରଖାନାକୁ ଆଣିଥିଲେ। ହେଲେ ଅବସ୍ଥା ଗୁରୁତର ହେବାରୁ ଶିଶୁକୁ ସୋନପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୋନପୁର ଡାକ୍ତରଖାନାରେ ପହଞ୍ଚିବ ପରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ପରିବାର ଲୋକେ କାଳେ ବଞ୍ଚିଯିବ ଭାବି ପରେ ମୃତଶିଶକୁ ଧରି କଣ୍ଟାମାଳ ବ୍ଲକ ମସନିଆପଡାକୁ ବିଷ ଝାଡ଼ିବା ପାଇଁ ନେଇଥିଲେ ମଧ ଫଳପ୍ରଦ ହୋଇ ନ ଥିଲା।

# ସରିଲା ଅମଳ, ଖୋଲିନି ମଣ୍ଡି

**ଖପ୍ରାଖୋଲ, ୨୦।୫(ଡି.ଏନ.ଏ.)**

ସରକାର ଚାଷୀ ଓ ଚାଷର ବିକାଶ କଥା କହୁଥିବାବେଳେ ଅନେକ ସମୟରେ ଆବଶ୍ୟକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇ ଶୋଷଣର ଶିକାର ହେଉଛି । ବଜାର ବ୍ୟବସ୍ଥା ଅଭାବରୁ ଫସଲର ଅଭାବି ବିକ୍ରିର ଛାଟ ତ ପୁଣି କେତେବେଳେ କଳା ବେପାରୀଙ୍କ ହାବୁଡରେ ପଡି ଚାଷୀ ଶୋଷଣର ଶିକାର ହେଉଛି। ଚଳିତ ବର୍ଷ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ରବି ଧାନ ଉତ୍ପାଦିତ ହୋଇଥିଲେ ବି ଆଜି ଯାଏଁ ମଣ୍ଡି ଖୋଲି ନ ଥିବାରୁ ଚାଷୀ ଚିନ୍ତାରେ ପଡି ଯାଇଛି । ଖପ୍ରାଖୋଲ ବ୍ଲକରେ ଅପରସୁକତେଲ ମଧ୍ୟମ ଜଳ ସେଚନ ଅଞ୍ଚଳ, ଅନେକ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ, ପୋଖରୀ ତଳି ଅଞ୍ଚଳ ସହିତ ଉଠା ଜଳ ସେଚନ ସୁବିଧା ଥିବା ଚାଷ ଜମିରେ ଶହଶହ ହେକ୍ଟର ଜମିରେ ରବି ଧାନ ଫସଲ ହୋଇଥିଲା । କୃଷି ବିଭାଗର ରିପୋର୍ଟ ଅନୁସାରେ ୧୬୦ ହେକ୍ଟରରୁ ଅଧିକ ଜମିରେ ରବିଧାନ ହୋଇଛି। ଓଡିଆପାଲି ପଞ୍ଚାୟତରେ ସର୍ବାଧିକ ୫୦ହେକ୍ଟର ସହ ଭାଲୁଡୁଙ୍ଗୁରି, କପସିପାଲି, ପଡିଆବାହାଲ, ଦମେଇପାଲି, ଯୁରିଆ, ମସିଣା, ଲୁହାସିଂହା, ବାଘମୁଣ୍ଡ, ନାନ୍ଦୁପଲା, ଛଟାନବାହାଲି, କନ୍ଦ୍ରାଭଟା, ବାଗଝରନ୍, ବାଂଜିପାଲି ପ୍ରଭୃତି ଗାଁରେ ବହୁଳଭାବେ ରବି ଧାନ ହୋଇଥିବା ଜଣାଯାଇଛି । ଭାଲୁଡୁଙ୍ଗୁରି ଗାଁର ଅନେକ ଚାଷୀ ଧାନ ଅମଳ କରି ମଣ୍ଡିକୁ ଅପେକ୍ଷା କରିଛନ୍ତି। ସରକାର ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ କିଣାବିକା ବ୍ୟବସ୍ଥା କରିଥିବାବେଳେ ଚାଷୀ ଏଥିପାଇଁ ଆଗରୁ ନାମ ପଞ୍ଜୀକରଣ କରି ସାରିଛି। ଧାନ ଉତ୍ପାଦନ ପ୍ରାୟ ସରି ଯାଇଥିବାରୁ ତୁରନ୍ତ ମଣ୍ଡି ଖୋଲିବାକୁ ନିଳାମ୍ବର ବିଶ୍ୱାଳ, ବବୁ ସାହୁ, କନ୍ଦର୍ପ ସୁଆର ପ୍ରମୁଖ ଚାଷୀ ଦାବି କରିଛନ୍ତି। ଏ ନେଇ ଖପ୍ରାଖୋଲ ବ୍ଲକ ସହକାରୀ କୃଷି ଅଧିକାରୀ ତୁଷାର ରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ବ୍ଲକରେ ୧୬୨ ହେକ୍ଟର ଜମିରେ ରବି ଧାନ ଫସଲ ହୋଇଥିବା ବେଳେ ୫ ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଅମଳର ଲକ୍ଷ୍ୟ ରଖାଯାଇଛି। ଏ ନେଇ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର କୁଲୁଙ୍କୁ ପଚାରିବାରୁ ଧାନ କିଣା ବିକା ପାଇଁ ଆଲୋଚନା ସରିଥିବା କହିଛନ୍ତି। ସେହିପରି ପାଟଣାଗଡ ସମବାୟ ସହନିବନ୍ଧକ ପ୍ରମୋଦ କୁମାର ବରିହାଙ୍କୁ ପଚାରିବାରୁ ଖପ୍ରାଖୋଲ ବ୍ଲକର ଖପ୍ରାଖୋଲ, ଲୁହାସିଂହା, ଧଣ୍ଡାମୁଣ୍ଡା, ମହରାପଦର, ଲାଠୋର ପ୍ରାଥମିକ କୃଷି ସମବାୟ ସମିତିରେ ଖୁବଶୀଘ୍ର ମଣ୍ଡି ଆରମ୍ଭ ହେବ। ପଞ୍ଜୀକୃତ ଚାଷୀଙ୍କ ଧାନ କିଣିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ସପ୍ତାହେ ମଧ୍ୟରେ ଧାନ କିଣା ଆରମ୍ଭ ହେବ ବୋଲି ସେ କହିଛନ୍ତି।



ଭାଲୁଡୁଙ୍ଗୁରି ଗାଁର ଜଣେ ଚାଷୀ ଅମଳ ଧାନକୁ ଜରି ଘୋଡାଇ ରଖିଛନ୍ତି।

**ଖପ୍ରାଖୋଲ ବ୍ଲକ**
- ଚାଷୀଙ୍କୁ ଘାରିଛି କାଳବୈଶାଖୀ ଚିନ୍ତା
- ଖୁବଶୀଘ୍ର ଖୋଲିବ ଧାନମଣ୍ଡି: ସମବାୟ ସହନିବନ୍ଧକ

# ପାନୀୟ ଜଳ ପ୍ରକଳ୍ପ ଅଚଳ

## ଜଳକଷ୍ଟ ଭୋଗୁଛନ୍ତି ସରଗାଡ଼ ଗ୍ରାମବାସୀ

**ଲୋଇସିଂହା, ୨୦।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ସରଗାଡ ପଞ୍ଚାୟତ ସଦର ଗ୍ରାମର ପାନୀୟ ଜଳଯୋଗାଣ ପ୍ରକଳ୍ପ ମୋଟର ଅଚଳ ହୋଇ ପଡିଛି। ଏହାର ମରାମତି ଦିଗରେ ପଞ୍ଚାୟତ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଆନ୍ତରିକତା ପ୍ରକାଶ କରୁ ନାହାନ୍ତି। ଏଥିଯୋଗୁ ଗ୍ରାମବାସୀ ୪୫ ଡିଗ୍ରୀ ତାପମାତ୍ରାରେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଆଠଓ୍ୱାର୍ଡ ବିଶିଷ୍ଟ ସରଗାଡ ଗାଁର ଲୋକସଂଖ୍ୟା ୫ ହଜାର। ଏହି ଗାଁରେ ରହିଛି ୩୦ଟି ନଳକୂପ। ହେଲେ ଏଥିରୁ ଆବଶ୍ୟକ ପାଣି ବାହାରୁ ନାହିଁ। ସ୍ୱଚ୍ଛ ଓ ନିରନ୍ତ ଜଳଯୋଗାଣ ପାଇଁ ଗାଁରେ ରହିଛି ଏକ ଜଳଯୋଗାଣ ପ୍ରକଳ୍ପ। ହେଲେ ପ୍ରକଳ୍ପର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି କରାଯାଉ ନାହିଁ। କିଛିଦିନ ତଳେ ମୋଟର ଖରାପ ହୋଇଯାଇଥିଲେ ବି ଏହାର ମରାମତି କରାଯାଉନାହିଁ । ଏଭଳି ପରିସ୍ଥିତିରେ ଖୋଲାକୂଅ ଓ ପୋଖରୀ ପାଣିକୁ ପିଇବାକୁ ଗ୍ରାମବାସୀ ବାଧ୍ୟ ହେଉଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ କୈଳାସ ବରିହା କହିଛନ୍ତି ଯେ, ଆମେ ଟଙ୍କା ଦେବୁ, ମୋଟର ମରାମତି କରିବା ଆରଡବ୍ଲୁଏସଏସର କାମ। ସେମାନେ ମରାମତି ପାଇଁ ମୋଟର ନ ନେଲେ ଆମେ କଣ କରିବୁ ବୋଲି କହିଥିଲେ। ଅପରପକ୍ଷେ ବିଭାଗୀୟ ଯନ୍ତ୍ରୀ ପ୍ରସାଦ ସମାନ୍ତରାୟ କହିଛନ୍ତି ଯେ, ମେଣ୍ଟନାନ୍ସ ଦାୟିତ୍ୱ ପଞ୍ଚାୟତକୁ ଦିଆଯାଇଥିବାରୁ ସେମାନେ ମରାମତି କରିବା କଥା। ମୋଟର ମରାମତି ପାଇଁ ପଠାଇ ଯାଇଛି । ଏ ସଂକ୍ରାନ୍ତରେ ପଞ୍ଚାୟତ ପିଇଓ ଜଣାଇଥିବା ସେ କହିଥିଲେ।

# ଆବାସ ଯୋଜନାରୁ ବଂଚିତ ଦିବ୍ୟାଙ୍ଗ ଭାଇବହେନ

**ଲୋଇସିଂହା, ୨୦।୫(ଡି.ଏନ.ଏ.)**

ଦିବ୍ୟାଙ୍ଗମାନକର ଲାଗି ସରକାର ଅନେକ ପରକାର ଖାସ୍ ଯୋଜନା ତିଆର କରିଛନ୍। ହେଲେ ଅନେକ ଜାଗାରେ ଦିବ୍ୟାଙ୍ଗ ନିଜର ହକ୍ ପାଏବାରୁ ବଁଚିତ ହେଉଥିବାର ଦେଖିବାକେ ମିଳୁଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଁଚେତ କୁମୁଣ୍ଡା ହରିଜନ ପଡ଼ାରେ। ସୂଚନା ଅନ୍ସାରେ ହରିଜନ ପଡ଼ାର ଗର୍ଜୁ କୁଅଁର। ତାକର ପରିବାର କହେଲେ ମାଏକିନା ଜୟନ୍ତୀ, ୩ ପୁଓ ଆର ଗୁଟେବଲି ଝି'କେ ନେଇ ସଁସାର। ହେଲେ ଦୁତୀଅ ପୁଓ ଭୀମକନ୍ଧ ଆର ଝିଁକୁନୀ ଜନମୁ ଅଁଧ ଆଏ। ଗର୍ଜୁଙ୍କର ଜମିବାଡ଼ି ବଲି କିଛି ନାଇଁ। ସେ ଗାଁଗାଁ ବୁଲି ଜରି ବ୍ୟାଗ ଆର କପଡ଼ା ସିଲେଇ କରି ନିଜର ବଡ଼ା ଦୁଖେ କୁଟୁମ ପୁଷୁଛନ୍। ସେଥିରଲାଗି ସେ ଦିବ୍ୟାଙ୍ଗ ପୁଓ ଝି'କେ ତରଭା ପାସର ଶିବତଲା ଅନ୍ଧ ମୁକ ବଧିର ସ୍କୁଲରେ ଛାଡ଼ିଦେଇଛନ୍। ସେଠାନେ ସେମାନେ ରହି ପାଠ୍ ପଢୁଛନ୍। ଗର୍ଜୁଙ୍କର ଦୁଇ ଦିବ୍ୟାଙ୍ଗ ପୁଓ ଝି' ଜିଲାପାଳଙ୍କର ନିରଦେଶରେ ଆଗରୁ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୧୦ କେ.ଜି. ଲେଖେଁ ଚାଉଳ ପାଉଥିଲେ। ଇତାର ବାହାରେ ରାଶନ କାର୍ଡରେ ପରିବାରର ଝନ୍ପିଛା ୫ କେ.ଜି. ଲେଖେଁ ଚାଉଳ ପାଉଛନ୍। ଭୀମ ଆର କୁନୀକେ ଭିନ୍ନକ୍ଷମ ଭତା ମିଳୁଛେ। ହେଲେ ଦିବ୍ୟାଙ୍ଗମାନକୁ ଆବାସ ଯୋଜନାରେ ସାମିଲ କରି ପକ୍କାଘର ଯୁଗେଇ ଦେବାର ବେବସ୍ତା ରହିଥିଲେ ବି ଦୁଇ ଭାଇବହେନ୍ ଯୋଜନାର ସୁଫଳ ପାଏବାରୁ ବଁଚିତ ହେଇଛନ୍। କୁଟୁମଟା ଗୁଟେ ଭଂଗା ଦଦ୍ରା ଘରେ ଅସାହା ଅବସ୍ତାରେ ଜୀବନ୍ ବିତଉଥିବାର ଗର୍ଜୁ ଅଭିଯୋଗ କରିଛନ୍। ଇ ଦିଗେ ଜିଲାପାଳ ଖାସ୍ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।



ମା'ବାପ୍ ସଂଗେ ଦିବ୍ୟାଙ୍ଗ ଝି'ପୁଓ।

# ସିଂଘିଯୁବା, ସିଲାଟି ପ୍ୟାକ୍ସରେ ରବିଧାନ କିଣାର ଶୁଭାରମ୍ଭ

**ବିନିକା, ୨୦।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପ୍ୟାକ୍ସରେ ରବିଧାନ କିଣା ସୋମବାର ଆରମ୍ଭ ହୋଇଛି। ପ୍ୟାକ୍ସ ସଭାପତି ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ଓ ଜିଲା ସମବାୟ ଅଧିକାରୀ ଭୀମସେନ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡୁଙ୍ଗୁରିପାଲି ଆର୍ଏମ୍ସି ସମ୍ପାଦକ ଉଦିତ୍ କୁମାର ବାବ ଯୋଗଦେଇଥିଲେ। ପ୍ରଥମ ଦିବସରେ ୪୬ ଚାଷୀଙ୍କୁ ଟୋକନ୍ ମିଳିଛି । ଟୋକନ ପାଇଥିବା ଚାଷୀଙ୍କ ଧାନ ଉଠାଇବା ପାଇଁ ଶିବଶକ୍ତି, ପଦ୍ମାବତୀ, ରାଘବ ଉଦ୍ୟୋଗ, ନଳିନୀ, କର୍ଣ୍ଣିକା, ଗୋଦାବରୀ, ସନ୍ତୋଷୀ, ବାଲାଜୀ, ଉମାବିଷ୍ଣୁ ପ୍ରଭୃତି ରାଇସ୍ ମିଲ୍ସ ପହଞ୍ଚିଥିଲେ । ମଣ୍ଡି ଶୁଭାରମ୍ଭ ସମୟରେ ସମ୍ପାଦକ ପ୍ରମୋଦ ଭୂଏ, ସହସମ୍ପାଦକ ବିଶ୍ୱଜିତ୍ ପାଢୀ, ଡାଟା ଏଣ୍ଟ୍ରି ଅପରେଟର ରାଜେଶ ସାହୁ ଉପସ୍ଥିତ ଥିଲେ। ୪୦ଜଣ ଚାଷୀଙ୍କଠାରୁ ୨୩୫୧କୁଇଣ୍ଟାଲ ୮୧କେଜି ଧାନ ଉଠିଥିବା ପ୍ୟାକ୍ସ ସମ୍ପାଦକ ଭୋଇ ପ୍ରକାଶ କରିଛନ୍ତି। ସେହିପରି ବ୍ଲକ ଅନ୍ତର୍ଗତ ସିଲାଟି ପ୍ୟାକ୍ସରେ ଆର୍ଏମ୍ସି ସମ୍ପାଦକ ଉଦିତ୍ କୁମାର ବାବୁ ଧାନକିଣା ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ସିଲାଟି ସମ୍ପାଦକ ବଳରାମ ପଧାନ ଦେଇଥିବା ସୂଚନା ମୁତାବକ ସୋମବାର ୩୦ଜଣ ଚାଷୀଙ୍କୁ ଟୋକନ୍ ଦିଆଯାଇଥିଲା। ରାତ୍ର ଯାଏ ୬ଟି ମିଲ୍ସ ପକ୍ଷରୁ ୧୯୪୮.୬୬ କୁଇଣ୍ଟାଲ ଧାନ ଉଠାଣ ହୋଇଥିଲା।

## ୫ ପରାନୀ କୁଟୁମର ବୋଝ୍

# ସରକାରୀ ଯୋଜନାରୁ ବଁଚିତ ଦିବ୍ୟାଙ୍ଗ ଗଣେଶ

**ବିନିକା, ୨୦।୫(ଡି.ଏନ୍.ଏ.)**

ବିନିକା, ୨୦।୫(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗାଁ ହାଇସ୍କୁଲ ପଡ଼ାର ଦିବ୍ୟାଙ୍ଗ ଗଣେଶ ବାଘ(୨୮)। ଜନମୁ ତାକର ଗୁଟେ ଆଏଁଖ୍ ନାଇଁ ଦିଶବାର। ସେ ନିହାତି ଗରିବ୍ ଘରର ପିଲା ହେଇଥିଲା ବେଲେ ଚିକିତ୍ସା ଲାଗି ଟଁକା ପଏସାର ବଡ଼ଭାରି ଅଭାବ୍ ରହିଛେ। ଆଏଜ୍ବି ସେ ଅନେକ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ଥିବାର ଅଭିଯୋଗ କରିଛନ୍।

ସୂଚନା ଅନ୍ସାରେ, ସିଂଘିଯୁବା ଗାଁ ହାଇସ୍କୁଲ ପଡ଼ାର ଗଣେଶଙ୍କର ପରିବାର କହେଲେ ବାପ୍ ରାଜେନ୍ଦ୍ର ବାଘ(୬୪), ମା' ପ୍ରେମ(୬୦), ମାଏକିନା ରଶ୍ମିତା(୨୭), ଝି' ମୀରା ଆର ପୁଓ ମିଲନକେ ନେଇ ତାକର ସଁସାର। ଗଣେଶର ଜନମ୍‌ବେଲୁ ଭୁଜନି ଆଏଁଖ୍‌ଟା ମୁଜି ହେଇ ରହିଛେ, ସେ ଡେବରି ଆଏଁଖ୍‌ଥି ଯାହା ଦେଖୁଛନ୍। ବହୁତ ବଛର ଆଗ୍‌ରୁ ମା'ବାପ୍ ତାହାକୁ ବୁର୍ଲା ଚିକିତ୍ସା ଲାଗି ନେଇଥିଲେ। ହେଲେ ଡାକ୍ତର ଚିକିତ୍ସା ଲାଗି ବହୁତ୍ ଟଁକା ଦରକାର ବଲି କହେଲାରୁ ମା'ବାପ୍ ନିରାଶ ହେଇ ପୁଓକେ ଧରି ଘରକେ ଫିରିଆସିଥିଲେ। ସେଦିନ୍‌ଠାନୁ ଗଣେଶର ଚିକିତ୍ସା ଅଟକିଛେ। ଗଣେଶର ବାପା ଆଗରୁ କୁଲି ମଜୁରି କରି କୁଟୁମ ପୁଷୁଥିଲେ। ହେଲେ ବଏସ୍ ଅଧିକା ଲାଗି ସେ ଏହେଦେ କାମଧଁଦା ନାଇଁ କରିପାରବାର। ପରିବାରର ବୋଝ୍ ଏହେଦେ ଗଣେଶ ଉପରେ ରହିଛେ। ଗଣେଶ ଗାଁର ମାହାଜନ ପାସେ କାମ କରି ଦିନକ ୨ଶହ ଟଁକା ରୁଜଗାର କରୁଛନ୍। ସେ ଯାହା କମଉଛନ୍ ପରିବାରର ତେଲନୁନ୍‌ରେ ସରିଯାଉଛେ, ଏନ୍ତାଥି ଆଁଖିର ଚିକିତ୍ସା କଥା କିଏ ପଚାରେ। ଗଣେଶ ଅନେକ ସରକାରୀ ଯୋଜନାରୁ ବଁଚିତ ଥିବାର ଅଭିଯୋଗ କରିଛନ୍। ଆଏଜତକ୍ ତାହାକୁ କେହେନ୍‌ସି ଅବାସ ଯୋଜନାରେ ସାମିଲ ନାଇଁ କରାଯାଇ। ଦିବ୍ୟାଙ୍ଗ ପରମାନପତର ଥିଲେ ବି ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଲ ନାଇଁ ପାଏବାର। ମା'ବାପ୍ ଆର ଗଣେଶ ପାଉଥିବାର ୫ଶହ ଟଁକା ଭତା, ଫ୍ୟାମିଲି ବେନିଫିସେରୀ ଯୋଜନାରେ ଝନ୍‌ପିଛା ୫ କେ.ଜି ହିସାବେ ପାଉଥିବାର ୩୦ କେ.ଜି. ଚାଉଲ ପରିବାରର ସାହାଭରସା ପାଲଟିଛେ। ଇ ବାବ୍‌ଦେ ସିଂଘିଯୁବା କାର୍ଯ୍ୟନିର୍ବାହୀ ଅଧିକାରୀ ରମାକାନ୍ତ ନାଏକଙ୍କୁଁ ପଚରାଲାରୁ ଗଣେଶ ଇ ବାବ୍‌ଦେ ଆମକୁ ନାଇଁ ଜନେଇ। ତାହାକୁ କେନ୍‌ଥେଇ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରାଯାଇ ପାରବା ସେ ବିଷେରେ ବିନିକା ଯୋଗାଣ ଅଧିକାରୀଙ୍କର ସଂଗେ କଥା ହେମି। ଯେତେ ଜଲଦି ହେବା ତାକୁ ବିଜୁ ପକ୍କାଘର ଯୋଜନାରେ ସାମିଲ କରବାର ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ। ସେନ୍‌ତା ଗଣେଶର ଆଁଖିର ଚିକିତ୍ସା ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ପ୍ରଭାସ ପଧାନଙ୍କୁଁ ପଚରାଲାରୁ ତାକର ଆଁଖି ପରୀକ୍ଷା କଲା ଉତାରୁ କେନ୍ ପରକାର ଚିକିତ୍ସା ଦରକାର କହିହେବା ବଲି ସେ କହିଥିଲେ।

**ଚିକିତ୍ସା ଲାଗି ଟଁକା ବାଧକ**



ପରିବାର ସଂଗେ ଦିବ୍ୟାଙ୍ଗ ଗଣେଶ।

# ସୋର ପଡୁଛେ ମୋର ଗାଁକେ ଗୀତର ଭିଜୁଆଲ ସିଡୀ ଲୋକାର୍ପିତ

**ବଲାଙ୍ଗୀର ଅଫିସ, ୨୦।୫**

ତରୁଣ ଗାଳ୍ପିକ, ଅଧାପକ ଜଗନ୍ନାଥ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ସୋର ପଡୁଛେ ମୋର ଗାଁକେ ଗୀତର ଭିଜୁଆଲ ସିଡି ଲୋକାର୍ପିତ ହୋଇଛି । ସିନେ କଳାକାର ଡ. ତପସ୍ୱିନୀ ଗୁରୁ, ସୁକ୍‌ତେଲ ବୁଡିଅଞ୍ଚଳର ସଂଗ୍ରାମୀ ନେତା ଉଦୟ ସିଂ ଠାକୁର, ସାହିତ୍ୟିକ ନବୀନ ବିଶ୍ୱବନ୍ଧୁ, ସାମାଜିକ କର୍ମୀ ଅମୃତ ବାରିକ ଏହାକୁ ରେଙ୍ଗାଲିଠାରେ ଲୋକାର୍ପିତ କରିଛନ୍ତି । ଗାଁର ଯେଉଁ ମହମହ ବାସ୍ନାଥାଏ, ଗାଁ ଭିତରେ ଯେଉଁ ଆପଣାର କରିନେବାର ଶକ୍ତି ଥାଏ, ତାହା ଅବର୍ଣ୍ଣନୀୟ ବୋଲି ଅତୀତର କଥାକୁ ମନେପକାଇ କିଛିକ୍ଷଣ ରୋମାଞ୍ଚିତ ହୋଇଥିଲେ ଅତିଥି ଡ. ଗୁରୁ। ସ୍ୱର୍ଗଠାରୁ ମଧ ପବିତ୍ର ସ୍ଥାନ ଗାଁ ମାଟି । ହେଲେ ଆଧୁନିକ ମଣିଷ ନିଜ ଗାଁକୁ ଛାଡ଼ି , ନିଜ ପରମ୍ପରାକୁ ଛାଡ଼ି ପାଶ୍ଚାତ୍ୟ ପ୍ରଭାବରେ ନିଜକୁ ସାମିଲ କରୁଥିବା ବେଳେ ଏହି ଗାଁ ଗୀତ ନିଶ୍ଚିତ ଭାବେ କ୍ଷଣକ ପାଇଁ ହେଉ ମଣିଷକୁ ଗାଁକୁ ଫେରାଇ ନେବ ବୋଲି ଅତିଥିବକ୍ତାମାନେ ମତବ୍ୟକ୍ତ କରିଥିଲେ। ଦିଲୀପ କୁମାର ଦୀପ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ଅତିଥି ଏବଂ ରେଙ୍ଗାଲି ଗାଁର କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଖପାଖର ବହୁକବି ଲେଖକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




ଭିଜୁଆଲ ସିଡୀ ଲୋକାର୍ପଣ ଅବସରରେ ମଞ୍ଚାସୀନ ଅତିଥି।

## ବଲାଙ୍ଗୀର ମ୍ୟୁନିସିପାଲିଟି

# ସ୍କୁଲ, ୟୁନିଭର୍ସିଟି ସମ୍ମୁଖରେ ତିଆରି କରିଛି ଆବର୍ଜନା କୁଣ୍ଡ

**ବଲାଙ୍ଗୀର ଅଫିସ, ୨୦।୫**

ବିଭିନ୍ନ ସମୟରେ ବଲାଙ୍ଗୀର ମ୍ୟୁନିସିପାଲିଟି ଦୁର୍ନୀତି, ଉନ୍ନୟନ କାର୍ଯ୍ୟରେ ଚରମ ଅବହେଳା ଓ ଅଯଥା ରାଜନୀତିକୁ ନେଇ ଚର୍ଚ୍ଚାରେ ରହିଆସିଛି। କିଛି ମାସ ତଳେ ସହରରେ ପ୍ଲାଷ୍ଟିକ୍ ଡଷ୍ଟବିନ୍ ଲଗାଇ ମ୍ୟୁନିସିପାଲିଟି ଚର୍ଚ୍ଚାକୁ ଆସିଥିଲା । ବିଭିନ୍ନ ରାସ୍ତାରେ ଲଗାଯାଇଥିବା ଏହି ଡଷ୍ଟବିନ୍ ପ୍ରାୟତଃ କୌଣସି କାମକୁ ଆସି ନ ଥିବାବେଳେ ଲଗାଇବାର ଦିନେ ଦୁଇଦିନ ଭିତରେ ଅନେକ ସ୍ଥାନରୁ ଚୋରି ହୋଇଯାଇଥିଲା। ଏବେ ସହରକୁ ସ୍ୱଚ୍ଛ କରିବା ଦିଗରେ ବଲାଙ୍ଗୀର ମ୍ୟୁନିସିପାଲିଟି ବିଭିନ୍ନ ସ୍ଥାନରେ କଂକ୍ରିଟ୍ ଆବର୍ଜନା କୁଣ୍ଡ ତିଆରି କରୁଛି। ରାସ୍ତାକଡରେ ଏହି କୁଣ୍ଡ ତିଆରି କରିବାର ଉଦ୍ଦେଶ୍ୟ ହେଲା ଏଠାରେ ସହରୀବାସୀ ଆବର୍ଜନା ପକାଇଲେ ତାକୁ ସହଜରେ ମ୍ୟୁନିସିପାଲିଟିର ସଫେଇ କର୍ମଚାରୀ ବା ସଂସ୍ଥା ଡମ୍ପିଂୟାର୍ଡକୁ ନେଇ ପାରିବେ । ସହରର ଆବର୍ଜନା ସଫେଇ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବାବେଳେ ଏହାକୁ ନେଇ କୌଣସି ଯୋଜନା ନଥିବାରୁ ଏହି କଂକ୍ରିଟ୍ ଆବର୍ଜନା ତିଆରି ଏବେ ପୁଣି ଥରେ ବିବାଦୀୟ ହୋଇପଡିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସହରର ବିଭିନ୍ନ ରାସ୍ତା କଡରେ ୧୨ଟି କଂକ୍ରିଟ୍ ଆବର୍ଜନା କୁଣ୍ଡ ତିଆରି ଚାଲିଥିବା କୁହାଯାଇଛି । ଗୋଟିଏ ସ୍ଥାନରେ ଲଗାଲଗି ଦୁଇଟି କୁଣ୍ଡ ତିଆରି କରାଯାଉଛି । ଗୋଟିଏ କୁଣ୍ଡରେ ସଲିଡ୍ ୱେଷ୍ଟ ରଖାଯିବାକୁ ଓ ଅନ୍ୟ କୁଣ୍ଡରେ ଲିକ୍ୟୁଟ୍ ୱେଷ୍ଟ ବା ଅନ୍ୟ ଆବର୍ଜନା ରଖିଲେ ସହଜରେ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇପାରିବ ବୋଲି କୁହାଯାଉଛି। ତେବେ ଏଭଳି କୁଣ୍ଡ ତିଆରି ମ୍ୟୁନିସିପାଲିଟି ଏବେ ନୂଆ ବିବାଦକୁ ଆମନ୍ତ୍ରଣ କରିଛି । ସହରର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ପତିତପାବନ (ପିପି) ଏକାଡେମୀ ଦ୍ୱିତୀୟ ଗେଟ୍ ସମ୍ମୁଖରେ ମ୍ୟୁନିସିପାଲିଟି ଏଭଳି ଏକ ଆବର୍ଜନା କୁଣ୍ଡ ତିଆରି କରିଛି । ସେହିପରି ପଶ୍ଚିମ ଓଡିଶାର ସର୍ବପୁରାତନ ରାଜେନ୍ଦ୍ର ମହାବିଦ୍ୟାଳୟ ନିକଟରେ ୟୁନିଭର୍ସିଟି ଘୋଷଣା ହୋଇଥିଲେ ମଧ ମ୍ୟୁନିସିପାଲିଟି ତାର ମହତ୍ତ୍ୱ ବୁଝିନାହିଁ । ଏହି ୟୁନିଭର୍ସିଟି ମୁଖ୍ୟ ଗେଟ୍‌କୁ ଲାଗିକରି ମ୍ୟୁନିସିପାଲିଟି ଏକ ଆବର୍ଜନା କୁଣ୍ଡ ତିଆରି କରିଛି। ଏହାଛଡା ସେଠାରୁ ମାତ୍ର ୫୦ ମିଟର ଦୂରରେ ସେହି ରାସ୍ତାରେ ଆଉ ଗୋଟିଏ କଂକ୍ରିଟ୍ ଆବର୍ଜନା କୁଣ୍ଡ ତିଆରି କରିଛି। ୟୁନିଭର୍ସିଟିକୁ ପ୍ରବେଶ କଲାମାତ୍ରେ ଛାତ୍ରୀଛାତ୍ର, ଅଧାପକ, ବୁଦ୍ଧିଜୀବୀଙ୍କ ଆଖିରେ ପ୍ରଥମେ ଏହି ଆବର୍ଜନା କୁଣ୍ଡ ପଡିବ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓ ପିପି ଏକାଡେମୀ ସମ୍ମୁଖରେ କଂକ୍ରିଟ୍ ଆବର୍ଜନା କୁଣ୍ଡ ତିଆରି କରି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସହରକୁ ସ୍ୱଚ୍ଛ, ସୁନ୍ଦର ଓ ସଚେତନ କରିବା ପରିବର୍ତ୍ତେ ଯୋଜନାହୀନ କାର୍ଯ୍ୟ କରୁଥିବା ସ୍ପଷ୍ଟ ହୋଇଛି ବୋଲି ଚର୍ଚ୍ଚା ହେଉଛି । ଉଭୟ ପ୍ରମୁଖ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଏଭଳି ଆବର୍ଜନା କୁଣ୍ଡ ତିଆରି କରିବା ନେଇ ସହରର ପୁରାତନ ଛାତ୍ର, ବୁଦ୍ଧିଜୀବୀ ଓ ଶିକ୍ଷାପ୍ରେମୀ ଘୋର ସମାଲୋଚନା କରିବା ସହ ତୁରନ୍ତ ସେହି ସ୍ଥାନରୁ ଆବର୍ଜନା କୁଣ୍ଡକୁ ହଟାଇବାକୁ ଦାବି କରିଛନ୍ତି । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରାସ୍ତାକଡରୁ ତୁରନ୍ତ ଆବର୍ଜନା କୁଣ୍ଡ ସ୍ଥାନାନ୍ତରଣ ପାଇଁ ପୁରାତନ ଛାତ୍ର ଡ. ବିପିନ କୁଶଳିଆ ମ୍ୟୁନିସିପାଲିଟିକୁ ଲିଖିତ ଜଣାଇବା ସହ ସେଠାରେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ସହରରେ ୩ ଶହ ଆବର୍ଜନା କୁଣ୍ଡ ତିଆରି କରାଯିବ ବୋଲି ଜଣାପଡିଛି। ଏବେ ଯେଉଁ ୧୨ଟି କୁଣ୍ଡ ତିଆରି ଚାଲିଛି ସେଥିରେ କୁଣ୍ଡ ପିଛା ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ଜଣାପଡିଛି। ତେବେ ଯେଉଭଳି ଭାବେ ଏହା ଯୋଜନାହୀନ ଭାବେ ତିଆରି ଚାଲିଛି ସେଥିରେ ଦୁର୍ନୀତିର ଗନ୍ଧ ବାରି ହେଉଥିବା ଅଭିଯୋଗ ଉଠିଲାଣି। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚରାଯିବାରୁ ସଫେଇ ଉଦ୍ଦେଶ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ଏହି କୁଣ୍ଡ ତିଆରି ଚାଲିଛି। ତେବେ ସ୍କୁଲ, ୟୁନିଭର୍ସିଟି ସମ୍ମୁଖରେ ତିଆରି ହୋଇଥିବା କୁଣ୍ଡକୁ ସ୍ଥାନାନ୍ତରଣ କରାଯିବାକୁ କିଛି ଲୋକ ଦାବି କରୁଛନ୍ତି । ଏ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।




ପିପି ଏକାଡେମୀ ଦ୍ୱିତୀୟ ଗେଟ୍ ସମ୍ମୁଖରେ ତିଆରି ଆବର୍ଜନା କୁଣ୍ଡ (ବାମ)। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଗେଟ୍ ନିକଟରେ ତିଆରି ଆବର୍ଜନା କୁଣ୍ଡ।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ



### ଭୋଟ୍ ଗଣତି ପାଇଁ ପ୍ରଶାସନ, ପ୍ରାର୍ଥୀଙ୍କ ବୈଠକ

ବୌଦ୍ଧ,୨୦।୫(ସ୍ୱ.ପ୍ର): ଆସନ୍ତା ୨୩ ତାରିଖରେ ସାଧାରଣ ନିର୍ବାଚନର ଫଳାଫଳ ଗଣତି ହେବ । ବୌଦ୍ଧ ଜିଲାର ବୌଦ୍ଧ ଓ କନ୍ଧମାଳ ଆସନ ପାଇଁ ସହରର ପଞ୍ଚାୟତ ମହାବିଦ୍ୟାଳୟରେ ଭୋଟ ଗଣତି ହେବାର କାର୍ଯ୍ୟକ୍ରମ ରହିଛି। ଗଣତିକୁ ସୁଚାରୁ ରୂପେ କରାଯିବା ସହ ଭୋଟ ଗଣତି ସମ୍ପର୍କରେ ଏକ ବୈଠକ ପ୍ରାର୍ଥୀ ମାନଙ୍କୁ ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାପାଳ ଶୀତାଂଶୁ କୁମାର ରାଉତ, ଉପଜିଲାପାଳ ଏନସି ଜ୍ୟୋତରଞ୍ଜନ ନାଏକ ଉପସ୍ଥିତ ଥିଲେ ।

## ଶ୍ରମ ବିଭାଗ ନୀରବଦ୍ରଷ୍ଟା

# ଫଡିରେ କାମ କରୁଛନ୍ତି ଶିଶୁ ଶ୍ରମିକ

**କନ୍ଧମାଳ, ୨୦।୫(ଡି.ଏନ.ଏ)**

ବୌଦ୍ଧ ଜିଲା କନ୍ଧମାଳ ଓ ଘଣ୍ଟାପଡା ରେଞ୍ଜ୍ ଅଧୀନ ବିଭିନ୍ନ ଫଡିମାନଙ୍କରେ ଶହ ଶହ ଶିଶୁ ଶ୍ରମିକ ପ୍ରବଳ ଖରାରେ ପ୍ରତିଦିନ କାମ କରୁଛନ୍ତି। ତେବେ ଏ ଦିଗରେ କେନ୍ଦୁପତ୍ର ଓ ଶ୍ରମ ବିଭାଗ ନୀରବଦ୍ରଷ୍ଟା ହୋଇ ରହିଛି । କେନ୍ଦୁପତ୍ର ସଂଗ୍ରହରେ ଶିଶୁମାନେ ନିୟୋଜିତ ହୋଇ ପତ୍ର ତୋଳାଠାରୁ ବିଡା ବାନ୍ଧିବା ଓ ଫଡିକୁ ନେଇ ଚଡତିବା କାମ କରୁଛନ୍ତି । ୮ରୁ ୧୨/୧୪ ବର୍ଷର ଶିଶୁ ଏହିସବୁ କାମରେ ନିୟୋଜିତ ହୋଇଛନ୍ତି । ଏହି ଶିଶୁମାନେ ପ୍ରାୟତଃ ଛାତ୍ରୀଛାତ୍ର ଓ ବିଦ୍ୟାଳୟ ଛୁଟି ଥିବାରୁ ଫଡିରେ କାମ କରୁଛନ୍ତି । ଏମାନଙ୍କୁ ୫/୬ ଘଣ୍ଟାର କାମ ପାଇଁ ମାତ୍ର ୪୦ରେ ୫୦ ଟଙ୍କା ପ୍ରଦାନ କରାଯାଉଛି । ସେମାନେ ପ୍ରବଳ ଖରାରେ ପତ୍ର ବୋଝ ଫଡି ପଡିଆରୁ ଗୋଦାମ



ଶିଶୁମାନେ ଫଡିରେ କେନ୍ଦୁପତ୍ର କାମ କରୁଛନ୍ତି ।

ଘରକୁ ନେଉଛନ୍ତି । ଅଂଶୁଘାତରୁ ରକ୍ଷା ପାଇଁ ସରକାର ସତର୍କ ସୂଚନା ଜାରି କରିଥିଲେ ମଧ ଏହାକୁ ଖାତିର ନ କରି ସେମାନଙ୍କୁ କାମରେ ଲଗାଯାଉଛି । ସେହିପରି ଗୋହିପିଟା ଓ ମନମୁଣ୍ଡା ରେଞ୍ଜ୍‌ର କେତେକ ଫଡିରେ ମଧ୍ୟ ଶିଶୁ ଶ୍ରମିକ କାର୍ଯ୍ୟରତ ଅଛନ୍ତି । ଏ ନେଇ କନ୍ଧମାଳ ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କୁ ପଚରାଯିବାରୁ ମୋ ନିକଟରେ ନିର୍ଦ୍ଦିଷ୍ଟ କୌଣସି ଅଭିଯୋଗ ନାହିଁ । ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବି ବୋଲି କହିଥିଲେ ।

### ସେମାନେ କୁହନ୍ତି...



କେନ୍ଦୁପତ୍ର ଫଡିରେ ଶିଶୁ ଶ୍ରମିକ ନିୟୋଜିତ ହେବା ଆମ ଅଞ୍ଚଳରେ ନୂଆ ନୁହେଁ। କମ୍ ମଜୁରୀରେ ଶିଶୁମାନେ ଅଧିକ କାମ କରିଥାନ୍ତି । ଏହାର ଫାଇଦା କେନ୍ଦୁପତ୍ର ବିଭାଗର ଅଧିକାରୀମାନେ ନେଉଛନ୍ତି ଖୋଲାଖୋଲି ଭାବେ ଫଡିରେ ଶିଶୁ ଶ୍ରମିକ ନିୟୋଜନ ଶିଶୁ ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ଏ ନେଇ ଦୃଢ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ।
**-ରାଜୀବ କର୍ମୀ, ସାମାଜିକ କର୍ମୀ**



ଫଡିରେ ଶିଶୁ ଶ୍ରମିକ କାମ କରିବା ଅଭିଯୋଗ ଦୀର୍ଘ ଦିନ ହେଲା ହୋଇ ଆସୁଛି। ଏହାର ସତ୍ୟାସତ୍ୟ ଜିଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ସୁରକ୍ଷା ସମିତି ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ । ଗଣମାଧ୍ୟମ ସଠିକ ତଥ୍ୟ ସାମ୍ନାକୁ ଆଣି ପାରିଲେ ସରକାର ହସ୍ତକ୍ଷେପ କରିବାକୁ ବାଧ ହେବେ ।
**- ରାଜୀବ ନାୟକ, ସାମାଜିକ କର୍ମୀ**



ଆମେ ପତର ତୁଲୁଛୁ । ଛୁଆମାନେ ବି ତୁଲୁଛନ । ଆର ଫଡି ଘରେ ଇସ୍କୁଲ ଛୁଟି ହେଇଛେ ବଲିକରି ପିଲାମାନେ କାମ କରୁଛନ । ସେ ପଇସାଥି ଖାତାବହି ଘେନାଘୁନି କରୁଛନ ।
**-ବସନ୍ତ ଛତ୍ରିଆ, ଶ୍ରମିକ**

### ମାଳପଡା ନାଗରିକ କମିଟିର ଉଦ୍‌ବେଗ

**ବଲାଙ୍ଗୀର ଅଫିସ, ୨୦।୫**

ବଲାଙ୍ଗୀର ସହରରେ ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟୟ ବୃଦ୍ଧି ପାଉଥିବାରୁ ଏହାକୁ ନେଇ ମାଳପଡା ନାଗରିକ କମିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି । ସହରର ସମସ୍ତ ପ୍ରମୁଖ ଛକରେ ସିସିଟିଭି ଲାଗିଥିବା ସତ୍ତ୍ୱେ ସୁନାଚେନ୍ ଲୁଟେରାମାନେ ଯେଉଁଭଳିଭାବେ ଆତଙ୍କ ଖେଳାଉଛନ୍ତି ଏଥିରୁ ସହରରେ ପୋଲିସ ପ୍ରତି ଆଦୌ ଭୟ ନଥିବା ସ୍ପଷ୍ଟ ହୋଇଛି । ସନ୍ଧ୍ୟା ହେଉକି ଦିନ ଦ୍ୱିପହରେ ବାଇକରେ ଲୁଟେରାମାନେ ଅବାଧରେ ଆସି ମହିଳାଙ୍କ ବେକରୁ ସୁନାଚେନ୍ ଲୁଟି ନେଉଥିବା ଦେଖାଯାଉଛି । ରବିବାର ସନ୍ଧ୍ୟାରେ ମାତ୍ର ୧ ଘଣ୍ଟା ଭିତରେ ୨ଜଣ ମହିଳାଙ୍କ ସୁନାଚେନ୍ ଲୁଟ୍ ସହ ଅନ୍ୟ ଦୁଇ ମହିଳାଙ୍କ ସୁନାଚେନ୍ ଲୁଟ୍ ଉଦ୍ୟମ ହୋଇଥିଲା। ଏହି ଘଟଣାକୁ ନେଇ ମାଳପଡା ନାଗରିକ କମିଟି ତରଫରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଲୁଟେରାମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସହରରେ କଡାକଡି ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

# ଫନୀ ପାଇଁ ୫ ଲକ୍ଷ ପ୍ରଦାନ

**ବରଗଡ଼ ଅଫିସ୍,୨୦।୫**

ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ସ୍ୱାଗତ ଭାଷଣ ଦେବା ସହିତ ଶତ ପ୍ରତିଶତ ପରୀକ୍ଷାଫଳ ଲାଭ କରିଥିବା ଯୋଗୁ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ସାଧୁବାଦ ଜଣାଇଥିଲେ । ସେହିପରି ଶିକ୍ଷାର ଗୁଣାତ୍ମକ ମାନ ବଢ଼ାଇବାରେ ଅଭିଜ୍ଞ ଶିକ୍ଷକ, ସାଧନକର୍ମୀମାନେ ସହଯୋଗ କରିବେ ବୋଲି ସେ ଆଶା ପ୍ରକଟ କରିଥିଲେ । ଏହି ଅବସରରେ ଫନୀ ସହାୟତା ପାଇଁ ବିଭିନ୍ନ ସାମର୍ଥ ତାଲିମ କେନ୍ଦ୍ର, ବିଦ୍ୟାଳୟ, ବ୍ଲକ ଶିକ୍ଷା କାର୍ଯ୍ୟାଳୟ ଏବଂ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ସଂଗୃହୀତ ୫ଲକ୍ଷ ଟଙ୍କାର ରାଶିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ଅଧିକାରୀ ସୁଶାନ୍ତ ଚୋପଦାର, ଜିଲା ବିଜ୍ଞାନ ନିରୀକ୍ଷକ ମନୋଜ କୁମାର ସାହୁ, ଅମୃତା ସାହୁ, ସେବାଶ୍ରୀ ଭୋଇ ଏବଂ ଅନ୍ୟ ସାଧନ କର୍ମୀମାନେ ଉପସ୍ଥିତ ଥିଲେ ।



ଫନୀ ସହାୟତା ପାଇଁ ଜିଲାପାଳଙ୍କୁ ୫ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଉଛି ।

### ମଧୁବୈଶ୍ୟ ସମାଜର ସାଧାରଣ ସଭା

**ରାଉରକେଲା ଅଫିସ,୨୦।୫**

ମଧୁବୈଶ୍ୟ ଗୁଡ଼ିଆ ସମାଜ ରାଉରକେଲା ଶାଖାର ବାର୍ଷିକ ସାଧାରଣ ପରିଷଦ ବୈଠକ ସେକ୍ଟର-୨୦ ସୋମନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ସଙ୍ଗଠନ ସଭାପତି ସୁରେନ୍ଦ୍ର ସାହୁ ଏଥିରେ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଧରଣୀଧର ସାହୁ ଆୟବ୍ୟୟ ବିବରଣୀ ପାଠ କରିଥିଲେ। ବିଗତ ଦିନରେ ସଙ୍ଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଖର୍ଚ୍ଚ ବାବଦ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ସମାଜକୁ ଅଧିକ ସୁଦୃଢ଼ କରିବାକୁ ପଦକ୍ଷେପ ନିଆଯିବ ବୋଲି ସହମତି ପ୍ରକାଶ ପାଇଥିଲା। ଜନମଙ୍ଗଳ କାର୍ଯ୍ୟରେ ବ୍ରତୀ ଏହି ସଙ୍ଗଠନ ନିଜ କାର୍ଯ୍ୟକ୍ରମକୁ ଅଧିକ ଲୋକଭିମୁଖୀ କରିବାକୁ ମତ ପ୍ରକାଶ ପାଇଥିଲା। ଆର୍ଥିକ ଦୃଷ୍ଟିରୁ ମଧୁବୈଶ୍ୟ ସମାଜକୁ ସମ୍ପନ୍ନ କରିବା ଦିଗରେ ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲ ଏହାର କର୍ମକର୍ତ୍ତା।

# ଆମ ବିଦ୍ୟାଳୟ ଏକ ସାଧନା ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

**ପୁରୁଣାକଟକ, ୨୦।୫(ଡି.ଏନ.ଏ)**

ହରଭଙ୍ଗା ବ୍ଲକ ବୁରୁବୁଡା ସ୍ଥିତ ଗୁପ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସୋମବାର ଶିକ୍ଷାବିତ ରଘୁନାଥ ଦେହୁରୀଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ମେହେରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଶ୍ୟାମସୁନ୍ଦର ମେହେରଙ୍କ ଲିଖିତ 'ଆମ ବିଦ୍ୟାଳୟ ଏକ ସାଧନା' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଏହି ସଭାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ରଘୁନାଥ ମେହେର ମୁଖ୍ୟଅତିଥି, ହରଭଙ୍ଗା ବିଇଓ ସନାତନ ଗାହାଣ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଶିକ୍ଷକ ମୃତ୍ୟୁଞ୍ଜୟ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ କେଦାରେଶ୍ୱର ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ନାଟ୍ୟକାର ଗଦାଧର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ସନତ ବିଶି, ମକରଧ୍ୱଜ ନାୟକ, ଦିନମଣି ଡାଙ୍ଗ, ନାରାୟଣ ପ୍ରଧାନ, ରଘୁନାଥ ମିଶ୍ର, ସୁରେନ୍ଦ୍ର ପ୍ରଧାନ, ଚତୁର୍ଭୁଜ ଦେହୁରୀ, ସୁରେଶ ମହାପାତ୍ରଙ୍କ ସମେତ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।


## CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
8221048110
T-51, Gautam Nagar, Galli-8, Delhi

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ଠୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

See Color Display Classified on every Tuesday & Friday

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୧ ମେ, ୨୦୧୯



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ୍ୟ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।
- ଜର୍ଜ ଇଲିଅଟ



## ସଂକ୍ଷେପରେ

### ସୁନ୍ଦରାକାଣ୍ଡ ପାରାୟଣ

ରିଷିଡ଼ା,୨୦।୫(ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡ଼ା ମାତୃପୁରୀସ୍ଥିତ ସତ୍ୟସନାତନ ଆଶ୍ରମ ତଥା ରାଧାକୃଷ୍ଣ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରାଣ ଗାୟିକା ଭାବେ ସୁଶ୍ରୀ ବନ୍ଦିତା ନାଏକ ବ୍ୟାସ ଭାବରେ ଯୋଗଦେଇଥିଲେ। ଆଶୁତୋଷ ଦାସ ଓ ତାଙ୍କ ପତ୍ନୀ କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ପୂଜକ ଦାୟୀତ୍ୱ ମଧୁସୂଦନ ଦାସ ଓ ସୁରଥ ଦାସ ସମ୍ପାଦନ କରିଥିଲେ। କାର୍ଯ୍ୟକ୍ରମରେ କୃଷ୍ଣମୋହନ ଦାସ, ମନ୍ମଥ ଦାସ, ଦେବବ୍ରତ ଦାସ, ମକୁନ୍ଦ ରଣା ପ୍ରମୁଖ ସହାୟତା କରିଥିଲେ।

### ବାଲୁକା କଳା ମାଧମରେ ପ୍ରତିକ୍ରିୟା

ରିଷିଡା,୨୦।୫(ଡି.ଏନ.ଏ.)- ସମ୍ପ୍ରତି ପଶ୍ଚିମ ବଙ୍ଗରେ ବିଶିଷ୍ଟ ଶିକ୍ଷାବିତ, ସଂଗ୍ରାମୀ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ କଳାହାଣ୍ଡି କର୍ଲାମୁଣ୍ଡ ବ୍ଲକର ବାଲୁକା ଶିଳ୍ପୀ ତିବ୍ର ପ୍ରତିକ୍ରିୟା ପ୍ରକାଶ କରି ନିଜର ବାଲୁକା କଳା ମାଧମରେ ପ୍ରତିବାଦ ଜଣାଇଛନ୍ତି । ଓମ ପ୍ରକାଶ ସାହୁ ନାମକ ଏହି ବାଲୁକା ଶିଳ୍ପୀ ନିଜ ଘର ସମ୍ମୁଖରେ ବିଦ୍ୟାସାଗରଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି । ତାଙ୍କର ଏହି ଅଭିନବ ପ୍ରତିବାଦକୁ ଅନେକ ପ୍ରଶଂସା କରିଛନ୍ତି ।

### ଉଟେଇ କେନାଲରେ ପାଣି ଛାଡ଼ିବାକୁ ଦାବି

ରିଷିଡା,୨୦।୫(ଡି.ଏନ.ଏ.)- କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଫଳରେ ବିଭିନ୍ନ ଜଳାଶୟ, ଛୋଟ ଛୋଟ ଜଳ ଉତ୍ସଗୁଡିକ ଶୁଖିଗଲାଣି । ଫଳରେ ଗାଈ ଗୋରୁ ପାଣି ଟୋପାଏ ପାଇ ପାରୁନାହାନ୍ତି। ଏହି ଜଳସେଚନ କେନାଲରେ ପାଣି ଛାଡିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। କେନାଲ ପାଣି ଛଡା ଗଲେ ରିଷିଡା ପୌରକେଲା, ଗଜବାହାଲ, ତେରେସିଂହା ଓ ରାଜପୁର ପଞ୍ଚାୟତବାସୀ ବିଶେଷ ଉପକୃତ ହୁଅନ୍ତେ ।

### ଭାରତୀୟ ଯୁବ ହଷ୍ଟେଲ ପକ୍ଷରୁ ପ୍ରତିଯୋଗିତା ୨୪ରେ

ରାଉରକେଲା ଅଫିସ,୨୦।୫- ଭାରତୀୟ ଯୁବ ହଷ୍ଟେଲ ରାଉରକେଲା ଶାଖା ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ସମର ଫେଷ୍ଟ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ଏହା ଆୟୋଜନ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ୨୪ ତାରିଖ ସକାଳ ସାଢ଼େ ୭ଟାରେ ଦେଶାତ୍ମବୋଧ ସଙ୍ଗୀତ, ୯ଟାରେ ଭଜନ, ୧୦ଟାରେ କୌତୁକ ପୋଷାକ ଓ ୧୧ଟାରେ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିଭଳି ୨୬ ତାରିଖ ସକାଳ ୮ଟାରେ ପାଶ୍ଚାତ୍ୟ ନୃତ୍ୟ, ୧୧ଟାରେ ସ୍ପଟ୍ ପେଣ୍ଟିଂ ଅନୁଷ୍ଠିତ ହେବ। ବିଭିନ୍ନ ବର୍ଗରେ ଭାଗ କରାଯାଇଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆଗ୍ରହୀମାନେ ସଂଗଠନ ସହ ଯୋଗାଯୋଗ କରିପାରିବେ ବୋଲି ସାଧାରଣ ସମ୍ପାଦକ ନିରଞ୍ଜନ ସାମଲ ସୂଚନା ଦେଇଛନ୍ତି।

# ଆୟୁଷ ଡାକ୍ତର ହିଁ ଭରସା

ମୋହନଗିରି,୨୦।୫ (ଡି.ଏନ.ଏ.)



ମୋହନଗିରି ସ୍ୱାସ୍ଥ୍ୟ କେନ୍ଦ୍ର ।

**ମୋହନଗିରି ସ୍ୱାସ୍ଥ୍ୟକେନ୍ଦ୍ର**
- ବର୍ଷେରୁ ଅଧିକ ହେବ ଡାକ୍ତର ପଦବୀ ଖାଲି
- ଶାସନର ପ୍ରତିଶ୍ରୁତି ପୂରଣ ହେଉନି

କଳହାଣ୍ଡି ଜିଲା ମ.ରାମପୁର ବ୍ଲକ ଉପାନ୍ତ ଅଞ୍ଚଳ ଭାବେ ମୋହନଗିରି ପରିଚିତ । ଏଠାରେ ପ୍ରଶାସନିକ ଅବହେଳା କାରଣରୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି । ଏଠାରେ ଏକ ସରକାରୀ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। କିନ୍ତୁ ବର୍ଷେରୁ ଅଧିକ ହେବ ଡାକ୍ତର ନ ଥିବାରୁ ଏହା ଜଣେ ଆୟୁଷ ଡାକ୍ତରଙ୍କ ଦ୍ୱରା ରୋଗୀ ସେବା ଚାଲିଛି। ୨ ବର୍ଷ ହେବ ଫାରମାସିଷ୍ଟ ନ ଥିବା ବେଳେ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଫରମାସିଷ୍ଟ ଦାୟିତ୍ୱରେ ରଖାଯାଇଛି। ସେହିପରି ଷ୍ଟାପନର୍ସ ଓ ଏନଏମ ପଦବୀରେ ମଧ କେହି ନାହାନ୍ତି। ଫଳରେ ଲୋକେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଉପଯୁକ୍ତ ଚିକିତ୍ସା ସେବା ପାଇପାରୁନାହାନ୍ତି। ତେଣୁ ବାଧ ହୋଇ କନ୍ଧମାଳ ଜିଲା ଉପଖଣ୍ଡ ଚିକିତ୍ସାଳୟ ବାଲିଗୁଡା, ବଲାଙ୍ଗୀର, କିମ୍ବା ଭବାନୀପଟଣା ଡାକ୍ତରଖାନକୁ ଯାଇ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କଳାହାଣ୍ଡି ସମେତ ପଡୋଶୀ କନ୍ଧମାଳ, ବଲାଙ୍ଗୀର ଓ ବୌଦ୍ଧ ଜିଲାର ପାଖାପାଖି ୭୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ଏପରିସ୍ଥଳେ ଏଠାରେ ଦୀର୍ଘ ଦିନ ଧରି ଡାକ୍ତର ଓ ଅନ୍ୟାନ୍ୟ ପଦବୀମ ଖାଲି ପଡିଥିବା ଅତ୍ୟନ୍ତ ପରିତାପର ବିଷୟ। ଏହି ସମସ୍ୟା ନେଇ ଗତ ତା୨୭।୮।୨୦୧୮ରିଖରେ କଳାହାଣ୍ଡି ଜିଲା ନର୍ଲାଠାରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଚାଲିଥିବାବେଳେ ମୋହନଗିରି, ମାଣିକେରା, ସିଂପୁର, ଦେଡଶୁଲି ୪ଟି ପଞ୍ଚାୟତରୁ ଶତାଧିକ ଲୋକେ ଯାଇ ମୋହନଗିରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ ଖାଲିଥିବା ଅନ୍ୟାନ୍ୟ ପଦବୀରେ ପୂରଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ସହ ତତ୍‌ସମୟରେ କାର୍ଯ୍ୟରତ କଳାହାଣ୍ଡିର ସିଡିଏମଓ ସରୋଜ କୁମାର ତିହାଡି ମଧ ଉପସ୍ଥିତ ଥିଲେ। ସେ ଏ ଅଞ୍ଚଳର ସ୍ୱାସ୍ଥ୍ୟ ଗତ ସମସ୍ୟାକୁ ଉପଲବ୍ଧି କରି ଖୁବଶୀଘ୍ର ଡାକ୍ତର ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାରି ମଧରେ ୯ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ବି ଦାବି ପୂରଣ ହୋଇ ନ ଥିବାରୁ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଯଥାଶୀଘ୍ର ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସହିତ ଖାଲିଥିବା ଅନ୍ୟାନ୍ୟ ପଦବୀ ପୂରଣ କରା ନ ଗଲେ ଏକ ବଡଧରଣର ଜନଆନ୍ଦୋଳନ ଦେଖାଦେବା ଯଥେଷ୍ଟ ସମ୍ଭାବନା ରହିଛି।

# ଭୂତକୋଠି ପାଲଟିଛି ଲଡୁଗାଁ ସହ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ

କୋକସରା,୨୦।୫ (ଡି.ଏନ.ଏ.)


ଭୂତକୋଠି ପାଲଟିଛି ସହ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ସହକାରୀ କୃଷି କାର୍ଯ୍ୟାଳୟ ରକ୍ଷଣାବେକ୍ଷଣ ଅଭାବରୁ ୫ ହେଲା ଭୂତକୋଠି ପାଲଟିଛି। ଏହାର ମରାମିତ ପାଇଁ ଅଞ୍ଚଳବାସୀ ବିଭିନ୍ନ ସମୟରେ ଦାବି କରୁଥିଲେ ହେଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଅଭିଯୋଗ ହେଉଛି । ସେଠାରେ ନିଯୁକ୍ତି ପାଇ ଥିବା ସହକୃଷି ଅଧିକାରୀ କୃଷି କାର୍ଯ୍ୟାଳୟ ଦୟନୀୟ ଅବସ୍ଥା ଦେଖି ବ୍ଲକ କୃଷି କାର୍ଯ୍ୟାଳୟରେ ରହି ଦାୟିତ୍ୱ ତୁଲାଉଛନ୍ତି। ଫଳରେ ଲଡୁଗାଁ ଅଞ୍ଚଳର ଚାଷୀମାନେ କୃଷି କାର୍ଯ୍ୟ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଥିବା ବେଳେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସୂଚନା ଅନୁସାରେ କୋକସରା ବ୍ଲକ ଲଡୁଗାଁ ଜନ ସଂଖ୍ୟା ଓ ଜମି ପରିମାଣ ଅଧିକ ଯୋଗୁ ଲଡୁଗାଁରେ କୃଷି କାର୍ଯ୍ୟାଳୟ ସହ ବିହନ ବିକ୍ରିୟ କେନ୍ଦ୍ର ମଧ୍ୟ ସ୍ଥାପନ କରାଯାଇଥିଲା। କାର୍ଯ୍ୟାଳୟ ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ବୁଲା କୁକୁର, ଗାଇଗୋରୁ, ମଦୁଆଙ୍କ ଆଡ୍ଡାସ୍ଥଳି ପାଲଟିଛି। ତୁରନ୍ତ ଲଡୁଗାଁ କୃଷି କାର୍ଯ୍ୟାଳୟ ମରାମତି ସହିତ ବିଦ୍ୟୁତ୍, ପାନୀୟ ଜଳ ବ୍ୟବସ୍ଥା କରି ଚାଲୁ ରଖିବା ପାଇଁ ଦାବି ହେଉଛି। ଏ ସମ୍ପର୍କରେ କୋକସରା କୃଷି ଅଧିକାରୀ ଘନଶ୍ୟାମ ଦେହୁରିଙ୍କୁ ପଚାରିବାରୁ ଲଡୁଗାଁ ସହ କୃଷି କାର୍ଯ୍ୟାଳୟ ଅବସ୍ଥା ଠିକ ନ ଥିବାରୁ ସେଠାରେ ଥିବା ସହକାରୀ କୃଷି ଅଧିକାରୀ କୋକସରାରେ ରହି କାର୍ଯ୍ୟ କରୁଛନ୍ତି। କୃଷି କାର୍ଯ୍ୟାଳୟ ମରାମତି ହେଲେ ସେଠାକୁ ଯାଇ କାର୍ଯ୍ୟ କରିବେ ବୋଲି କହିଛନ୍ତି।

# ବଚପନ ବିଦ୍ୟାଳୟର ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ଭବାନୀପାଟଣା,୨୦।୫ (ଡି.ଏନ.ଏ.)

ସ୍ଥାନୀୟ ବଚପନ ବିଦ୍ୟାଳୟ ଏବଂ ଏକାଡେମିକ୍ ହାଇଟ୍ ପବ୍ଲିକ୍ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଗ୍ରୀଷ୍ମକାଳିନ ଶିବିର ଗତ ଶନିବାର ଉପସ୍ଥିତ ପ୍ରଶିକ୍ଷକ, ଶିକ୍ଷାର୍ଥୀ ଏବଂ ଅଭିଭାବକଙ୍କ ଗହଣରେ ମନୋଜ୍ଞ ପରିବେଶରେ ଉଦଯାପିତ ହୋଇଯାଇଛି। ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର, ପ୍ରଶଂସାପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ପ୍ରଭୁ ବିଘ୍ନରାଜଙ୍କ ଚରଣରେ ପୁହ୍ପ, ଧୂପ, ଦୀପ, ନୈବେଦ୍ୟ ପ୍ରଦାନ ପୂର୍ବକ ବିଦ୍ୟାଳୟର ଅଧକ୍ଷା ମମତା ରାଣୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଉତ୍ସବରେ ଶିକ୍ଷାବିତ୍ ଡକ୍ଟର ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତି ଭାବେ ସୁଭାଶିଷ ନାୟକ ଜିଲା କ୍ରୀଡା ଅଧିକାରୀ, ବିଶେଷ ଅତିଥି ଭାବେ ମୁକୁନ୍ଦ ରେଡ୍ଡି, ବିଶିଷ୍ଟ ଚିତ୍ର ଶିଳ୍ପୀ ତଥା ଅବସରପ୍ରାପ୍ତ ଶିକ୍ଷକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷା ଅନୁଷ୍ଠାନ ବରିଷ୍ଠ ଶିକ୍ଷକ ତଥା ପରିଚାଳନା ସଦସ୍ୟ ମନୋଜ କୁମାର ପଟ୍ଟନାୟକ ଏବଂ ସୁରେନ୍ଦ୍ର ଷଡଙ୍ଗୀ। ଶିବିରର ପ୍ରଶିକ୍ଷକ ଭାବେ ସଞ୍ଜୟ ପାଣ୍ଡେ ସନ୍ତରଣରେ, ନୃତ୍ୟରେ ମନ୍ଦାକିନୀ ବାଣୁଆ, ଚିତ୍ରକଳା ନିହାରିକା ବେହେରା, ସମରକଳା ରଞ୍ଜନ ମହାକୁଡ, ସୁନ୍ଦର ହସ୍ତାକ୍ଷର ଅର୍ଚ୍ଚନା ସାହୁ ରହିଥିବା ବେଳେ ବଚପନ ଶିକ୍ଷାନୁଷ୍ଠାନ ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ପଟ୍ଟନାୟକ ପ୍ରମୁଖ ଶିବିର ପରିଚାଳନା ଦାୟିତ୍ୱ ବହନ କରିଥିଲେ। ଏହି ଶିବିର ପରିଚାଳନାରେ କୁମୁଦିନୀ ବାଗ୍ ପ୍ରମିଳା ସିଂ, ଶିବା କୁମାର, ରାକେଶ ବାଗ୍, ରବୀନ୍ଦ୍ରନାଥ ଡାକୁଆ, ଶିବିର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମୁକୁନ୍ଦ ରେଡ୍ଡି ଏବଂ ଡକ୍ଟର ଉମେଶ ଚନ୍ଦ୍ର ଶତପଥୀ ତତ୍ତ୍ୱାବଧାନରେ ଶିବିର ପରିଚାଳନା ହୋଇଥିଲା।


ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

# ରେକର୍ଡ ଡ୍ୟାନ୍ସ ପ୍ରତିଯୋଗୀଙ୍କ ଗଣ୍ଡଗୋଳ ଘଟଣା: ୪ କୋର୍ଟ ଚାଲଣ

କୋକସରା,୨୦।୫ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମାଝିଗୁଡାଠାରେ ରେକର୍ଡ ଡ୍ୟାନ୍ସ ପାଇଁ ଆସି ଥିବା ୨ ପ୍ରତିଯୋଗୀ ଦଳ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ତଦନ୍ତ କରି ୪ ଜଣଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କାଲୋପଲା ଗ୍ରାମର ଚନ୍ଦ୍ରହାସ୍ୟ ବାରିକ (୪୫), ଧବିର କୁମାର ବାରିକ (୨୩), ନିଳାମ୍ବର ମଙ୍ଗରାଜ (୨୦), ରାଜ ବେମାଲ (୧୯)। ଜାମିନ ନାମମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା କୋକସରା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ପ୍ରକାଶ କରିଛନ୍ତି । ଅନ୍ୟ ଜଣେ ଅଭିଯୁକ୍ତ ରାକେଶ ବାରିକଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ ବୋଲି ଜଣାପଡ଼ିଛି । ସୂଚନା ଅନୁସରେ କୋକସରା ଥାନା ମାଝିଗୁଡା ଗ୍ରାମରେ ଚନ୍ଦନ ଯାତ୍ରା ଉପଲକ୍ଷେ ଗତ ଶନିବାର ରାତିରେ ଏକ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା । ଏଥିରେ ଭାଗ ନେବା ପାଇଁ କଲମପୁର ବ୍ଲକ କୁଟ୍ଟ ଗ୍ରାମର କରୁଣା ବାଗ (୨୩) ଓ ତାଙ୍କ ବଡଭାଇ ଲଳିତ ମୋହନ ବାଗ (୨୫) ମାଝିଗୁଡାକୁ ଆସିଥିଲେ। ସେହି ପ୍ରତିଯୋଗୀତାରେ ଭାଗ ନେବା ପାଇଁ ଧର୍ମଗଡ ଥାନା ଅନ୍ତର୍ଗତ କାଲୋପଲା ଗ୍ରାମର ଏକ ରେକର୍ଡ ଡ୍ୟାନ୍ସ ଦଳ ମଧ୍ୟ ଆସିଥିଲେ। କାର୍ଯ୍ୟକ୍ରମ ଚାଲିଥିବାଳେ କୁଟ୍ଟ ଗାଁର କରୁଣାଙ୍କ ବଡଭାଇ ଲଳିତ ମାଝିଗୁଡାର ଏକ ଛକରେ ବୋଲେରୋରେ ଶୋଇଥିଲେ। ଏହି ସମୟରେ କାଲୋପଲା ଗ୍ରାମର ରାକେଶ ବାରିକ ନାମକ ଜଣେ ଯୁବକ ଆସି ଲଳିତଙ୍କୁ ଏକ ଧାରୁଅ ଅସ୍ତ୍ରରେ ପେଟରେ ଆକ୍ରମଣ କରିଥିଲେ। ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ କରୁଣା ବାଗ କୋକସରା ଥାନାରେ ରବିବାର ଲିଖିତ ଅଭିଯୋଗ କରିଥିଲେ। ଧର୍ମଗଡ ଏସଡିପିଓ ଏଲ.ଏନ. ପଣ୍ଡା ତଦନ୍ତ ଜାରି ରଖିଥିବାବେଳେ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ସମ୍ପୃକ୍ତ ୪ ଜଣଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରାଯାଇଛି ।

### କଳାହାଣ୍ଡି ଦକ୍ଷିଣ ବନଖଣ୍ଡ କର୍ମଚାରୀ
## ଫନୀ ବିପନ୍ନଙ୍କୁ ଗୋଟିଏ ଦିନର ଦରମା ପ୍ରଦାନ

ଭବାନୀପାଟଣା,୨୦।୫ (ଡି.ଏନ.ଏ.)

ବାତ୍ୟା ଫନୀ ବିପନ୍ନଙ୍କ ଲାଗି କଳାହାଣ୍ଡି ଦକ୍ଷିଣ ବନଖଣ୍ଡ କର୍ମଚାରୀମାନେ ସହାୟତାର ହାତ ବଢାଇଛନ୍ତି। କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧରକାରୀ ଟି. ଅଶୋକ କୁମାରଙ୍କ ଉଦ୍ୟମରେ ଦକ୍ଷିଣ ବନଖଣ୍ଡ ଡିଏଫଓଙ୍କ ସମେତ ସମସ୍ତ ରେଞ୍ଜର, ଫରେଷ୍ଟର, ଗାର୍ଡ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ମିଶି ସେମାନଙ୍କ ଗୋଟିଏ ଦିନର ଦରମା ଫନୀ ବିପନ୍ନଙ୍କୁ ଦାନ କରିଛନ୍ତି। ସମସ୍ତ କର୍ମଚାରୀଙ୍କ ଗୋଟିଏ ଦିନର ଦରମା ବାବଦରେ ୧ ଲକ୍ଷ ୧୬ ହଜାର ଟଙ୍କା ଉକ୍ତ ବନଖଣ୍ଡ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରେ ଜମା କରାଯାଇଛି। ସୂଚନା ଯୋଗ୍ୟ, ଫନୀ ଯୋଗୁ ବିଭିନ୍ନ ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବାତ୍ୟା ବିପନ୍ନଙ୍କୁ ରିଲିଫ୍ ଯୋଗାଣ ଓ ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ସହାୟତା ପହଞ୍ଚିବାରେ ଲାଗିଛି।

# ୫ ବର୍ଷ ହେଲା ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସରୁନି

ଭବାନୀପାଟଣା,୨୦।୫ (ଡି.ଏନ.ଏ.)


ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ର।

କଳାହାଣ୍ଡି ଜିଲାରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି । ଶିଶୁଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ପୁଷ୍ଟିକର ଖାଦ୍ୟ, ଟୀକାକରଣ ଆଦି ସୁବିଧା ଯୋଗାଇବା ଲକ୍ଷ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଜିଲାରେ ଅଙ୍ଗନୱାଡି କେନ୍ଦ୍ର ଓ ମିନି ଅଙ୍ଗନୱାଡି କେନ୍ଦ୍ର ମିଶି ସମୁଦାୟ ୨୨୬୮ଟି କେନ୍ଦ୍ର ରହିଛି। ତେବେ ସେଥିରୁ ଏକ ହଜାର ଅଧିକ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ନାହିଁ। ଏହି କେନ୍ଦ୍ରଗୁଡିକ କାହା ବାରଣ୍ଡାରେ, ଗଛମୂଳେ, କେଉଁ ସ୍କୁଲ ବାରଣ୍ଡାରେ ଚାଲିଛି। ବିଶେଷ କରି ଜିଲାର ଥୁ.ରାମପୁର, ଲାଞ୍ଜିଗଡ ଓ ମ.ରାମପୁର ବ୍ଲକର ଦୁର୍ଗମ ଅଞ୍ଚଳଗୁଡିକରେ ଅଙ୍ଗନୱାଡି କେନ୍ଦ୍ରଗୁଡିକର ଏହି ସମସ୍ୟା ଅଧିକ ରହିଛି। ଜିଲା ପ୍ରଶାସନ ପକ୍ଷରୁ ନିଜସ୍ୱ କୋଠା ନ ଥିବା କେତେକ କେନ୍ଦ୍ର ନିମନ୍ତେ କୋଠା ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି। ତେବେ ବିଭାଗୀୟ ଅବହେଳା ଯୋଗୁ ଏହି କେନ୍ଦ୍ରଗୁଡିକର ନିର୍ମାଣ କାର୍ଯ୍ୟ ବର୍ଷ ବର୍ଷ ଧରି ଶେଷ ହେଉନାହିଁ । ଥୁ.ରାମପୁର ବ୍ଲକ କର୍ଲାପାଟ ପଞ୍ଚାୟତ କୁଆଙ୍ଗ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ତାହାର ଏକ ଉଦାହରଣ ହେଉଛି । ଆଜକୁ ୫ ବର୍ଷ ତଳେ ଏହି ଅଙ୍ଗନୱାଡି କେନ୍ଦ୍ର କୋଠା ନିର୍ମାଣ ନିମନ୍ତେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହି ନିର୍ମାଣ କାର୍ଯ୍ୟ ବିଭାଗୀୟ କରାଯାଉଛି । ତେବେ ୫ ବର୍ଷରେ କେବଳ ପ୍ଲିନ୍ଥ ପର୍ଯ୍ୟନ୍ତ ହିଁ ନିର୍ମାଣ କାର୍ଯ୍ୟ ହୋଇଛି । ନିଜସ୍ୱ କୋଠା ନ ଥିବାରୁ କୁଆଙ୍ଗ ଅଙ୍ଗନୱାଡି କେନ୍ଦ୍ର ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ଚାଲିଛି । ବିଭାଗୀୟ କାମ ହେଉଥିବା ବେଳେ କାହିଁକି ୫ ବର୍ଷ ହେଲା ଏହାର ନିର୍ମାଣ ଶେଷ ହେଉନାହିଁ ତାହାର ତଦନ୍ତ ପାଇଁ ଦାବି ହେଉଛି। ବିଭାଗୀୟ ଅଧିକାରୀମାନେ କାଗଜ କଲମରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦେଖାଇ ଅର୍ଥ ଆତ୍ମସାତ କରିଥାଇ ପାରନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ପାତ୍ରବସା ବସ୍ତିରେ ପାନୀୟ ଜଳର ଅଭାବ

ଭବାନୀପାଟଣା,୨୦।୫ (ଡି.ଏନ.ଏ.)


ଅଚଳ ନଳକୂଅ ।

କଳାହାଣ୍ଡି ଜିଲା କଲମପୁର ବ୍ଲକ୍ ଅନ୍ତର୍ଗତ ପଣ୍ଡିଗାଁ ପଞ୍ଚାୟତ ଅଧୀନ ପାତ୍ରବସା ଗାଁର ବସ୍ତିରେ ପିଇବା ପାଣି ଅଭାବ ଦେଖାଦେଇଛି। ଫଳରେ ପାନୀୟ ଜଳ ପାଇଁ ବସ୍ତିବାସିନ୍ଦା ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପାତ୍ରବାସା ଗାଁର ଜନସଂଖ୍ୟା ୧ ହଜାରରୁ ଅଧିକ। ଭୋଟରଙ୍କ ସଂଖ୍ୟା ୬ ଶହରୁ ଅଧିକ। ଏଠାରେ ବିଭିନ୍ନ ସମ୍ପ୍ରଦାୟର ଲୋକ ବାସ କରୁଛନ୍ତି। ଦଳିତ ସମ୍ପ୍ରଦାୟର ପ୍ରାୟ ୬୦ରୁ ଅଧିକ ପରିବାର ରହୁଛନ୍ତି। ଏମାନଙ୍କ ପାଇଁ ପଡାରେ ଗୋଟିଏ ନଳକୂପ ରହିଛି। ଅସ୍ପୃଶ୍ୟତା କାରଣରୁ ଅନ୍ୟ ନଳକୂଅ ବ୍ୟବହାର କରିବାକୁ ବାରଣ କରାଯାଇଛି । ଗୋଟିଏ ନଳକୂଆ ଯୋଗୁ ବିଭିନ୍ନ ସମୟରେ ଏହା ଅଚଳ ହୋଇ ପଡୁଛି। କେତେବେଳେ ପାଣି ବାହାରୁନି ତ ଆଉ କେତେବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ନଳକୂଆ ଅଚଳ ହେଉଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ ନଳକୂଅ ୩ ଥର ଅଚଳ ପରେ ମରାମତି ହୋଇଛି। ଏବେ ୮ଦିନ ହେଲା ପୁଣି ନଳକୂଅ ଅଚଳ। ବସ୍ତିବାସିନ୍ଦା ଏ ନେଇ ବିଭାଗୀୟ କର୍ମକର୍ତ୍ତାଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନି। ବହୁ ଲୋକଙ୍କ ପାଇଁ ଗୋଟିଏ ନଳକୂଅରୁ ପାଣି ଯଥେଷ୍ଟ ହେଉ ନ ଥିବାରୁ ରାଧାକୃଷ୍ଣ ମନ୍ଦିର ପାର୍ଶ୍ୱରେ ବସ୍ତିରେ ଆଉ ଏକ ନଳକୂଅ ଖୋଳାଇବା ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇଆସୁଛି। ବସ୍ତିବାସିନ୍ଦା ସରପଞ୍ଚ ବନଜାବାସିନୀ ମହାପାତ୍ରଙ୍କୁ ଏ ସମ୍ପର୍କରେ ଲିଖିତ ଭାକପବେ ଜଣାଇଛନ୍ତି। ନୂଆ ନଳକୂଅ ଖୋଳିବା ପାଇଁ ସରପଞ୍ଚ ମଧ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଗାଁ ସ୍କୁଲ ପାଖରେ ଏକ ସୋଲାର ପ୍ଲାଣ୍ଟ ମାଧମରେ ୫ ଲକ୍ଷ ଟଙ୍କା ବ୍ୟୟରେ ଉଠା ପାଇପ୍ ଜଳ ବସ୍ତିବାସିନ୍ଦାଙ୍କୁ ଯୋଗାଇ ଦିଆଯିବା ନେଇ ସମସ୍ତ ପ୍ରସ୍ତୁତି ସରିଛି ଏବଂ ଏହା ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି କହିଥିଲେ। କିନ୍ତୁ ନଳକୂଅ କି ଉଠା ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଆଜିଯାଏଁ ଶୁଭାରମ୍ଭ ହୋଇପାରୁ ନାହିଁ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ବଣିଆ କହିଛନ୍ତି, ଏଥର ନଳକୂଅ ଅଚଳ ଥିବା ଖବର ଜାଣିନୁ। ଗତଥର ଲିଖିତ ଅଭିଯୋଗ ପରେ ନଳକୂଅ ତୁରନ୍ତ ମରାମତି କରାଯାଇଥିଲା। ଉଠା ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ଆକ୍ସନ୍ ପ୍ଲାନ୍ କରି ପଠାଯାଇଛି। ନିର୍ଦ୍ଦେଶ ଆସିଲେ କାର୍ଯ୍ୟକାରୀ ହେବ ବୋଲି

### ପଦ୍ମ ପୋଖରୀ ପଙ୍କ ଉଦ୍ଧାର କାର୍ଯ୍ୟରେ ଅନିୟମିତତା
# କାମ ବନ୍ଦ କଲେ ଗ୍ରାମବାସୀ

କୋକସରା,୨୦।୫ (ଡି.ଏନ.ଏ.)


ଗ୍ରାମବାସୀ ପଙ୍କ ଉଦ୍ଧାର କାର୍ଯ୍ୟକୁ ବିରୋଧ କରୁଛନ୍ତି ।

କଳାହାଣ୍ଡି ଜିଲା କୋକସରା ବ୍ଲକ ସଦର ମହକୁମାଠାରେ ଥିବା ପଦ୍ମ ସାଗର ପୋଖରୀ ପଙ୍କ ଉଦ୍ଧାର ଓ ଉନ୍ନତିକରଣ ପାଇଁ କଳାହାଣ୍ଡି କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଟେଣ୍ଡର ମାଧ୍ୟମରେ ଜଣେ ଠିକାଦାର କାର୍ଯ୍ୟାଦେଶ ପାଇଥିଲେ। ଅଟକଳ ମୂଲ୍ୟ ୪୮ ଲକ୍ଷ ୧୨ ହଜାର ରହିଥିବା ବେଳେ ଗତ ଏପ୍ରେଲ ୧୪ ତାରିଖ ସୁଦ୍ଧା କାର୍ଯ୍ୟ ଶେଷ ଅବଧି ରହିଥିଲା। ତେବେ ଅବଧି ସରିବା ପରେ ମଧ୍ୟ ଠିକାଦାର କାର୍ଯ୍ୟ ନ କରି ଅବହେଳା କରିଥିଲେ । ଅନ୍ୟପଟେ ପଙ୍କ ଉଦ୍ଧାର ନାଁରେ ପୋଖରୀର ପାଣି ନିଷ୍କାସନ କରିବା ଯୋଗୁ ଏହା ଉପରେ ନିର୍ଭର କରୁଥିବା କୋକସରା ଗ୍ରାମର ଜନସାଧାରଣ ପାଣି ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଏହା ପରେ ଗତ କିଛି ଦିନ ହେବ ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ କାମ ଆରମ୍ଭରୁ ଅନିୟମିତତା ଦେଖିବାକୁ ମିଳିଛି। ପୋଖରୀର ଯେଉଁ ସ୍ଥାନରୁ ପଙ୍କ ଉଦ୍ଧାର ଓ ମାଟି କାମ ହେବା କଥା ତାହା ନ କରି ଠିକାଦାର ଜଣକ ନିଜ ସୁବିଧା ଅନୁସାରେ ପୋଖରୀର ଅଦରକାରୀ ସ୍ଥାନରୁ ମାଟି ଖନନ ଆରମ୍ଭ କରିବାକୁ ଦେଖିବାକୁ ମିଳିଛି । ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି । ସୋମାବାର ଗ୍ରାମବାସୀ ପହଞ୍ଚି ପଙ୍କ ଉଦ୍ଧାର କାର୍ଯ୍ୟକୁ ବିରୋଧ କରି କାମ ବନ୍ଦ କରିବକୁ ଠିକାଦାରଙ୍କୁ ଚେତାବନୀ ଦେଇଛନ୍ତି । ଏଥିସହ ବିଭାଗୀୟ କନିଷ୍ଟ ଯନ୍ତ୍ରୀଙ୍କୁ ନ ପାଇ ଫୋନରେ ଜଣାଇ ଥିଲେ । ପୋଖରୀର ଯେଉଁ ସ୍ଥାନରୁ ପଙ୍କ ଉଦ୍ଧାର ହେବା କଥା ସେହି ସ୍ଥାନରେ କାମ କରିବାକୁ କହିଥିଲେ। ବିନା ସୂଚନା ଫଳକ ଓ ବିଭାଗୀୟ ଅଧିକାରୀଙ୍କ ବିନା ତଦାରଖରେ କାମ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ କୋକସରା କ୍ଷୁଦ୍ର ଜଳସେଚନ ଓ ଅଣୁ ବିଭାଗ କନିଷ୍ଟ ଯନ୍ତ୍ରୀ ଅନିଲ କୁମାର ନାୟକଙ୍କୁ ପଚାରିବାରୁ ମୁଁ ଛୁଟିରେ ଅଛି, ଗ୍ରାମବାସୀଙ୍କ ଦାବି ଅନୁସାରେ ପଙ୍କ ଉଦ୍ଧାର ହେବ ଓ ଏକ ଗ୍ରାମ କମିଟି କରି ସେହି ଅନୁସାରେ କାର୍ଯ୍ୟ କରାଯିବ ବୋଲି କହିଥିଲେ। କୋକସରା ସମିତି ସଭ୍ୟ ତ୍ରିଭୁବନ ନାଏକ, ଗୋବର୍ଦ୍ଧନ ବାଗ, ଲକ୍ଷ୍ମି ନାରାୟଣ ପ୍ରଧାନି, କୋକସରା ପାଣି ପଞ୍ଚାୟତ ସମ୍ପାଦକ ନରୋତ୍ତ୍ରେ ପ୍ରଧାନି, ଅନିଲ କୁମରେ ପ୍ରଧାନି, ଶୁସାନ୍ତ କୁମାର ବେହେରା, ଖୁସିରାମ ରାଉତ, ଚନ୍ଦ୍ରଭାନୁ ସୁନା ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ।
- ଜନ୍ ରସ୍କିନ୍



## ସଂକ୍ଷେପରେ

### ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପାଟଣାଗଡ, ୨୦।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ଦନ୍ଦରାବାହାଲ ଗ୍ରାମ ନିକଟରେ ଥିବା ଏକ ମହୁଲ ଗଛରୁ ସୋମବାର ମଧ୍ୟାହ୍ନରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତା ହେଲେ ଗାଁର ଉର ଧରୁଆ (୩୬)। ଉରଙ୍କ ବାପା ଆନନ୍ଦ ଭୋଇଙ୍କ କହିବା ଅନୁଯାୟୀ ସ୍ୱାଇଁ କାର୍ତ୍ତିକ ଧରୁଆ ପ୍ରତ୍ୟେକ ଦିନ ଝିଅ ସହିତ କଳିକଜିଆ କରନ୍ତି। ମଙ୍ଗଳବାର ରାତିରେ ସେ ଉରଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ଏହି ଘଟଣା ପରେ ଉରଙ୍କର ଏପରି ଅବସ୍ଥା ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଖବର ପାଇ ପାଟଣାଗଡ ଥାନା ସବଇନ୍ସପେକ୍ଟର ବିଷ୍ଣୁପ୍ରସାଦ ଶବର ଏବଂ ଲିପିକା ନାଏକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଛି।

### ବୈଦିକ ଦେବ ଯଜ୍ଞ ସମ୍ପନ୍ନ

**ଲୋଇସିଂହା,୨୦।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ନଅଗାଁ(ଖ) ଗ୍ରାମର ଗଣ୍ଡାପଡାଠାରେ ଅନୁଷ୍ଠିତ ବାର୍ଷିକ ବୈଦିକ ଦେବଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସମାଜ ଓ ରାଷ୍ଟ୍ରର ମଙ୍ଗଳ ଉଦ୍ଦେଶ୍ୟରେ ଦୀର୍ଘ ୩୫ବର୍ଷ ହେଲା ଏହି ଯଜ୍ଞରେ ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ଯଜ୍ଞରେ କେଶବ ଆର୍ଯ୍ୟ, ଧରଣୀଧର ଆର୍ଯ୍ୟ ଓ ରଘୁମଣୀ ଆର୍ଯ୍ୟ ପୁରୋହିତ କାର୍ଯ୍ୟ ତୁଲାଇଥିଲେ। ଯଜ୍ଞରେ ନାଗର ହରପାଲ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଶ୍ରୀନିବାସ ହରପାଲ, ରକ୍ମିଣୀ ହରପାଲ, ପରମାନନ୍ଦ ନନ୍ଦ, ଅଚ୍ୟୁତ କୁମ୍ଭାର, ଅମର ନାଗ, କର୍ଣ୍ଣ ପାଇକ, ଘାସି ଛତ୍ରିଆଙ୍କ ସମେତ ପଡାବାସୀ ଯଜ୍ଞକୁ ସଫଳ କରିବାରେ ସହଯୋଗ କରିଥିଲେ। ଯଜ୍ଞ ସମାପନ ପରେ ଧର୍ମ ଆଲୋଚନା କରାଯାଇଥିଲା ।

### ସାପ କାମୁଡ଼ାରେ ଶିଶୁ ମୃତ

**ବିନିକା, ୨୦।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ଗ୍ରାମର ଜଣେ ଶିଶୁ ରବିବାର ରାତିରେ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଁର ଶ୍ରୀକର ଜଗଦଲାଙ୍କ ପୁଅ ଆଦିତ୍ୟ (୪)। ଶୋଇଥିବା ବେଳେ ଏକ ବିଷଧର ସାପ ଆଦିତ୍ୟକୁ କାମୁଡି ଦେଇଥିଲା । ପରିବାର ଲୋକ ଜାଣିବା ପରେ ତାଙ୍କୁ ତୁରନ୍ତ ବିନିକା ଡାକ୍ତରଖାନାକୁ ଆଣିଥିଲେ। ହେଲେ ଅବସ୍ଥା ଗୁରୁତର ହେବାରୁ ଶିଶୁକୁ ସୋନପୁର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସୋନପୁର ଡାକ୍ତରଖାନାରେ ପହଞ୍ଚିବ ପରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ । ହେଲେ ପରିବାର ଲୋକେ କାଳେ ବଞ୍ଚିଯିବ ଭାବି ପରେ ମୃତଶିଶୁକୁ ଧରି ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ମସନିଆପଡା ଗ୍ରାମକୁ ବିଷ ଝାରିବା ପାଇଁ ନେଇଥିଲେ। ହେଲେ ତାହା ଫଳପ୍ରଦ ହୋଇ ନ ଥିଲା।

# ସରିଲା ଅମଳ, ଖୋଲିନି ମଣ୍ଡି

**ଖପ୍ରାଖୋଲ, ୨୦।୫(ଡି.ଏନ.ଏ.)**



ଭାଲୁଡୁଙ୍ଗୁରି ଗାଁର ଜଣେ ଚାଷୀ ଅମଳ ଧାନକୁ ଜରି ଘୋଡାଇ ରଖିଛନ୍ତି।

**ଖପ୍ରାଖୋଲ ବ୍ଲକ**
- ଚାଷୀଙ୍କୁ ଘାରିଛି କାଳବୈଶାଖୀ ଚିନ୍ତା
- ଖୁବଶୀଘ୍ର ଖୋଲିବ ଧାନମଣ୍ଡି: ସମବାୟ ସହନିବନ୍ଧକ

ସରକାର ଚାଷୀ ଓ ଚାଷର ବିକାଶ କଥା କହୁଥିବାବେଳେ ଅନେକ ସମୟରେ ଆବଶ୍ୟକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇ ଶୋଷଣର ଶିକାର ହେଉଛି । ବଜାର ବ୍ୟବସ୍ଥା ଅଭାବରୁ ଫସଲର ଅଭାବି ବିକ୍ରିର ଛାଟ ତ ପୁଣି କେତେବେଳେ କଳା ବେପାରୀଙ୍କ ହାବୁଡରେ ପଡି ଚାଷୀ ଶୋଷଣର ଶିକାର ହେଉଛି। ଚଳିତ ବର୍ଷ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ରବି ଧାନ ଉତ୍ପାଦିତ ହୋଇଥିଲେ ବି ଆଜି ଯାଏଁ ମଣ୍ଡି ଖୋଲି ନ ଥିବାରୁ ଚାଷୀ ଚିନ୍ତାରେ ପଡି ଯାଇଛି । ଖପ୍ରାଖୋଲ ବ୍ଲକରେ ଅପରସୁକତେଲ ମଧ୍ୟମ ଜଳ ସେଚନ ଅଞ୍ଚଳ, ଅନେକ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ, ପୋଖରୀ ତଳି ଅଞ୍ଚଳ ସହିତ ଉଠା ଜଳ ସେଚନ ସୁବିଧା ଥିବା ଚାଷ ଜମିରେ ଶହଶହ ହେକ୍ଟର ଜମିରେ ରବି ଧାନ ଫସଲ ହୋଇଥିଲା । କୃଷି ବିଭାଗର ରିପୋର୍ଟ ଅନୁସାରେ ୧୬୦ ହେକ୍ଟରରୁ ଅଧିକ ଜମିରେ ରବିଧାନ ହୋଇଛି। ଓଡିଆପାଲି ପଞ୍ଚାୟତରେ ସର୍ବାଧିକ ୫୦ହେକ୍ଟର ସହ ଭାଲୁଡୁଙ୍ଗୁରି, କପସିପାଲି, ପଡିଆବାହାଲ, ଦମେଇପାଲି, ଯୁରିଆ, ମସିଣା, ଲୁହାସିଂହା, ବାଘମୁଣ୍ଡ, ନାନ୍ଦୁପଲା, ଛଚାନବାହାଲି, କନ୍ଦ୍ରାଭଟା, ବାଗଝରନ୍, ବାଂଜିପାଲି ପ୍ରଭୃତି ଗାଁରେ ବହୁଳଭାବେ ରବି ଧାନ ହୋଇଥିବା ଜଣାଯାଇଛି । ଭାଲୁଡୁଙ୍ଗୁରି ଗାଁର ଅନେକ ଚାଷୀ ଧାନ ଅମଳ କରି ମଣ୍ଡିକୁ ଅପେକ୍ଷା କରିଛନ୍ତି। ସରକାର ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ କିଣାବିକା ବ୍ୟବସ୍ଥା କରିଥିବାବେଳେ ଚାଷୀ ଏଥିପାଇଁ ଆଗରୁ ନାମ ପଞ୍ଜୀକରଣ କରି ସାରିଛି। ଧାନ ଉତ୍ପାଦନ ପ୍ରାୟ ସରି ଯାଇଥିବାରୁ ତୁରନ୍ତ ମଣ୍ଡି ଖୋଲିବାକୁ ନିଳାମ୍ବର ବିଶ୍ୱାଳ, ବବୁ ସାହୁ, କନ୍ଦର୍ପ ସୁଆର ପ୍ରମୁଖ ଚାଷୀ ଦାବି କରିଛନ୍ତି। ଏ ନେଇ ଖପ୍ରାଖୋଲ ବ୍ଲକ ସହକାରୀ କୃଷି ଅଧିକାରୀ ତୁଷାର ରଞ୍ଜନ ମିଶ୍ରଙ୍କୁ ପଚାରିବାରୁ ବ୍ଲକରେ ୧୬୨ ହେକ୍ଟର ଜମିରେ ରବି ଧାନ ଫସଲ ହୋଇଥିବା ବେଳେ ୫ ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଅମଳର ଲକ୍ଷ୍ୟ ରଖାଯାଇଛି। ଏ ନେଇ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର କୁଲୁଙ୍କୁ ପଚାରିବାରୁ ଧାନ କିଣା ବିକା ପାଇଁ ଆଲୋଚନା ସରିଥିବା କହିଛନ୍ତି। ସେହିପରି ପାଟଣାଗଡ ସମବାୟ ସହନିବନ୍ଧକ ପ୍ରମୋଦ କୁମାର ବରିହାଙ୍କୁ ପଚାରିବାରୁ ଖପ୍ରାଖୋଲ ବ୍ଲକର ଖପ୍ରାଖୋଲ, ଲୁହାସିଂହା, ଧଣ୍ଡାମୁଣ୍ଡା, ମହରାପଦର, ଲାଠୋର ପ୍ରାଥମିକ କୃଷି ସମବାୟ ସମିତିରେ ଖୁବଶୀଘ୍ର ମଣ୍ଡି ଆରମ୍ଭ ହେବ। ପଞ୍ଜୀକୃତ ଚାଷୀଙ୍କ ଧାନ କିଣିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ସପ୍ତାହେ ମଧ୍ୟରେ ଧାନ କିଣା ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ଅଚଳ

## ଜଳକଷ୍ଟ ଭୋଗୁଛନ୍ତି ସରଗାଡ଼ ଗ୍ରାମବାସୀ

**ଲୋଇସିଂହା,୨୦।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ସରଗାଡ ପଞ୍ଚାୟତ ସଦର ଗ୍ରାମର ପାନୀୟ ଜଳଯୋଗାଣ ପ୍ରକଳ୍ପ ମୋଟର ଅଚଳ ହୋଇ ପଡିଛି। ଏହାର ମରାମତି ଦିଗରେ ପଞ୍ଚାୟତ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଆନ୍ତରିକତା ପ୍ରକାଶ କରୁ ନାହାନ୍ତି। ଏଥିଯୋଗୁ ଗ୍ରାମବାସୀ ୪୫ ଡିଗ୍ରୀ ତାପମାତ୍ରାରେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଆଠୱାର୍ଡ ବିଶିଷ୍ଟ ସରଗାଡ ଗାଁର ଲୋକସଂଖ୍ୟା ୫ ହଜାର। ଏହି ଗାଁରେ ରହିଛି ୩୦ଟି ନଳକୂପ। ହେଲେ ଏଥିରୁ ଆବଶ୍ୟକ ପାଣି ବାହାରୁ ନାହିଁ। ସ୍ୱଚ୍ଛ ଓ ନିରନ୍ତ ଜଳଯୋଗାଣ ପାଇଁ ଗାଁରେ ରହିଛି ଏକ ଜଳଯୋଗାଣ ପ୍ରକଳ୍ପ । ହେଲେ ପ୍ରକଳ୍ପର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି କରାଯାଉ ନାହିଁ। କିଛିଦିନ ତଳେ ମୋଟର ଖରାପ ହୋଇଯାଇଥିଲେ ବି ଏହାର ମରାମତି କରାଯାଉନାହିଁ । ଏଭଳି ପରିସ୍ଥିତିରେ ଖୋଲାକୂଅ ଓ ପୋଖରୀ ପାଣିକୁ ପିଇବାକୁ ଗ୍ରାମବାସୀ ବାଧ୍ୟ ହେଉଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ କୈଳାସ ବରିହା କହିଛନ୍ତି ଯେ, ଆମେ ଟଙ୍କା ଦେବୁ, ମୋଟର ମରାମତି କରିବା ଆରଡବ୍ଲୁଏସଏସର କାମ। ସେମାନେ ମରାମତି ପାଇଁ ମୋଟର ନ ନେଲେ ଆମେ କଣ କରିବୁ ବୋଲି କହିଥିଲେ। ଅପରପକ୍ଷେ ବିଭାଗୀୟ ଯନ୍ତ୍ରୀ ପ୍ରସାଦ ସମାନ୍ତରାୟ କହିଛନ୍ତି ଯେ, ମେଣ୍ଟନାନ୍ସ ଦାୟିତ୍ୱ ପଞ୍ଚାୟତକୁ ଦିଆଯାଇଥିବାରୁ ସେମାନେ ମରାମତି କରିବା କଥା। ମୋଟର ମରାମତି ପାଇଁ ପଠାଇ ଯାଇଛି । ଏ ସଂକ୍ରାନ୍ତରେ ପଞ୍ଚାୟତ ପିଇଓ ଜଣାଇଥିବା ସେ କହିଥିଲେ।

# ଆବାସ ଯୋଜନାରୁ ବଁଚିତ ଦିବ୍ୟାଙ୍ଗ ଭାଇବହେନ

**ଲୋଇସିଂହା,୨୦।୫(ଡି.ଏନ.ଏ.)**

ଦିବ୍ୟାଙ୍ଗମାନକର ଲାଗି ସରକାର ଅନେକ ପରକାର ଖାସ୍ ଯୋଜନା ତିଆର କରିଛନ୍। ହେଲେ ଅନେକ ଜାଗାରେ ଦିବ୍ୟାଙ୍ଗ ନିଜର ହକ୍ ପାଏବାରୁ ବଁଚିତ ହେଉଥିବାର ଦେଖିବାକେ ମିଲୁଛେ। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଁଚେତ କୁମୁଣ୍ଡା ହରିଜନ ପଡ଼ାରେ। ସୂଚନା ଅନ୍‌ସାରେ ହରିଜନ ପଡ଼ାର ଗର୍ଜୁ କୁଅଁର। ତାକର ପରିବାର କହେଲେ ମାଏକିନା ଜୟନ୍ତୀ, ୩ ପୁଓ ଆର ଗୁଟେବଲି ଝି'କେ ନେଇ ସଁସାର। ହେଲେ ଦୁତୀଅ ପୁଓ ଭୀମକନ୍ଧ ଆର ଝି'କୁନୀ ଜନମୁ ଅଁଧ୍ ଆଏ। ଗର୍ଜୁକଁର ଜମିବାଡ଼ି ବଲି କିଛି ନାଇଁ। ସେ ଗାଁଗାଁ ବୁଲି ଜରି ବ୍ୟାଗ ଆର କପଡ଼ା ସିଲେଇ କରି ନିଜର ବଡ଼ା ଦୁଖେ କୁଟୁମ ପୁଷୁଛନ୍। ସେଥିରଲାଗି ସେ ଦିବ୍ୟାଙ୍ଗ ପୁଓ ଝି'କେ ତରଭା ପାସର ଶିବତଲା ଅନ୍ଧ ମୁକ ବଧିର ସ୍କୁଲରେ ଛାଡ଼ିଦେଇଛନ୍। ସେଠାନେ ସେମାନେ ରହି ପାଠ୍ ପଢୁଛନ୍। ଗର୍ଜୁକଁର ଦୁଇ ଦିବ୍ୟାଙ୍ଗ ପୁଓ ଝି' ଜିଲାପାଲକଁର ନିରଦେଶରେ ଆଗରୁ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୧୦ କେ.ଜି. ଲେଖେଁ ଚାଉଲ ପାଉଥିଲେ। ଇତାର ବାହାରେ ରାଶନ କାର୍ଡରେ ପରିବାରର ଝନ୍‌ପିଛା ୫ କେ.ଜି. ଲେଖେଁ ଚାଉଲ ପାଉଛନ୍। ଭୀମ ଆର କୁନୀକେ ଭିନ୍ନକ୍ଷମ ଭତା ମିଲୁଛେ। ହେଲେ ଦିବ୍ୟାଙ୍ଗମାନକୁ ଆବାସ ଯୋଜନାରେ ସାମିଲ କରି ପକ୍କାଘର ଯୁଗେଇ ଦେବାର ବେବସ୍ତା ରହିଥିଲେ ବି ଦୁଇ ଭାଇବହେନ୍ ଯୋଜନାର ସୁଫଲ ପାଏବାରୁ ବଁଚିତ ହେଇଛନ୍। କୁଟୁମଟା ଗୁଟେ ଭଂଗା ଦଦ୍‌ରା ଘରେ ଅସାହା ଅବସ୍ତାରେ ଜୀବନ୍ ବିତଉଥିବାର ଗର୍ଜୁ ଅଭିଯୋଗ କରିଛନ୍। ଇ ଦିଗେ ଜିଲାପାଲ ଖାସ୍ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ।



ମା'ବାପ୍ ସଂଗେ ଦିବ୍ୟାଙ୍ଗ ଝି'ପୁଓ।

# ସିଂଘିଯୁବା, ସିଲାଟି ପ୍ୟାକ୍ସରେ ରବିଧାନ କିଣାର ଶୁଭାରମ୍ଭ

**ବିନିକା, ୨୦।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପ୍ୟାକ୍ସରେ ରବିଧାନ କିଣା ସୋମବାର ଆରମ୍ଭ ହୋଇଛି। ପ୍ୟାକ୍ସ ସଭାପତି ମନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷ ଅଶୋକ ନନ୍ଦ ଓ ଜିଲା ସମବାୟ ଅଧିକାରୀ ଭୀମସେନ ସାହୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡୁଙ୍ଗୁରିପାଲି ଆର୍‌ଏମ୍‌ସି ସମ୍ପାଦକ ଉଦିତ୍ କୁମାର ବାବ ଯୋଗଦେଇଥିଲେ। ପ୍ରଥମ ଦିବସରେ ୪୬ ଚାଷୀଙ୍କୁ ଟୋକନ୍ ମିଳିଛି । ଟୋକନ ପାଇଥିବା ଚାଷୀଙ୍କ ଧାନ ଉଠାଇବା ପାଇଁ ଶିବଶକ୍ତି, ପଦ୍ମାବତୀ, ରାଘବ ଉଦ୍ୟୋଗ, ନଳିନୀ,କର୍ଣ୍ଣିକା, ଗୋଦାବରୀ, ସନ୍ତୋଷୀ, ବାଲାଜୀ, ଉମାବିଷ୍ଣୁ ପ୍ରଭୃତି ରାଇସ୍ ମିଲ୍ସ ପହଞ୍ଚିଥିଲେ । ମଣ୍ଡି ଶୁଭାରମ୍ଭ ସମୟରେ ସମ୍ପାଦକ ପ୍ରମୋଦ ଭୂଏ, ସହସମ୍ପାଦକ ବିଶ୍ୱଜିତ୍ ପାଢୀ, ଡାଟା ଏଣ୍ଟ୍ରି ଅପରେଟର ରାଜେଶ ସାହୁ ଉପସ୍ଥିତ ଥିଲେ। ୪୦ଜଣ ଚାଷୀଙ୍କଠାରୁ ୨୩୫୧କୁଇଣ୍ଟାଲ ୮୧କେଜି ଧାନ ଉଠିଥିବା ପ୍ୟାକ୍ସ ସମ୍ପାଦକ ଭୋଇ ପ୍ରକାଶ କରିଛନ୍ତି। ସେହିପରି ବ୍ଲକ ଅନ୍ତର୍ଗତ ସିଲାଟି ପ୍ୟାକ୍ସରେ ଆର୍‌ଏମ୍‌ସି ସମ୍ପାଦକ ଉଦିତ୍ କୁମାର ବାବୁ ଧାନକିଣା ପ୍ରକ୍ରିୟାର ଶୁଭାରମ୍ଭ କରିଥିଲେ। ସିଲାଟି ସମ୍ପାଦକ ବଳରାମ ପଧାନ ଦେଇଥିବା ସୂଚନା ମୁତାବକ ସୋମବାର ୩୦ଜଣ ଚାଷୀଙ୍କୁ ଟୋକନ୍ ଦିଆଯାଇଥିଲା । ରାତ୍ର ଯାଏ ୬ଟି ମିଲ୍ସ ପକ୍ଷରୁ ୧୯୪୮.୬୬ କୁଇଣ୍ଟାଲ ଧାନ ଉଠାଣ ହୋଇଥିଲା ।

୫ ପରାନୀ କୁଟୁମ୍ବର ବୋଝ୍

# ସରକାରୀ ଯୋଜନାରୁ ବଁଚିତ ଦିବ୍ୟାଙ୍ଗ ଗଣେଶ

**ବିନିକା,୨୦।୫(ଡି.ଏନ୍.ଏ.)**

ବିନିକା,୨୦।୫(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗାଁ ହାଇସ୍କୁଲ ପଡ଼ାର ଦିବ୍ୟାଙ୍ଗ ଗଣେଶ ବାଘ(୨୮)। ଜନମୁ ତାକର ଗୁଟେ ଆଏଁଖ୍ ନାଇଁ ଦିଶବାର। ସେ ନିହାତି ଗରିବ୍ ଘରର ପିଲା ହେଇଥିଲା ବେଲେ ଚିକିତ୍ସା ଲାଗି ଟଁକା ପଏସାର ବଡ଼ଭାରି ଅଭାବ୍ ରହିଛେ। ଆଏଜ୍‌ବି ସେ ଅନେକ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ଥିବାର ଅଭିଯୋଗ କରିଛନ୍।

ସୂଚନା ଅନ୍‌ସାରେ, ସିଂଘିଯୁବା ଗାଁ ହାଇସ୍କୁଲ ପଡ଼ାର ଗଣେଶକଁର ପରିବାର କହେଲେ ବାପ୍ ରାଜେନ୍ଦ୍ର ବାଘ(୬୪), ମା' ପ୍ରେମ(୬୦), ମାଏକିନା ରଶ୍ମିତା(୨୭), ଝି' ମୀରା ଆର ପୁଓ ମିଲନକେ ନେଇ ତାକର ସଁସାର। ଗଣେଶର ଜନମ୍‌ବେଲୁ ଭୁଜନି ଆଏଁଖ୍‌ଟା ମୁଜି ହେଇ ରହିଛେ, ସେ ଡେବରି ଆଏଁଖିଥି ଯାହା ଦେଖୁଛନ୍। ବହୁତ ବଛର ଆଗ୍‌ରୁ ମା'ବାପ୍ ତାହାକୁ ବୁର୍ଲା ଚିକିତ୍ସା ଲାଗି ନେଇଥିଲେ। ହେଲେ ଡାକ୍ତର ଚିକିତ୍ସା ଲାଗି ବହୁତ୍ ଟଁକା ଦରକାର ବଲି କହେଲାରୁ ମା'ବାପ୍ ନିରାଶ ହେଇ ପୁଓକେ ଧରି ଘରକେ ଫିରିଆସିଥିଲେ। ସେଦିନ୍‌ଠାନୁ ଗଣେଶର ଚିକିତ୍ସା ଅଟକିଛେ। ଗଣେଶର ବାପା ଆଗରୁ କୁଲି ମଜୁରି କରି କୁଟୁମ ପୁଷୁଥିଲେ। ହେଲେ ବଏସ୍ ଅଧିକା ଲାଗି ସେ ଏହେଦେ କାମଧଁଦା ନାଇଁ କରିପାରବାର। ପରିବାରର ବୋଝ୍ ଏହେଦେ ଗଣେଶ ଉପରେ ରହିଛେ। ଗଣେଶ ଗାଁର ମାହାଜନ ପାସେ କାମ କରି ଦିନକ ୨ଶହ ଟଁକା ରୁଜଗାର କରୁଛନ୍। ସେ ଯାହା କମଉଛନ୍ ପରିବାରର ତେଲନୁନ୍‌ରେ ସରିଯାଉଛେ, ଏନ୍ତାଥି ଆଁଖିର ଚିକିତ୍ସା କଥା କିଏ ପଚାରେ। ଗଣେଶ ଅନେକ ସରକାରୀ ଯୋଜନାରୁ ବଁଚିତ ଥିବାର ଅଭିଯୋଗ କରିଛନ୍। ଆଏଜତକ୍ ତାହାକୁ କେହେନ୍‌ସି ଅବାସ ଯୋଜନାରେ ସାମିଲ ନାଇଁ କରାଯାଇ। ଦିବ୍ୟାଙ୍ଗ ପରମାନପତର ଥିଲେ ବି ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଲ ନାଇଁ ପାଏବାର। ମା'ବାପ୍ ଆର ଗଣେଶ ପାଉଥିବାର ୫ଶହ ଟଁକା ଭତା, ଫ୍ୟାମିଲି ବେନିଫିସେରୀ ଯୋଜନାରେ ଝନ୍‌ପିଛା ୫ କେ.ଜି ହିସାବେ ପାଉଥିବାର ୩୦ କେ.ଜି. ଚାଉଲ ପରିବାରର ସାହାଭରସା ପାଲଟିଛେ। ଇ ବାବ୍‌ଦେ ସିଂଘିଯୁବା କାର୍ଯ୍ୟନିର୍ବାହୀ ଅଧିକାରୀ ରମାକାନ୍ତ ନାଏକକୁଁ ପଚରାଲାରୁ ଗଣେଶ ଇ ବାବ୍‌ଦେ ଆମକୁ ନାଇଁ ଜନେଇ। ତାହାକୁ କେନ୍‌ଥେଇ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରାଯାଇ ପାରବା ସେ ବିଷେରେ ବିନିକା ଯୋଗାଣ ଅଧିକାରୀକଁର ସଂଗେ କଥା ହେମି। ଯେତେ ଜଲଦି ହେବା ତାକୁ ବିଜୁ ପକ୍କାଘର ଯୋଜନାରେ ସାମିଲ କରବାର ଦିଗେ ପଦକ୍ଷେପ ନିଆଯିବା ବଲି ସେ କହିଥିଲେ। ସେନ୍‌ତା ଗଣେଶର ଆଁଖିର ଚିକିତ୍ସା ବାବ୍‌ଦେ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ପ୍ରଭାସ ପଧାନକୁଁ ପଚରାଲାରୁ ତାକର ଆଁଖି ପରୀକ୍ଷା କଲା ଉତାରୁ କେନ୍ ପରକାର ଚିକିତ୍ସା ଦରକାର କହିହେବା ବଲି ସେ କହିଥିଲେ।

**ଚିକିତ୍ସା ଲାଗି ଟଁକା ବାଧକ**



ପରିବାର ସଂଗେ ଦିବ୍ୟାଙ୍ଗ ଗଣେଶ।

# ସୋର ପଡୁଛେ ମୋର ଗାଁକେ ଗୀତର ଭିଜୁଆଲ ସିଡୀ ଲୋକାର୍ପିତ

**ବଲାଙ୍ଗୀର ଅଫିସ, ୨୦।୫**

ତରୁଣ ଗାଳ୍ପିକ, ଅଧାପକ ଜଗନ୍ନାଥ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ସୋର ପଡୁଛେ ମୋର ଗାଁକେ ଗୀତର ଭିଜୁଆଲ ସିଡି ଲୋକାର୍ପିତ ହୋଇଛି । ସିନେ କଳାକାର ଡ. ତପସ୍ୱିନୀ ଗୁରୁ, ସୁକ୍‌ତେଲ ବୁଡିଅଞ୍ଚଳର ସଂଗ୍ରାମୀ ନେତା ଉଦୟ ସିଂ ଠାକୁର, ସାହିତ୍ୟିକ ନବୀନ ବିଶ୍ୱବନ୍ଧୁ, ସାମାଜିକ କର୍ମୀ ଅମୃତ ବାରିକ ଏହାକୁ ରେଙ୍ଗାଲିଠାରେ ଲୋକାର୍ପିତ କରିଛନ୍ତି । ଗାଁର ଯେଉଁ ମହମହ ବାସ୍ନାଥାଏ, ଗାଁ ଭିତରେ ଯେଉଁ ଆପଣାର କରିନେବାର ଶକ୍ତି ଥାଏ, ତାହା ଅବର୍ଣ୍ଣନୀୟ ବୋଲି ଅତୀତର କଥାକୁ ମନେପକାଇ କିଛିକ୍ଷଣ ରୋମାଞ୍ଚିତ ହୋଇଥିଲେ ଅତିଥି ଡ. ଗୁରୁ। ସ୍ୱର୍ଗଠାରୁ ମଧ୍ୟ ପବିତ୍ର ସ୍ଥାନ ଗାଁ ମାଟି । ହେଲେ ଆଧୁନିକ ମଣିଷ ନିଜ ଗାଁକୁ ଛାଡ଼ି , ନିଜ ପରମ୍ପରାକୁ ଛାଡ଼ି ପାଶ୍ଚାତ୍ୟ ପ୍ରଭାବରେ ନିଜକୁ ସାମିଲ କରୁଥିବା ବେଳେ ଏହି ଗାଁ ଗୀତ ନିଶ୍ଚିତ ଭାବେ କ୍ଷଣକ ପାଇଁ ହେଉ ମଣିଷକୁ ଗାଁକୁ ଫେରାଇ ନେବ ବୋଲି ଅତିଥିବକ୍ତାମାନେ ମତବ୍ୟକ୍ତ କରିଥିଲେ। ଦିଲୀପ କୁମାର ଦୀପ ସଭା ସଂଯୋଜନା କରିଥିଲେ । ଏହି ଅବସରରେ ଅତିଥି ଏବଂ ରେଙ୍ଗାଲି ଗାଁର କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଆଖପାଖର ବହୁକବି ଲେଖକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।



ଭିଜୁଆଲ ସିଡୀ ଲୋକାର୍ପଣ ଅବସରରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର ମ୍ୟୁନିସିପାଲିଟି

# ସ୍କୁଲ, ୟୁନିଭର୍ସିଟି ସମ୍ମୁଖରେ ତିଆରି କରିଛି ଆବର୍ଜନା କୁଣ୍ଡ

**ବଲାଙ୍ଗୀର ଅଫିସ, ୨୦।୫**





ପିପି ଏକାଡେମୀ ଦ୍ୱିତୀୟ ଗେଟ୍ ସମ୍ମୁଖରେ ତିଆରି ଆବର୍ଜନା କୁଣ୍ଡ (ବାମ)। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଗେଟ୍ ନିକଟରେ ତିଆରି ଆବର୍ଜନା କୁଣ୍ଡ ।

ବିଭିନ୍ନ ସମୟରେ ବଲାଙ୍ଗୀର ମ୍ୟୁନିସିପାଲିଟି ଦୁର୍ନୀତି, ଉନ୍ନୟନ କାର୍ଯ୍ୟରେ ଚରମ ଅବହେଳା ଓ ଅଯଥା ରାଜନୀତିକୁ ନେଇ ଚର୍ଚ୍ଚାରେ ରହିଆସିଛି। କିଛି ମାସ ତଳେ ସହରରେ ପ୍ଲାଷ୍ଟିକ୍ ଡଷ୍ଟବିନ୍ ଲଗାଇ ମ୍ୟୁନିସିପାଲିଟି ଚର୍ଚ୍ଚାକୁ ଆସିଥିଲା । ବିଭିନ୍ନ ରାସ୍ତାରେ ଲଗାଯାଇଥିବା ଏହି ଡଷ୍ଟବିନ୍ ପ୍ରାୟତଃ କୌଣସି କାମକୁ ଆସି ନ ଥିବାବେଳେ ଲଗାଇବାର ଦିନେ ଦୁଇଦିନ ଭିତରେ ଅନେକ ସ୍ଥାନରୁ ଚୋରି ହୋଇଯାଇଥିଲା। ଏବେ ସହରକୁ ସ୍ୱଚ୍ଛ କରିବା ଦିଗରେ ବଲାଙ୍ଗୀର ମ୍ୟୁନିସିପାଲିଟି ବିଭିନ୍ନ ସ୍ଥାନରେ କଂକ୍ରିଟ୍ ଆବର୍ଜନା କୁଣ୍ଡ ତିଆରି କରୁଛି । ରାସ୍ତାକଡରେ ଏହି କୁଣ୍ଡ ତିଆରି କରିବାର ଉଦ୍ଦେଶ୍ୟ ହେଲା ଏଠାରେ ସହରୀବାସୀ ଆବର୍ଜନା ପକାଇଲେ ତାକୁ ସହଜରେ ମ୍ୟୁନିସିପାଲିଟିର ସଫେଇ କର୍ମଚାରୀ ବା ସଂସ୍ଥା ଡମ୍ପିଂୟାର୍ଡକୁ ନେଇ ପାରିବେ । ସହରର ଆବର୍ଜନା ସଫେଇ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବାବେଳେ ଏହାକୁ ନେଇ କୌଣସି ଯୋଜନା ନଥିବାରୁ ଏହି କଂକ୍ରିଟ୍ ଆବର୍ଜନା ତିଆରି ଏବେ ପୁଣି ଥରେ ବିବାଦୀୟ ହୋଇପଡିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସହରର ବିଭିନ୍ନ ରାସ୍ତା କଡରେ ୧୨ଟି କଂକ୍ରିଟ୍ ଆବର୍ଜନା କୁଣ୍ଡ ତିଆରି ଚାଲିଥିବା କୁହାଯାଇଛି । ଗୋଟିଏ ସ୍ଥାନରେ ଲଗାଲଗି ଦୁଇଟି କୁଣ୍ଡ ତିଆରି କରାଯାଉଛି । ଗୋଟିଏ କୁଣ୍ଡରେ ସଲିଡ୍ ୱେଷ୍ଟ ରଖାଯିବାକୁ ଓ ଅନ୍ୟ କୁଣ୍ଡରେ ଲିକ୍ୟୁଟ୍ ୱେଷ୍ଟ ବା ଅନ୍ୟ ଆବର୍ଜନା ରଖିଲେ ସହଜରେ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇପାରିବ ବୋଲି କୁହାଯାଉଛି। ତେବେ ଏଭଳି କୁଣ୍ଡ ତିଆରି ମ୍ୟୁନିସିପାଲିଟି ଏବେ ନୂଆ ବିବାଦକୁ ଆମନ୍ତ୍ରଣ କରିଛି । ସହରର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ପତିତପାବନ (ପିପି) ଏକାଡେମୀ ଦ୍ୱିତୀୟ ଗେଟ୍ ସମ୍ମୁଖରେ ମ୍ୟୁନିସିପାଲିଟି ଏଭଳି ଏକ ଆବର୍ଜନା କୁଣ୍ଡ ତିଆରି କରିଛି । ସେହିପରି ପଶ୍ଚିମ ଓଡିଶାର ସର୍ବପୁରାତନ ରାଜେନ୍ଦ୍ର ମହାବିଦ୍ୟାଳୟ ନିକଟରେ ୟୁନିଭର୍ସିଟି ଘୋଷଣା ହୋଇଥିଲେ ମଧ୍ୟ ମ୍ୟୁନିସିପାଲିଟି ତାର ମହତ୍ତ୍ୱ ବୁଝିନାହିଁ । ଏହି ୟୁନିଭର୍ସିଟି ମୁଖ୍ୟ ଗେଟ୍‌କୁ ଲାଗିକରି ମ୍ୟୁନିସିପାଲିଟି ଏକ ଆବର୍ଜନା କୁଣ୍ଡ ତିଆରି କରିଛି। ଏହାଛଡା ସେଠାରୁ ମାତ୍ର ୫୦ ମିଟର ଦୂରରେ ସେହି ରାସ୍ତାରେ ଆଉ ଗୋଟିଏ କଂକ୍ରିଟ୍ ଆବର୍ଜନା କୁଣ୍ଡ ତିଆରି କରିଛି। ୟୁନିଭର୍ସିଟିକୁ ପ୍ରବେଶ କଲାମାତ୍ରେ ଛାତ୍ରୀଛାତ୍ର, ଅଧାପକ, ବୁଦ୍ଧିଜୀବୀଙ୍କ ଆଖିରେ ପ୍ରଥମେ ଏହି ଆବର୍ଜନା କୁଣ୍ଡ ପଡିବ । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଓ ପିପି ଏକାଡେମୀ ସମ୍ମୁଖରେ କଂକ୍ରିଟ୍ ଆବର୍ଜନା କୁଣ୍ଡ ତିଆରି କରି ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ସହରକୁ ସ୍ୱଚ୍ଛ, ସୁନ୍ଦର ଓ ସଚେତନ କରିବା ପରିବର୍ତ୍ତେ ଯୋଜନାହୀନ କାର୍ଯ୍ୟ କରୁଥିବା ସ୍ପଷ୍ଟ ହୋଇଛି ବୋଲି ଚର୍ଚ୍ଚା ହେଉଛି । ଉଭୟ ପ୍ରମୁଖ ଶିକ୍ଷାନୁଷ୍ଠାନ ସମ୍ମୁଖରେ ଏଭଳି ଆବର୍ଜନା କୁଣ୍ଡ ତିଆରି କରିବା ନେଇ ସହରର ପୁରାତନ ଛାତ୍ର, ବୁଦ୍ଧିଜୀବୀ ଓ ଶିକ୍ଷାପ୍ରେମୀ ଘୋର ସମାଲୋଚନା କରିବା ସହ ତୁରନ୍ତ ସେହି ସ୍ଥାନରୁ ଆବର୍ଜନା କୁଣ୍ଡକୁ ହଟାଇବାକୁ ଦାବି କରିଛନ୍ତି । ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ରାସ୍ତାକଡରୁ ତୁରନ୍ତ ଆବର୍ଜନା କୁଣ୍ଡ ସ୍ଥାନାନ୍ତରଣ ପାଇଁ ପୁରାତନ ଛାତ୍ର ଡ. ବିପିନ କୁଶଲିଆ ମ୍ୟୁନିସିପାଲିଟିକୁ ଲିଖିତ ଜଣାଇବା ସହ ସେଠାରେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ସହରରେ ୩ ଶହ ଆବର୍ଜନା କୁଣ୍ଡ ତିଆରି କରାଯିବ ବୋଲି ଜଣାପଡିଛି। ଏବେ ଯେଉଁ ୧୨ଟି କୁଣ୍ଡ ତିଆରି ଚାଲିଛି ସେଥିରେ କୁଣ୍ଡ ପିଛା ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ଜଣାପଡିଛି। ତେବେ ଯେଭଳି ଭାବେ ଏହା ଯୋଜନାହୀନ ଭାବେ ତିଆରି ଚାଲିଛି ସେଥିରେ ଦୁର୍ନୀତିର ଗନ୍ଧ ବାରି ହେଉଥିବା ଅଭିଯୋଗ ଉଠିଲାଣି। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କୁ ପଚରାଯିବାରୁ ସଫେଇ ଉଦ୍ଦେଶ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ଏହି କୁଣ୍ଡ ତିଆରି ଚାଲିଛି। ତେବେ ସ୍କୁଲ, ୟୁନିଭର୍ସିଟି ସମ୍ମୁଖରେ ତିଆରି ହୋଇଥିବା କୁଣ୍ଡକୁ ସ୍ଥାନାନ୍ତରଣ କରାଯିବାକୁ କିଛି ଲୋକ ଦାବି କରୁଛନ୍ତି । ଏ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ।
ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ମାଲପଡା ନାଗରିକ କମିଟିର ଉଦ୍‌ବେଗ

ବଲାଙ୍ଗୀର ଅଫିସ, ୨୦।୫- ବଲାଙ୍ଗୀର ସହରରେ ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟୟ ବୃଦ୍ଧି ପାଉଥିବାରୁ ଏହାକୁ ନେଇ ମାଲପଡା ନାଗରିକ କମିଟି ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି । ସହରର ସମସ୍ତ ପ୍ରମୁଖ ଛକରେ ସିସିଟିଭି ଲାଗିଥିବା ସତ୍ତ୍ୱେ ସୁନାଚେନ୍ ଲୁଟେରାମାନେ ଯେଉଁଭଳିଭାବେ ଆତଙ୍କ ଖେଳାଉଛନ୍ତି ଏଥିରୁ ସହରରେ ପୋଲିସ ପ୍ରତି ଆଦୌ ଭୟ ନଥିବା ସ୍ପଷ୍ଟ ହୋଇଛି। ସନ୍ଧ୍ୟା ହେଉକି ଦିନ ଦ୍ୱିପହରେ ବାଇକରେ ଲୁଟେରାମାନେ ଅବାଧରେ ଆସି ମହିଳାଙ୍କ ବେକରୁ ସୁନାଚେନ୍ ଲୁଟି ନେଉଥିବା ଦେଖାଯାଉଛି। ରବିବାର ସନ୍ଧ୍ୟାରେ ମାତ୍ର ୧ ଘଣ୍ଟା ଭିତରେ ୨ଜଣ ମହିଳାଙ୍କ ସୁନାଚେନ୍ ଲୁଟ୍ ସହ ଅନ୍ୟ ଦୁଇ ମହିଳାଙ୍କ ସୁନାଚେନ୍ ଲୁଟ୍ ଉଦ୍ୟମ ହୋଇଥିଲା। ଏହି ଘଟଣାକୁ ନେଇ ମାଲପଡା ନାଗରିକ କମିଟି ତରଫରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଲୁଟେରାମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସହରରେ କଡାକଡି ପାଟ୍ରୋଲିଂ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏହି ବୈଠକରେ କମିଟି ସଭାପତି ଯୁଧିଷ୍ଠିର ମିଶ୍ର, ସମ୍ପାଦକ ପଞ୍ଚାନନ ସେଠ, ଉପସଭାପତି ଗୋପବନ୍ଧୁ ପୁରୋହିତ, କାର୍ଯ୍ୟକାରୀ ସଭ୍ୟ ଆକୁଳ ବେହେରା, ଦେବଜିତ ଯୋଷୀ, ସତ୍ୟନାରାୟଣ ପାଣିଗ୍ରାହୀଙ୍କ ସହ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହି ମତପ୍ରକାଶ କରିଥିଲେ।

### ଅବକାରୀ ବିଭାଗ ଚଢ଼ାଉ

ରାଉରକେଲା ଅଫିସ,୨୦।୫- ଜିଲା ଅବକାରୀ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୫୮ ଲିଟର ଦେଶୀ ମଦ ସହ ଏକ ସ୍କୁଟର ଜବତ କରାଯାଇଛି। ଏଥିସହ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦେଓଗାଁ ଅଞ୍ଚଳର ଦୀପକ ସିଂ, ଜଳଦା ଏ ବ୍ଲକର ଗୋପାଳ ମୁଣ୍ଡା ଓ ଗୋପୀ ମୁଣ୍ଡାରୀ, ଗୋପବନ୍ଧୁପାଲିର ବାବଲୁ ଗର୍ଡିଆ, ଶ' ମିଲ୍ ଛକର ବରଦାନି ଭୂମିଜ ଓ ରୁଗୁଡ଼ିଟୋଲାର ମନୋଜ ବାରୱା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜିଲା ଅବକାରୀ ଅଧିକାରୀ ଦୀପକ ପଟ୍ଟନାୟକ, ମିହିର ସେଠୀ, ସୂର୍ଯ୍ୟନାରାୟଣ ରଥ, ନାରାୟଣ ଜେନା ଓ ପ୍ରମୋଦ ଚୌଧୁରୀ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

ମରଣଯନ୍ତା ପାଲଟିଛି ଜାତୀୟ ରାଜପଥ ନଂ.୩୫୩

# ଅର୍ଥନୈତିକ ଅବରୋଧ ଚେତାବନୀ

ନୂଆପଡ଼ା ଅଫିସ, ୨୦।୫

ନୂଆପଡା ଜିଲାର ଲାଇଫ ଲାଇନ କୁହାଯାଉଥିବା ନୂଆପଡା-ଖଡିଆଳ ୩୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣ କାମ ଆଜକୁ ୫/୬ବର୍ଷ ଆରମ୍ଭ ହୋଇଥିଲେ ହେଁ ଶେଷ ହେବାର ନାଁ ଧରୁନାହିଁ । ମାତ୍ର ୬୫ କି.ମି. ଦୂର ରାସ୍ତାରେ ସବୁ ଜାଗାରେ ଖାଲଖମା ହୋଇଥିବାବେଳେ ଠିକାଦାର ବିଭିନ୍ନ ଜାଗାରେ ମାଟି ଖୋଲି ଦେଇ ଜିଲାବାସୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି । ଜିଲା ପ୍ରଶାସନ ତରଫରୁ ସବୁବେଳେ ଏଥିପ୍ରତି ପଦକ୍ଷେପ ନିଆଯାଉଛି। ଖୁବଶୀଘ୍ର ଶେଷ ହେବ ବୋଲି ପ୍ରତିଶ୍ରୁତି ଦେଉଥିଲେ ହେଁ ତାହା ପୂରଣ ହେଉ ନାହିଁ । ଆଗାମୀ ୮ ଦିନ ମଧ୍ୟରେ ଏହି କାମ ଶେଷ ନ ହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ। ଅର୍ଥନୈତିକ ଅବରୋଧ କରାଯିବ ବୋଲି କୋମନା ବ୍ଲକ ନାଗରିକ ସମାଜ ପକ୍ଷରୁ ଚେତାବନୀ ଦିଆଯାଇଛି । ସୋମବାର ନାଗରିକମାନେ ନୂଆପଡା ଆସି ଜିଲାପାଳ ଏବଂ ଏସପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ ମଞ୍ଚ ତରଫରୁ ଆସିଥିବା କର୍ମକର୍ତ୍ତାଗଣ ।

ନାଗରିକ ସମାଜ ପକ୍ଷରୁ କୋମନା ବ୍ଲକର ଅର୍ଜୁନ ଜଗତ, ତରୁଣ ରଥ ଏବଂ ପରଦେଶୀ ମହାରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ପୂର୍ବାହ୍ନରେ ନୂଆପଡା ଆସିଥିଲେ । ଜିଲାପାଳ ଡା.ପୋମା ଟୁଡୁ ଏବଂ ଏସପି ସ୍ମିତ ପରମାରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିରେ ଜଣାଇଛନ୍ତି ଯେ, ନିର୍ମାଣାଧୀନ ରାସ୍ତାରେ ବିଶେଷ କରି କୋମନା ବ୍ଲକ ଦଲଦଲି, ବଞ୍ଜାରୀ, ଉଦ୍ୟାନବନ୍ଧ, କୋମନା, ପେଣ୍ଡ୍ରାବନ୍ଧ ଆଦି ଅଞ୍ଚଳରେ ରାସ୍ତା ଭାଙ୍ଗି ଉଜୁଡିଯାଇଛି। ଦୁଇଚକିଆ କି ଚାରିଚକିଆ ଯାନ ଯିବାଆସିବା କଷ୍ଟକର ହୋଇପଡୁଛି। ଏଥିମଧ୍ୟରୁ ଆଜକୁ ୩ ବର୍ଷ ହେବ ଦଲଦଲି, ବଞ୍ଜାରୀ ନିକଟସ୍ଥ ଫୁଡେନ ନାଲାପୋଲ କାମ ଆରମ୍ଭ କରାଯାଇଛି । ହେଲେ ଆଜିଯାଏଁ କାମ ଶେଷ ହୋଇପାରୁନାହିଁ । କାମ ଆରମ୍ଭ କରି ଠିକାଦାର ଜଣଙ୍କ କୁଆଡେ ଚାଲିଯାଇଛନ୍ତି । ସବୁଦିନ ଏହି ରାସ୍ତା ଦେଇ ଯାଆସ କରୁଛନ୍ତି ହେଲେ କାହାରି ଦୃଷ୍ଟି ପଡୁନାହିଁ । ଏହା ଉପରେ ଅଞ୍ଚଳବାସୀଙ୍କ ଅସନ୍ତୋଷ ବୃଦ୍ଧି ପାଇଛି । ତେବେ ଆଗକୁ ଦୁଇ ସପ୍ତାହ ପରେ ବର୍ଷାଦିନ ମାଡିଆସୁଛି। ଠିକ ସମୟରେ କାମ କରା ନ ଯାଏ ତେବେ ଏହା ଗମନାଗମନରେ ବାଧା ସୃଷ୍ଟି କରିବ । ଆସନ୍ତା ୨୭ ତାରିଖ ଯାଏଁ କାମ ଯଦି ଆରମ୍ଭ କରା ନ ଯାଏ ତେବେ ଆନ୍ଦୋଳନ କରାଯିବ ବୋଲି ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି। ୨୭ ତାରିଖଠାରୁ ବାଞ୍ଜିବାହାଲ ନିକଟରେ ଜାତୀୟ ରାଜପଥକୁ ଅବରୋଧ କରି ଧାରଣା ଦେବେ । ଏଥିରେ ବାଞ୍ଜିବାହାଲ, ତରବୋଡ, ପଲସିପାଣୀ, ଗନିଆରୀ, ତରବୋଡବାସୀ ସାମିଲ ରହିବେ ବୋଲି କୁହାଯାଇଛି। ଟ୍ରକ, ପିକଅପ୍ ଭ୍ୟାନ ସହ ସମସ୍ତ ମାଲବୁହୀ ଗାଡିକୁ ବନ୍ଦ କରାଯିବ। ଏଥିପାଇଁ ଟ୍ରକ ମାଲିକ ସଂଘ ସହ ଅନ୍ୟାନ୍ୟ ବ୍ୟବସାୟୀମାନେ ସହଯୋଗ କରି ସାମିଲ ରହିବାକୁ ମଞ୍ଚ ପକ୍ଷରୁ ଆହ୍ୱାନ କରାଯାଇଛି ।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହାଇରେ ରସିକ ଭଲା ବୁଝିଲୁ,**
**ମଧୁମାଳତୀକୁ ଛାଡ଼ିଦେଇ ଯାହା**
**ପୋକଶୁଂଘା ବଣେ ପଶିଲୁ ।**

ଭଲକୁ ଛାଡ଼ି ମନ୍ଦକୁ ଆପଣେଇବାର ପରିଣତି ଅନେକ ସମୟରେ ବିଷମ ହୋଇଥାଏ। ରୂପଠାରୁ ଗୁଣର ମହତ୍ତ୍ୱ କାହିଁ କେତେ ଗୁଣରେ ଅଧିକ। ଗୁଣ ନ ଚିହ୍ନି ରୂପରେ ମୋହିବାର ଫଳ ସର୍ବଦା ମନ୍ଦ ହିଁ ହୋଇଥାଏ। ଭଲ ଓ ଭେଲ ମଧ୍ୟରେ ତଫାତ୍ ଜାଣିପାରୁ ନ ଥିବା ବ୍ୟକ୍ତି ଉପହସିତ ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ହଗି ଧାଉଁଥାଏ ଛୁଟୁଛୁଟୁ ।**
**ଭୋକେ ହଉଥାଏ ଗୁଟୁପୁଟୁ ।**

ଖାଦ୍ୟଲୋଭୀ ବ୍ୟକ୍ତି ଯେତେ ପେଟ ପୂରାଇ ଖାଇଥିଲେ ମଧ ଆହୁରି ଖାଇବା ପାଇଁ ମନ ବଳାଇଥାନ୍ତି। ପେଟ ବା ସ୍ୱାସ୍ଥ୍ୟ ପଛେ ଖରାପ ହୋଇଯାଉ ସେଥିକୁ ଚିନ୍ତା ନ ରଖି ଖାଦ୍ୟଗ୍ରହଣ କରିବାରେ କେବେ ହେଳା କରି ନ ଥାନ୍ତି। ଖାଦ୍ୟ ପ୍ରତି ଅହେତୁକ ଲାଳସା ଭାବନା ରଖୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଧୁବୈଶ୍ୟ ଗୁଡ଼ିଆ ସମାଜ ବାର୍ଷିକ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ମଧୁବୈଶ୍ୟ ସମାଜର ସାଧାରଣ ସଭା

ରାଉରକେଲା ଅଫିସ,୨୦।୫

ମଧୁବୈଶ୍ୟ ଗୁଡ଼ିଆ ସମାଜ ରାଉରକେଲା ଶାଖାର ବାର୍ଷିକ ସାଧାରଣ ପରିଷଦ ବୈଠକ ସେକ୍ଟର-୨୦ ସୋମନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ସଙ୍ଗଠନ ସଭାପତି ସୁରେନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଧରଣୀଧର ସାହୁ ଆୟବ୍ୟୟ ବିବରଣୀ ପାଠ କରିଥିଲେ। ବିଗତ ଦିନରେ ସଙ୍ଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଖର୍ଚ୍ଚ ବାବଦ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ସମାଜକୁ ଅଧିକ ସୁଦୃଢ଼ କରିବାକୁ ପଦକ୍ଷେପ ନିଆଯିବ ବୋଲି ସହମତି ପ୍ରକାଶ ପାଇଥିଲା। ଜନମଙ୍ଗଳ କାର୍ଯ୍ୟରେ ବ୍ରତୀ ଏହି ସଙ୍ଗଠନ ନିଜ କାର୍ଯ୍ୟକ୍ରମକୁ ଅଧିକ ଲୋକଭିମୁଖୀ କରିବାକୁ ମତ ପ୍ରକାଶ ପାଇଥିଲା। ଆର୍ଥିକ ଦୃଷ୍ଟିରୁ ମଧୁବୈଶ୍ୟ ସମାଜକୁ ସମ୍ପନ୍ନ କରିବା ଦିଗରେ ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲ ଏହାର କର୍ମକର୍ତ୍ତା। ବୈଠକରେ ମନୋରଞ୍ଜନ ସାହୁ, ଅର୍ଜୁନ ସାହୁ, ପଦ୍ମଲୋଚନ ସାହୁ, ଅଜୟ ସାହୁ, ଜଗବନ୍ଧୁ ସାହୁ, ଯୁଧିଷ୍ଠିର ସାହୁ, ଭୁବନାନନ୍ଦ ସାହୁ, ରାମଚନ୍ଦ୍ର ପୃଷ୍ଟି, ସୁଦର୍ଶନ ପୃଷ୍ଟି ଓ ନିତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ରବିଧାନ କିଣା ଆରମ୍ଭ ହେଲା

# ୩,୪୮,୮୬୮ କୁଇଣ୍ଟାଲ କିଣାହେବ

ନୂଆପଡା ଅଫିସ,୨୦।୫

- ୩୫୯୭ ଚାଷୀ ପଞ୍ଜୀକୃତ ହୋଇଛନ୍ତି
- ୮ ମିଲର୍ସ ଏଥର ଧାନ କିଣିବେ

ବହୁ ପ୍ରତିକ୍ଷୀତ ୨୦୧୯ ରବି ଧାନ କିଣା ସୋମବାରଠାରୁ ଆରମ୍ଭ ହୋଇଛି । ଏହାକୁ ଜିଲାପାଳ ଡା.ପୋମା ଟୁଡୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଛନ୍ତି । ଏଥର ଜିଲାରେ ମୋଟ ୩୫୯୭ ଜଣ ଚାଷୀ ପଞ୍ଜୀକୃତ ହୋଇଥିବାବେଳେ ସେମାନଙ୍କଠାରୁ ୩ ଲକ୍ଷ ୪୮ହଜାର ୮୬୮ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାକୁ ସ୍ଥିରି ହୋଇଛି । ସୋମବାର ପୂର୍ବାହ୍ନ ୯ଟାରେ ସ୍ଥାନୀୟ ଆରସିଏମଏସ ମଣ୍ଡି ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୋଗାଣ ଅଧିକାରୀ ଅଶୋକ କୁମାର ଦାସ ସଭାପତିତ୍ୱ କରିଥିବାବେଳେ ଜିଲାପାଳ ମୁଖ୍ୟଅତିଥି, ଜିଲା କୃଷି ଉପନିର୍ଦ୍ଦେଶକ ଜାହିଦ ମହମ୍ମଦ, ଏଆରସିଏସ ଲିଙ୍ଗରାଜ ନାଏକ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରୀତିନିତି ମୁତାବକ ପୂଜାର୍ଚ୍ଚନା କରାଯାଇଥିବାବେଳେ ଜିଲାପାଳ ଧାନକିଣା ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଚାଷୀମାନେ ଠିକ ସମୟରେ ଧାନ ଆଣି ମଣ୍ଡିରୁ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ବିଭାଗୀୟ ଅଧିକାରୀମାନେ ମଧ୍ୟ ଚାଷୀମାନଙ୍କ ସୁବିଧା ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ କରିଥିଲେ । ଏହି ଅବସରରେ ସ୍ଥାନୀୟ ପ୍ୟାକ୍ସ ସଭାପତି ଦିଲୀପ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ପ୍ୟାକ୍ସର କର୍ମକର୍ତ୍ତା ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳରୁ ଶତାଧିକ ଚାଷୀମାନେ ଯୋଗଦେଇଥିଲେ। ପ୍ରଥମ ଦିନରେ ୩ ଜଣ ଚାଷୀଙ୍କଠାରୁ ୨୮୦ ବ୍ୟାଗରେ ୧୩୪.୯୬ କୁଇଣ୍ଟାଲ ଧାନ କିଣାଯାଇଥିଲା। ଗତ ଖରିଫ ଋତୁରେ ଧାନକିଣା ଟାର୍ଗେଟ ହାସଲ କରିଥିବା ୮ଟି ମିଲର୍ସ ଏଥର ଧାନକିଣା ସକାଶେ ଯୋଗ୍ୟ ବିବେଚିତ ହୋଇଛନ୍ତି । ତେବେ ଆସନ୍ତା ୨୭ ତାରିଖଠାରୁ ସମସ୍ତ ମଣ୍ଡିରେ ରିତିମତ ଧାନକିଣା ଚାଲିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। କାର୍ଯ୍ୟକ୍ରମକୁ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ମହାନନ୍ଦ ପରିଚାଳନା କରିଥିଲେ।



ଧାନକିଣା ପ୍ରକ୍ରିୟାକୁ ଉଦ୍‌ଘାଟନ କରାଯାଉଛି।


# CLASSIFIED DISPLAY

ALL EDITION - B/W (Everyday)

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

Dhanlaxmi Financial Services
ଏବେ କରିବ ସବୁ ଗାଁ/ସହରରେ ବଡ଼ ଋଣ 50,000-95 ଲକ୍ଷ ପର୍ଯ୍ୟନ୍ତ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାରର ଋଣ ଘରେ ବସି 2% ସୁଧ 40% ରିହାତି। ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ।
Helpline Number
[ 8221048110 ]
T-51, Gautam Nagar, Galli-8, Delhi

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

ଭାରତର ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
JEEVAN BHARTI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଜୁକେଶନ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 50% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ମହିଳା/ଚାଷୀ ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
ରାକେଶ 9499133937
ଶର୍ମା 9423171970
H.No. 798 Block-H Jaitpur Extn. Part-2,Badarpur, South Delhi.

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
ଭାରତର ନଂ୧ କଂପାନୀ ଆଦିତ୍ୟ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
Plot No - 14/271, Devaraja Mohalla, Bangalore, Karnataka 570001
7291069995
7834804457

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ
Regd. ଗୋଲ୍ଡ ମେଡାଲିଷ୍ଟ
ଆମେରିକାନ୍ କଂପାନୀର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଅନ୍ୟ କଂପାନୀ ରୁ ଧୋକା ଖାଇଥିବା ବ୍ୟକ୍ତି ନିଶ୍ଚିତ ଫୋନ୍ କରନ୍ତୁ
Plot No - 10/251, Devaraja Mohalla, Bangalore, 570001
8818962375
7869219354

See Color Display Classified on every Tuesday & Friday

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

EDUCATION

ADMISSION GUIDANCE
Last Chance for MD, MS & MDS aspirants, confirm your seat in top Colleges/ Universities all over India at lowest packages with your preferred branch. Book/ Confirm your seats in top Colleges/ Universities at lowest packages. Courses offered are MBBS, BDS, B.Sc. Nursing, B.Sc. Agriculture, B.Pharm, B.Tech. B.Arch, MBA, BBA, LLB etc.
SAIRAM EDUCATION HUB
Plot No: 175, Lane-10, Soubhagya Nagar, Baramunda, Bhubaneswar- 751003
Contact: 9937452320, 9938309070

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେତେଦିନ ପର୍ଯ୍ୟନ୍ତ ତୁମେ ବଞ୍ଚିଛ,
କିପରି ବଞ୍ଚିବାକୁ ହୁଏ ଶିକ୍ଷା କର।
- ସେନେକା



## ସଂକ୍ଷେପରେ

### ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ୩ ଗୋରୁ ମୃତ

ହେମଗିର,୨୦।୫ (ଡି.ଏନ.ଏ): କନକତୁରା ଗ୍ରାମର ଉଦିତ୍‌ନଗରଠାରେ ସୋମବାର ୧୧ କେଭି ବିଦ୍ୟୁତ୍ ତାର ଛିଣ୍ଡି ୩ ଗୋରୁଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ଉଦିତ୍‌ନଗର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର କୌଣସି କାରଣ ବଶତଃ ଛିଣ୍ଡି ପଡ଼ିଥିଲା। ଫଳରେ ଚରୁଥିବା ୨ଟି ବଳଦ ଓ ଗୋଟିଏ ଗାଈ ଦେହରେ ତାରଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ୩ଟି ଗୋରୁଙ୍କ ମୃତ୍ୟୁ ଘଟିଥିଲା। ବଳଦ ୨ଟି ଉଦିତ୍‌ନଗର ଗ୍ରାମର ରୋମାଞ୍ଚ ରୋହିଦାସ ଏବଂ ଛାଲୁ କାହାଲିଙ୍କ ହୋଇଥିବାବେଳେ ଗାଈ କୃଷ୍ଣ ବଗାରଙ୍କ ବୋଲି ଜଣାପଡ଼ିଛି। ସେମାନଙ୍କ ଆନୁମାନିକ ମୂଲ୍ୟ ୫୦ ହଜାରରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଏନେଇ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

{ ଆଜି କ'ଣ କେଉଁଠି ସ୍ଥାନରେ କୌଣସି କାର୍ଯ୍ୟକ୍ରମ ସ୍ଥଗିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ସ୍କୁଲ କୋଠା ନିର୍ମାଣରେ ଅନିୟମିତତା

# ଶ୍ରମିକଙ୍କୁ ମିଳୁନି ମଜୁରି

■ବିଭାଗୀୟ ଅଧିକାରୀଙ୍କ ହେଉନି କାର୍ଯ୍ୟତଦାରଖ
■ଟେଣ୍ଡର ନେଇ ପେଟିରେ ବିକ୍ରି ହେଉଛି କାମ
■ମଜୁରି ପ୍ରସଙ୍ଗକୁ ନେଇ ହେଉନି ସଚେତନତା କାର୍ଯ୍ୟ
■ସରକାରୀ ନିୟମ ଉଲ୍ଲଂଘନ
■ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମଧ୍ୟରେ ଚାଲିଛି ସଲାସୁତୁରା

ନୂଆଗାଁ,୨୦।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାର ଉପାନ୍ତ ତଥା ଆଦିବାସୀ ବହୁଳ ନୂଆଗାଁ ବ୍ଲକରେ ରହିଛି ୨୦ଟି ପଞ୍ଚାୟତ । ଖଣିବିହୀନ ଏହି ବ୍ଲକରେ କୃଷି ହିଁ ଲୋକଙ୍କ ଏକମାତ୍ର ଜୀବିକା। ଏପରି କି କିଛି ଲୋକ ଶ୍ରମିକ ଭାବେ କାର୍ଯ୍ୟ କରି ଜୀବିକା ନିର୍ବାହ କରିଥାନ୍ତି। ହେଲେ ଆଦିବାସୀମାନଙ୍କ ସରଳତାର ସୁଯୋଗ ନେଇ ବିକାଶ ନାଁରେ ଏକ ପ୍ରକାର ଲୁଟ ଚାଲିଛି ଏହି ବ୍ଲକରେ। ବ୍ଲକ ପ୍ରଶାସନ ହେଉ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗର କେତେଜଣ ଅଧିକାରୀ ଏବଂ କର୍ମଚାରୀଙ୍କ ଦୁର୍ନୀତିଖୋର ମନୋବୃତ୍ତି ଯୋଗୁ ଅଞ୍ଚଳରେ ବିକାଶ କାର୍ଯ୍ୟ ଧିମେଇ ଚାଲିଛି । ନିକଟରେ ଆମ ଗାଁ ଆମ ବିକାଶ ଯୋଜନାରେ ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ କୋଠାଘର ନିର୍ମାଣ ଚାଲିଥିଲେ ହେଁ ସେଗୁଡ଼ିକ ଅସଂପୂର୍ଣ୍ଣ ହୋଇ ପଡ଼ିରହିଛି । କେଉଁଠି କଲ୍ୟାଣ ମଣ୍ଡପ କାମ ଅଧା ହୋଇ ରହିଥିବା ବେଳେ କେଉଁଠି ମିଶନ ଶକ୍ତି ଗୃହର ଛାତ ପଡ଼ି ନାହିଁ। ଏହାର ଉତ୍ତର କାହାରି ପାଖରେ ନ ଥିଲେ ହେଁ ମାତ୍ରାଧିକ କମିଶନ ହିଁ ଏହାର ମୁଖ୍ୟ ବାଧକ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ(ଆର୍‌ଡି) ପକ୍ଷରୁ ନୂଆଗାଁ ବ୍ଲକର ଉପାନ୍ତ ଚିତାପେଡ଼ି ପଞ୍ଚାୟତର ଲୋଆରାମଠାରେ ୩ଟି ସ୍କୁଲ ଘର ନିର୍ମାଣ କାର୍ଯ୍ୟ ଚାଲିଛି। ବିଶ୍ରା ଅଞ୍ଚଳର ଜନୈକ ଠିକାଦାର ଏହାର ଟେଣ୍ଡରରେ ପାଇଥିବା ବେଳେ ଏହାକୁ ବଙ୍ଗଳା ଅଞ୍ଚଳରୁ ଆସି ସୋରଡା ଅଞ୍ଚଳରେ ରହୁଥିବା ଜନୈକ ରାଜମିସ୍ତ୍ରିଙ୍କୁ ପେଟିରେ କରିବା ପାଇଁ ଦେଇଥିବା ସମ୍ପୃକ୍ତ ମିସ୍ତ୍ରି ଜଣକ ପ୍ରକାଶ କରିଛନ୍ତି । ହେଲେ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ସୋମବାର ଚିତାପେଡ଼ି ଗ୍ରାମବାସୀ ଲିଟୁନ ସିଂଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ପହଞ୍ଚି ଏହାର ବିରୋଧ କରିଥିଲେ। ଏପରି କି ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ ତଦାରଖ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ କୋଠାର ସ୍ଥାୟିତ୍ୱକୁ ନେଇ ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମଜୁରି ପ୍ରସଙ୍ଗକୁ ଅଞ୍ଚଳରେ କାମ କରୁଥିବା କୌଣସି ଠିକାଦାର ମାନୁନାହାନ୍ତି। କୋଠା କାମରେ ନିୟୋଜିତ ପୁରୁଷ ଶ୍ରମିକମାନଙ୍କୁ ୨ଶହ ଟଙ୍କା ଦିଆଯାଉଥିବା ବେଳେ ମହିଳାମାନଙ୍କୁ ୧୫୦ ଟଙ୍କା ଦିଆଯାଉଛି, ଯାହା ସରକାରୀ ମୂଲ୍ୟଠାରୁ ବହୁ କମ୍। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ଅନୁସାରେ ଜଣେ ଅଣକୁଶଳୀ ଶ୍ରମିକ ମଜୁରି ବାବଦକୁ ୨୮୦ ଟଙ୍କା ପାଇବା କଥା। ଏପରି କି ସେମାନଙ୍କ ଇଏମ୍ଆଇ ଓ ପିଏଫ୍ ମଧ୍ୟ ଜମା ହେବା ନେଇ ନିୟମ ଥିବା ବେଳେ ଆବଶ୍ୟକ ମଜୁରି ପ୍ରଦାନ କରାଯାଉ ନ ଥିବା ଜଣାପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କରାଯାଉଥିବା ରାସ୍ତା କାମଗୁଡ଼ିକରେ ଶ୍ରମିକମାନଙ୍କୁ ମଜୁରି ବାବଦକୁ ୧୭୦ରୁ ୧୮୦ ଟଙ୍କା ଦିଆଯାଉଛି। ଏହା ସରକାରଙ୍କ ନିୟମକୁ ଖୋଲା ଚ୍ୟାଲେଞ୍ଜ କହିଲେ ଅତ୍ୟୁକ୍ତି ହେବନାହିଁ । ଦୁର୍ଭାଗ୍ୟର ବିଷୟ ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ରାସ୍ତା, ଘର ନିର୍ମାଣ ଭଳି କାର୍ଯ୍ୟରେ ଶ୍ରମିକମାନଙ୍କୁ ଅନ୍ଧାରରେ ରଖାଯାଉଛି। ହେଲେ ଶ୍ରମ ବିଭାଗ ଏଥିପ୍ରତି ଆଖିବୁଜି ଦେଇଥିବା ବେଳେ ସ୍ଥାନୀୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରା ଯୋଗୁ ନିମ୍ନମାନର କାର୍ଯ୍ୟ ସହ ନିରୀହ ଆଦିବାସୀ ଶ୍ରମିକଙ୍କୁ ଶୋଷଣ କରାଯାଉଛି। ନିକଟରେ ରାଜ୍ୟ ସରକାର ପିଠା ଯୋଜନାରେ ଲୋକଙ୍କୁ ସଚେତନ କରିଥିଲେ। ହେଲେ ଶ୍ରମିକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମଜୁରି ପ୍ରସଙ୍ଗରେ କୌଣସି ସଚେତନ କରାଯାଇ ନ ଥିବା ଜଣାପଡ଼ିଛି। ଏନେଇ ନୂଆଗାଁ ବିଡିଓଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ତାହା ସମ୍ଭବ ହୋଇ ନ ଥିଲା। ଏନେଇ ସୁନ୍ଦରଗଡ଼ ଜିଲା ପରିଷଦ ଅଧକ୍ଷା ଏମ୍ମା ଏକ୍କାଙ୍କୁ ପଚାରିବାରୁ ସେ କହିଲେ, ଶ୍ରମିକମାନଙ୍କୁ କମ୍ ମଜୁରି ମିଳୁଥିବା ନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସେହିପରି ନୂଆଗାଁ ବ୍ଲକ ବିଜେଡି ସଭାପତି ଦିଗାମ୍ବର ଦାସ ଘଟଣା ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।



ସୋମବାର ଚିତାପେଡ଼ି ଗ୍ରାମବାସୀ ସ୍କୁଲ କୋଠା ନିର୍ମାଣ କାମକୁ ବିରୋଧ କରୁଛନ୍ତି।

## ଟ୍ରକ ଧକ୍କାରେ ଯୁବକ ମୃତ, ଜଣେ ଗୁରୁତର

ରାଜଗାଙ୍ଗପୁର,୨୦।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ୧୦ ନମ୍ବର ଜାତୀୟ ରାଜପଥ ଜାମପାଲି ଛକଠାରେ ସୋମବାର ଅପରାହ୍ନ ୪ଟାରେ ଏକ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରୁମାବାହାଲ ଗ୍ରାମର ଅର୍ଜୁନ କୁଜୁର(୩୮)। ଆହତ ହେଲେ ତୁଲା ଲାକଡା(୩୨)। ମିଳିଥିବା ସୂଚନା ମୁତାବକ, ଅର୍ଜୁନ ଏବଂ ତୁଲା ଏକ ବାଇକ୍(ନଂ.ଏପି୩୬ବି- ୯୫୭୧) ଯୋଗେ ରାଜଗାଙ୍ଗପୁର ଗ୍ରାମକୁ ଯାଉଥିଲେ। ହେଲେ ଜାମପାଲି ଛକଠାରେ ଏକ ଟ୍ରକ (ନଂ.ଓଡି୧୫କ୍ୟୁ-୧୧୫୬) ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅର୍ଜୁନଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଆହତ ତୁଲାଙ୍କୁ ଉଦ୍ଧାର କରି ରାଜଗାଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ରାଜଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

## ବେଆଇନ ଲୁହା କାରବାର ଅଭିଯୋଗ: ୪ ଗିରଫ, ଟ୍ରକ୍ ଜବତ

ବେଦବ୍ୟାସ,୨୦।୫(ଡି.ଏନ.ଏ)

ବେଆଇନ ସ୍ପଞ୍ଜ ଲୁହା କାରବାର ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ସୋମବାର ୪ ଜଣ ଯୁବକଙ୍କୁ ଗିରଫ କରିବା ସହ ଲୁହା ବୋଝେଇ ଟ୍ରକକୁ ଜବ୍‌ତ କରିଛି। ଗିରଫ ଯୁବକମାନେ ହେଲେ ବେଦବ୍ୟାସ ଅଞ୍ଚଳର ଗବୁ ଓରଫ ଓଁପ୍ରକାଶ ଜୟସ୍ୱାଲ, ଗୋବିନ୍ଦ ସିଂ, ଟ୍ରକ ଚାଳକ ମାନିକ ମୁଣ୍ଡା ଏବଂ ହେଲପର କିରଣ ମୁଣ୍ଡା।

ପୋଲିସ ସୂଚନା ମୁତାବକ, ସ୍ପଞ୍ଜ ଲୁହା ଚୋରା ଚାଲାଣ ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏନେଇ ଥାନାର ଏକ ପୋଲିସ ଟିମ୍ ସୋମବାର ସକାଳେ ଶଙ୍ଖନଦୀ ନିକଟରେ ଏକ ଟ୍ରକ (ନଂ.ଓଆର୍ ୧୫ଏମ୍-୮୧୯୭)କୁ ଅଟକାଇ ଯାଞ୍ଚ କରିଥିଲା। ହେଲେ ଗାଡ଼ି ଚାଳକଙ୍କ ସହ ଟ୍ରକରେ ଥିବା ଅନ୍ୟ ୩ଜଣ କୌଣସି କାଗଜପତ୍ର ଦେଖାଇ ପାରିନ ଥିଲେ। ଏନେଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ବେଆଇନ ସ୍ପଞ୍ଜ ଲୁହା କାରବାର ଅଭିଯୋଗରେ ୪ଜଣଙ୍କୁ ଗିରଫ କରିବା ସହ ଟ୍ରକକୁ ଜବତ କରିଥିଲା। ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଏକ ମାମଲା(ନଂ.୧୩୮/୧୯) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ଜବତ ହୋଇଥିବା ସ୍ପଞ୍ଜ ଲୁହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ଅନୁମାନ କରିଛି। ଚଢ଼ାଉରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା, ଏସ୍ଆଇ ବିକାଶ କଲେଟ, ଗୃହରକ୍ଷୀ ରୋହିତ ସା, ହାବିଲଦାର ବ୍ରଜମୋହନ ଖିଲାର ପ୍ରମୁଖ ସାମିଲ ଥିଲେ । କୁଆଁରମୁଣ୍ଡାସ୍ଥିତ ଏକ ଇସ୍ପାତ କାରଖାନାରୁ ସ୍ପଞ୍ଜ ଲୁହା ଚୋରା ଚାଲାଣ ହେଉଥିବା ପୋଲିସ ଜାଣିବାକୁ ପାଇଛି।



ଗିରଫ ୪ଯୁବକଙ୍କ ସହ ଜବତ ଟ୍ରକ୍।

## ତେଲିପୋଷ ଅଙ୍ଗନୱାଡ଼ି କେନ୍ଦ୍ରରୁ ଖସୁଛି କଂକ୍ରିଟ

କୁଆଁରମୁଣ୍ଡା,୨୦।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅଧୀନ ତେଲିପୋଷ ଅଙ୍ଗନୱାଡ଼ି କେନ୍ଦ୍ର ଛାତରୁ ଖସୁଛି ସିମେଣ୍ଟ କଂକ୍ରିଟ। ଫଳରେ ଛାତଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ହେଲେ ସରକାରୀ ଭାବେ କେନ୍ଦ୍ରକୁ ବିପଦସଙ୍କୁଳ ଘୋଷଣା କରାଯାଇ ନ ଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଗତ ବର୍ଷ କେନ୍ଦ୍ରର ମରାମତି ସହ ରଙ୍ଗ କାମ କରାଯାଇଥିଲା। ହେଲେ ବର୍ତ୍ତମାନ ସିମେଣ୍ଟ କଂକ୍ରିଟ ଖସିବାକୁ ନେଇ ସ୍ଥାନୀୟ ଲୋକେ ଏହାର ସୁରକ୍ଷା ପ୍ରତି ପ୍ରଶ୍ନ ଉଠାଇଛନ୍ତି। ଏପରି କି ଏହାର ମରାମତି କାମରେ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି। ସରକାର ଉନ୍ନୟନମୂଳକ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ନିର୍ମାଣ ସମୟରେ ଦାୟିତ୍ୱରେ ଥିବା ଅଧିକାରୀ ଠିକାଦାରଙ୍କୁ ଭରସା କରି କାର୍ଯ୍ୟର ତଦାରଖ କରୁ ନ ଥିବାରୁ ସରକାରୀ ଅର୍ଥ ନଷ୍ଟ ହେଉଛି। ଅବଶ୍ୟ ଅଧିକାରୀ ଠିକାଦାରଙ୍କୁ ଭରସା କରିବା ପଛରେ ଭିତିରି ସ୍ୱାର୍ଥ ଥିବା ଘଟଣାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଏନେଇ କୁଆଁରମୁଣ୍ଡା ବ୍ଲକ ସିଡିପିଓ ଆନାସ୍ତାସିଆ ଲାକ୍ରାଙ୍କୁ ପଚରାଯିବାରୁ ଉକ୍ତ କେନ୍ଦ୍ରକୁ ବିପଦସଙ୍କୁଳ ଘୋଷଣା କରାଯାଇ ନାହିଁ। ଛାତରୁ ସିମେଣ୍ଟ କଂକ୍ରିଟ ଖସିବା ସଂକ୍ରାନ୍ତରେ କେହି ଅବଗତ କରାଇ ନ ଥିବା କହିଛନ୍ତି। କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀଙ୍କୁ ପଚାରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।




ତେଲିପୋଷ ଅଙ୍ଗନୱାଡ଼ି କେନ୍ଦ୍ର ଛାତରୁ ଖସିଥିବା ସିମେଣ୍ଟ ଅତଡା।

## ସୁନ୍ଦରଗଡ଼ ରୋଟାରୀ କ୍ଲବର ପ୍ରତିଷ୍ଠା ଦିବସ

ସୁନ୍ଦରଗଡ,୨୦।୫ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଟାଉନରୋଟାରୀ କ୍ଲବର ପ୍ରତିଷ୍ଠା ଦିବସ ସଭାପତି ରୋଟାରିୟାନ ଦୁଷ୍ମନ୍ତ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ରାଉରକେଲା ରୋଟାରୀ କ୍ଲବର ଡିଜିଏନ୍ ରୋଟାରିୟାନ ଏଫ୍.ସି. ମହାନ୍ତି ମୁଖ୍ୟଅତିଥି, ରୋଟାରିୟାନ ବିଜୟ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ କ୍ଷେତ୍ରରେ ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ସେବା ପ୍ରଦାନ କରିଆସୁଥିବାରୁ କ୍ଲବର ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । କ୍ଲବର ସମ୍ପାଦକ ରୋଟାରିୟାନ୍ ବାଲଗୋପାଲ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ବରିଷ୍ଠ ସଦସ୍ୟ ଡ. ଚିରବ୍ରତ ଦତ୍ତ ମଞ୍ଚ ପରିଚାଳନା କରିଥିଲେ । କ୍ଲବର ସଦସ୍ୟ ରୋଟାରିୟାନ୍ ପ୍ରତାପ ବେହେରା, ରୋଟାରିୟାନ୍ ସଞ୍ଜୟ ବହିଦାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ କ୍ଲବ ପକ୍ଷରୁ ପଥଚାରୀଙ୍କୁ ବେଲପଣା ବଣ୍ଟନ କରାଯାଇଥିଲା।

## ଗଜାଧରଙ୍କ ଶ୍ରାଦ୍ଧଦିବସ ପାଳିତ

ବାଲିଶଙ୍କରା,୨୦।୫(ଡି.ଏନ.ଏ.)

ବାଲିଶଙ୍କରା ବ୍ଲକ ଅଧୀନ ତଳସରା ଫାଟକ ସାପ୍ତାହିକ ବଜାର ନିକଟରେ ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସ ନେତା ଗଜାଧର ମାଝିଙ୍କ ୧୩ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଗଜାଧର ଟ୍ରଷ୍ଟ ଅଧକ୍ଷା ତଥା ବାଲିଶଙ୍କରା ବ୍ଲକ ଅଧକ୍ଷା ତ୍ରିବେଣୀ ମାଝିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ କଂଗ୍ରେସ କର୍ମୀ ଆଲିସାବା କୁଜୁର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ନିମାଇଁଚରଣ ନାଏକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ତଳସରା ବିଧାୟକ ପ୍ରଫୁଲ୍ଲ ମାଝି, କାର୍ଯ୍ୟକାରୀ ସଭାପତି ସବିର ହୁସେନ, ବଡ଼ଗାଁ ବ୍ଲକ ସଭାପତି ଚିନ୍ତାମଣୀ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମାଝିଙ୍କ ସ୍ମୃତିଚାରଣ କରିଥିଲେ। ଏପରି କି ସେ ଅଞ୍ଚଳର ବିକାଶ ପାଇଁ ଉଦ୍ୟମ ଜାରି ରଖିଥିଲେ। କାର୍ଯ୍ୟ ପ୍ରାରମ୍ଭରେ ସ୍ୱର୍ଗତ ମାଝିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବାଲିଶଙ୍କରା ବ୍ଲକ କଂଗ୍ରେସ ସଭାପତି ସୁଧାଂଶୁ ପଶାୟତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସବଡେଗା ବ୍ଲକ କଂଗ୍ରେସ ସଭାପତି ଶୁଭେନ୍ଦୁ ନାଏକ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ବେହେରା, ବଣ୍ଟି ନାଏକ, ନୀଳାମ୍ବର ଶେଖର ଦେଓ, ଦିବ୍ୟଶଙ୍କର ସା, ନାଜିର ହୁସେନ, ଏମଡି ହମିତ ହୁସେନ, ବ୍ରହ୍ମାନନ୍ଦ ସିଂ, ବାଲମତୀ ତିର୍କି, କଳ୍ପନା ଆପଟ, ସବିତା ଆପଟ, ଦିଲୀପ ବାରିକ, ବିଷ୍ଣୁ ମହାକୁଡ, ହେମନ୍ତ ଦାସ, ହସିନ ଖାନ୍, ବୁବୁ ରାଏ ଏପରି ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଫଟୋରେ ଖବର



ପ୍ରଚଣ୍ଡ ଖରାରେ ସୁନ୍ଦରଗଡ଼ରେ ସମ୍ବଲପୁରର ଜଣେ ମାଠିଆ ବ୍ୟବସାୟୀ ଶିଳିଗୁଡ଼ିର ମାଠିଆ, ମାଟି ତିଆରି ଫିଲଟର ଓ ପାଣି ବୋତଲ ବିକ୍ରୀ କରୁଛନ୍ତି।



ସୁନ୍ଦରଗଡ଼ ସାଇବିହାର ୭ମ ଶ୍ରେଣୀ ଛାତ୍ର ଶ୍ରେୟାଂଶ ଠାକୁର ବଡ଼ଗାଁ କଣ୍ଟିଆମୁରାରେ ଏକ କୃତ୍ରିମ ଝରଣା ତିଆରି କରିଛନ୍ତି।



ସୁନ୍ଦରଗଡ଼ ଜିଲା ବଡ଼ଗାଁ ମହାବୀର ଛକରେ ସୋମବାର ଭୋରରେ ଏକ ଟ୍ରଲର ଭାରସାମ୍ୟ ହରାଇ ଡ୍ରେନରେ ପଶି ଦୁର୍ଘଟଣା ଗ୍ରସ୍ତ ହୋଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୨୧ ମେ, ୨୦୧୯



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ପୁସ୍ତକ ଉନ୍ମୋଚନ ସମାରୋହ

**ରାଉରକେଲା ଅଫିସ,୨୦।୫-** ସୁସ୍ଥ ଜୀବନ ପାଇଁ ସୁନ୍ଦର ସ୍ୱାସ୍ଥ୍ୟ ସହ ଉପଯୁକ୍ତ ଜୀବନଚର୍ଯ୍ୟା ଆବଶ୍ୟକ। ଏ ନେଇ ସାଧାରଣରେ କିପରି ସଚେତନତା ସୃଷ୍ଟି କରାଯିବ ତାହାକୁ ନଜରରେ ରଖି ଡାକ୍ତର ବିଶ୍ୱଜିତ ମହାପାତ୍ର କେୟାର ଫର୍ ୟୋର୍ ହେଲ୍ଥ ପୁସ୍ତକ ରଚନା କରିଛନ୍ତି। ପାନ୍ଥନିବାସଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ବିଶିଷ୍ଟ ଲେଖକ ତଥା ଆର୍ଏସ୍ପି ସଞ୍ଚାର ବିଭାଗ ମୁଖ୍ୟ ଡାକ୍ତର ରମେନ୍ଦ୍ର କୁମାର, ରୋଟାରି କ୍ଲବ ଡିଷ୍ଟ୍ରିକ୍ଟ ଗଭର୍ନର ଫକୀର ମହାନ୍ତି ପ୍ରମୁଖ ପୁସ୍ତକର ଉନ୍ମୋଚନ ଉତ୍ସବରେ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ଲେଖକ ମହାପାତ୍ର କହିଥିଲେ, ମଣିଷ ପ୍ରଥମେ ନିଜକୁ ଭଲପାଇବା ଦରକାର। ନିଜେ ସୁସ୍ଥ ରହିଲେ ଆମେ ଅନ୍ୟମାନଙ୍କ ସମ୍ପର୍କରେ ଆଗ୍ରହୀ ହେବା। ଦୁଃସ୍ଥ ମାନସିକତା ନେଇ ଆଗକୁ ବଢ଼ିବା ସମ୍ଭବ ନୁହେଁ। ଏ ଦିଗରେ ପ୍ରତ୍ୟେକ ଯତ୍ନବାନ ହେବାକୁ ସେ ଆହ୍ୱାନ ଦେଇଥିଲେ। ଡାକ୍ତର ପୂଜା ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଏଥିରେ ନାରାୟଣ ପତି, ସୁମନ ଦତ୍ତ, ପ୍ରକାଶ ଦାସ, କୁଞ୍ଜବିହାରୀ ରାଉତ, ବିମଳ ବିଶି, ସନାତନ ବିଶ୍ୱାଳ, ମିନତୀ ମହାପାତ୍ର, ଡ. ସଞ୍ଜୟ ହାତୀ, ଡ. କଲ୍ୟାଣୀ ମିଶ୍ର, ନଳିନୀ ପଟ୍ଟନାୟକ. ଚନ୍ଦ୍ରଶେଖର ଶତପଥୀ. ଡ. କୃପାସିନ୍ଧୁ ନାୟକ, ପୀତବାସ ମିଶ୍ର ଓ ବୈଦ୍ୟନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବଳାତ୍କାର ଅଭିଯୁକ୍ତ ଅଟକ

**ବେଲପାହାଡ଼,୨୦।୫(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନାରେ ଏକ ବଳାତ୍କାର ମାମଲା ରଜୁ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଝାରସୁଗୁଡ଼ା ଲହଣ୍ଡାବୁଡ଼ ଗାଁର ଜଣେ ଯୁବକ ଗୁମାଡେରା ଝଣ୍ଡାପଡ଼ାରେ ରହୁଥିବା ଜଣେ ବିଧବା ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ମାତ୍ର ପରେ ବିବାହ କରିବାକୁ ମନା କରିଦେଇଥିଲେ ବୋଲି ପୀଡ଼ିତା ଥାନାରେ ଅଭିଯୋଗ କରିଛନ୍ତି। ରବିବାର ପୋଲିସ ଦଫା ୩୭୬, ୨୯୪, ୫୦୬ରେ ମାମଲା (ନଂ. ୮୫/୨୦୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି। ଅଭିଯୁକ୍ତ ଓ ପୀଡ଼ିତାଙ୍କୁ ଡାକ୍ତରୀମାଇନା ପାଇଁ ପଠାଯିବ ବୋଲି ପୋଲିସ କହିଛି।

# ଏମ୍ସିଏଲ୍ ବିସ୍ଥାପିତଙ୍କ ଅନଶନ

**ଲଖନପୁର,୨୦।୫ (ଡି.ଏନ୍.ଏ.)**

ଚାକିରି ଦାବିରେ ବାସୁପାଲି ଗ୍ରାମର ୨ ବିସ୍ଥାପିତ ପରିବାର ପୂର୍ବ ସୂଚନା ମୁତାବକ ଏମ୍ସିଏଲ୍ ଲଖନପୁର କ୍ଷେତ୍ର ଜିଏମ୍ ଅଫିସ ସମ୍ମୁଖରେ ସୋମବାର ସକାଳ ୯ଟାରୁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଖଣି କର୍ତ୍ତୃପକ୍ଷ ଅନଶନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ଆଲୋଚନା ଫଳପ୍ରଦ ହୋଇନାହିଁ। ଅନଶନକାରୀ ଖଣି କର୍ତ୍ତୃପକ୍ଷଙ୍କ ନିକଟରୁ ଲିଖିତ ପ୍ରତିଶ୍ରୁତି ଦାବି କରିଛନ୍ତି। ଅନଶନରେ ବସିଥିବା ୨ ପରିବାର ମଧ୍ୟରେ ବାସୁପାଲି ଗ୍ରାମର ହାରାଚାନ୍ଦ ସେନାପତିଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଓ ତାଙ୍କ ପୁଅ ଆଦିତ୍ୟ ଏବଂ ଦାତାରାମ ସେନାପତି, ତାଙ୍କ ସ୍ତ୍ରୀ କଳ୍ପନା ଓ ପୁଅ ହେମନ୍ତ ରହିଛନ୍ତି। ଉଭୟ ପରିବାରର ରୟତ ଜମିକୁ ଏମ୍ସିଏଲ୍ ଖଣି ସମ୍ପ୍ରସାରଣ ପାଇଁ ଦୀର୍ଘବର୍ଷ ହେଲା ଅଧିଗ୍ରହଣ କରିଛି। ଏଥିପାଇଁ କମ୍ପାନୀ କର୍ତ୍ତୃପକ୍ଷ ଉଭୟ ପରିବାରକୁ ବିସ୍ଥାପିତ ଓ ଥଇଥାନ ନୀତିରେ ଚାକିରି ଯୋଗାଇଦେବା ନିୟମ ରହିଛି। କମ୍ପାନୀ କର୍ତ୍ତୃପକ୍ଷ ଚାକିରି ଦେବାକୁ ନେଇ ଦୀର୍ଘଦିନ ହେଲା କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ଫଳରେ ବିସ୍ଥାପିତ ପରିବାରଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏନେଇ ଉଭୟ ପରିବାର କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି କୌଣସି ସୁଫଳ ନ ମିଳିବାରୁ ଆମରଣ ଅନଶନ ଚେତାବନୀ ଦେଇଥିଲେ।




ଏମ୍ସିଏଲ୍ ଲଖନପୁର କ୍ଷେତ୍ର ଜିଏମ୍ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି ବିସ୍ଥାପିତ ପରିବାର।



ନିଟ୍ ପରୀକ୍ଷାର୍ଥୀଙ୍କୁ ଫାଟକ ନିକଟରେ ଯାଞ୍ଚ କରାଯାଉଛି।

# ନିଟ୍ ପରୀକ୍ଷା ଦେଲେ ୧୫ଶହ ଛାତ୍ରୀଛାତ୍ର

**ରାଉରକେଲା ଅଫିସ,୨୦।୫**

କଡ଼ା ସୁରକ୍ଷା ମଧ୍ୟରେ ସୋମବାର ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍) ଅନୁଷ୍ଠିତ ହୋଇଛି। ନୟାବଜାରସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲରେ ୬୨୮ ଓ ଦୀପକା ଇଂଲିଶ ମିଡିୟମ ସ୍କୁଲରେ ୯୬୦ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି। ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଶେଷ ହୋଇଥିବା ଜଣାଯାଇଛି।

# କାଳବୈଶାଖୀ: ଭାଙ୍ଗିଲା ବିଜିଆର୍ ଶ୍ରମିକ କ୍ୟାମ୍ପ

**ଲଖନପୁର,୨୦।୫ (ଡି.ଏନ୍.ଏ.)**

ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ (ଏମ୍ସିଏଲ୍)ଲଖନପୁର କୋଇଲାଖଣି ସମ୍ପ୍ରସାରଣରେ ନିୟୋଜିତ ବିଜିଆର୍ ଠିକାସଂସ୍ଥାର ଅସ୍ଥାୟୀ ଶ୍ରମିକ କ୍ୟାମ୍ପ ସୋମବାର କାଳବୈଶାଖୀରେ ଭାଙ୍ଗିଯାଇଛି। କମ୍ପାନୀ ଠିକା କର୍ମଚାରୀମାନେ ରହିବା ପାଇଁ ଖଣି ପରିସରରେ ଅସ୍ଥାୟୀ କ୍ୟାମ୍ପ କରାଯାଇଛି। ଟିଣ ଶିଟ୍ ଘେରାଯାଇ ଉପରେ ନଡ଼ିଆପତ୍ର ଛପର କରାଯାଇଛି। ସୋମବାର ମଧ୍ୟାହ୍ନ ସାଢ଼େ ୨ଟାରେ ଝଡ଼ତୋଫାନ ହେବାରୁ କ୍ୟାମ୍ପର ବହୁ ଘର ଭାଙ୍ଗିଯାଇଛି। ଘର ଭିତରେ କର୍ମଚାରୀମାନେ ବିଶ୍ରାମ ନେଉଥିବା ବେଳେ ଏଭଳି ଘଟିଛି। ଘର ଭାଙ୍ଗିଯିବା ଫଳରେ ବହୁ କର୍ମଚାରୀ ଭିତରେ ରହିଯାଇଥିଲେ। ନିକଟରେ ଥିବା ସାଥୀ କର୍ମଚାରୀମାନେ ସେମାନଙ୍କୁ ଉଦ୍ଧାର କରି ବାହାରକୁ ଆଣିଥିଲେ। କେତେଜଣ କର୍ମଚାରୀ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏବେ କର୍ମଚାରୀମାନେ ଖୋଲା ଆକାଶ ତଳେ ରହିଛନ୍ତି। ଆସବାବପତ୍ର ବାହାରେ ଏଣେତେଣେ ପଡ଼ିଛି। ଫଳରେ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଜିଆର୍ ପ୍ରେଜେକ୍ଟ ମ୍ୟାନେଜର ପି. ଭେଙ୍କଟ ଶିବଚନ୍ଦ୍ର କହିଛନ୍ତି ଅସ୍ଥାୟୀ କ୍ୟାମ୍ପ ଝଡ଼ତୋଫାନରେ ଭାଙ୍ଗିଯାଇଛି। କର୍ମଚାରୀମାନଙ୍କୁ ଅନ୍ୟ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଉଛି ବୋଲି ସେ କହିଛନ୍ତି।



କାଳବୈଶାଖୀରେ କ୍ଷତିଗ୍ରସ୍ତ ବିଜିଆର୍ ଠିକାସଂସ୍ଥାର ଅସ୍ଥାୟୀ ଶ୍ରମିକ କ୍ୟାମ୍ପ।

### ଭାରତୀୟ ଯୁବ ହଷ୍ଟେଲ ପକ୍ଷରୁ ପ୍ରତିଯୋଗିତା ୨୪ରେ

**ରାଉରକେଲା ଅଫିସ,୨୦।୫**

ଭାରତୀୟ ଯୁବ ହଷ୍ଟେଲ ରାଉରକେଲା ଶାଖା ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ସମର ଫେଷ୍ଟ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ଏହା ଆୟୋଜନ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ୨୪ ତାରିଖ ସକାଳ ସାଢ଼େ ୭ଟାରେ ଦେଶାତ୍ମବୋଧ ସଙ୍ଗୀତ, ୯ଟାରେ ଭଜନ, ୧୦ଟାରେ କୌତୁକ ପୋଷାକ ଓ ୧୧ଟାରେ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିଭଳି ୨୬ ତାରିଖ ସକାଳ ୮ଟାରେ ପାଶ୍ଚାତ୍ୟ ନୃତ୍ୟ, ୧୧ଟାରେ ସ୍ୱଟ୍ ପେଣ୍ଟିଂ ଅନୁଷ୍ଠିତ ହେବ। ବିଭିନ୍ନ ବର୍ଗରେ ଭାଗ କରାଯାଇଥିବା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଆଗ୍ରହୀମାନେ ସଂଗଠନ ସହ ଯୋଗାଯୋଗ କରିପାରିବେ ବୋଲି ସାଧାରଣ ସମ୍ପାଦକ ନିରଞ୍ଜନ ସାମଲ ସୂଚନା ଦେଇଛନ୍ତି।



ମୁଖ୍ୟମନ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

# ବାତ୍ୟାଞ୍ଚଳ ପୁନର୍ଗଠନ ପାଇଁ ଟିଆର୍ଏଲ କ୍ରୋସାକିର ସହାୟତା

**ବେଲପାହାଡ଼,୨୦।୫ (ଡି.ଏନ୍.ଏ.)**

ବାତ୍ୟା ଫନୀ ପ୍ରଭାବିତ ଅଞ୍ଚଳର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଶୁକ୍ରବାର କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡା, ଉପସଭାପତି (କର୍ପୋରେଟ ସର୍ଭିସ) ଡ. ତାରାପଦ ଦାଶ ଓ ଉପମହାପ୍ରବନ୍ଧକ (ମାଇନିଂ) ଶାଶ୍ୱତ ଦାଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଚେକ୍ ପ୍ରଦାନ କରିଥିଲେ। କମ୍ପାନୀର ସମସ୍ତ କର୍ମଚାରୀ ବାତ୍ୟାଞ୍ଚଳ ପୁନରୁଦ୍ଧାର ପାଇଁ ସେମାନଙ୍କ ଗୋଟିଏ ଦିନର ଦରମା ପ୍ରଦାନ କରିଛନ୍ତି। ସଂଗୃହୀତ ରାଶିରେ ଦୁଇଗୁଣ ଅର୍ଥ ମିଶାଇ କମ୍ପାନୀ ମୋଟ ୩୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିଛି।

# ଆର୍ଏସ୍ପି ଏସ୍ଏମ୍ଏସ୍-୧ ବିଭାଗ କର୍ମଚାରୀ ପୁରସ୍କୃତ

**ରାଉରକେଲା ଅଫିସ,୨୦।୫**

ଆର୍ଏସ୍ପି ଏସ୍ଏମ୍ଏସ୍-୧ ବିଭାଗ କର୍ମଚାରୀଙ୍କୁ ଗତ ୧୮ ତାରିଖରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯାଇଛି। ବିଭାଗର ଉତ୍ପାଦନ ବୃଦ୍ଧି ଓ ହାଉସକିପିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୪ କର୍ମଚାରୀଙ୍କୁ ଉଚ୍ଚ ପ୍ରଶଂସା କରାଯାଇଛି। ଏହି ଉତ୍ସବରେ ଏସ୍ଏମ୍ଏସ୍-୧ ମେକାନିକାଲ ବିଭାଗ ଡିଜିଏମ୍ ଇନ୍‌ଚାର୍ଜ ଡି. ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଏସ୍ଏମ୍ଏସ୍-୧ ଅପରେଶନ ବିଭାଗ ଡିଜିଏମ୍ ଇନ୍‌ଚାର୍ଜ ଏନ୍.ଆର୍. ରାୟଚୌଧୁରୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବିଜେତାଙ୍କ ଉଲ୍ଲେଖନୀୟ ସଫଳତା ନେଇ ଅତିଥି ସନ୍ତୋଷ ବ୍ୟକ୍ତ କରିଥିଲେ। ନିଷ୍ଠା, ଉଦ୍ୟମ ଜାରି ରହିଲେ ଆଗାମୀ ଦିନରେ ବିଭାଗ ଆହୁରି ଅଧିକ ସଫଳତା ପାଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ସୁରକ୍ଷା ଦିଗ ପ୍ରତି ସର୍ବାଧିକ ଧ୍ୟାନ ଦେବାକୁ ଏଥିରେ ପରାମର୍ଶ ପ୍ରଦାନ ଦିଆଯାଇଥିଲା। ଶେଷରେ ବିଭାଗୀୟ ମ୍ୟାନେଜର କେ.ସି. ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।



ଆର୍ଏସ୍ପି ଏସ୍ଏମ୍ଏସ୍-୧ ବିଭାଗ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ ଉତ୍ସବରେ ଉପସ୍ଥିତ କର୍ମଚାରୀ ଓ ଅଧିକାରୀ।

# ଅବକାରୀ ବିଭାଗ ଚଢ଼ାଉ



ଜିଲା ଅବକାରୀ ବିଭାଗ ପକ୍ଷରୁ ଜବତ ସାମଗ୍ରୀ ଓ ଗିରଫ ଅଭିଯୁକ୍ତ।

**ରାଉରକେଲା ଅଫିସ,୨୦।୫**

ଜିଲା ଅବକାରୀ ବିଭାଗ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨୫୮ ଲିଟର ଦେଶୀ ମଦ ସହ ଏକ ସ୍କୁଟର ଜବତ କରାଯାଇଛି। ଏଥିସହ ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦେଓଗାଁ ଅଞ୍ଚଳର ଦୀପକ ସିଂ, ଜଲଦା ଏ ବ୍ଲକର ଗୋପାଳ ମୁଣ୍ଡା ଓ ଗୋପୀ ମୁଣ୍ଡାରୀ, ଗୋପବନ୍ଧୁପାଲିର ବାବଲୁ ଗର୍ଡିଆ, ଶ' ମିଲ୍ ଛକର ବରଦାନି ଭୂମିଜ ଓ ରୁଗୁଡ଼ିଟୋଲାର ମନୋଜ ବାରଓ୍ୱା। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜିଲା ଅବକାରୀ ଅଧିକାରୀ ଦୀପକ ପଟ୍ଟନାୟକ, ମିହିର ସେଠୀ, ସୂର୍ଯ୍ୟନାରାୟଣ ରଥ, ନାରାୟଣ ଜେନା ଓ ପ୍ରମୋଦ ଚୌଧୁରୀ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

# ୫ ବର୍ଷ ହେଲା ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ସରୁନି

**ଭବାନୀପାଟଣା,୨୦।୫ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି । ଶିଶୁଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା, ପୁଷ୍ଟିକର ଖାଦ୍ୟ, ଟୀକାକରଣ ଆଦି ସୁବିଧା ଯୋଗାଇବା ଲକ୍ଷ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଜିଲାରେ ଅଙ୍ଗନୱାଡି କେନ୍ଦ୍ର ଓ ମିନି ଅଙ୍ଗନୱାଡି କେନ୍ଦ୍ର ମିଶି ସମୁଦାୟ ୨୨୬୮ଟି କେନ୍ଦ୍ର ରହିଛି। ତେବେ ସେଥିରୁ ଏକ ହଜାର ଅଧିକ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠାନାହିଁ। ଏହି କେନ୍ଦ୍ରଗୁଡିକ କାହା ବାରଣ୍ଡାରେ, ଗଛମୂଳେ, କେଉଁ ସ୍କୁଲ ବାରଣ୍ଡାରେ ଚାଲିଛି। ବିଶେଷ କରି ଜିଲାର ଥୁ.ରାମପୁର, ଲାଞ୍ଜିଗଡ ଓ ମ.ରାମପୁର ବ୍ଲକର ଦୁର୍ଗମ ଅଞ୍ଚଳଗୁଡିକରେ ଅଙ୍ଗନୱାଡି କେନ୍ଦ୍ରଗୁଡିକର ଏହି ସମସ୍ୟା ଅଧିକ ରହିଛି। ଜିଲା ପ୍ରଶାସନ ପକ୍ଷରୁ ନିଜସ୍ୱ କୋଠା ନ ଥିବା କେତେକ କେନ୍ଦ୍ର ନିମନ୍ତେ କୋଠା ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦିଆଯାଇଛି। ତେବେ ବିଭାଗୀୟ ଅବହେଳା ଯୋଗୁ ଏହି କେନ୍ଦ୍ରଗୁଡିକର ନିର୍ମାଣ କାର୍ଯ୍ୟ ବର୍ଷ ବର୍ଷ ଧରି ଶେଷ ହେଉନାହିଁ । ଥୁ.ରାମପୁର ବ୍ଲକ କର୍ଲାପାଟ ପଞ୍ଚାୟତ କୁଆଙ୍ଗ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ତାହାର ଏକ ଉଦାହରଣ ହେଉଛି । ଆଜକୁ ୫ ବର୍ଷ ତଳେ ଏହି ଅଙ୍ଗନୱାଡି କେନ୍ଦ୍ର କୋଠା ନିର୍ମାଣ ନିମନ୍ତେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହି ନିର୍ମାଣ କାର୍ଯ୍ୟ ବିଭାଗୀୟ କରାଯାଉଛି । ତେବେ ୫ ବର୍ଷରେ କେବଳ ପ୍ଲିନ୍ଥ ପର୍ଯ୍ୟନ୍ତ ହିଁ ନିର୍ମାଣ କାର୍ଯ୍ୟ ହୋଇଛି । ନିଜସ୍ୱ କୋଠା ନ ଥିବାରୁ କୁଆଙ୍ଗ ଅଙ୍ଗନୱାଡି କେନ୍ଦ୍ର ସେହି ଗ୍ରାମର ଜଣେ ବ୍ୟକ୍ତିଙ୍କ ବାରଣ୍ଡାରେ ଚାଲିଛି । ବିଭାଗୀୟ କାମ ହେଉଥିବା ବେଳେ କାହିଁକି ୫ ବର୍ଷ ହେଲା ଏହାର ନିର୍ମାଣ ଶେଷ ହେଉନାହିଁ ତାହାର ତଦନ୍ତ ପାଇଁ ଦାବି ହେଉଛି। ବିଭାଗୀୟ ଅଧିକାରୀମାନେ କାଗଜ କଲମରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦେଖାଇ ଅର୍ଥ ଆତ୍ମସାତ କରିଥାଇ ପାରନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏହାର ତଦନ୍ତ କରି ଉଚିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ର।

### ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଉଦ୍ଯାପିତ

# ହେଲ୍‌ମେଟ ପିନ୍ଧିବା, ସୁରକ୍ଷିତ ରହିବା

**ଝାରସୁଗୁଡ଼ା ଅଫିସ/ଲଖନପୁର, ୨୦।୫ (ଡି.ଏନ୍.ଏ.)**

ଜିଲା ପୋଲିସ ପ୍ରଶାସନ ଓ ପଶ୍ଚିମ ଓଡ଼ିଶା ଟ୍ରାଫିକ୍ ସଚେତନତା ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଅନୁକୂଲ୍ୟରେ ମେ' ୭ ତାରିଖରୁ ଝାରସୁଗୁଡ଼ା ଜିଲାରେ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସୋମବାର ଉଦ୍ଯାପିତ ହୋଇଛି। ଏହି ସମୟ ମଧ୍ୟରେ ଜିଲାର ୧୦ ଥାନା ଅଞ୍ଚଳରେ ଟ୍ରାଫିକ୍ ସଚେତନତା କରାଯାଇଥିଲା। ଏଥିରେ ପୋଲିସ ଅଧିକାରୀ, କର୍ମଚାରୀ, ଆମ ପୋଲିସ ସମିତି ସଦସ୍ୟ ଓ ଟ୍ରାଫିକ୍ ସଚେତନତା କର୍ମକର୍ତ୍ତା ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରେ ପୋଷ୍ଟର ବ୍ୟାନର ଧରି ଯାନବାହାନ ଅଟକାଇ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନତା କରାଯାଇଥିଲା। ଗାଡ଼ି ଚଳାଇବା ବେଳେ ହେଲ୍‌ମେଟ ପିନ୍ଧିବା, ମୋବାଇଲ୍‌ରେ କଥା ନ ହେବା, ଟ୍ରାଫିକ୍ ନିୟମ ମାନିବାକୁ ଲୋକଙ୍କୁ ସଚେତନ କରାଯାଇଥିଲା। ଏହାଦ୍ୱାରା ନିଜେ ସୁରକ୍ଷିତ ରହିବା ସହ ଅନ୍ୟକୁ ସୁରକ୍ଷିତ ରଖିପାରିବା ବୋଲି କୁହାଯାଇଥିଲା। ବନହରପାଲି ଥାନା ଆଇଆଇସି ପ୍ରଶାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ସୋମବାର ବନ୍ଧବାହାଲ ଫାଣ୍ଡିରେ ଏକ ଟ୍ରାଫିକ୍ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଲିସ ଅଧିକାରୀ ମନୋଜ ମିଶ୍ର, ପରକ୍ଷିତ ସାହୁ, ପ୍ରକାଶ ପରିଡ଼ା, ଉଦିତ ଚରଣ ନାୟକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟ୍ରାଫିକ୍ ସଂଯୋଜକ ପଦ୍ମଲୋଚନ ଭୋସାଗର, ଆମ ପୋଲିସ ସମିତି ସଭାପତି ଜନ୍ମେଜୟ ଭୋଇ, ବନ୍ଧବାହାଲ ସରପଞ୍ଚ ରାଜେନ୍ଦ୍ର ନାୟକ, ସରଣ୍ଡାମାଲ ସମିତିସଭ୍ୟ ଦେବାନନ୍ଦ ପ୍ରଧାନ, ସୁବ୍ରତ ପ୍ରଧାନ, ଦୀଲିପ ମହାନ୍ତି, ସୁଧୀର ମହାନ୍ତି, ବସନ୍ତ ପାଢ଼ୀ, ସତ୍ୟନାରାୟଣ ସା, ଚନ୍ଦ୍ରମଣି ଖଡ଼ିଆ, ଯଦୁମଣି ବାରିକ, ତନୁଜା ଭୋଏ, ନନ୍ଦିନୀ ଭୋଏ, ସୁଜାତା ଭୋଏ ଓ ରାକେଶ ଭୋଏ ପ୍ରମୁଖ ସାମିଲ ହୋଇଥିଲେ। ହେଲ୍‌ମେଟ ପିନ୍ଧି ଗାଡ଼ି ଚଳାଉଥିବା ବ୍ୟକ୍ତିମାନଙ୍କୁ ପୁରସ୍କୃତ କରାଯାଇ ଉତ୍ସାହିତ କରାଯାଇଥିଲା।



ଲୋକଙ୍କୁ ସଚେତନ କରାଯାଉଛି।